# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର,ଗୁରୁବାର, ଏପ୍ରିଲ ୨୫/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, April 25/2024 | Page 16 ₹ 7.00

୫୦ଶ ଭାଗ ୧୫୧ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 151 | ମୂଲ୍ୟ ₹୭/-





ଆତଙ୍କବାଦୀ ଓ ଅପରାଧୀଙ୍କ ଦ୍ୱାରା ସୂଚନା ତଥା ଯୋଗାଯୋଗ କାରିଗରି ଦୁରୁପଯୋଗର ମୁକାବିଲା କ୍ଷେତ୍ରରେ ଭାରତ ସହଯୋଗ ଜାରି ରଖିବ। ସୂଚନା ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଏକ ଖୋଲା, ସ୍ଥିର, ସୁରକ୍ଷିତ ଏବଂ ବିଶ୍ୱସନୀୟ ସହଭାଗିତା ଆବଶ୍ୟକ।
-ଅଜିତ ଡୋଭାଲ, ଜାତୀୟ ସୁରକ୍ଷା ପରାମର୍ଶଦାତା






୨୦୨୩ ଅକ୍ଟୋବର ୭ରେ ଗାଜାର ସଶସ୍ତ୍ର ଶାସକ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିଲେ। ଏଥିରେ ୧୨୦୦ ଇସ୍ରାଏଲୀ ନିହତ ହୋଇଥିଲେ। ହମାସ୍ ଆତଙ୍କବାଦୀମାନେ ସେତେବେଳେ ୨୫୩ ଜଣଙ୍କୁ ପଣବନ୍ଦୀ କରିନେଇଥିଲେ। ପଣବନ୍ଦୀଙ୍କ ମଧ୍ୟରୁ ୧୨୯ ଜଣ ଏବେ ମଧ ହମାସ୍ କବ୍‌ଜାରେ ଅଛନ୍ତି। ଏହି ବର୍ବରତାକୁ ବୁଧବାର ୨୦୦ ଦିନ ପୂରିଥିବାବେଳେ ତେଲ୍ ଆଭିଭ୍‌ରେ ବିକ୍ଷୋଭ ବେଳେ ଜଣେ ମହିଳା ନିଜ ମୁହଁ ସିଲ୍ କରି ପ୍ରତିବାଦ ଜଣାଉଛନ୍ତି।

## ପିତ୍ରୋଦାଙ୍କ 'ଉତ୍ତରାଧିକାର ଟିକସ' ମନ୍ତବ୍ୟରୁ ଝଡ଼

ନୂଆଦିଲ୍ଲୀ,୨୪।୪

ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ ସାମ୍ ପିତ୍ରୋଦାଙ୍କ ଇନ୍‌ହେରିଟେନ୍ସ ଟ୍ୟାକ୍ସ (ଉତ୍ତରାଧିକାର ଟିକସ) ମନ୍ତବ୍ୟକୁ ନେଇ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। କଂଗ୍ରେସ ପକ୍ଷରୁ ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଜାରି ଇସ୍ତାହାରରେ ଭାରତୀୟଙ୍କ ସମ୍ପତ୍ତି ପୁନଃବଣ୍ଟନ କରାଯିବ ବୋଲିପ୍ରତିଶ୍ରୁତିଦିଆଯାଇଛି। ଏହାର ତାତ୍ପର୍ଯ୍ୟ ହେଉଛି, କଂଗ୍ରେସ କ୍ଷମତାକୁ ଆସିଲେ ଦେଶବ୍ୟାପୀ ସାମାଜିକ-ଅର୍ଥନୈତିକ ସର୍ଭେ ଏବଂ ଜାତିଗତ ଜନଗଣନା କରାଯିବ। ଏହି ତଥ୍ୟ ଆଧାରରେ ଆର୍ଥିକ ଅସମାନତା ଦୂର କରିବା ପାଇଁ ଆର୍ଥିକ ଦୁର୍ବଳ ବର୍ଗଙ୍କୁ ସଶକ୍ତ କରାଯିବ ବୋଲି 'ନ୍ୟାୟପତ୍ର'ରେ ଉଲ୍ଲେଖ କରାଯାଇଛି। ଇତିମଧ୍ୟରେ ପିତ୍ରୋଦା ଏକ ସାକ୍ଷାତ୍କାର ବେଳେ କହିଛନ୍ତି, ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ସମ୍ପତ୍ତିର ୫୫% ସରକାର ଇନ୍‌ହେରିଟେନ୍ସ ଟ୍ୟାକ୍ସ


ସାମ୍ ପିତ୍ରୋଦା

ଆକାରରେ ନେବେ। ଯଦି ଜଣକ ପାଖରେ ୧୦ ନିୟୁତ ଆମେରିକୀୟ ଡଲାର ଅଛି, ତାଙ୍କ ମୃତ୍ୟୁ ଘଟିଲେ ମୃତକଙ୍କ ପିଲାମାନେ ୪୫% ସମ୍ପତ୍ତି ପାଇବେ ଏବଂ ୫୫% ସମ୍ପତ୍ତି ସରକାରଙ୍କ ପାଖକୁ ଚାଲିଯିବ। ଆମେରିକା ଭଳି ଭାରତରେ ମଧ ଏହି ପ୍ରସଙ୍ଗ ଉପରେ ଆଲୋଚନା କରାଯିବା ଉଚିତ। ଆମେ ଏପରି ନୀତି ବିଷୟରେ କହୁଛୁ, ଯାହାକି କେବଳ ଧନୀଙ୍କ ପାଇଁ ନୁହେଁ, ବରଂ ଜନସାଧାରଙ୍କ ସ୍ୱାର୍ଥ ଲାଗି ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି। ।ନମନ୍ତ୍ରୀ ନରେନ୍ଦ୍ର ମୋଦି ଛତିଶଗଡ଼ର ଅମ୍ବିକାପୁରରେ ନିର୍ବାଚନ ପ୍ରଚାରବେଳେ କହିଛନ୍ତି, କଂଗ୍ରେସର ଉଦ୍ଦେଶ୍ୟ ବିପଜ୍ଜନକ। ଏହି ଦଳ ଲୋକଙ୍କ ଆୟର ସମବଣ୍ଟନ କରିବ ନାହିଁ। ସମସ୍ତଙ୍କ ସମ୍ପତ୍ତି ଲୁଟ୍ କରିବାକୁ ଚାହୁଁଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପରାମର୍ଶଦାତା ପିତ୍ରୋଦାଙ୍କ ମତରେ ମଧ୍ୟବିତ୍ତଙ୍କ ଉପରେ ଆହୁରି ଟିକସ ବୋଝ ଲଦିଦେବା ଉଚିତ ବୋଲି ମୋଦି କହିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି, ମଧ୍ୟବିତ୍ତ ଓ ଆକାଂକ୍ଷୀ ବର୍ଗଙ୍କ ଉପରେ ଇନ୍‌ହେରିଟେନ୍ସ ଟ୍ୟାକ୍ସ ଲଦିବା ନେଇ କଂଗ୍ରେସର ଯୋଜନା ସାଂଘାତିକ। ଏହାଦ୍ୱାରା ଲୋକେ ସଞ୍ଚିତ ଅର୍ଥକୁ ନିଜ ଉତ୍ତରାଧିକାରୀଙ୍କୁ ଦେଇପାରିବେ ନାହିଁ। କଂଗ୍ରେସ କ୍ଷମତାକୁ ଆସିଲେ ସଙ୍ଗଠିତ ଲୁଟ୍‌କୁ ଆଇନତଃ ବୈଧ କରିଦେବ ବୋଲି ଅର୍ଥମନ୍ତ୍ରୀ ଏକ୍ସ'ରେ ପୋଷ୍ଟ କରିଛନ୍ତି। ତେବେ ସର୍ବପୁରାତନ ଦଳର ଏଭଳି କୌଣସି ଉଦ୍ଦେଶ୍ୟ ନାହିଁ। ଭାଜପା ବାସ୍ତବ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏହାକୁ ଅଯଥା ପ୍ରସଙ୍ଗ କରୁଛି ବୋଲି କଂଗ୍ରେସ ପାଲଟା ଆକ୍ରମଣ କରିଛି।

## ଶିକ୍ଷକ ନିଯୁକ୍ତି ବାତିଲ ମାମଲା: ସୁପ୍ରିମକୋର୍ଟ ଗଲେ ପଶ୍ଚିମବଙ୍ଗ ସରକାର

**ନୂଆଦିଲ୍ଲୀ, ୨୪।୪:** ଶିକ୍ଷକ ନିଯୁକ୍ତି ଜାଲିଆତି ମାମଲାରେ ପଶ୍ଚିମବଙ୍ଗ ସରକାର ବୁଧବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କାଲକାଟା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ରାଜ୍ୟରେ ୨୦୧୬ରେ କରାଯାଇଥିବା ୨୪ ହଜାର ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତିକୁ ଅବୈଧ ଦର୍ଶାଇ ଏହାକୁ ସୋମବାର କାଲକାଟା ହାଇକୋର୍ଟ ବାତିଲ କରିଥିଲେ। ତେବେ ଏହାଦ୍ୱାରା ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଅଭାବ ଦେଖାଯିବ ବୋଲି ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ କୁହାଯାଇଛି।

## ନିର୍ବାଚନୀ ରାଲିରେ ବେହୋସ ହେଲେ ଗଡକରୀ



**ମୁମ୍ବାଇ, ୨୪।୪:** ମହାରାଷ୍ଟ୍ରର ଯବତମାଲରେ ବୁଧବାର ନିର୍ବାଚନ ପ୍ରଚାର ବେଳେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ବେହୋସ ହୋଇଯାଇଥିଲେ। ସେ ଶିବସେନା ପ୍ରାର୍ଥୀ ରାଜଶ୍ରୀ ପାଟିଲଙ୍କ ପାଇଁ ପ୍ରଚାର କରୁଥିଲେ। ମଞ୍ଚ ଉପରେ ଭାଷଣ ଦେଉଥିବା ସମୟରେ ହଠାତ୍ ଗଡକରୀ ଅସୁସ୍ଥ ଅନୁଭବ କରି ବେହୋସ ହୋଇଯାଇଥିଲେ। ହସ୍ପିଟାଲ ଚିକିତ୍ସିତ ହେବା ପରେ ଗଡକରୀ ସୁସ୍ଥ ହୋଇ ପୁଣି ପ୍ରଚାରରେ କରିଥିଲେ। ଏନେଇ ଗଡକରୀ ନିଜ ନିଜ ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଅତ୍ୟଧିକ ଗରମ ଯୋଗୁ ଅସହଜ ଅନୁଭବ କରି କିଛି ସମୟ ପାଇଁ ଅସୁସ୍ଥ ହୋଇଥିବା ଗଡକରୀ ସୂଚନା ଦେଇଛନ୍ତି।

# ୨୫,୦୦୦ କୋଟିର ଦୁର୍ନୀତି ଧୋଇଦେଲେ

### ଅଜିତ ପାୱାରଙ୍କ ସ୍ତ୍ରୀ ସୁନେତ୍ରାଙ୍କୁ କ୍ଲିନ୍‌ଚିଟ୍

ମୁମ୍ବାଇ,୨୪।୪

ମହାରାଷ୍ଟ୍ରର ବାରାମତି ଲୋକ ସଭା ଆସନରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପ୍ରତିଷ୍ଠାତା ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ନିର୍ବାଚନ ଲଢୁଛନ୍ତି। ଏହି ଆସନରେ ଏନ୍‌ଡିଏ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସ୍ତ୍ରୀ ସୁନେତ୍ରା ପାୱାରଙ୍କୁ ପ୍ରାର୍ଥୀ କରିଛି। ଏଭଳି ସମୟରେ ମୁମ୍ବାଇ ପୋଲିସ ସୁନେତ୍ରାଙ୍କୁ ଏକ ୨୫,୦୦୦ କୋଟି ଟଙ୍କାର ଦୁର୍ନୀତି ମାମଲାରେ ପୂର୍ବରୁ କ୍ଲିନ୍‌ଚିଟ୍ ଦେଇସାରିଥିବା ବିଷୟ ଜଣାପଡ଼ିଛି। ଗତ ଜାନୁଆରୀରେ ମୁମ୍ବାଇ ପୋଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମହାରାଷ୍ଟ୍ର ଷ୍ଟେଟ୍ କୋ-ଅପରେଟିଭ୍ ବ୍ୟାଙ୍କ (ଏମ୍‌ଏସ୍‌ସିବି) ଦୁର୍ନୀତି ମାମଲାର କ୍ଲୋଜର ରିପୋର୍ଟ ଦାଖଲ କରିଥିଲା। ଏହାର ବିସ୍ତୃତ ବିବରଣୀ ବର୍ତ୍ତମାନ ସାମ୍ନାକୁ ଆସିଛି। ତଦନ୍ତକାରୀ ମୁମ୍ବାଇ ପୋଲିସ କହିଛି, ସୁନେତ୍ରା ଓ ତାଙ୍କ ସ୍ୱାମୀ ଅଜିତଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ନାହିଁ। ସେହିପରି ଉକ୍ତ ବ୍ୟାଙ୍କ ଋଣ ପ୍ରଦାନ କିମ୍ବା ଅଜିତଙ୍କ ସହ ଜଡ଼ିତ ଜରନ୍ଦେଶ୍ୱର ସୁଗାର ମିଲ୍ ବିକ୍ରି କ୍ଷେତ୍ରରେ କୌଣସି


ଅଜିତ ପାୱାର
ସୁନେତ୍ରା ପାୱାର

ପ୍ରକାର କ୍ଷତି ସହିନାହିଁ ବୋଲି ରିପୋର୍ଟରେ ସଫେଇ ଦିଆଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ, ସୁନେତ୍ରା ୨୦୦୮ରେ ଜୟ ଆଗ୍ରୋଟେକ୍ ଡାଇରେକ୍ଟର ପଦରୁ ଇସ୍ତଫା ଦେଇଥିଲେ। ଏହି କମ୍ପାନୀ ଜରନ୍ଦେଶ୍ୱର ସୁଗାର ମିଲ୍‌କୁ ୨୦.୨୫ କୋଟି ଟଙ୍କା ଦେଇଥିଲା। ପରେ ନିଲାମି ବେଳେ ଏହି ମିଲ୍‌କୁ ଗୁରୁ କମୋଡିଟି ୬୫.୭୫ କୋଟି ଟଙ୍କାରେ କିଣିଥିଲା। କିନ୍ତୁ ସୁଗାର ମିଲ୍‌କୁ ଅଜିତଙ୍କ ସମ୍ପର୍କୀୟମାନେ ଏବଂ ରାଜେନ୍ଦ୍ର ଘଡ୍‌ଗେ ଡାଇରେକ୍ଟର ଥିବା ଏକ କମ୍ପାନୀକୁ ପୁଣି ଲିଜ୍ ସୂତ୍ରରେ ଦିଆଯାଇଥିଲା। ଏହି କମ୍ପାନୀ ଗୁରୁ କମୋଡିଟିକୁ ଭଡ଼ା ଆକାରରେ ୬୫.୫୩ କୋଟି ଟଙ୍କା ଦେଇଥିଲା। ଉକ୍ତ କାରବାରରେ କୌଣସି ବେଆଇନ କାର୍ଯ୍ୟ ହୋଇ ନ ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଇଓଡବ୍ଲ୍ୟୁ କହିଛି।

ପ୍ରକାଶ ଯେ, ଶରଦ ପାୱାରଙ୍କ ଏନ୍‌ସିପିରୁ ତାଙ୍କ ପୁତୁରା ଅଜିତ ପାୱାର ଗତବର୍ଷ ଅଲଗା ହୋଇଥିଲେ। ଇତିମଧ୍ୟରେ ନିର୍ବାଚନ କମିଶନ (ଇସି) ଅଜିତଙ୍କ ଦଳକୁ ଅସଲ ଏନ୍‌ସିପିର ମାନ୍ୟତା ଦେଇଛନ୍ତି। ପାୱାରଙ୍କ ଗଡ଼ ବାରାମତିରୁ ତାଙ୍କ ଝିଅ ସୁପ୍ରିୟା ସୁଲେ ଲୋକ ସଭାରେ ପ୍ରତିନିଧିତ୍ୱ କରୁଛନ୍ତି। ଅଜିତ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ଏବଂ ଭାଜପାକୁ ନେଇ ଗଠିତ ମିଳିତ ସରକାରରେ ଯୋଗଦେବା ପରେ ତାଙ୍କୁ ଶାସକ ମେଣ୍ଟ ଉପମୁଖ୍ୟମନ୍ତ୍ରୀ କରିଛି। ଏହି ଆସନରେ ମେ' ୭ରେ ହେବାକୁ ଥିବା ନିର୍ବାଚନରେ ସୁପ୍ରିୟାଙ୍କ ବିରୋଧରେ ସୁନେତ୍ରା ଏନ୍‌ଡିଏରୁ ପ୍ରାର୍ଥୀ ହୋଇଛନ୍ତି। ଭାଜପା କେନ୍ଦ୍ରୀୟ ଏଜେନ୍ସି ଓ ପୋଲିସ ବଳର ଦୁରୁପଯୋଗ କରି ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରୁଛି। ଯେଉଁ ବିରୋଧୀ ନେତା ଭାଜପାରେ ସାମିଲ ହେଉଛନ୍ତି, ତାଙ୍କୁ କ୍ଲିନ୍‌ଚିଟ୍ ମିଳୁଛି। ଭାଜପା ଏକ ୱାଶିଂମେଶିନ୍ ପାଲଟିଯାଇଛି ବୋଲି ଅଭିଯୋଗ ହୋଇଆସୁଛି। ଏହି ରିପୋର୍ଟ ପ୍ରଘଟ ହେବା ପରେ ବିରୋଧୀ ଦଳଗୁଡ଼ିକ ଭାଜପା ଉପରେ ବର୍ଷିବା ପାଇଁ ଆହୁରି ସୁଯୋଗ ପାଇଛନ୍ତି। ଏନ୍‌ସିପି (ଶରଦ ଚନ୍ଦ୍ର ପାୱାର) ଏବଂ କଂଗ୍ରେସ ସହ ମେଣ୍ଟ କରିଥିବା ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ଏହାକୁ ନେଇ ସମାଲୋଚନା କରିଛି। ଶିବସେନା ୟୁବିଟି ନେତା ଆନନ୍ଦ ଦୁବେ କହିଛନ୍ତି, ପୋଲିସର ଏହି କ୍ଲିନ୍‌ଚିଟ୍ ବିରୋଧୀଙ୍କ ୱାଶିଂମେଶିନ ଦାବିକୁ ସମ୍ପୂର୍ଣ୍ଣ ଭାବେ ଯଥାର୍ଥ ପ୍ରତିପାଦିତ କରିଛି। ୨୫,୦୦୦ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଉଠାଇଥିଲେ। ମୋଦି ପାୱାର ପରିବାରକୁ ଦୁର୍ନୀତିଗ୍ରସ୍ତ କହି ସମାଲୋଚନା କରିଥିଲେ। କିନ୍ତୁ ଭାଜପାରେ ଯୋଗଦେଉଥିବା ପ୍ରତ୍ୟେକ ନେତାଙ୍କୁ ଶାସକ ଦଳ କ୍ଲିନ୍‌ଚିଟ୍ ଦେଉଛି। ସେମାନଙ୍କୁ ମନ୍ତ୍ରୀପଦ ଏବଂ ଲୋକ ସଭା ଟିକେଟ ମିଳୁଛି। କିନ୍ତୁ ବିରୋଧୀ ନେତାଙ୍କ ବିପକ୍ଷରେ ଏଭଳି ଅଭିଯୋଗ ଆସିଲେ ଜେଲରେ ରଖାଯାଉଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏହାର ଦୃଷ୍ଟାନ୍ତ। ଆମେ ଏହି କଥା କହିଲେ ଭାଜପା ବିବ୍ରତ ହୋଇପଡୁଛି।

## ହାଇକୋର୍ଟ ନ ଶୁଣିବାରୁ ସୁପ୍ରିମକୋର୍ଟ ଗଲେ ହେମନ୍ତ ସୋରେନ୍

ନୂଆଦିଲ୍ଲୀ,୨୪।୪

ଗତ ଜାନୁଆରୀରେ ଏକ ଜମି ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏହି କାର୍ଯ୍ୟାନୁଷ୍ଠାନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଝାଡ଼ଖଣ୍ଡ ହାଇକୋର୍ଟ ତାଙ୍କ ଆବେଦନର ଶୁଣାଣି କରୁ ନ ଥିବା ଦର୍ଶାଇ ସେ ବୁଧବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠରେ ହେମନ୍ତଙ୍କ ଓକିଲ କପିଲ ସିବଲ କହିଛନ୍ତି, ହାଇକୋର୍ଟ ଗତ ଫେବୃଆରୀ ୨୮ରେ ତାଙ୍କ ମହକିଲଙ୍କ ପିଟିଶନର ରାୟ ସଂରକ୍ଷିତ ରଖିଥିଲେ। କିନ୍ତୁ ଅଦ୍ୟାବଧି ରାୟ ଦେଇନାହାନ୍ତି। ହେମନ୍ତ ନିଜ ଗିରଫଦାରି ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଥିଲେ। କିନ୍ତୁ ସର୍ବୋଚ୍ଚ ଅଦାଲତ ହାଇକୋର୍ଟକୁ ଯିବାକୁ କହିଥିଲେ। ହାଇକୋର୍ଟରୁ କୌଣସି ଆଶ୍ୱସ୍ତି ମିଳିନାହିଁ। ନିର୍ବାଚନ ଚାଲିଛି। ଭୋଟ ସରିଯିବ, ରାୟ ଆସିବନି। ହେମନ୍ତ କେଉଁଠାକୁ ଯିବେ ବୋଲି ସିବଲ ପ୍ରଶ୍ନ କରିଛନ୍ତି।

## କୋଟାକ୍ ମହିନ୍ଦ୍ରା ନୂଆ କ୍ରେଡିଟ୍ କାର୍ଡ ଜାରି କରିପାରିବ ନାହିଁ

ମୁମ୍ବାଇ,୨୪।୪

କୋଟାକ ମହିନ୍ଦ୍ରା ବ୍ୟାଙ୍କ ଅନ୍‌ଲାଇନ୍ ଓ ମୋବାଇଲ୍ ବ୍ୟାଙ୍କିଂ ଚ୍ୟାନେଲରେ ନୂଆ ଗ୍ରାହକଙ୍କୁ ଯୋଡ଼ିବ ନାହିଁ। ଏପରି କି ନୂଆ କ୍ରେଡିଟ୍ କାର୍ଡ ମଧ ଜାରି କରିପାରିବ ନାହିଁ। ଏନେଇ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ବୁଧବାର କଟକଣା ଜାରି କରାଯାଇଛି। କୋଟାକ ମହିନ୍ଦ୍ର ବ୍ୟାଙ୍କର ଅନ୍‌ଲାଇନ୍ ସିଷ୍ଟମ୍‌ର ଆଇଟି ଯାଞ୍ଚବେଳେ ଗମ୍ଭୀର ତ୍ରୁଟି ଥିବା ଜାଣିବାକୁ ପାଇବା ପରେ ଆର୍‌ବିଆଇ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ୨୦୨୨ ଓ ୨୦୨୩ରେ ଏହି ତ୍ରୁଟି ଧରାପଡ଼ିଥିଲା। ଏହାକୁ ସୁଧାରିବା ପାଇଁ ଆର୍‌ବିଆଇ ଉକ୍ତ ଘରୋଇ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିଲା। ତେବେ ବାରମ୍ବାର ଦାଗିଦ ସତ୍ତ୍ୱେ କୋଟାକ ମହିନ୍ଦ୍ରା ତ୍ରୁଟି ସୁଧାରି ନ ଥିଲା ବୋଲି ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ଏକ ବିବୃତିରେ କୁହାଯାଇଛି।

## ଇଭିଏମ୍, ଭିଭିପିଏଟି ନିର୍ମାତାଙ୍କ ନାମ କହିଲାନି କେନ୍ଦ୍ର

ନୂଆଦିଲ୍ଲୀ,୨୪।୪

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଏବଂ ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି)ର ନିର୍ମାତା କିଏ ବୋଲି ଆକ୍ଟିଭିଷ୍ଟ ଭେଙ୍କଟେଶ ନାୟକ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ, ୨୦୦୫ ବଳରେ ଆବେଦନ କରିଥିଲେ। ନିର୍ମାତାଙ୍କ ନାମ ଓ ଠିକଣା ଜାଣିବା ପାଇଁ ସେ କେନ୍ଦ୍ରର ସରକାରୀ



ଉଦ୍ୟୋଗ ଇଲେକ୍ଟ୍ରୋନିକ୍ସ କର୍ପୋରେଶନ୍ ଅଫ୍ ଇଣ୍ଡିଆ ଲିଃ (ଇସିଆଇଏଲ୍) ଏବଂ ଭାରତ ଇଲେକ୍ଟ୍ରୋନିକ୍ସ ଲିଃ (ବିଇଏଲ୍)ରେ ଦୁଇଟି ପୃଥକ୍ ପିଟିଶନ ଦାଖଲ କରିଥିଲେ। ଏଥିସହ ସେ ନିର୍ବାଚନୀ ଉପକରଣଗୁଡ଼ିକର କ୍ରୟ ପାଇଁ ଉଦ୍ଦିଷ୍ଟ ପର୍ଚେଜ୍ ଅର୍ଡରର ନକଲ ମଧ ମାଗିଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନ ଦୁଇଟିଯାକ ସଂସ୍ଥା ଏହାକୁ 'ବ୍ୟବସାୟିକ ଗୋପନୀୟତା' ଦର୍ଶାଇ ଉତ୍ତର ଦେବାକୁ ମନା କରିଦେଇଛନ୍ତି। ଏଭଳି ଗୋପନୀୟ ବିଷୟ ଆର୍‌ଟିଆଇ ଆଇନର ଧାରା ୮(୧) ପରିସରଭୁକ୍ତ ନୁହେଁ ବୋଲି ସଂସ୍ଥାଦ୍ୱୟ କହିଛନ୍ତି।

## ପୁଣି କ୍ଷମା ମାଗିଲା ପତଞ୍ଜଳି

**ନୂଆଦିଲ୍ଲୀ, ୨୪।୪:** ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ପତଞ୍ଜଳି ଆୟୁର୍ବେଦ ପକ୍ଷରୁ ବୁଧବାର ପୁଣି ବିଭିନ୍ନ ଖବରକାଗଜରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ମଗାଯାଇଛି। ଖବରକାଗଜଗୁଡ଼ିକରେ ବଡ଼ ଆକାରରେ କ୍ଷମା ପ୍ରାର୍ଥନା ଜାରି ହୋଇଛି। ପତଞ୍ଜଳି ଯେଉଁ ଆକାରରେ ବିଜ୍ଞାପନ ଛାପିଥିଲା, ସେହି ଆକାରରେ ଖବରକାଗଜଗୁଡ଼ିକରେ କ୍ଷମା ପ୍ରାର୍ଥନା ପ୍ରକାଶ କରୁ ବୋଲି ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

ଫୁର୍‌ସତ୍

### ଆଜି ବିଶ୍ୱ ମ୍ୟାଲେରିଆ ଦିବସ

## ମ୍ୟାଲେରିଆ ନିରାକରଣ ସମ୍ଭବ

**ସଂ**କ୍ରାମକ, ଅଣସଂକ୍ରାମକ, ନୂଆ ଭାବେ ପରିପ୍ରକାଶ ପାଉଥିବା ଓ ଆଗରୁ ଅତ୍ୟଧିକ ଥିବା ସହ କମିଯାଇ ପୁଣି ଅଧିକ ସଂଖ୍ୟାରେ ପରିଲକ୍ଷିତ ହେଉଥିବା ରୋଗ ମଧ୍ୟରୁ ମ୍ୟାଲେରିଆ ଅନ୍ୟତମ। ପ୍ରଥମ ଥର ପାଇଁ ସାରା ପୃଥିବୀରେ ଓ ଆମ ଦେଶରେ ତଥା ଓଡ଼ିଶାରେ 'ଦମନ' (ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ) କାର୍ଯ୍ୟକ୍ରମ ଆରମ୍ଭ କରି ସରକାର ଅତ୍ୟନ୍ତ ସଫଳତା ହାସଲ କରିଛନ୍ତି। ଏଥିପାଇଁ ନିଷ୍ଠାପର ସ୍ୱାସ୍ଥ୍ୟକର୍ମୀ ଓ ନିରନ୍ତର ଗବେଷଣା କରୁଥିବା ବରିଷ୍ଠ ଡାକ୍ତରମାନଙ୍କର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ସବୁଠାରୁ ବଡ଼ କଥା ହେଲା ଏଥିପାଇଁ ରାଜ୍ୟକୁ 'ସ୍କଚ୍ ପୁରସ୍କାର' ମିଳିଛି। ମ୍ୟାଲେରିଆ ସାରା ପୃଥିବୀରେ ଏକ ଚିନ୍ତାଜନକ ସ୍ୱାସ୍ଥ୍ୟ ସମସ୍ୟା। ଏ ନେଇ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ 'ବିଶ୍ୱ ମ୍ୟାଲେରିଆ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏଥିନେଇ ଚଳିତ ବର୍ଷର ସ୍ଲୋଗାନ ରହିଛି-'ଲିଙ୍ଗଗତ ମାନବିକତା ଆଧାରରେ ସମାନ ସ୍ୱାସ୍ଥ୍ୟ ସୁବିଧା'। ଅର୍ଥାତ୍ ମ୍ୟାଲେରିଆପ୍ରବଣ ଅଞ୍ଚଳ ଓ ଶିଶୁ ତଥା ମା'ମାନଙ୍କଠାରେ ବିଶେଷଭାବରେ ଗର୍ଭବତୀଙ୍କଠାରେ



ଦେଖାଯାଉଥିବା ମ୍ୟାଲେରିଆର ନିରାକରଣ ଓ ଯଥାଯଥଃ ଚିକିତ୍ସା ପ୍ରଦାନ। ମ୍ୟାଲେରିଆ ଯୋଗୁ ବିଶ୍ୱରେ ଦୁଇ ବର୍ଷ ପୂର୍ବେ ୬,୦୮,୦୦୦ଙ୍କର ମୃତ୍ୟୁ ଘଟିଥିଲା। ସେହି ବର୍ଷ ପାଖାପାଖି ୨୫ କୋଟି ମ୍ୟାଲେରିଆ କେସ୍ ଚିହ୍ନଟ କରାଯାଇଥିଲା। ପୁଣି ଏଥିରୁ ୯୪ ପ୍ରତିଶତ କେସ୍ କେବଳ ଆଫ୍ରିକା ମହାଦେଶ ଅଞ୍ଚଳରେ ହିଁ ହୋଇଥିଲା।

ମ୍ୟାଲେରିଆ ସାଧାରଣତଃ ମାଇଏନୋଫିଲିସ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ଡେଙ୍ଗୁ ପାଇଁ ଦାୟୀ ଏଡିସ୍ ମଶା ସକାଳ ଓ ସନ୍ଧ୍ୟା ସମୟରେ କାମୁଡ଼ିବା ବେଳେ ମ୍ୟାଲେରିଆ ମଶା ରାତିରେ ପୁଣି ଶୋଇବା ସମୟରେ କାମୁଡ଼ିଥାଏ। ମ୍ୟାଲେରିଆ ପରଜୀବୀ ସାଧାରଣତଃ ଚାରି ପ୍ରକାରର। ଉଭୟ ମଶା ଓ ମଣିଷ ଦେହରେ ତାହାର ଜୀବନ ଚକ୍ର ସମ୍ପୂର୍ଣ୍ଣ କରିଥାଏ। କେବଳ ରୋଗୀଠାରୁ ପରଜୀବୀ ଗ୍ରହଣ କରି ମଶା ତାହାକୁ ସୁସ୍ଥ ଲୋକର ଶରୀରରେ ଛାଡ଼ିଥାଏ। ଯେତେ ଅଧିକ ରୋଗୀ ରହିବେ, ମ୍ୟାଲେରିଆ ସେତିକି ଅଧିକ ବୃଦ୍ଧି ପାଇବ। ଯଦି ମ୍ୟାଲେରିଆ ରୋଗୀ କମିବେ ତାହାହେଲେ ମ୍ୟାଲେରିଆ କମି ପାରିବ। ଆମ ରାଜ୍ୟରେ ୨୦୨୦-୨୧ ମସିହାରେ ଏକ କୋଟି ଛଅ ଲକ୍ଷ କୀଟନାଶକଯୁକ୍ତ ଦୀର୍ଘସମୟ କାର୍ଯ୍ୟକାରୀ ମଶାରି ବଣ୍ଟନ କରାଯାଇଛି। ଏହାପୂର୍ବରୁ ମଧ ମଶାରି ବଣ୍ଟନ ହୋଇଥିଲା। ଲୋକଙ୍କ ମଧ୍ୟରେ ଏହି ମଶାରି ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିଯୋଗୁ ଆମ ରାଜ୍ୟରେ ମ୍ୟାଲେରିଆ କେସ୍ ଆଶାତୀତ ହ୍ରାସ ପାଇଥିଲା। ମାତ୍ର ଏହି ମଶାରିଗୁଡ଼ିକର ଗୁଣବତ୍ତା କ୍ରମଶଃ ହ୍ରାସ ପାଇଥାଏ ଏବଂ ବ୍ୟବହାରର ତିନି ବର୍ଷ ପରେ ସେଭଳି ଫଳପ୍ରଦ ମଶାନିରୋଧୀ କାର୍ଯ୍ୟ କରିପାରେ ନାହିଁ। ବର୍ତ୍ତମାନ ଯଦି କେନ୍ଦ୍ର ସରକାରଙ୍କ ପକ୍ଷରୁ ହେଉ ଅବା ରାଜ୍ୟ ସରକାରଙ୍କ ତରଫରୁ ଏଭଳି ମଶାରିର ପୁନଃବଣ୍ଟନ ନ ହେବ, ତେବେ ଆଗାମୀ ଦିନରେ ମ୍ୟାଲେରିଆ ବୃଦ୍ଧି ପାଇବାର ଆଶଙ୍କା ରହିଛି। କ୍ରମଶଃ ପାର୍ଶ୍ୱ ପ୍ରତିକ୍ରିୟାଯୁକ୍ତ ଔଷଧ ଯଥା- କ୍ଲୋରୋକୁଇନ୍, କୁଇନାଇନ୍ ଇତ୍ୟାଦି ବଦଳରେ ନୂଆ ଔଷଧ ବାହାରିଛି ଏବଂ ଆର୍ଟିମିସିନିନ୍ ବା 'ଏସିଟି' ବ୍ୟବହାର ଦ୍ୱାରା ମ୍ୟାଲେରିଆରୁ ଆରୋଗ୍ୟ ମିଳୁଛି। ତା' ସହ ମୃତ୍ୟୁହାରକୁ ଅନେକାଂଶରେ କମାଯାଇପାରିଛି। ମାତ୍ର ଏହି ଚିକିତ୍ସା ଉପଯୁକ୍ତ ରକ୍ତ ପରୀକ୍ଷା ସହିତ ମେଡିସିନ୍ ବିଶେଷଜ୍ଞଙ୍କ ଦ୍ୱାରା ହେବା ଉଚିତ।

୧୯୫୩ ମସିହାରେ ମଶା ବଂଶ ହ୍ରାସ ପାଇଁ ଡିଡିଟି ସିଞ୍ଚନ, ତୁରନ୍ତ ମ୍ୟାଲେରିଆ ଚିହ୍ନଟ ଓ ଚିକିତ୍ସା, ମଶା ବଂଶ ବୃଦ୍ଧି ରୋକିବା ପାଇଁ କାର୍ଯ୍ୟକ୍ରମ ସହିତ ଜାତୀୟ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ବା ଏନ୍‌ଏମ୍‌ସିପି ଆରମ୍ଭ ହୋଇଥିଲା। ଡିଡିଟି ବ୍ୟବହାର ବାରଣ ପରେ ୧୯୫୮ରେ ଏହାକୁ ଜାତୀୟ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ବା ଏମ୍‌ଏନ୍‌ଇପିରେ ପରିବର୍ତ୍ତନ କରାଯାଇଥିଲା। ଏହାପରେ ୨୦୦୩-୨୦୦୪ରେ ଜାତୀୟ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ମ୍ୟାଲେରିଆ ସହିତ ଡେଙ୍ଗୁ, ଫାଇଲେରିଆ, ଚିକୁନଗୁନିଆକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହାପରେ ଏହାକୁ ଜାତୀୟ ଫ୍ରେମୱାର୍କ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ବା ଏନ୍‌ଏଫ୍‌ଏମଇ ଭାବରେ ପରିବର୍ତ୍ତନ କରାଯାଇଛି। ଆମ ରାଜ୍ୟର 'ଦମନ' ସମସ୍ତ ବୈଜ୍ଞାନିକ ଓ ଡାକ୍ତରଙ୍କୁ ହୃଦୟଙ୍ଗମ କରାଇପାରିଛି ଯେ, ଯଦି ମଶାରି ବ୍ୟବହାର ବ୍ୟାପକ ଓ ପୂର୍ଣ୍ଣ ରୂପେ କରାଯାଇପାରିବ, ତାହାହେଲେ ମ୍ୟାଲେରିଆ ସହିତ ଆଉ ପାଞ୍ଚଗୋଟି ମଶାବାହିତ ରୋଗ ନିୟନ୍ତ୍ରଣ କରିହେବ। ମଶାଧୂପ, ତେଲ, ଧୂଆଁ, ମ୍ୟାଟ୍ ଓ ବ୍ୟାଟ୍ ଇତ୍ୟାଦି ମଶାରି ସହ ତୁଳନୀୟ ନୁହେଁ। ଏହା କରିପାରିଲେ ମ୍ୟାଲେରିଆ ନିରାକରଣ ସମ୍ଭବ ହୋଇପାରିବ।

**-ଡା. ରାମଚନ୍ଦ୍ର ରାଉତ, ବରିଷ୍ଠ ଚିକିତ୍ସକ ତଥା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ**

## ହେମାମାଳିନୀଙ୍କୁ ନିର୍ବାଚନ ଲଢ଼ିବାକୁ ମନା କରିଥିଲେ ଧର୍ମେନ୍ଦ୍ର



**ମୁମ୍ବାଇ:** ଅଭିନେତ୍ରୀ ହେମାମାଳିନୀ ବର୍ତ୍ତମାନ ରାଜନୀତିରେ ସକ୍ରିୟ ରହିଛନ୍ତି। ମଥୁରାରୁ ୨ ଥର ଲୋକ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ହେମାମାଳିନୀ ଚଳିତ ଥର ମଧ ଭାଜପା ଟିକେଟରୁ ନିର୍ବାଚନ ଲଢୁଛନ୍ତି। ତେବେ ସେ ନିର୍ବାଚନ ଲଢ଼ିବାକୁ ତାଙ୍କ ସ୍ୱାମୀ ତଥା ବଲିଉଡ୍‌ର ଭେଟେରାନ ଅଭିନେତା ଧର୍ମେନ୍ଦ୍ର ପସନ୍ଦ କରୁ ନ ଥିଲେ। ଏନେଇ ଏକ ସାକ୍ଷାତ୍କାରରେ ହେମାମାଳିନୀ ଖୁଲାସା କରିଛନ୍ତି। ସେ ରାଜନୀତିରେ ଯୋଗଦିଅନ୍ତୁ ବୋଲି ଧର୍ମେନ୍ଦ୍ର ଚାହୁଁ ନ ଥିବା ଏକ ସାକ୍ଷାତ୍କାର ଦେବା ସମୟରେ ହେମାମାଳିନୀ କହିଛନ୍ତି। ରାଜନୀତି କରିବାକୁ ଧର୍ମେନ୍ଦ୍ର ପସନ୍ଦ କରୁ ନ ଥିବା ସେ କହିଛନ୍ତି। ନିର୍ବାଚନ ଲଢ଼ିବା ଏକ କଷ୍ଟସାଧ କାର୍ଯ୍ୟ କହି ଧର୍ମେନ୍ଦ୍ର ତାଙ୍କୁ ନିର୍ବାଚନରେ ଲଢ଼ିବାକୁ ମନା କରିଥିଲେ। ତେବେ ଧର୍ମେନ୍ଦ୍ରଙ୍କର ଏହି ଉକ୍ତିକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିବା ହେମାମାଳିନୀ କହିଛନ୍ତି। ନିର୍ବାଚନ ଲଢିବା ସମୟରେ ସାଧାରଣତଃ ତାଙ୍କୁ ବହୁଳ ଭାବେ ଯାତ୍ରା କରିବାକୁ ପଡ଼ିଥାଏ। ତେଣୁ ସେ କେତେକାଂଶରେ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ୱୀକାର କରିଛନ୍ତି। ତଥାପି ମଧ ଲୋକଙ୍କ ପାଇଁ କାର୍ଯ୍ୟକରି ବହୁ ଆତ୍ମସନ୍ତୋଷ ମିଳୁଥିବା ସେ କହିଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୫/୨୦୨୪ Bhubaneswar, Thursday, April 25/2024




## ନରସିଂହଙ୍କୁ ନୂଆ ଦାୟିତ୍ୱ

ଭାରତୀୟ କୁସ୍ତି ମହାସଂଘ ଆଥଲେଟ୍ସ କମିଶନ'ର ଚେୟାରମ୍ୟାନ ଭାବେ ନିର୍ବାଚିତ ହୋଇଛନ୍ତି ନରସିଂହ ପଞ୍ଚମ ଯାଦବ ।

୧୪

୧୩

## ପୂଜାପାଠରୁ ଆରମ୍ଭ

ବଲିଉଡ୍ ଅଭିନେତା ବରୁଣ ଧାୱନ ସକାଳେ ପୂଜାପାଠ କରନ୍ତି। ଶୁଟିଂ ସେଟ୍‌କୁ ଯିବା ପୂର୍ବରୁ ଯେପରି ହେଲେ ସେ ପୂଜା କରିଥାନ୍ତି।






ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବୁଧବାର ବିଏମ୍‌ସି ପକ୍ଷରୁ ଆୟୋଜିତ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀମାନେ ପ୍ରଚାର ପ୍ରାଚୀରରେ ସଚେତନତାର ବାର୍ତ୍ତା ଲେଖୁଛନ୍ତି। (ଫଟୋ- ବିକାଶ ନାୟକ)

# ବ୍ୟକ୍ତିଗତ ନୁହେଁ ବ୍ୟକ୍ତିଙ୍କ ସମ୍ପତ୍ତି: ସୁପ୍ରିମକୋର୍ଟ

**ବର୍ତ୍ତମାନ ନିର୍ବାଚନ ସମୟରେ ଦେଶରେ ସମ୍ପତ୍ତି ପୁନଃ ବଣ୍ଟନ ପ୍ରସଙ୍ଗକୁ ନେଇ ବିବାଦ ମୁଣ୍ଡ ଟେକିଥିବାବେଳେ ବୁଧବାର ସୁପ୍ରିମକୋର୍ଟ ୩୨ ବର୍ଷ ପୁରୁଣା ଏକ ମାମଲାର ଶୁଣାଣି କରି କହିଛନ୍ତି, ସମ୍ପତ୍ତିର ସମାଜବାଦୀ ବିଚାରଧାରା ହେଉଛି ଦର୍ପଣର ପ୍ରତିଛବି। କୌଣସି ସମ୍ପତ୍ତି ଜଣେ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନୁହେଁ।**

**ନୂଆଦିଲ୍ଲୀ,୨୪।୪**

ସାମାଜିକ ପରିବର୍ତ୍ତନର ଭାବନା ସୃଷ୍ଟି ହେଉଛି ସମ୍ବିଧାନର ଉଦ୍ଦେଶ୍ୟ । ଜଣେ ବ୍ୟକ୍ତିଙ୍କ ଘରୋଇ ସମ୍ପତ୍ତିକୁ ସମୁଦାୟ (କମ୍ୟୁନିଟି)ର ଭୌତିକ ସମ୍ବଳ ରୂପେ ବିବେଚନା ନ କରିବା ବିପଜ୍ଜନକ ବୋଲି ବୁଧବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଘରୋଇ ମାଲିକାନାରେ ଥିବା ସମ୍ପତ୍ତିକୁ 'ସମୁଦାୟର ଭୌତିକ ସମ୍ବଳ' ବିବେଚନା କରାଯାଇପାରିବ କି ନାହିଁ, ସେନେଇ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୯ ଜଣିଆ ସାମ୍ବିଧାନିକ ପୀଠ ଶୁଣାଣି କରିବାବେଳେ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ପୂର୍ବରୁ ଏହି ପ୍ରସଙ୍ଗରେ ୩ ଜଣିଆ ଓ ୭ ଜଣିଆ ପୀଠ ଶୁଣାଣି କରିସାରିଛନ୍ତି।

ଘରୋଇ ସମ୍ପତ୍ତିକୁ ଡିରେକ୍ଟିଭ୍ ପ୍ରିନ୍ସିପୁଲ ଅଫ୍ ଷ୍ଟେଟ୍ ପଲିସି ବା ରାଷ୍ଟ୍ରର ନୀତି ନିର୍ଦ୍ଧାରକ ସିଦ୍ଧାନ୍ତ ଅଧୀନରେ 'ସମୁଦାୟର ଭୌତିକ ସମ୍ବଳ' ଆଖ୍ୟା ଦିଆଯାଇ ପାରିବ କି ନାହିଁ, ଏହା ଉପରେ ସିଜେଆଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ହୃଷୀକେଶ ରାୟ, ବି.ଭି. ନାଗରତ୍ନା, ସୁଧାଂଶୁ ଧୁଲିଆ, ଜେ.ବି. ପରଦିୱାଲା, ମନୋଜ ମିଶ୍ରା, ରାଜେଶ ବିନ୍ଦାଲ, ସତୀଶ ଚନ୍ଦ୍ର ଶର୍ମା ଏବଂ ଅଗଷ୍ଟାଇନ୍ ଜର୍ଜ ମେସିହଙ୍କୁ ନେଇ ଗଠିତ ସାମ୍ବିଧାନିକ ପୀଠ ଆଇନଗତ ତର୍ଜମା ଆରମ୍ଭ କରିଛନ୍ତି। ଶୁଣାଣିବେଳେ ମୁମ୍ବାଇର ପ୍ରପର୍ଟି ଓନର୍ସ ଆସୋସିଏଶନ୍ (ପିଓଏ) ସମେତ ଅନ୍ୟ ☞ପୃଷ୍ଠା-୨

## 'ନିର୍ବାଚନ ଉପରେ ଆମ ନିୟନ୍ତ୍ରଣ ନାହିଁ'

**ନୂଆଦିଲ୍ଲୀ,୨୪।୪**

ସୁପ୍ରିମକୋର୍ଟ ନିର୍ବାଚନ ନିୟନ୍ତ୍ରଣ କର୍ତ୍ତୃପକ୍ଷ ନୁହନ୍ତି। ନିର୍ବାଚନ କମିଶନ (ଇସି) ଏକ ସାମ୍ବିଧାନିକ ସଂସ୍ଥା ହୋଇଥିବାରୁ ଏହା କିପରି କାର୍ଯ୍ୟ କରିବ, ତା' ଉପରେ ମଧ୍ୟ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ମତଦାନ ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ସହ ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରାଏଲ (ଭିଭିପିଏଟି) ମେଶିନ୍‌ରୁ ବାହାରୁଥିବା ପେପର ସ୍ଲିପ୍‌ର ୧୦୦% ଯାଞ୍ଚ କରାଇବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖି ଏହି ମନ୍ତବ୍ୟ ଦେଇଛନ୍ତି।

## ମେ' ୧୫ ସୁଦ୍ଧା ଯୁକ୍ତ୨ ଫଳ

**ଭୁବନେଶ୍ୱର, ୨୪।୪ (ଅସମାପିକା ସାହୁ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାର ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇଛି। ତେବେ ଗତ ୨ଦିନ ହେବ ଅନ୍‌ଲାଇନ୍ ମୂଲ୍ୟାଙ୍କନ ଶେଷ ହୋଇଥିବା ବେଳେ ଅଫ୍‌ଲାଇନ୍ ମୂଲ୍ୟାୟନ ବୁଧବାର ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଅଳ୍ପ କିଛି ଖାତା ମୂଲ୍ୟାଙ୍କନ ହୋଇପାରି ନ ଥିବାରୁ ଗୁରୁବାର ପ୍ରଥମ ପର୍ଯ୍ୟାୟରେ ଏହା ଶେଷ ହେବ। ଏହାପରେ ୨୬ ତାରିଖରୁ ଫଳ ପ୍ରକାଶ ପ୍ରକ୍ରିୟା ଆରମ୍ଭ ହେବ। ରାଜ୍ୟ ବାହାରର ଏକ ଫାର୍ମରେ ଫଳାଫଳ ସହ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

ଏଆଇର ଭବିଷ୍ୟତ

# ଆସିବ ସ୍ୱତନ୍ତ୍ର ଯୁବ ବଜେଟ

**ଭୁବନେଶ୍ୱର,୨୪।୪(ଅନିଲ ଦାସ)/ହିଞ୍ଜିଳିକାଟୁ(ଦ୍ୱିତୀକୃଷ୍ଣ ପଣ୍ଡା/ ଶେରଗଡ଼(ସୂର୍ଯ୍ୟନାରାୟଣ ଦାଶ)**

**ହିଞ୍ଜିଳିରୁ ପ୍ରଚାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

**ଯୋଡ଼ି ଶଙ୍ଖ ଓଡ଼ିଶା ବିକାଶର ପ୍ରତୀକ: ନବୀନ**

ରାଜ୍ୟର ବିକାଶରେ ଯୁବଶକ୍ତିର ଉପଯୋଗ ହେବ। ଯୁବ ବର୍ଗଙ୍କ ପାଇଁ ରାଜ୍ୟରେ ଆସିବ ସ୍ୱତନ୍ତ୍ର ଯୁବ ବଜେଟ। ୨୦୨୪ରୁ ୨୦୩୪ ଦଶକ ହେବ ଯୁବଶକ୍ତି ପାଇଁ ସୁବର୍ଣ୍ଣ ଯୁଗ। ଯୁବ ବଜେଟରେ ଶିକ୍ଷା, ପୁଞ୍ଜି ବିନିଯୋଗ, ନିଯୁକ୍ତି ତଥା ଦକ୍ଷତା ବିକାଶ ଉପରେ ଫୋକସ ରହିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳି-ଶେରଗଡ଼ରୁ ନିର୍ବାଚନ ପ୍ରଚାର ଆରମ୍ଭ କରି ଏହା କହିଛନ୍ତି।

ହିଞ୍ଜିଳି ଓ ଶେରଗଡ଼ରେ ଦୁଇଟି ଜନସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ବିଜୁ ଜନତା ଦଳର ବିଜୟ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଜନସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୨୪ରୁ ୨୦୩୪ ହେବ ଓଡ଼ିଶାର ଦଶକ। ଏହି ସମୟରେ ଓଡ଼ିଶା ତା'ର କାମ ପାଇଁ ବିଶ୍ୱର ଦୃଷ୍ଟି ଆକର୍ଷଣ କରିବ। ୨୦୩୬ରେ ଯେତେବେଳେ ଓଡ଼ିଶା ଶହେ ବର୍ଷ ପୂରଣ କରିବ, ସେତେବେଳେ ଆମ ରାଜ୍ୟ ହେବ ଦେଶର ଏକନମ୍ବର ରାଜ୍ୟ।

ବିରୋଧୀ ଦଳକୁ କଡ଼ା ସମାଲୋଚନା କରି ନବୀନ କହିଛନ୍ତି, ବିକାଶ ଆମର ପରିଚୟ ହୋଇଥିବା ବେଳେ ବିରୋଧୀ ଦଳଗୁଡ଼ିକ ସବୁବେଳେ ଅଯଥା ରାଜନୀତି କରୁଛନ୍ତି। ବିକାଶକୁ ବିରୋଧ କରୁଛନ୍ତି, ଅପପ୍ରଚାର କରୁଛନ୍ତି । ଓଡ଼ିଶାବାସୀ ସେମାନଙ୍କ ଅସଲ ରୂପକୁ ଚିହ୍ନିଛନ୍ତି। ବିକାଶକୁ ବିରୋଧ କରି ☞ପୃଷ୍ଠା-୨




ବିଜେଡିର ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ।

# ବିଜେଡି ସରକାର ବିରୋଧରେ ଭାଜପାର ଚାର୍ଜଶିଟ୍

**ଭୁବନେଶ୍ୱର,୨୪।୪(ସୁନିତ୍ ମିଶ୍ର)**

୨୫ ବର୍ଷର ଅପାରଗ ରାଜ୍ୟ ସରକାରଙ୍କ ବିରୋଧରେ ବୁଧବାର ସ୍ଥାନୀୟ ଏକ ଘରୋଇ ହୋଟେଲରେ ଭାଜପାର ଚାର୍ଜଶିଟ୍ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ୨୫ ବର୍ଷର ସରକାର ବିରୋଧରେ ୬୦ ପୃଷ୍ଠାର ଏକ ଚାର୍ଜଶିଟ୍ ସମ୍ବଳିତ ବହି ଉନ୍ମୋଚନ ମଧ୍ୟ କରାଯାଇଛି। ଏହି ଚାର୍ଜଶିଟ୍ କାର୍ଯ୍ୟକ୍ରମର ଲୋକାର୍ପଣକରି ଭୂପିନ୍ଦର କହିଛନ୍ତି, କୃଷକ ବିରୋଧୀ ନୀତି ନେଇ ବିଜେଡି ସରକାର ଚାଲିଛି। ୩୫% ଚାଷଜମିକୁ ଜଳସେଚନ ଯୋଗାଇ ଦିଆଯିବ ବୋଲି ଶାସକ ବିଜେଡି ରାଜ୍ୟବାସୀଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇ ତାକୁ ପୂରଣ କରିବାରେ ବିଫଳ ହୋଇଛି। ରାଜ୍ୟର ୩୧୪ ବ୍ଲକ୍‌ରେ ଶୀତଳଭଣ୍ଡାର ଖୋଲିବାରେ ବିଜେଡି ସରକାର ବିଫଳ ହୋଇଛି। କୃଷକଙ୍କ ଉନ୍ନତି ପାଇଁ ନବୀନବାବୁ କାଳିଆ ଯୋଜନା କରିଥିଲେ, ହେଲେ ଗରିବ କୃଷକଙ୍କ ପାଖରେ ଏହାର ଲାଭ ପହଞ୍ଚାଇବାରେ ବିଫଳ ହେଲେ। ଓଡ଼ିଶାରେ କୃଷକଙ୍କ ଆୟ ସର୍ବଭାରତୀୟ ସ୍ତରରେ ସର୍ବନିମ୍ନ। ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରାଗଲା ନାହିଁ। ରାଜ୍ୟବାସୀ ବିଜୁଳି ୟୁନିଟ୍ ପିଛା ୨ ଟଙ୍କା ୮୩ ପଇସା ଦେଉଛନ୍ତି ହେଲେ ତାମିଲନାଡୁରେ ୟୁନିଟ୍ ପିଛା ୨ଟଙ୍କା ୫୩ ପଇସା ଦେବାକୁ ପଡୁଛି। ଓଡ଼ିଶାବାସୀଙ୍କଠାରୁ ତାମିଲନାଡୁକୁ କାହିଁକି ଶସ୍ତାରେ ବିଜୁଳି ଦିଆଯାଉଛି, ତା'ର ଉତ୍ତର ମୁଖ୍ୟମନ୍ତ୍ରୀ ଦେବେ କି ବୋଲି ପ୍ରଶ୍ନ କରିବା ସହ ଓଡ଼ିଶାରେ ଶାସନ ବ୍ୟବସ୍ଥା ଲାଇନଚ୍ୟୁତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଭୂପିନ୍ଦର ଯାଦବ କହିଛନ୍ତି। ଏନ୍‌ସିଆର୍‌ବି ରିପୋର୍ଟ ମୁତାବକ ମହିଳା ଅପରାଧରେ ଓଡ଼ିଶା ଢେର ଆଗରେ। ରାଜ୍ୟରେ ଲିଙ୍ଗଗତ ସମସ୍ୟା ବଢ଼ିଛି । ଓଡ଼ିଶାର ସଂସ୍କୃତିକୁ ଅନ୍ୟ ଦେଶଗୁଡ଼ିକ ଅନୁସରଣ କରୁଛନ୍ତି ହେଲେ ☞ପୃଷ୍ଠା-୨



କେନ୍ଦ୍ରମନ୍ତ୍ରୀ ଭୂପିନ୍ଦର ଯାଦବ

**ଓଡ଼ିଶାଠାରୁ ତାମିଲନାଡୁକୁ କାହିଁକି ଶସ୍ତାରେ ବିଜୁଳି ଦିଆଯାଉଛି: ଭୂପିନ୍ଦର**

# ମସଲାରେ ମିଶୁଛି ବିଷ

**ଭୁବନେଶ୍ୱର, ୨୪।୪(ସୁନିତ୍ ମିଶ୍ର)**

ହେମଦସ୍ତା, ଶିଳପୁଆ ଭଳି ଜିନିଷ ଓଡ଼ିଶାର ଅଧିକାଂଶ ଲୋକଙ୍କ ରୋଷେଇ ଘରର ସାମଗ୍ରୀ ଭିତରେ ଆଉ ଦେଖିବାକୁ ମିଳୁନାହିଁ। ଯଦି କେହି ଗୋଟାଲଙ୍କା, ହଳଦୀ, ଅଦା ଭଳି ମସଲା କିଣୁଛନ୍ତି ଏବଂ ଗ୍ରାଇଣ୍ଡର ବ୍ୟବହାର କରୁଛନ୍ତି ତେବେ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଛି। ଘରେ କାର୍ଯ୍ୟ କରୁଥିବା ଗୃହିଣୀଙ୍କ ଠାରୁ ଆରମ୍ଭକରି କାମ କରୁଥିବା ସମସ୍ତେ ଏବେ ବଟାବଟି କରିବାକୁ ପସନ୍ଦ କରୁନାହାନ୍ତି। ଏଭଳି ରୋଷେଇଶାଳରେ କେବଳ ପ୍ୟାକେଟ ମସଲା ଦେଖିବାକୁ ମିଳୁଛି। ଆୟୁର୍ବେଦ ଔଷଧ ସମ୍ପୂର୍ଣ୍ଣ ଠକାମି ବୋଲି ବୃହତ୍ତର କମ୍ପାନୀ ବିଜ୍ଞାପନ ଦେଇ ଜଣାଉଥିବା ବେଳେ ଏଭଳି ରୋଷେଇ ପାଇଁ ମସଲା ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ଆଜି ପର୍ଯ୍ୟନ୍ତ ଖସିଯାଉଥିଲେ। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ଏହିସବୁ ମସଲା କମ୍ପାନୀମାନଙ୍କ ସାମଗ୍ରୀର ପରୀକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ କୌଣସି ବିଧିବଦ୍ଧ ଯାଞ୍ଚ ହେଉନାହିଁ ବୋଲି ବିଦେଶରୁ ଖବର ମିଳିଛି।

'ଏମ୍‌ଡିଏଚ୍' ଏବଂ 'ଏଭରେଷ୍ଟ' ଭଳି ଦୁଇଟି ନାମୀ କମ୍ପାନୀର ରୋଷେଇରେ ବ୍ୟବହୃତ ମସଲା ଭାରତର ପ୍ରାୟ ପ୍ରତ୍ୟେକ ଲୋକଙ୍କ ଘରେ ଦୈନନ୍ଦିନ ଜୀବନରେ ବହୁଳ ମାତ୍ରାରେ ବ୍ୟବହାର ହେଉଛି। ହେଲେ ଲୋକଙ୍କ ଖାଦ୍ୟରେ ବ୍ୟବହାର ହେଉଥିବା ଏହି ମସଲାରେ କେତେ ପରିମାଣର ବିଷାକ୍ତଦ୍ରବ୍ୟ (କାର୍ସିନୋଜେନ୍) ରହିଛି ସେକଥା ଉପରେ ଭାରତ ସରକାର କେବେହେଲେ ଧ୍ୟାନ ଦେଇନାହାନ୍ତି। ହେଲେ ଭାରତ ବାହାରର ଦୁଇଟି ଦେଶ ସିଙ୍ଗାପୁର ଏବଂ ହଂକଂ ସେମାନଙ୍କ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି 'ଏମ୍‌ଡିଏଚ୍' ଓ 'ଏଭରେଷ୍ଟ' କମ୍ପାନୀର ମସଲାକୁ ପରୀକ୍ଷା କରିବା ପରେ ମିଶ୍ରଣରେ ମଣିଷଙ୍କ ପାଇଁ ହାନିକାରକ ବିଷାକ୍ତଦ୍ରବ୍ୟ ଥିବା ଜାଣି ଏହାକୁ ନିଷିଦ୍ଧ କରିଦେଇଛନ୍ତି। ସିଙ୍ଗାପୁର ଏବଂ ହଂକଂର ଏଭଳି ପଦକ୍ଷେପ ପରେ ବର୍ତ୍ତମାନ ଭାରତ ସରକାରଙ୍କ ମୁଣ୍ଡରେ ଏନେଇ ଚିନ୍ତା ପଶିଛି। ଏବେ ଦେଶରେ ଥିବା ସବୁ ମସଲା ଉତ୍ପାଦନ ୟୁନିଟ୍‌ରୁ ନମୁନା ସଂଗ୍ରହ କରିବା ପାଇଁ ଭାରତ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ହିଁ ଭାରତ ସରକାର ନିଜ ଦେଶର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ଚିନ୍ତିତ ତାହା ସ୍ପଷ୍ଟ ଜଣାପଡୁଛି। ପୂର୍ବରୁ ଭାରତ ସରକାର ଯଦି ଉକ୍ତ କମ୍ପାନୀର ମିଶ୍ରଣର ପରୀକ୍ଷା କରିଥାଆନ୍ତା ତେବେ ଭାରତୀୟଙ୍କୁ ଏଭଳି ବିଷାକ୍ତ ଖାଦ୍ୟ ଖାଇବାକୁ ପଡ଼ି ନ ଥାଆନ୍ତା। ସମାନଭାବେ ଓଡ଼ିଶାରେ ମଧ୍ୟ ଏଭଳି ମସଲା କମ୍ପାନୀ ☞ପୃଷ୍ଠା-୧୧







# ନାମାଙ୍କନର ୯ ଘଣ୍ଟା ମଧ୍ୟରେ ଟିକେଟ କଟିଲା

**ଭୁବନେଶ୍ୱର,୨୪।୪(ଅନିଲ ଦାସ)**

**ଦିଗପହଣ୍ଡି ଆସନ ପାଇଁ ପ୍ରାର୍ଥୀ ବଦଳାଇଲା କଂଗ୍ରେସ**

ଗଞ୍ଜାମ ଜିଲାର ଦିଗପହଣ୍ଡି ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ନାମାଙ୍କନ ଦାଖଲ କରିଥିବା ଶ୍ରୀଧର ଦେବଙ୍କ ଟିକେଟ କାଟିଛି ଦଳ। ତାଙ୍କ ସ୍ଥାନରେ କଂଗ୍ରେସ ସାକା ସୁଜିତ କମାରଙ୍କୁ ନୂଆ ପ୍ରାର୍ଥୀ କରିଛି। ଏନେଇ ବୁଧବାର ରାତି ୯ଟାରେ 'ଏକ୍ସ' ଜରିଆରେ ରାଜ୍ୟ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶାରେ ମେ' ୧୩ ତାରିଖରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ପାଇଁ ଗୁରୁବାର ନାମାଙ୍କନ ଦାଖଲ ଶେଷ ହେବ। ଏହା ପୂର୍ବରୁ କଂଗ୍ରେସ ଶେଷ ମୁହୂର୍ତ୍ତରେ ପ୍ରାର୍ଥୀ ବଦଳାଇବାରୁ ଚର୍ଚ୍ଚା ଜୋର ଧରିଛି। ଏହି ଆସନରେ ବିଜେଡିରୁ ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ପୁଅ ବିପ୍ଳବ ପାତ୍ର ପ୍ରାର୍ଥୀ ହୋଇଛନ୍ତି। ସେହିପରି ବ୍ରହ୍ମପୁରର ପୂର୍ବତନ ଏମ୍‌ପି ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। କଡ଼ା ମୁକାବିଲା ହେଉଥିବାରୁ ଦିଗପହଣ୍ଡି ଆସନ ଚର୍ଚ୍ଚାରେ ରହିଛି। ଏଠାରେ କଂଗ୍ରେସ କାହିଁକି ପ୍ରାର୍ଥୀ ବଦଳାଇଛି ତାହା ସ୍ପଷ୍ଟ ହୋଇନାହିଁ। ଟିକେଟ କଟିବା ପରେ ଶ୍ରୀଧର କହିଛନ୍ତି, ନିର୍ଭର ପ୍ରତିଶ୍ରୁତି ମିଳିଥିବାରୁ ବୁଧବାର ସେ ନାମାଙ୍କନପତ୍ର ଦାଖଲ କରିଥିଲେ। ଶେଷ ମୁହୂର୍ତ୍ତରେ ପ୍ରଦେଶ କଂଗ୍ରେସ କମିଟି ଟିକେଟ କାଟିଥିବାରୁ ସେ ଅତ୍ୟନ୍ତ ମର୍ମାହତ ବୋଲି କହିଛନ୍ତି।



**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତରେ ସମାବେଶୀ ଆର୍ଥିକ କାର୍ଯ୍ୟକ୍ରମ ଜରିଆରେ ସଂସ୍କାର ଆଣିବା ସହ ୪୦୦ ନିୟୁତ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା ଉଦ୍ୟମ ଜାରି ରଖିଛନ୍ତି। –ଜେମି ଡିମୋନ୍, ଜେ.ପି. ମୋର୍ଗାନ ଚେସ୍ ସିଇଓ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୟଣା ଚୋରି ମେଳଣ, ସ୍ଥାନ: ଶ୍ରୀ ବ୍ରକେଶ୍ୱର ମନ୍ଦିର ସମ୍ମୁଖସ୍ଥ ପଡ଼ିଆ, ଭିଙ୍ଗାରପୁର, ସମୟ: ଅପରାହ୍ନ ୪ଟା।
- ସାଇ ମନ୍ଦିରର ବାର୍ଷିକୋତ୍ସବ ଅବସରରେ ଭଜନ ସମାରୋହ, ସ୍ଥାନ: ଶିରିଡ଼ି ସାଇବାବାଙ୍କ ମନ୍ଦିର ପରିସର, ହାଇଟେକ୍ ଛକ, ଜାତୀୟ ରାଜପଥ ପାର୍ଶ୍ୱ, ସମୟ: ସନ୍ଧ୍ୟା ୭ଟା ୩୦।
- ରାମଲୀଳାର ମଞ୍ଚସ୍ଥ ନାଟକ 'ସୀତା ଚୋରି', ସ୍ଥାନ: ରାମଲୀଳା ପଡ଼ିଆ, ବେଣ୍ଣୁପୁର, ସମୟ: ରାତି ୧୧ଟା ୩୦।
- ରାମଲୀଳା ଅବସରରେ ନାଟକ ବାଳି ବଧ , ସ୍ଥାନ: ରାମଲୀଳା ପଡ଼ିଆ, ବଇଁଚୁଆ ଛକ, ସମୟ: ରାତି ୧୧ଟା ୩୦।
- ରାମଲୀଳା ପରିବେଷଣ, ସ୍ଥାନ: କାକରୁଦ୍ରପୁର ଓ ଗୋତଲବିନ୍ଧା ଗ୍ରାମ, ସମୟ: ରାତି ୧୧ଟା ୩୦।

## ପୁରୀ

- ସର୍ବ ଭାରତୀୟ ଟେନିସ ଚାମ୍ପିୟନଶିପ୍, ସ୍ଥାନ: ପୁରୀ କ୍ଲବ ପରିସର, ସମୟ: ସକାଳ ୭ଟା।
- ଘର ହିଁ ବିଦ୍ୟାଳୟ ସମ୍ପର୍କିତ କାର୍ଯ୍ୟକ୍ରମ, ସ୍ଥାନ: ହରଚଣ୍ଡି ସାହି ଶିଶୁ ମନ୍ଦିର, ପୁରୀ, ସମୟ: ସକାଳ ୮ଟା।
- ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ, ହସ୍ତଶିଳ୍ପ ସମ୍ବନ୍ଧୀୟ ଆଲୋଚନା ଚକ୍ର ଓ ଶିଳ୍ପୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଭୋଳାନାଥ ଗୁରୁକୁଳ ଫାଉଣ୍ଡେଶନ, ଗୋପାଳପୁର, ନହନ୍ତରା, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ତାରିଣୀଙ୍କ ପୀଠରେ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ବସୁକେରା ଗ୍ରାମ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ସିନେମା ମହୋତ୍ସବ ସମ୍ପର୍କିତ ବୈଠକ, ସ୍ଥାନ: ହଲିଡେ ରେସର୍ଟ ସମ୍ମିଳନୀ କକ୍ଷ, ପୁରୀ, ସମୟ: ଅପରାହ୍ନ ୪ଟା ୩୦।
- ଗ୍ରାଣ୍ଡ ଆମ୍ବାସାଡର ଘୋଷଣା ସମ୍ପର୍କିତ ବୈଠକ, ସ୍ଥାନ: ୱଣ୍ଡର ୱାର୍ଲ୍ଡ ପରିସର, ମାଳତୀପାଟପୁର, ସନ୍ଧ୍ୟା ୭ଟା ୩୦।
- ବୈଶାଖ ଦ୍ୱିତୀୟା ଗିରି ଗୋବର୍ଦ୍ଧନ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋବର୍ଦ୍ଧନ ପୂଜା ମଣ୍ଡପ ନିମାପଡ଼ା ଥାନା, ସମୟ: ରାତି ୮ଟା।
- ନୂଆପୋଖରୀ ମେଳଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଦଳେଇ ସାହି, ନିମାପଡ଼ା, ସମୟ: ରାତି ୮ଟା।

## ଖୋର୍ଦ୍ଧା

- ରାବଣପୋଡ଼ି ଉତ୍ସବ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବାଘମାରୀ ତଳସାହି, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ନାଟକ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ନବମୀ ନାଟକ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, ବାଘମାରୀ ତଳସାହି, ବେଗୁନିଆ, ସମୟ: ରାତି ୧୦ଟା।
- ଶ୍ରୀରାମଚରିତ ମାନସ, ପାରାୟଣ, ପ୍ରବଚନ, ସ୍ଥାନ: ଶ୍ରୀରାମନଗର, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ଖଇରା କଲେଜ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ସେମିନାର, ସ୍ଥାନ: କଲେଜ ପରିସର, ସମୟ: ସକାଳ ୯ଟା।
- ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତିଙ୍କ ବାଲେଶ୍ୱର ଗସ୍ତ, ସ୍ଥାନ: ସିଦ୍ଧି କଲ୍ୟାଣମଣ୍ଡପ, ପାଣିଟାଙ୍କି, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଶ୍ରୀଶ୍ରୀ ନିତାଇଗୌରଙ୍କ ପ୍ରତିଷ୍ଠା ଉତ୍ସବ ଓ କଳସ ଶୋଭାଯାତ୍ରା,ସ୍ଥାନ: ଅମରପୁର, କୋଲ୍ହ, ତିହିଡ଼ି, ସମୟ: ସକାଳ ୭ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଭଣ୍ଡାରିପୋଖରୀର ବନ୍ଧାଲୋ, ସମୟ: ଅପରାହ୍ନ ୪ଟା ୩୦। ସ୍ଥାନ: ଝୁଙ୍ଗୁଣା, ସମୟ: ସନ୍ଧ୍ୟା ୬ଟା।
- ବିଜେଡି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ: ଯଶିପୁର ପଞ୍ଚାୟତ, ଚାନ୍ଦବାଲି, ସମୟ: ରାତି ୯ଟା।

## କେନ୍ଦୁଝର

- ଭାଜପାର ଗାଁକୁ ଗାଁ ଅଭିଯାନ ଓ ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ: ତରତରା, ଆନନ୍ଦପୁର, ସମୟ: ସକାଳ ୭ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ବାତୋ, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ପୁରୁଣିଆଁ ବେଲବାହାଲି, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଗୁଞ୍ଜନ ୨୦୨୪, ସ୍ଥାନ: କେନ୍ଦୁଝର ସହର କାଶିପୁରସ୍ଥିତ ଗୋନାସିକା ପ୍ଲସ ଥ୍ରୀ ବିଜ୍ଞାନ କଲେଜ ପରିସର, ସମୟ: ସନ୍ଧ୍ୟା ୫ ଟା।
- ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ସନ୍ଧ୍ୟା ୬ ଟା।
- ଭଜନ ସମାରୋହ, ସ୍ଥାନ: ନାଉକଣା, ମଛାଳ, ଘସିପୁରା, ସମୟ: ସନ୍ଧ୍ୟା ୭ଟା।
- ବାଦିପାଳା ପରିବେଷଣ, ସ୍ଥାନ: ମଛାଳ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, କଲରାଫୁଲିଆ, ମୋରଡ଼ା,ସମୟ: ପୂର୍ବାହ୍ନ ୧୧ଟା।
- ଉଡ଼ା ପର୍ବ ପାଳନ, ସ୍ଥାନ: କାନପୁର ମହାଦେବ ପୀଠ, ନାକିଚୁଆ, ରାସଗୋବିନ୍ଦପୁର ବ୍ଲକ, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ସ୍କୁଲ ଅଫ ଏଜୁକେଶନ ପକ୍ଷରୁ ଶିକ୍ଷଣ ସହାୟକ ସାମଗ୍ରୀ ପ୍ରଦର୍ଶନୀ,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ:ପୂର୍ବାହ୍ନ ୧୧ଟା।
- ବିଜେଡିର ଗୋପାଳପୁର ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ବ୍ରହ୍ମପୁର ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ବିଶ୍ୱ ଡିଏନଏ ଦିବସ,ସ୍ଥାନ: ଜି.ଏନ.ରାମଚନ୍ଦ୍ରନ ଲେକଚର ହଲ,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ: ଅପରାହ୍ନ ୩ଟା୩୦।

## ଗଞ୍ଜାମ

- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଭଞ୍ଜନଗର ବ୍ଲକ ରାଇଗୋଛା,ସମୟ:ସକାଳ ୯ଟା।
- ଶ୍ରୀମାଙ୍କ ପଣ୍ଡିଚେରୀ ସ୍ଥାୟୀ ଆଗମନ ଦିବସ, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ପୂର୍ବାହ୍ନ ୧୧ଟା।

## ଗଜପତି

- ଭାଜପାର ନିର୍ବାଚନୀ ରାଲି ଆରମ୍ଭ,ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ପୋଲିଂ ଅଧିକାରୀଙ୍କ ତାଲିମ ଶିବିର, ସ୍ଥାନ: ସରକାରୀ ଏସ୍ଏସ୍ଡି ହାଇସ୍କୁଲ, ଗୁଡାରି, ସମୟ: ସକାଳ ୭ଟା ୩୦ ।
- ରାୟଗଡା ବିଧାନ ସଭା ଆସନ ପାଇଁ ସିପିଆଇ ଏମ୍ଏଲ୍ ଲିବେରେସନ ପାର୍ଟି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।
- ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ବିଷମକଟକରେ ନିର୍ବାଚନ ପ୍ରଚାର, ସ୍ଥାନ: ମିନି ଷ୍ଟାଡିୟମ, ବିଷମକଟକ, ସମୟ: ଅପରାହ୍ନ ୩ଟା ୩୦। ସ୍ଥାନ: ବସନ୍ତ ମହୋତ୍ସବ ପଡ଼ିଆ, ଗୁଣୁପୁର, ସମୟ: ଅପରାହ୍ନ ୪ଟା ୩୦ ।

## ନବରଙ୍ଗପୁର

- ହୋମ ଭୋଟିଂ ପୋଲିଂ ଅଧିକାରୀଙ୍କ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା, କଂଗ୍ରେସର ଶୋଭାଯାତ୍ରା, ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ ଟା।

## କୋରାପୁଟ

- କାର୍ତ୍ତିକ ପାଣ୍ଡିଆନଙ୍କର ନିର୍ବାଚନ ପ୍ରଚାର, ସ୍ଥାନ: ଦଶମନ୍ତପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମାଲକାନଗିରି

- ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ମାଲକାନଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା । ପ୍ରାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ବାଲିମେଳା, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ଶ୍ରୀରାମଙ୍କ ବେଶ କାର୍ଯ୍ୟକ୍ରମ, ସ୍ଥାନ : କମଲିବଜାର ରାମଜୀ ମନ୍ଦିର, ସମୟ: ସକାଳ ୯ଟା ୩୦ ।
- ଯଜ୍ଞ କାର୍ଯ୍ୟକ୍ରମ, ସ୍ଥାନ : ରେଢ଼ାଖୋଲ ଏନଏସି, ସମୟ: ଅପରାହ୍ନ ୩ଟା ।
- ଜୁଜୁମୁରା ବ୍ଲକ ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଭୀମଖୋଜ ଖେଳ ପଡିଆ, ସମୟ : ଅପରାହ୍ନ ୪ଟା ।
- ମାନେଶ୍ୱର ବ୍ଲକସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ : ଧମା ସ୍ଥିତ ଝାଡେଶ୍ୱରୀ କଲ୍ୟାଣ ମଣ୍ଡପ, ସମୟ : ସନ୍ଧ୍ୟା ୫ଟା ।
- ରାମଲୀଳା ମହୋତ୍ସବ, ସ୍ଥାନ : ବିଶାଖିଣ୍ଡା ଗ୍ରାମ , ସମୟ : ରାତି ୯ଟା ।
- ଶ୍ରୀରାମ ନବମୀରେ ରାମଲୀଳା ନାଟକ, ସ୍ଥାନ : କବରାପାଲି ଗ୍ରାମ, ସମୟ : ରାତି ୧୦ଟା ୩୦ ।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଲନ୍ବଲ ଷଷ୍ଠ ଦିବସ ତାଲିମ ଶିବିର , ସ୍ଥାନ: ଆର.ଏନ୍. ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର , ସମୟ: ସକାଳ ୬ଟା ।
- ଜଗନ୍ନାଥପଡା ପ୍ରସିଦ୍ଧ ରାମଲୀଳା ସପ୍ତମ ରଜନୀ, ସ୍ଥାନ: ଜଗନ୍ନାଥ ମନ୍ଦିର, ଜଗନ୍ନାଥପଡା, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦ ।

## ସୁବର୍ଣ୍ଣପୁର

- କଂଗ୍ରେସର ପରିବର୍ତ୍ତନ ଯାତରା, ସ୍ଥାନ :ପଣ୍ଡିଆପାଲିରୁ ସୁବଳୟା,ବୀରମହାରାଜପୁର, ସମୟ: ସକାଳ ୮ଟା୩୦ ।
- କଂଗ୍ରେସର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍ଘାଟନ, ସ୍ଥାନ : ବୀରମହାରାଜପୁର, ସମୟ : ସକାଳ ୯ଟା ।
- ଭାଜପାର ବିଜୟ ସଙ୍କଳ୍ପ ସମାବେଶ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ, ସମୟ :ଅପରାହ୍ନ ୩ଟା ।
- ସଙ୍କୀର୍ତ୍ତନ ଓ ସତ୍ସଙ୍ଗ କାର୍ଯ୍ୟକ୍ରମର ଏକାଦଶ ଦିବସ, ସ୍ଥାନ : ଭାଲୁଡୁଙ୍ଗୁରି ଶୃଙ୍ଗଦର ମଠ,ବୀରମହାରାଜପୁର, ସମୟ :ଅପରାହ୍ନ ୪ଟା ।
- ଶ୍ରୀରାମଲୀଳାରେ ସୀତା ଅନ୍ୱେଷଣ ଲୀଳା ନାଟକ ପରିବେଷଣ, ସ୍ଥାନ : ଚମ୍ପାମାଳ,ବୀରମହାରାଜପୁର, ସମୟ: ରାତି ୧୧ଟା ।
- ରାମଲୀଳା ନାଟକରେ ସୀତାଠାବ ପରିବେଷଣ, ସ୍ଥାନ: ଡିକୁଡା,ଉଲୁଣ୍ଡା, ସମୟ : ରାତି ୧୧ଟା ।

## ରାଉରକେଲା

- ରାଉରକେଲା ପ୍ରଶାସନ ପକ୍ଷରୁ ଆମକୋ ସିମକୋ ଶହୀଦ ଦିବସ ପାଳନ,ସ୍ଥାନ:ଆମକୋ ସିମକୋ ସ୍ମୃତି ପୀଠ,ସମୟ:ସକାଳ ୮ଟା ।
- ଆମକୋ ସିମକୋ କ୍ୱିଜ ପ୍ରତିଯୋଗିତା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ,ସ୍ଥାନ:ଆମକୋ ସିମକୋ,ସମୟ:ଅପରାହ୍ନ ୪ଟା ।
- ବାସନ୍ତୀକ ପରିଷଦ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା,ସ୍ଥାନ:ସେକ୍ଟର–୩,ସମୟ:ଅପରାହ୍ନ ୫ଟା ।
- ହନୁମାନ ଟେମ୍ପୁଲ ଟ୍ରଷ୍ଟର ରୌପ୍ୟଜୟନ୍ତୀ ପାଳନ,ସ୍ଥାନ:କୋଏଲ ନଗର,ସମୟ:ଅପରାହ୍ନ ୫ଟା ।

## ସୁନ୍ଦରଗଡ଼

- ଆମକୋ– ସିମକୋ ସହିଦ ସ୍ମାରକୀ ଦିବସ,ସ୍ଥାନ : ଆମକୋ– ସିମକୋ ସହିଦ୍ ପୀଠ,ସମୟ: ଅପରାହ୍ନ ୪ଟା ।
- ଶ୍ରୀରାମଙ୍କ ସହିତ ହନୁମାନଙ୍କ ଭେଟ, ସୁଗ୍ରୀବଙ୍କ ସହିତ ମିତ୍ରତା ଓ ବାଳି ବଧ,ସ୍ଥାନ: ବଡ଼ଗାଁ ଦେବ ମଣ୍ଡପ, ସମୟ: ରାତି ୧୧ ଟା ।

## ବରଗଡ଼

- ପରବ ଚଇତି–୨୦୨୪ରେ ଚଣ୍ଡିହୋମ, ସ୍ଥାନ: ସମଲେଇଟିକିରା, ସରକଣ୍ଡା, ବରଗଡ଼, ସମୟ: ସକାଳ ୯ଟା ।
- ପପଙ୍ଗା ପାହାଡ଼ ମହୋତ୍ସବ, ସ୍ଥାନ: ଭେଡ଼େନ ପପଙ୍ଗା ପାହାଡ଼ ପାଦଦେଶ, , ସମୟ: ସନ୍ଧ୍ୟା ୭ଟା ।
- ପରବ ଚଇତି–୨୦୨୪ରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସମଲେଇଟିକିରା, ସରକଣ୍ଡା, ବରଗଡ଼, ସମୟ: ରାତି ୮ଟା ।

## କଳାହାଣ୍ଡି

- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପ୍ରବଚନ, ସ୍ଥାନ: କେସିଙ୍ଗା ସହରର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପୁରାଣ ପଠନ ଓ ଭଜନ ସମାରୋହ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ଘୋଡ଼ା ବାହାଲି, ସମୟ: ସନ୍ଧ୍ୟା ୭ଟା ।

## ନୂଆପଡ଼ା

- ଗରିବ ସେନା ସଙ୍ଗଠନର କର୍ମୀ ସମ୍ମିଳନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ଗାଁ ବରଗଛ ପଡିଆ, ସମୟ: ସକାଳ ୯ ଟା ।
- ସମାଜବାଦୀ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: ନୂଆପଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ବହୁଜନ ସମାଜ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: ନୂଆପଡ଼ା ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ଟା ।

## ବୌଦ୍ଧ

- ବହିରାରେ ଶ୍ରୀରାମଲୀଳା ଉତ୍ସବର ନବମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବହିରା ରାମଲୀଳା ମଣ୍ଡପ,ବୌଦ୍ଧ ବ୍ଲକ , ସମୟ: ରାତି ୭ଟା ।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ନବମ ଦିବସ ନାଟକ ବାଳୀବଧ, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର ,କଣ୍ଟାମାଳ, ସମୟ: ରାତି ୯ଟା ।
- ଘଣ୍ଟାପଡାର ଶ୍ରୀଜଗନ୍ନାଥ ନାଟ୍ୟ ସଂସଦର ନବମ ଦିବସ ନାଟକ ସୀତା ଠାବ ଓ ଲଙ୍କା ପୋଡି, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ, କଣ୍ଟାମାଳ,ସମୟ: ରାତି ୯ଟା ।
- ବରଗାଁ ପଞ୍ଚାୟତ ମଲିକୁଦର ରାମାୟଣ ନାଟକର ନବମ ଦିବସ ନାଟକ ସେତୁବନ୍ଧ ପ୍ରତିଷ୍ଠା, ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ, କଣ୍ଟାମାଳ, ସମୟ ରାତି ୯ଟା ।
- ବୌଦ୍ଧ ସହରର ଶ୍ରୀରାମଲୀଳା ଯାତ୍ରାର ନବମ ଦିବସର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ଶ୍ରୀ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା ।
- ବଢିଙ୍ଗା ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ନବମ ଦିବସ, ସ୍ଥାନ: ବଢିଙ୍ଗା ରଘୁନାଥମନ୍ଦିର,ବୌଦ୍ଧ, ସମୟ: ରାତି ୧୦ଟା ।

## ଦେବଗଡ଼

- ସମ୍ବଲପୁର ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: ତିଲେଇବଣି ବ୍ଲକ, ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା। ସ୍ଥାନ: ବାରକୋଟ ବ୍ଲକ, ବଳମ ଆମ୍ବତୋଟା, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଂଗ୍ରେସ ପକ୍ଷରୁ ନିର୍ବାଚନୀ ପ୍ରଚାର ଓ କର୍ମୀ ସମ୍ମିଳନୀ, ସ୍ଥାନ: ରିଆମାଳ ବ୍ଲକ ବୁଢାପାଲ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାମନବମୀ ମହୋତ୍ସବ ଅନ୍ତିମ ଦିବସରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳଜି ମନ୍ଦିର ଦେବଗଡ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ, ସ୍ଥାନ: ଲଇକେରା ବ୍ଲକସ୍ଥିତ ମିନିଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।
- ନାମ ସଂକୀର୍ତ୍ତନ ଉଦଯାପିତ ଉତ୍ସବ, ସ୍ଥାନ: ସଦର ବ୍ଲକ ଭୁର୍ଖାମୁଣ୍ଡା ଗ୍ରାମ ମଣ୍ଡପ, ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ

- ଜିଲାସ୍ତରୀୟ ମ୍ୟାଲେରିଆ ଦିବସ ପାଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ସଦ୍ଭାବନା ହଲ, ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ ନେଇ ବୈଠକ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍ଭାବନା ଗୃହ ଆଠମଲ୍ଲିକ , ସମୟ: ସକାଳ ୮ଟା।
- ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଦ୍ୱାରା ଜିଲା ଖଣିଜ ପ୍ରତିଷ୍ଠାନର ସମୀକ୍ଷା, ସ୍ଥାନ: ଛେଣ୍ଡିପଦା, ସମୟ: ପୂର୍ବାହ୍ନ ୧୦ ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ୟୁପିଏସ୍ସିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଅନିମେଶଙ୍କ ସମ୍ବର୍ଦ୍ଧନା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ସିଦ୍ଧ ବାସେଲୀଙ୍କ ଚଇତି ପର୍ବର ତୃତୀୟ ଦିବସ,ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଫକୀର ଅଟବୁଦ୍ଧି ପାଟଣା ବରୁଣଦେବ ମନ୍ଦିର ପ୍ରାଙ୍ଗଣ, ସମୟ:ପୂର୍ବାହ୍ନ ୧୧ଟା୩୦।
- ନୂଆଗାଁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଏକାଦଶ ଦିବସରେ ପ୍ରଧାନ ସାନିଟାରୀ ଓରିୟର୍ସ ବନାମ ପଞ୍ଚଶାଖା କୃଷକ କ୍ଲବର ମୁକାବିଲା, ସ୍ଥାନ: ନୂଆଗାଁ କଲେଜ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ହାଣ୍ଡିଭଙ୍ଗା ପର୍ବର ଉଦ୍ଯାପନ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ମହୁଲ ପଡ଼ା ମହିଷାସୁଣୀ ପୀଠ, ସମୟ: ସନ୍ଧ୍ୟା ୭ଟା୩୦।

## ଜଗତ୍ସିଂହପୁର

- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାଢଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ରଘୁନାଥପୁର, ସମୟ: ସକାଳ ୭ଟା।
- କଂଗ୍ରେସର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍ଘାଟନ,ସ୍ଥାନ: ବଡ଼ପଡ଼ିଆ ପୁରୁଣା ହାଇସ୍କୁଲ ଘର, ପାରାଦୀପ, ସମୟ: ସନ୍ଧ୍ୟା ୬ ଟା।
- ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ, ସ୍ଥାନ: ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସର, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୭ ଟା।
- ନବଦିନ ବ୍ୟାପି ଶ୍ରୀରାମ ଚରିତ ମାନସ ପାରାୟଣ, ପ୍ରବଚନ, ସ୍ଥାନ: କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠ,ରଘୁନାଥପୁର, ସମୟ: ରାତି ୧୦ଟା।

## କେନ୍ଦ୍ରାପଡ଼ା

- ଡାକମଣ୍ଡା ପର୍ବ, ସ୍ଥାନ: ଚଣ୍ଡି ମନ୍ଦିର, ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଚଇତି ମେଳଣ, ସ୍ଥାନ: ତ୍ରିଲଙ୍ଗ, ଡେରାବିଶ, ସମୟ: ସକାଳ ୭ଟା।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ସିଂହଗାଁ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଛୋଟି, ଡେରାବିଷ, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପାଖିଡ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ହିଙ୍ଗୁଳା ଦେବୀଙ୍କ ୯୪ ତମ ବିଶ୍ୱଶାନ୍ତି ମହାଯଜ୍ଞ, ନାମ ଯଜ୍ଞ ଓ ପୂର୍ଣ୍ଣାହୁତି,ସ୍ଥାନ : କୋରେଇ ବ୍ଲକ ଶଙ୍ଖଚିଲା ମନ୍ଦିର ପରିସର,ସମୟ : ସକାଳ ୬ଟା।
- ଷଣ୍ଢପୁର ହିଙ୍ଗୁଳା ଯଜ୍ଞୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ : ଜେନାପୁର ଷଣ୍ଢପୁର ହିଙ୍ଗୁଳା ମନ୍ଦିର ପରିସର,ସମୟ : ସକାଳ ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ବୈଷୟିକ ଉନ୍ନତି ସହ ବୃତ୍ତି ଓ ବାଣିଜ୍ୟ ସକାଶେ ବିଶେଷ ଚିନ୍ତିତ ହେବାକୁ ପଡ଼ିବ ନାହିଁ। ସାମାଜିକ ସ୍ତରରେ ଆଦର ଅଭ୍ୟର୍ଥନା ସହ ସବୁରି ସଦିଚ୍ଛା ମିଳିବ।

**ବୃଷ** ଅର୍ଥାଭାବ ସାଙ୍ଗକୁ ସନ୍ତାନଙ୍କ ବିଶୃଙ୍ଖଳା ସମ୍ପର୍କୀୟ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ପାରସ୍ପରିକ ଦୋଷଦର୍ଶିତା ହେତୁ ପାରିବାରିକ ପରିସ୍ଥିତି ଗୋଳମାଳିଆ ରହିବ। ଠିକ୍ ନିଷ୍ପତ୍ତି ନେବାରେ ସମର୍ଥ ହେବେ ମାତ୍ର ପଦସ୍ଥ ବ୍ୟକ୍ତିମାନେ ବିରୁଦ୍ଧାଚରଣ କରିପାରନ୍ତି। ଅନ୍ୟମାନଙ୍କ ଭଲ ସକାଶେ ନିଜେ ହଇରାଣ ହୋଇପାରନ୍ତି।

**ମିଥୁନ** ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସାଧନରେ ସମର୍ଥ ହେବେ। ସରଳ ସ୍ୱଭାବ ହେତୁ ଅନ୍ୟମାନଙ୍କ ଶ୍ଳେଷାତ୍ମକ କଥାକୁ ବୁଝିପାରିବେ ନାହିଁ। ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ କିନ୍ତୁ ମନରେ ଶାନ୍ତି କିମ୍ବା ସନ୍ତୋଷ ଆସି ନ ପାରେ। ବ୍ୟବସାୟରେ ଆଶା ପୂରଣ ହେବାରେ ଅସୁବିଧା ରହିବ ନାହିଁ।

**କର୍କଟ** ପରିସ୍ଥିତିକୁ ଅନୁଧ୍ୟାନ କରି ସମୟୋଚିତ ପଦକ୍ଷେପ ନେବା କାରଣରୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବେ। ରାଜନୀତି, ପ୍ରଶାସନିକସ୍ତରରେ ଏବଂ ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ। ଅଶ୍ଳେଷା ନକ୍ଷତ୍ର ହାତକୁ ନେଇଥିବା କାମ ସହଜରେ ସମ୍ପନ୍ନ କରିପାରିବେ ନାହିଁ।

**ସିଂହ** କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପାରିବାରିକ କ୍ଷେତ୍ରରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ମାତ୍ର ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପରିବାର ସକାଶେ ଆବଶ୍ୟକ ମନେ କରୁଥିବା ଜିନିଷ ସମୂହକୁ କିଣିପାରିବେ।

**କନ୍ୟା** ଆଜି ଏକାଧାରରେ ପାରିବାରିକ ଓ ଆର୍ଥିକ ସମସ୍ୟାକୁ ସୁଧାରି ନେବେ ଏବଂ କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ଶିଳ୍ପ, ବାଣିଜ୍ୟାଦିରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଚିନ୍ତା କରିଥିବା କାମ ଠିକ୍ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ପିଲାଙ୍କ ପଢ଼ା ସମସ୍ୟା ନେଇ ଚିନ୍ତିତ ରହିବେ। ନିଜର କାର୍ଯ୍ୟଦକ୍ଷତା ହେତୁ ସମ୍ପର୍କୀୟଙ୍କ ଦ୍ୱାରା ପ୍ରଶଂସିତ ହେବେ।

**ତୁଳା** କର୍ମାରମ୍ଭ, ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ। ମାତ୍ର ଖର୍ଚ୍ଚାନ୍ତ ହେବେ ଏବଂ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀଙ୍କ ଦ୍ୱନ୍ଦ୍ୱଯୁକ୍ତ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ।

**ବିଛା** ଅନୁକୂଳ ବାତାବରଣରେ କାମଗୁଡ଼ିକ ସମ୍ପନ୍ନ ହେବ ମାତ୍ର ନିଜ କାମ ଛାଡ଼ି ପରକାମରେ ମନ ଦେଇପାରନ୍ତି। ରୋଜଗାର ମନ୍ଦ ନ ହେଲେ ମଧ୍ୟ ସନ୍ତୋଷଜନକ ହୋଇ ନ ପାରେ। ପାରିବାରିକ ସଂକଟ ଦୂରେଇବାକୁ ଯାଇ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଖୁସି ହୋଇପାରନ୍ତି।

**ଧନୁ** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ବହୁତ ଭଲ ହେବ। କର୍ମକ୍ଷେତ୍ରରେ ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ଶାନ୍ତିରେ ନିଃଶ୍ୱାସ ମାରିବେ। ଖଳ ଲୋକଙ୍କ ହାବୁଡ଼ରୁ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ କିନ୍ତୁ ତାହା ବିରୋଧୀ ଗୋଷ୍ଠୀଙ୍କ ଗାତ୍ରଦାହର କାରଣ ହୋଇପାରେ।

**ମକର** ସାମାଜିକ ସମ୍ମାନ ଓ ଆର୍ଥିକ ଅଭିବୃଦ୍ଧି ମାନସିକ ସ୍ଥିତିକୁ ଋଦ୍ଧିମନ୍ତ କରିବ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, କଚେରି ମାମଲା, କ୍ରୀଡ଼ା ପ୍ରଭୃତିରୁ ସଫଳତା ମିଳିପାରେ। ସାହିତ୍ୟ, ସାମ୍ବାଦିକତା, ବାଣିଜ୍ୟ, ବ୍ୟବସାୟ, କଳା, ସଙ୍ଗୀତ କ୍ଷେତ୍ର ନିରଙ୍କୁଶ ରହିବ। ଆଇନାନୁମୋଦିତ ଭାବେ ଜମିଜମା ବିବାଦ ଜଟିଳ ଆକାର ଧାରଣ କରିପାରେ।

**କୁମ୍ଭ** ଆଜି ଯାହା କରିବେ ସବୁ କାମ ହେବ କିନ୍ତୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନୁହେଁ। ଅସୁବିଧା କିମ୍ବା ସଂକଟଜନକ ସ୍ଥିତି ଆସିବ ନାହିଁ ମାତ୍ର ମନ ସ୍ଥିର ରହି ନପାରେ। ବନ୍ଧୁମିଳନ, ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ହାସଲ କରିବେ। ସମୟୋଚିତ କାର୍ଯ୍ୟଶୈଳୀର ବୈପରୀତ୍ୟ ହେତୁ ସ୍ୱାସ୍ଥ୍ୟ ବିଗିଡ଼ିଯିବାର ଆଶଙ୍କା ରହିଛି।

**ମୀନ** ମାନସିକ ଅସ୍ଥିରତା ଦୂରେଇଯିବ ଏବଂ ଶୁଭଚିନ୍ତକମାନଙ୍କ ସାନ୍ନିଧ୍ୟରୁ ଖୁସି ରହିବେ। କଳା, ସାହିତ୍ୟ, ଗବେଷଣା, ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିପାରେ। ବିଳାସପ୍ରିୟ ହେବା ସହ ଭ୍ରମଣକୁ ପସନ୍ଦ କରିପାରନ୍ତି।

ଆଜି ଏପ୍ରିଲ ୨୫ ତାରିଖ, ବିଶ୍ୱ ମ୍ୟାଲେରିଆ ଦିବସ, ବୈଶାଖ କୃଷ୍ଣ ଦ୍ୱିତୀୟା, ଗୁରୁବାର, ରାଶି ନକ୍ଷତ୍ର–ବିଶାଖା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୫ ମି. ଗତେ ଘ.୦୭।୦୬ ମଧ୍ୟେ, ଘ.୧୦।୨୮ ଗତେ ଘ.୦୧।୦୦ ମଧ୍ୟେ ଅମୃତ ବେଳା। ଦିବା ଘ.୧୦।୦୫ ମି. ଗତେ ଘ.୧୧।୪୦ ମି. ମଧ୍ୟେ ଶୁଦ୍ଧ ବେଳା। ଦିବା ଘ.୦୧।୧୯ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ବ୍ୟକ୍ତିଗତ ନୁହେଁ ବ୍ୟକ୍ତିଙ୍କ ...

ପକ୍ଷମାନଙ୍କ ଆଇନଜୀବୀ ଜୋର୍ ଦେଇ ଯୁକ୍ତି ବାଢ଼ିଥିଲେ, ଘରୋଇ ସମ୍ପତ୍ତିକୁ ସମ୍ବିଧାନର ଅନୁଚ୍ଛେଦ ୩୯(ବି) ଏବଂ ୩୧ସି ଅଧୀନ ସାମ୍ବିଧାନିକ ଯୋଜନାଗୁଡ଼ିକ ଅନୁସାରେ ସରକାରୀ କର୍ତ୍ତୃପକ୍ଷ ଅଧିଗ୍ରହଣ କରିପାରିବେ ନାହିଁ। ଏହା ଉପରେ ପୀଠ କହିଛନ୍ତି, 'ସମୁଦାୟର ଭୌତିକ ସମ୍ବଳ' କହିଲେ କେବଳ ସର୍ବସାଧାରଣ ସମ୍ବଳକୁ ବୁଝାଏ। ଜଣେ ବ୍ୟକ୍ତିଙ୍କ ଘରୋଇ ସମ୍ପତ୍ତିରେ ଏହାର ଉତ୍ସ ଥିବା ଆମେ ମନେକରୁନାହୁଁ। ଉଦାହରଣ ସ୍ୱରୂପ ଖଣି, ଏପରି କି ଘରୋଇ ଜଙ୍ଗଲ କଥା ବିଚାର କରାଯାଉ। ଯଦି ଆମେ ସରକାରୀ ନୀତି ଅନୁଚ୍ଛେଦ ୩୯ (ବି) ଅନୁଯାୟୀ ଘରୋଇ ଜଙ୍ଗଲ କ୍ଷେତ୍ରରେ ଲାଗୁ ହେବନାହିଁ ବୋଲି କହିବା ତେବେ ବିପଜ୍ଜନକ ପରମ୍ପରା ସୃଷ୍ଟି ହେବ। ଏହି ଅବସରରେ ପୀଠ ୧୯୫୦ ଦଶକରେ ସମ୍ବିଧାନ ପ୍ରଣୟନ ବେଳର ସାମାଜିକ ସ୍ଥିତିର ଅବତାରଣା କରିଥିଲେ। ସମ୍ବିଧାନ ସମାଜରେ ପରିବର୍ତ୍ତନ ପାଇଁ ପ୍ରଣୟନ କରାଯାଇଥିଲା। ସମ୍ପତ୍ତିର ମାଲିକାନା ଘରୋଇ ହୋଇଥିଲେ ଧାରା ୩୯ (ବି) ଲାଗୁ ହେବ ନାହିଁ ବୋଲି ଆମେ କହିପାରିବା ନାହିଁ। ପୀଠ ଆହୁରି କହିଥିଲେ, ଜରାଜୀର୍ଣ୍ଣ କୋଠାଗୁଡ଼ିକୁ ଅଧିଗ୍ରହଣ କରିବା ପାଇଁ ଅଧିକାରୀମାନଙ୍କୁ କ୍ଷମତା ପ୍ରଦାନକାରୀ ମହାରାଷ୍ଟ୍ରର ଆଇନ ବୈଧ କି ନୁହେଁ ତାହା ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରସଙ୍ଗ। ଏହା ଉପରେ ପୃଥକ୍ ଭାବେ ବିଚାର କରାଯାଇପାରେ। ସମାଜ ସବୁବେଳେ କଲ୍ୟାଣକାରୀ ପଦକ୍ଷେପ ଆଶା କରେ। ବର୍ତ୍ତମାନ ସମ୍ପତ୍ତିର ପୁନଃ ବଣ୍ଟନ ଉପରେ ଦାବି ଉଠିବାରେ ଲାଗିଥିବାରୁ ଜଣକ ମାଲିକାନାରେ ଥିବା ଘରୋଇ ସମ୍ପତ୍ତି କ୍ଷେତ୍ରରେ ଅନୁଚ୍ଛେଦ ୩୯ (ବି) ପ୍ରଯୁଜ୍ୟ ନୁହେଁ ବୋଲି କହିହେବ କି? ସିଜେଆଇ ଚନ୍ଦ୍ରଚୂଡ଼ ଜମିଦାରି ବ୍ୟବସ୍ଥା ଉଚ୍ଛେଦ ବିଷୟର ଅବତାରଣା କରି କହିଥିଲେ, ଏହା ହେଉଛି ସମ୍ପତ୍ତି ଉପରେ ଏକାଧିକାର ଭାବନା ସୃଷ୍ଟିକାରୀ ସମ୍ପୂର୍ଣ୍ଣ ପୁଞ୍ଜିବାଦୀ ବିଚାରଧାରା। କିନ୍ତୁ ସମ୍ପତ୍ତିର ସମାଜବାଦୀ ବିଚାରଧାରା ସମାଜକୁ ଆଇନା ଦେଖାଇଥାଏ, ଯାହାକି ଏକ ଗୁଣସାମ୍ୟ ଧାରଣା। ଜଣେ ବ୍ୟକ୍ତିଙ୍କର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବୋଲି କିଛି ନାହିଁ। ସମସ୍ତ ସମ୍ପତ୍ତି ସମୁଦାୟର। ସିଜେଆଇ ଏହାକୁ ଅତି ସମାଜବାଦୀ ମତ ବୋଲି ଆଖ୍ୟା ଦେବା ସହ ଡିରେକ୍ଟିଭ୍ ପ୍ରିନ୍ସିପୁଲ୍ ଅଫ୍ ଷ୍ଟେଟ୍ ଡିରେକ୍ଟିଭ ମୂଳରେ ଗାନ୍ଧୀବାଦୀ ଆଦର୍ଶ ରହିଥିବା ପ୍ରକାଶ କରିଥିଲେ। ସିଜେଆଇ କହିଥିଲେ, ଆମେ ପରିବାରର ପରବର୍ତ୍ତୀ ପିଢ଼ି ପାଇଁ ସମ୍ପତ୍ତି ରଖୁ। ବିସ୍ତୃତ ସମୁଦାୟର ଆସ୍ଥା ପାଇଁ ମଧ୍ୟ ଆମେ ତାକୁ ରଖିଥାଉ। ଏହା ହେଉଛି ନିରନ୍ତର ବିକାଶର ପୂରା ଚିନ୍ତାଧାରା। ମୁମ୍ବାଇର ପ୍ରାଇଭେଟ ଓନର୍ସ ଆସୋସିଏଶନ୍ ସମେତ ୧୬ ବ୍ୟକ୍ତି ଓ ସଙ୍ଗଠନ ପକ୍ଷରୁ ଦାଖଲ ପିଟିଶନର ବିଚାର ବେଳେ ଏହି ପ୍ରସଙ୍ଗରେ ଶୁଣାଣି ଅମୀମାଂସିତ ରହିଛି।

### ବିଜେଡି ସରକାର...

ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାରେ ନବୀନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିପରି ଶିଶୁ ଅପହରଣରେ ଓଡ଼ିଶା ଢେର ଆଗରେ। ୨୪ ବର୍ଷ ନବୀନ ଶାସନରେ ଯୁବକଙ୍କ ପାଇଁ ଚାକିରି ନାହିଁ। ଫଳରେ ସୁରଟ, ବାଙ୍ଗାଲୁରୁ, ମୁମ୍ବାଇକୁ ଓଡ଼ିଶାର ଯୁବ ସମାଜ ଦାଦନ ଖଟିବାକୁ ଯାଉଛନ୍ତି। ଗାଁ ଗାଁରେ ସଭା କରି ଲୋକଙ୍କ ପାଖକୁ ଚାର୍ଜଶିଟ୍ ପହଞ୍ଚାଯିବ ବୋଲି ଯାଦବ କହିଛନ୍ତି। 'କେତେଦିନ ସହିବା, ପରିବର୍ତ୍ତନ ଆଣିବା' ନାଁରେ ଭାଜପା ପକ୍ଷରୁ ବିଜେଡି ସରକାର ବିରୋଧରେ ଚାର୍ଜଶିଟ୍ ଆଣିଛି। ପଞ୍ଚାୟତଠୁ ସଚିବାଳୟ ଯାଏଁ ବିଭିନ୍ନ ଦୁର୍ନୀତିକୁ ନେଇ ଏହି ଚାର୍ଜଶିଟ୍ ଜାରି କରାଯାଇଛି। ଉକ୍ତ ଚାର୍ଜଶିଟ୍ରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଚିଟ୍ଫଣ୍ଡ ଦୁର୍ନୀତି ଓ ମହିଳା ବିରୋଧୀ ହିଂସାକୁ ନେଇ ବିଜେଡିକୁ ୨୫ଟି ପ୍ରଶ୍ନ କରିଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ନବୀନ ସରକାର ସମୟରେ ଓଡ଼ିଶାର ଲକ୍ଷ ଲକ୍ଷ ପରିବାର ଚିଟ୍ଫଣ୍ଡର ଶିକାର ହେଲେ। ସେମାନଙ୍କୁ ସେମାନଙ୍କ ଜମା ଟଙ୍କା ଫେରାଇବାକୁ କର୍ପସ୍ ଫଣ୍ଡ ଗଠନ ହେଲା, କମିଶନ ବି ବସିଲା କିନ୍ତୁ ଫଳ ହେଲା ଶୂନ। ସାଧାରଣ ଲୋକଙ୍କୁ ସୁରକ୍ଷା ଦେବାରେ ବିଜେଡି ସରକାର ବିଫଳ ହୋଇଛି ବୋଲି ସେ କହିଛନ୍ତି। ଏ ରାଜ୍ୟରେ ମନ୍ତ୍ରୀ, ବିଧାୟକ, ସାଂସଦ ଆଦି ଲୋକପ୍ରତିନିଧିଙ୍କ ସମ୍ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛ ବୋଲି ମନମୋହନ କହିଛନ୍ତି। ୨୫ ବର୍ଷର ଅପାରଗ ରାଜ୍ୟ ସରକାରଙ୍କ ବିରୋଧରେ ଚାର୍ଜଶିଟ୍ ଜରିଆରେ ସାଢ଼େ ୪କୋଟି ଓଡ଼ିଆଙ୍କ ପାଖରେ ପହଞ୍ଚାଇବା ପାଇଁ ଭାଜପା ଚେଷ୍ଟା କରିଛି ବୋଲି ଚାର୍ଜଶିଟ୍ କମିଟିର ରାଜ୍ୟ ଆବାହକ ସମୀର ମହାନ୍ତି କହିଛନ୍ତି ।

### ଆସିବ ସ୍ୱତନ୍ତ୍ର ...

କେହି କେବେ ସଫଳ ହେବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଯୋଡ଼ି ଶଙ୍ଖ ହେଉଛି ଓଡ଼ିଶା ବିକାଶର ପରିଚୟ। ଓଡ଼ିଶାର ସାଢ଼େଚାରି କୋଟି ଲୋକଙ୍କ ଆଶୀର୍ବାଦରେ ବିଜେଡି ଚଳିତ ନିର୍ବାଚନରେ ଉଭୟ ବିଧାନସଭା ଓ ଲୋକ ସଭାରେ ବିପୁଳ ବିଜୟ ହାସଲ କରିବ। ବିଜୁ ଜନତା ଦଳ ସବୁବେଳେ ଏକନମ୍ବର ଦଳ ହୋଇ ରହିଆସିଛି। ଜନତାଙ୍କ ଆଶୀର୍ବାଦରେ ଏହି ନିର୍ବାଚନରେ ମଧ୍ୟ ପୁଣି ଥରେ ଏକନମ୍ବର ହେବ ଓ ବିକାଶର ଯାତ୍ରାକୁ ଆହୁରି ମଜଭୁତ କରିବ। ହିଞ୍ଜିଳିବାସୀଙ୍କୁ ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାଢ଼େଚାରି କୋଟି ଓଡ଼ିଶାବାସୀ ହେଉଛନ୍ତି ତାଙ୍କ ପରିବାର। ଏହି ସାଢ଼େଚାରି କୋଟି ପରିବାର ସଦସ୍ୟଙ୍କ କଲ୍ୟାଣ ପାଇଁ ସେ ସବୁବେଳେ କାମ କରିଚାଲିଛନ୍ତି ଓ ଶେଷ ପର୍ଯ୍ୟନ୍ତ କରିଚାଲିବେ ବୋଲି କହିଛନ୍ତି। ହିଞ୍ଜିଳି–ଶେରଗଡ଼ ଆଜି ସାରା ଦେଶରେ ବିକାଶର ଏକ ମଡେଲ ହୋଇଛି। ୫–ଟି ରୂପାନ୍ତର ଯାତ୍ରାରେ ହିଞ୍ଜିଳି–ଶେରଗଡ଼ବାସୀଙ୍କ ସହଯୋଗର ସେ ଉଚ୍ଚ ପ୍ରଶଂସା କରିଛନ୍ତି। ଓଡ଼ିଶାର ଚାଷୀମାନେ, ମିଶନ ଶକ୍ତି ମା'ମାନେ ବିନା ସୁଧରେ ଋଣ ପାଉଛନ୍ତି। ସଶକ୍ତ ଓଡ଼ିଶା ଗଠନ ଦିଗରେ ଏହା ଏକ ମାଇଲଖୁଣ୍ଟ। ଏହି ସଭାରେ ଯୋଗଦେଇ ବିଜୁ ଜନତା ଦଳ ନେତା କାର୍ତ୍ତିକ ପାଣ୍ଡିଆନ ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଛନ୍ତି, ହିଞ୍ଜିଳି–ଶେରଗଡ଼ ହେଉଛି ଦେଶର ଏକନମ୍ବର ନିର୍ବାଚନମଣ୍ଡଳୀ। ହିଞ୍ଜିଳି–ଶେରଗଡ଼ର ବିଧାୟକ ହେଉଛନ୍ତି ଦେଶର ଏକନମ୍ବର ବିଧାୟକ। ମୁଖ୍ୟମନ୍ତ୍ରୀ ହେଉଛନ୍ତି ଦେଶର ଏକନମ୍ବର ମୁଖ୍ୟମନ୍ତ୍ରୀ। ତେଣୁ ଆପଣମାନେ ଦେଶର ଏକନମ୍ବର ମୁଖ୍ୟମନ୍ତ୍ରୀଙ୍କୁ ସର୍ବାଧିକ ଭୋଟ ବ୍ୟବଧାନରେ ଜିତାଇ ତାଙ୍କର ଏକନମ୍ବର ସ୍ଥାନ ବଜାୟ ରଖନ୍ତୁ ବୋଲି ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି ସଭାରେ ଯୋଗଦେଇ ଏମ୍ପି ପ୍ରାର୍ଥୀ ରଞ୍ଜିତା ସାହୁ, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଏମ୍ପି ପ୍ରମିଳା ବିଶୋଇ ପ୍ରମୁଖ ନିଜ ନିଜ ଅଭିଭାଷଣରେ ବିଜୁ ଜନତା ଦଳକୁ ଜିତାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

# ମାଲକାନଗିରିରେ କାର୍‌ରୁ ମିଳିଲା ୩୦ ଲକ୍ଷ

ମାଲକାନଗିରି,୨୪।୪
(ଦୁର୍ଯ୍ୟୋଧନ ପାତ୍ର)

ଯାଞ୍ଚ ବେଳେ ମାଲକାନଗିରିରୁ ଧରାପଡ଼ିଲା ୩୦ ଲକ୍ଷ ଟଙ୍କା। ହେଲେ ଏହି ଟଙ୍କା କୌଣସି ନିର୍ବାଚନୀ ପ୍ରଚାର ଲାଗି ନିଆଯାଉଥିଲା କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ମାଲକାନଗିରିରୁ ୨ ବ୍ୟବସାୟୀ ହେମନ୍ତ ପଟ୍ଟନାୟକ ଓ ପାଲ୍ ସ୍ୱାମୀ ୩୦ ଲକ୍ଷ ଟଙ୍କା ନେଇ ସୁକ୍‌ମାକୁ କାର୍ ଯୋଗେ ବୁଧବାର ଯାଉଥିଲେ। ମାଲକାନଗିରି ଥାନା ଅନ୍ତର୍ଗତ ଚାଲାଣଗୁଡ଼ା ପୋଲିସ ଚେକ୍ ପୋଷ୍ଟରେ ଫ୍ଲାଇଂ ସ୍କ୍ୱାଡ୍ ଗାଡ଼ି ଯାଞ୍ଚକରି ଟଙ୍କା ଜବତ କରିଥିଲା। ପରେ ଜବତ ଟଙ୍କା ସହ ୨ ଜଣଙ୍କୁ ଆଦର୍ଶ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି। ଆଦର୍ଶ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଆୟକର ବିଭାଗକୁ ଏହାର ତଦନ୍ତ କରିବା ଲାଗି ଉପଜିଲାପାଳ ଜଣାଇଥିବା ସୂଚନା ମିଳିଛି।



ଜବତ ହୋଇଥିବା ଟଙ୍କା ।

# ମହୁମାଛି ଆକ୍ରମଣରେ ଶିଶୁପୁତ୍ର ମୃତ

ଉମରକୋଟ, ୨୪।୪
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଭିକ୍ଷା ଗ୍ରାମରେ ବୁଧବାର ମହୁମାଛି ଆକ୍ରମଣରେ ଜଣେ ଶିଶୁର ମୃତ୍ୟୁ ହୋଇଛି। ସେ ହେଲେ ଗାଁର ସୋମନାଥ ଭତ୍ରାଙ୍କ ପୁଅ ଶ୍ରେୟାଶ (୬)। ସୂଚନାନୁଯାୟୀ, ଶ୍ରେୟାଶ ବୁଧବାର ସକାଳେ ଘର ପାଖରେ ଖେଳୁଥିବା ସମୟରେ ମହୁମାଛି ଆକ୍ରମଣ କରିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବାଇକ୍ ଯୋଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଶ୍ରେୟାଶଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସୋମନାଥ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବାକି ୧୩୦ ଟଙ୍କା ମାଗିବାରୁ ଦୋକାନ ଜାଳିଦେଲେ

ଭୁବନେଶ୍ୱର,୨୪।୪
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଥାନା ମହୁଲ ବଜାରରେ ଜଣେ ବ୍ୟକ୍ତି ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ବାକିଥିବା ୧୩୦ ଟଙ୍କା ମାଗିବାରୁ ସେ ବଜାରସ୍ଥିତ ଏକ ଦୋକାନ ଜାଳିଦେଇଛନ୍ତି। ମଙ୍ଗଳବାର ରାତିରେ ଏହି ଘଟଣା ଘଟିବା ସମୟରେ ଦୋକାନ ମାଲିକ ଭିତରେ ଶୋଇଥିଲେ। ତେବେ ଅଗ୍ନିକାଣ୍ଡରେ ଦୋକାନ ଘର ସହ ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଥିଲେ ମଧ୍ୟ ମାଲିକ ବର୍ତ୍ତିଯାଇଛନ୍ତି। ପୂରା ଘଟଣାର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏ ସଂକ୍ରାନ୍ତରେ ଦୋକାନ ମାଲିକ ମଧୁପୁର ଗ୍ରାମର ରଞ୍ଜିତ କୁମାର ସାହୁ ବୁଧବାର ଚନ୍ଦକା ଥାନାରେ

## ଅଳ୍ପକେ ବର୍ତ୍ତିଲେ ମାଲିକ, ଅଭିଯୁକ୍ତ ଗିରଫ

ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୬୪/୨୦୨୪) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନିଆଁ ଲଗାଇଥିବା ଅଭିଯୋଗରେ ଉକ୍ତ ଗ୍ରାମର ସଦାଶିବ ସ୍ୱାଇଁ (୩୫)ଙ୍କୁ ପୋଲିସ ଗିରଫ କରିଛି। ସଦାଶିବଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜୋନ୍-୬ ଏସିପି ରମେଶ ଚନ୍ଦ୍ର ବିଶୋଇ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ଅପରପକ୍ଷରେ ସ୍ଥାନୀୟ ଲୋକଙ୍କ କହିବାନୁସାରେ ବକେୟା ଟଙ୍କା ପାଇଁ ଆରମ୍ଭ ହୋଇଥିବା ଝଗଡ଼ା ଫଳରେ ଅଭିଯୁକ୍ତ ସଦାଶିବ ପ୍ରଥମେ ଗ୍ରୋସରୀ ଦୋକାନରେ ନିଆଁ ଲଗାଇବାକୁ ଚେଷ୍ଟା କରି ବିଫଳ ହେବା ପରେ ନିକଟରେ ଡିଜେଲ ରଖାଯାଇଥିବା ଏକ ଗୋଦାମରେ ନିଆଁ ଲଗାଇ ଦେବା ଫଳରେ ବିସ୍ଫୋରଣ ଘଟିଥିଲା।



ପ୍ରକାଶ ଯେ, ରଞ୍ଜିତ ଓ ସଦାଶିବ ପରସ୍ପର ମଧ୍ୟରେ ଭଲ ସମ୍ପର୍କ ଥିଲା। ୪ରୁ ୫ଦିନ ତଳେ ରଞ୍ଜିତଙ୍କ ଦୋକାନରୁ ସଦାଶିବ ୧୩୦ ଟଙ୍କାର ସଉଦା ନେଇଥିଲେ। ଅଳ୍ପଦିନ ଭିତରେ ଏହି ବାକି ଟଙ୍କା ଫେରାଇଦେବାକୁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସଦାଶିବଙ୍କୁ ବାକି ଟଙ୍କା ଫେରାଇଦେବାକୁ ରଞ୍ଜିତ କହିଥିଲେ। ଏଥିରେ ସଦାଶିବ ରାଗିଯାଇ ଯୁକ୍ତିତର୍କ କରିଥିଲେ। ବଚସାବେଳେ ରଞ୍ଜିତଙ୍କୁ ଜୀବନରୁ ମାରିଦେବାକୁ ସଦାଶିବ ଧମକ ଦେଇ ସେଠାରୁ ଚାଲିଯାଇଥିଲେ। ରାତି ପ୍ରାୟ ୧୧ଟା ୫୮ରେ ରଞ୍ଜିତ ତାଙ୍କ ଦୋକାନ ଭିତରେ ଶୋଇଥିବାବେଳେ ସଦାଶିବ ପାଳନଡାରେ ନିଆଁ ଲଗାଇ ଦୋକାନ ଭିତରକୁ ଛାଟିଦେଇ ସେଠାରୁ ପଳାଇ ଯାଇଥିଲେ। ଦୋକାନ ଭିତରେ ଥିବା ବିଭିନ୍ନ ସାମଗ୍ରୀରେ ନିଆଁ ଲାଗି ଚାରିଆଡକୁ ବ୍ୟାପିଯାଇଥିଲା। ଦୋକାନ ଜଳି ଉଠିବାରୁ ଭିତରେ ଶୋଇଥିବା ରଞ୍ଜିତଙ୍କର ନିଦ ଭାଙ୍ଗିଯାଇଥିଲା ଓ ସେ ଜୀବନ ବଞ୍ଚାଇ ବାହାରକୁ ଚାଲିଆସିଥିଲେ। ଖବରପାଇ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଥିଲା।

# ଧର୍ମେନ୍ଦ୍ର, ପାଣ୍ଡିଆନ, ବୈଜୟନ୍ତଙ୍କୁ 'ଜେଡ୍' ସୁରକ୍ଷା

## ମନମୋହନ, ଶରତ, ସାଲୁଜାଙ୍କୁ 'ୱାଇ'

ଭୁବନେଶ୍ୱର,୨୪।୪
(ସତ୍ୟଜିତ୍ ରାଉତ)



ODISHA POLICE,
SECURITY WING, SPECIAL BRANCH
BHUBANESWAR.

No.1942 / VIP / Security Dated the 2?th April, 2024.

To,
All District Supdts. of Police, Odisha including Supdts. of Police, Berhampur / Rourkela / D.Cs.P, Bhubaneswar / Cuttack / SsRP, Cuttack / Rourkela / Supdt. of Police, SB, Bhubaneswar.

Ref : State Level Security Committee Meeting held on Dtd. 18.09.2023.
Sub : Security Reviews of protectees-reg.

With reference to the above cited subject, it is to intimate that last State Level Security Committee Meeting was held on Dtd. 18.09.2023. Provision of following scales of security cover as noted against each have been made for the security of the protectees during the above SLSC Review Meeting. However, keeping in view of the present threat perception and ensuing simultaneous General Election to Lok Sabha and State Legislative Assembly-2024, the existing security have been reviewed. After careful consideration and to avoid any untoward incidents, pending approval of the next SLSC Meeting, Government has been pleased to enhance the security cover of the protectees as per the following.

| Sl. No. | Name of the protectee | Existing scale of security as per SLSC-2023 | Present scale of security to be provided |
|---|---|---|---|
| 1. | Shri Dharmendra Pradhan, Hon'ble Union Minister | "Y" MHA Category - 02 PSOs, 01 Havildar & 04 APR as House Guard with Pilot/Escort | "Z" Scale of security |
| 2. | Shri V.K.Pandian, IAS (Retd.), Chairman, 5-T (Transformation & Initiatives), Former PS to Hon'ble CM, Odisha | 02 PSOs, 01 Havildar & 04 APR as House Guard, 01 Havildar & 04 Constables as Escort | "Z" Scale of security |
| 3. | Shri Baijayanta Panda, National Vice-President, BJP | Nil | "Z" Scale of security |
| 4. | Shri Manmohan Samal, State President, BJP | 01 PSO from Commissionerate Police | "Y" Scale of security |
| 5. | Shri Sarat Pattanayak, President OPCC | 01 PSO from Commissionerate Police | "Y" Scale of security |
| 6. | Shri Santosh Singh Saluja, Hon'ble MLA, Kantabanji A/C | 02 PSOs from SP, Bolangir | "Y" Scale of security |

Contd.

ଚଳିତ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର କେତେଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇଛନ୍ତି। ସେମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ପାଇଁ 'ଜେଡ୍' ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଷ୍ଟେଟ ଲେଭଲ ସିକ୍ୟୁରିଟି କମିଟି-୨୦୨୩ ଅନୁଯାୟୀ ଧର୍ମେନ୍ଦ୍ରଙ୍କୁ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର 'ୱାଇ' କ୍ୟାଟେଗୋରି ସୁରକ୍ଷା ବ୍ୟବସ୍ଥା ମିଳୁଥିଲା। ଏଥିପାଇଁ ତାଙ୍କୁ ହାଉସ ଗାର୍ଡ, ପାଇଲଟ୍ ଏବଂ ଏସ୍କର୍ଟ ନିମନ୍ତେ ୨ ପିଏସ୍‌ଓ, ଜଣେ ହାବିଲଦାର୍, ୪ ଜଣ ଏପିଆର୍‌ଙ୍କୁ ନିୟୋଜିତ କରାଯାଉଥିଲା। ସେହିପରି ପାଣ୍ଡିଆନ୍‌ଙ୍କ ହାଉସ୍ ଗାର୍ଡ ପାଇଁ ୨ପିଏସ୍‌ଓ, ଜଣେ ହାବିଲଦାର, ୪ଜଣ ଏପିଆର୍ ଏବଂ ଏସ୍କର୍ଟ ପାଇଁ ଜଣେ ହାବିଲଦାର, ୪ ଜଣ କନଷ୍ଟେବଲ ନିଯୁକ୍ତ ଥିଲେ। ବୈଜୟନ୍ତଙ୍କୁ ପୂର୍ବରୁ କୌଣସି ସୁରକ୍ଷା ଯୋଗାଇ ଦିଆଯାଇ ନ ଥିଲା। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ସୁରକ୍ଷାକୁ 'ୱାଇ' କ୍ୟାଟେଗୋରିକୁ ବଢ଼ାଯାଇଛି। ପୂର୍ବରୁ ମନମୋହନ ଓ ଶରତଙ୍କ ସୁରକ୍ଷା ପାଇଁ କମିଶନରେଟ୍ ପୋଲିସ ଦ୍ୱାରା ଜଣେ ଲେଖାଏ ପିଏସ୍‌ଓ ନିୟୋଜିତ ଥିଲେ। ସେହିପରି ସାଲୁଜାଙ୍କ ଲାଗି ବଲାଙ୍ଗୀର ଏସ୍‌ପିଙ୍କ ପକ୍ଷରୁ ୨ଜଣ ପିଏସ୍‌ଓଙ୍କୁ ନିୟୋଜିତ କରାଯାଇଥିଲା। ଉପରୋକ୍ତ ବ୍ୟକ୍ତିମାନଙ୍କ ନୂଆ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଓଡ଼ିଶା ପୋଲିସର ସ୍ପେଶାଲ୍ ବ୍ରାଞ୍ଚ ସିକ୍ୟୁରିଟି ୱିଙ୍ଗ୍ ପକ୍ଷରୁ ରାଜ୍ୟର ସମସ୍ତ ଏସ୍‌ପି, ଡିସିପିଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

# ଅଶ୍ୱିନୀ ବୈଷ୍ଣବଙ୍କ ବିରୋଧରେ ମାମଲା ଖାରଜ

## ଆବେଦନକାରୀଙ୍କୁ ୫ ଲକ୍ଷ ଜରିମାନା

କଟକ,୨୪।୪ (କାର୍ତ୍ତିକ ସାହୁ)

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବିରୋଧରେ ତଥ୍ୟ ଲୁଚାଇବା ଅଭିଯୋଗ ନେଇ ଦାଏର ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ମାମଲା କରାଯାଇଥିବା ଓ ଏହାଦ୍ୱାରା କୋର୍ଟଙ୍କ ସମୟ ନଷ୍ଟ ହୋଇଥିବା ଦର୍ଶାଇ ହାଇକୋର୍ଟ ଏହାକୁ ବୁଧବାର ଖାରଜ କରିବା ସହ ଆବେଦନକାରୀ ଭାଗ୍ୟଧର ବେହେରାଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ ସପ୍ତାହ ମଧ୍ୟରେ ହାଇକୋର୍ଟ ବାର୍ ଆସୋସିଏଶନ୍‌ର ଓକିଲ କଲ୍ୟାଣ ପାଣ୍ଠିରେ ଉକ୍ତ ଜରିମାନା ରାଶି ଜମା କରିବାକୁ ହାଇକୋର୍ଟ କହିଛନ୍ତି।

ସୂଚନା ଅନୁସାରେ, ୨୦୧୯ ରାଜ୍ୟ ସଭା ନିର୍ବାଚନରେ ଅଶ୍ୱିନୀ ବୈଷ୍ଣବ ନିଜ ନାମାଙ୍କନ ପତ୍ରରେ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ଭାଗ୍ୟଧର ହାଇକୋର୍ଟରେ ଏହି ମାମଲା ଦାଏର କରିଥିଲେ। ନାମାଙ୍କନ ସମୟରେ ଅଶ୍ୱିନୀ ସରକାରଙ୍କ ଅଧୀନରେ ଚୁକ୍ତି ଭିତ୍ତିରେ କାର୍ଯ୍ୟ କରୁଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଥିଲେ। ମାମଲାର ଶୁଣାଣି ଚାଲିଥିବାବେଳେ ଅଶ୍ୱିନୀ ବୈଷ୍ଣବଙ୍କ ପକ୍ଷରୁ ହାଇକୋର୍ଟରେ ଜବାବ ଦାଖଲ କରାଯାଇଥିଲା। ସରକାରଙ୍କ ଅଧୀନରେ ନୁହେଁ, ବରଂ ଅଶ୍ୱିନୀ ଏକ ଘରୋଇ ସଂସ୍ଥାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ନାମାଙ୍କନ ପତ୍ର ଦାଖଲ ବେଳକୁ ସେ ଇସ୍ତଫା ଦେଇସାରିଥିଲେ। ତାଙ୍କ ଇସ୍ତଫା ନେଇ ରେଜିଷ୍ଟ୍ରାର ଅଫ କମ୍ପାନୀଜ୍‌କୁ ମଧ୍ୟ ଅବଗତ କରାଯାଇଥିଲା ବୋଲି ଅଶ୍ୱିନୀଙ୍କ ପକ୍ଷରୁ ତାଙ୍କ ଓକିଲ ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଏଥିସହ ଏ ସଂକ୍ରାନ୍ତୀୟ ତଥ୍ୟ ମଧ୍ୟ ଉପସ୍ଥାପନ କରାଯାଇଥିଲା। ତେବେ ୨୦୧୯ ରାଜ୍ୟ ସଭା ନିର୍ବାଚନ ଶେଷ ହୋଇ ୨୦୨୪ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହେବା ପରେ ଏଭଳି ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କୋର୍ଟ ଅନୁଭବ କରିଥିଲେ। ସେଥିପାଇଁ ଆବେଦନକାରୀ ଭାଗ୍ୟଧରଙ୍କ ଉପରେ ଜରିମାନା ଲାଗୁ କରାଯାଉଛି ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

## ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ: ହାଇକୋର୍ଟ



ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତ ଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

# ଏଆଇର ଭବିଷ୍ୟତ


ଡାରୋନ ଆକେମୋଗ୍ଲୁ
ପ୍ରଫେସର (ଇକୋନୋମିକ୍ସ) ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି


ସିମନ ଜନ୍‌ସନ
ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ଇଣ୍ଟରନ୍ୟାଶନାଲ ମନିଟାରି ଫଣ୍ଡ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଭଲ ଚାକିରି ପ୍ରତି ବିପଦ ସୃଷ୍ଟି କରିଛି, ଯାହା ଏକ ନୂଆ ସମସ୍ୟା ପରି ମନେହୁଏ। ବ୍ରିଟିଶ ଶିଳ୍ପ ବିପ୍ଲବକୁ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଥିବା ତଥା ଆଧୁନିକ ଅର୍ଥନୀତିର ପ୍ରତିଷ୍ଠାତା ଡେଭିଡ୍ ରିକାର୍ଡୋଙ୍କ ଅନୁଧ୍ୟାନରୁ ଆମେ ଏଭଳି ସମସ୍ୟା ଉପରେ ଉପଯୋଗୀ ଧାରଣା ପାଇପାରିବା। ଏବେ ବେସରକାରୀ କ୍ଷେତ୍ରର ବୈଷୟିକ ନେତାମାନେ ଆମକୁ ଭବିଷ୍ୟତରେ କାର୍ଯ୍ୟରେ କମ୍ ଚାପ, କମ୍ ବିରକ୍ତିକର ବୈଠକ, ଅଧିକ ଅବକାଶ ସମୟ ଏବଂ ସମ୍ଭବତଃ ଏକ ବୈଶ୍ୱିକ ମୌଳିକ ଆୟ ବିଷୟରେ ଉଜ୍ଜ୍ୱଳ ଭବିଷ୍ୟତର ପ୍ରତିଶ୍ରୁତି ଦିଅନ୍ତି। କିନ୍ତୁ ଆମେ ସେମାନଙ୍କୁ ବିଶ୍ୱାସ କରିବା ଉଚିତ କି? ୧୮୧୭ରେ ରିକାର୍ଡୋ ରାଜନୈତିକ ଅର୍ଥ ବ୍ୟବସ୍ଥା ଏବଂ ଟିକସୀକରଣ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଧ୍ୟାନ କରିଥିଲେ। ଏଥିରେ ସେ ଯନ୍ତ୍ରପାତି ଉପରେ ଏକ ସକାରାତ୍ମକ ଦୃଷ୍ଟିକୋଣ ନେଇଥିଲେ ଯାହା ସ୍ପିନିଂ ବା ସୂତାକଟାରେ ବଡ଼ ପରିବର୍ତ୍ତନ ଆଣିସାରିଛି। ସେହି ସମୟରେ ସେ ହାଉସ ଅଫ୍ କମନ୍ସକୁ କହିଥିଲେ ଯେ, ଯନ୍ତ୍ରପାତି ଶ୍ରମର ଚାହିଦା ହ୍ରାସ କରେ ନାହିଁ।

୧୭୦୦ ଦଶକରୁ ସ୍ୱୟଂଚାଳିତ ସ୍ପିନିଂ କପା ମୂଲ୍ୟ ହ୍ରାସ କରିଥିଲା ଏବଂ ସ୍ପୁନ୍ କପାରୁ ଲୁଗା ବୁଣିବା କାର୍ଯ୍ୟ ପାଇଁ ଚାହିଦା ବଢ଼ାଇଲା। ଯେହେତୁ ୧୮୧୦ ଦଶକ ପୂର୍ବରୁ ସବୁ କିଛି ହାତବୁଣା ଥିଲା, ଚାହିଦା ଦୃଷ୍ଟିରୁ ଏହି ନୂତନତ୍ୱ ହସ୍ତତନ୍ତକୁ ଏକ ଉଚ୍ଚ ବେତନପ୍ରାପ୍ତ କାରିଗରି କାର୍ଯ୍ୟରେ ପରିଣତ କରିବାରେ ସାହାଯ୍ୟ କରିଥିଲା, ଯେଉଁଥିରେ ବହୁ ଶହ ଶହ ବ୍ରିଟିଶ ପୁରୁଷ ନିୟୋଜିତ ହୋଇଥିଲେ। ସ୍ୱୟଂଚାଳିତ ପଦ୍ଧତିର ଏହି ସକାରାତ୍ମକ ଅଭିଜ୍ଞତା ସମ୍ଭବତଃ ରିକାର୍ଡୋଙ୍କ ପ୍ରାରମ୍ଭିକ ଆଶାବାଦୀ ଦୃଷ୍ଟିକୋଣକୁ ସୂଚିତ କରିଥିଲା। କିନ୍ତୁ ବୃହତ୍ ଯନ୍ତ୍ରର ବିକାଶ ସ୍ପିନିଂରେ ଅଟକିଯାଇ ନ ଥିଲା। ଖୁବ୍ ଶୀଘ୍ର କାରଖାନାଗୁଡ଼ିକରେ ବାଷ୍ପ ଚାଳିତ ତନ୍ତ ନିୟୋଜିତ ହେଲା। କାରିଗରି ବୁଣାକାରମାନେ ନିଜ ଘରେ କାମ କରି ଭଲ ରୋଜଗାର କରିପାରିଲେ ନାହିଁ। ଏହା ବଦଳରେ ସେମାନେ କାରଖାନାଗୁଡ଼ିକରେ କଠୋର ଅନୁଶାସନ ଅଧୀନରେ ଅଧିକ ସମୟ କାମ କରୁଥିବାବେଳେ ନିଜ ପରିବାର ଚଳାଇବା ପାଇଁ ସଂଘର୍ଷକଲେ। ଉତ୍ତର ଇଂଲଣ୍ଡରେ ଏହା ବିରୋଧରେ ଉତ୍ତେଜନା ଓ ପ୍ରତିବାଦ ବ୍ୟାପିବାରୁ ରିକାର୍ଡୋ ତାଙ୍କ ମତ ବଦଳାଇଲେ। ୧୮୨୧ରେ ପ୍ରକାଶିତ ତାଙ୍କର ପ୍ରଭାବଶାଳୀ ପୁସ୍ତକର ତୃତୀୟ ସଂସ୍କରଣରେ ମେଶିନ ଉପରେ ଏକ ନୂତନ ଅଧ୍ୟାୟ ଯୋଡ଼ିଥିଲେ। ଏଥିରେ କହିଥିଲେ, ଯଦି ଯନ୍ତ୍ରପାତି ଏବେ ଶ୍ରମିକ କରୁଥିବା ସମସ୍ତ କାର୍ଯ୍ୟ କରିପାରିବ,ତେବେ ଶ୍ରମର କୌଣସି ଚାହିଦା ରହିବ ନାହିଁ। ସମାନ ବିଚାର ଆଜି ମଧ୍ୟ ପ୍ରଯୁଜ୍ୟ।

୧୮୧୦-୧୮୨୦ ଦଶନ୍ଧିରେ ସଂଘର୍ଷ କରୁଥିବା ଅଧିକାଂଶ ହସ୍ତତନ୍ତ କାରିଗର ନୂଆ ତନ୍ତ କାରଖାନାକୁ ଗଲେନାହିଁ। କାରଣ ଯାନ୍ତ୍ରିକ ତନ୍ତ ପାଇଁ ଅଧିକ ଲୋକଙ୍କର ଆବଶ୍ୟକତା ନ ଥିଲା। ଅନ୍ୟପକ୍ଷରେ ସୂତାକଟାର ସ୍ୱୟଂଚାଳନ ଅଧିକ ଲୋକଙ୍କ ପାଇଁ ବୁଣାକାର ଭାବେ କାର୍ଯ୍ୟ କରିବା ଲାଗି ସୁଯୋଗ ସୃଷ୍ଟି କରିଥିଲା। ଅନ୍ୟପକ୍ଷରେ ବୟନର ସ୍ୱୟଂଚାଳନ ଅନ୍ୟ ସେକ୍ଟରରେ ପରିପୂରକ ଭାବେ ଶ୍ରମ ଚାହିଦା ସୃଷ୍ଟିକରି ନ ଥିଲା। ଅନ୍ୟ କିଛି ବିକଳ୍ପ ଉପରେ ନିର୍ଭରକରି ଅନେକ ହଜାର ହସ୍ତତନ୍ତ ବୁଣାକାର ମଜୁରି ଅଧାରୁ ଅଧିକ କମ୍ ହେଲେ ବି ସେମାନଙ୍କ ବୃତ୍ତିରେ ରହିଲେ। ଆଉ ଏକ ପ୍ରମୁଖ ସମସ୍ୟା ଥିଲା ଫ୍ୟାକ୍ଟ୍ରିର କଠିନ ପରିସ୍ଥିତିରେ କାମ କରିବା। ଏହା ଉପରେ ରିକାର୍ଡୋ ନିଜେ କିଛି ଚିନ୍ତାକରି ନ ଥିଲେ। ୧୮୦୦ ଦଶକ ପ୍ରାରମ୍ଭର ମାଲିକ ନିୟନ୍ତ୍ରିତ ଷ୍ଟାଟାନିକ୍ ମିଲ୍ସର ଏକ ଛୋଟ ଗୋଷ୍ଠୀ ହସ୍ତତନ୍ତ ବୁଣାକାରମାନଙ୍କୁ ଆକର୍ଷିତ କରି ନ ଥିଲା। ଫଳରେ ଅନେକ କାରିଗରି ବୁଣାକାର ସ୍ୱାଧୀନ ବ୍ୟବସାୟୀ ଏବଂ ଏଣ୍ଟରପ୍ରେନ୍ୟୁୟର ଭାବେ କାର୍ଯ୍ୟ କରି ଥିଲେ। ସେମାନେ ସ୍ପୁନ୍ କଟନ କିଣୁଥିଲେ ଏବଂ ପରେ ସେଥିରୁ ବୁଣୁଥିବା ଉତ୍ପାଦଗୁଡ଼ିକୁ ବଜାରରେ ବିକ୍ରି କରୁଥିଲେ। ଅଧିକ ସମୟ, ଅଧିକ ଶୃଙ୍ଖଳା, କମ୍ ସ୍ୱାଧୀନତା ଏବଂ କମ୍ ବେତନକୁ ସ୍ୱୀକାର କରିବାକୁ ଆଗ୍ରହୀ ନ ଥିଲେ। ବିଭିନ୍ନ ରୟାଲ କମିଶନଙ୍କ ଦ୍ୱାରା ସଂଗୃହୀତ ସାକ୍ଷ୍ୟ ପ୍ରମାଣରେ ବୁଣାକାରମାନେ ଏପରି କାର୍ଯ୍ୟ ପରିସ୍ଥିତିକୁ ଗ୍ରହଣ କରିବାକୁ ମନା କରିବା ସହ ଏହା ବିଷୟରେ କଟୁ ମନ୍ତବ୍ୟ ଦେଇଥିଲେ କିମ୍ବା ଯେତେବେଳେ ସେମାନେ ଏପରି କାର୍ଯ୍ୟ କରିବାକୁ ବାଧ୍ୟ ହୋଇଥିଲେ (ଅନ୍ୟ ବିକଳ୍ପ ଅଭାବରୁ) ସେତେବେଳେ ସେମାନଙ୍କ ଜୀବନ କେତେ ଭୟଙ୍କର ହୋଇଗଲା ତାହା ମଧ୍ୟ ଦର୍ଶାଇଥିଲେ।

ନୂଆ କିଛି ସୃଷ୍ଟି କରିପାରୁଥିବା ଏବକାର ଏଆଇର ବହୁତ ବଡ଼ ସମ୍ଭାବନା ଅଛି ଏବଂ ବୈଜ୍ଞାନିକ ଗବେଷଣା ସହ ଅନ୍ୟ କ୍ଷେତ୍ରରେ କିଛି ଚିତ୍ତାକର୍ଷକ ସଫଳତା ହାସଲ କରିସାରିଛି। ଶ୍ରମିକମାନେ ଅଧିକ ସୂଚନାପ୍ରାପ୍ତ, ଅଧିକ ଉତ୍ପାଦନକାରୀ, ଅଧିକ ସ୍ୱାଧୀନ ଏବଂ ବହୁମୁଖୀ ହେବା ପାଇଁ ଏହା ଭଲ




ଭାବରେ ବ୍ୟବହୃତ ହୋଇପାରେ। ଦୁର୍ଭାଗ୍ୟବଶତଃ ବୈଷୟିକ ଶିଳ୍ପରେ ଏହାକୁ ଅନ୍ୟ ଭାବେ ବ୍ୟବହାର କରାଯିବାର ମାନସିକତା ଥିବା ପରି ମନେହୁଏ। ଶକ୍ତି ଏବଂ ପ୍ରଗତି କ୍ଷେତ୍ରରେ ବଡ଼ କମ୍ପାନୀଗୁଡ଼ିକ ଏଆଇର ବିକାଶ ଏବଂ ନିୟୋଜନ କରି ଲୋକଙ୍କୁ ଅଧିକ ଉତ୍ପାଦନକରୀ କରିବା ବଦଳରେ ଅତ୍ୟଧିକ ମାତ୍ରାରେ ସ୍ୱୟଂଚାଳିତ (ଲୋକଙ୍କୁ ବଦଳାଇବା) ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିରୁ ବୁଝାପଡୁଛି ଯେ, ଆମେ ଅତ୍ୟଧିକ ସ୍ୱୟଂଚାଳନ ବା ଅଟୋମେଶନର ବିପଦକୁ ଆଗକୁ ସାମ୍ନା କରିବୁ। ଅନେକ ଶ୍ରମିକ ଚାକିରି ଛାଡ଼ିବେ ଏବଂ ଯେଉଁମାନେ ଚାକିରିରେ ରହିବେ ସେମାନେ ନିରୀକ୍ଷଣ ଏବଂ ନିୟନ୍ତ୍ରଣର ଅଧିକ ଅପମାନଜନକ ସ୍ଥିତିର ସମ୍ମୁଖୀନ ହେବେ। ଦ୍ରୁତ ଓ କଠୋର ପଦକ୍ଷେପ ନେବା ନୀତିର ଆବଶ୍ୟକ ପଡ଼ିବ। ଏହା ବ୍ୟତୀତ କର୍ମକ୍ଷେତ୍ରରେ ଏବଂ ସମାଜର ସମସ୍ତ ଅଞ୍ଚଳରେ ପ୍ରଚୁର ତଥ୍ୟ ସଂଗ୍ରହକୁ ଉତ୍ସାହିତ କରିବାରେ କେତେ ଗୋପନୀୟତା ରହିବ ତାହା ପ୍ରଶ୍ନବାଚୀ ସୃଷ୍ଟିକରେ।

ଏପରି ଏକ ଭବିଷ୍ୟତ ଅପରିହାର୍ଯ୍ୟ ନୁହେଁ। ତଥ୍ୟ ସଂଗ୍ରହର ନିୟମାବଳୀ ଗୋପନୀୟତା ରକ୍ଷା କରିବାରେ ସାହାଯ୍ୟ କରିବ ଏବଂ କାର୍ଯ୍ୟକ୍ଷେତ୍ରର ଦୃଢ଼ ନିୟମ ଏଆଇ ଆଧାରିତ ନିରୀକ୍ଷଣର ଖରାପ ଦିଗକୁ ରୋକିପାରେ। କିନ୍ତୁ ଅଧିକ ମୌଳିକ କାର୍ଯ୍ୟ ହେଉଛି ଏଆଇ ବିଷୟରେ ସାମଗ୍ରିକ କାହାଣୀକୁ ପରିବର୍ତ୍ତନ କରିବାକୁ ହେବ ବୋଲି ରିକାର୍ଡୋ ଆମକୁ ମନେପକାଇଦିଅନ୍ତି। ତାଙ୍କ ଜୀବନ ଏବଂ ଗବେଷଣାରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହେଉଛି ଯେ ମେଶିନଗୁଡ଼ିକ ଅବଶ୍ୟ ଭଲ କିମ୍ବା ଖରାପ ନୁହେଁ। ମେଶିନଗୁଡ଼ିକ ଚାକିରି ନଷ୍ଟ କରନ୍ତି କିମ୍ବା ସୃଷ୍ଟି କରନ୍ତି ତାହା ସେଗୁଡ଼ିକୁ ନିୟୋଜିତ କରିବାର ପସନ୍ଦ ଉପରେ ନିର୍ଭରକରେ। ରିକାର୍ଡୋଙ୍କ ସମୟରେ କାରଖାନା ମାଲିକମାନଙ୍କର ଏକ ଛୋଟ କ୍ୟାଡର ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ସ୍ୱୟଂଚାଳନ ଏବଂ ଶ୍ରମିକମାନଙ୍କୁ ଯଥାସମ୍ଭବ ହ୍ରାସ କରିବା ଉପରେ କେନ୍ଦ୍ରିତ ଥିଲା।

ସମ୍ପ୍ରତି ଟେକ୍ ନେତାଙ୍କ ଏକ ଛୋଟ ଗୋଷ୍ଠୀ ମଧ୍ୟ ସମାନ ରାସ୍ତା ଅବଲମ୍ବନ କରୁଥିବା ପରି ମନେହୁଏ। କିନ୍ତୁ ନୂଆ ସୁଯୋଗ, ମଣିଷଙ୍କ ପାଇଁ ନୂଆ କାମ ସୃଷ୍ଟି କରିବା ଉପରେ ଧ୍ୟାନଦେବା ଏବଂ ସମସ୍ତଙ୍କ ପାଇଁ ସମ୍ମାନ ଦେବା ଅପେକ୍ଷାକୃତ ଏକ ଉତ୍ତମ ପରିଣାମ ନିଶ୍ଚିତ କରିବ। ଏଆଇ ସମର୍ଥକ ଶ୍ରମିକ ହେବା ସମ୍ଭବ ହେବ ଯଦି ଆମେ ବୈଷୟିକ ଶିଳ୍ପରେ ନୂତନତ୍ୱର ଦିଗ ପରିବର୍ତ୍ତନ କରି ନୂତନ ନିୟମାବଳୀ ଏବଂ ବ୍ୟବସ୍ଥାଗୁଡ଼ିକ ପ୍ରବର୍ତ୍ତନ କରିପାରିବା। ତେବେ ରିକାର୍ଡୋଙ୍କ ସମୟରେ ବ୍ୟବସାୟ ଏବଂ ବୈଷୟିକ ନେତୃବର୍ଗଙ୍କ ଉପରେ ବିଶ୍ୱାସ କରିବା ଅନଭିଜ୍ଞତାର ପରିଚୟ ଦେବ। ଶିଳ୍ପ ବିପ୍ଳବ ସମୟରେ ପ୍ରକୃତ ଗଣତନ୍ତ୍ର ସୃଷ୍ଟି କରିବା, ଟ୍ରେଡ୍ ୟୁନିୟନକୁ ଆଇନଗତ କରିବା ଏବଂ ବ୍ରିଟେନରେ ବୈଷୟିକ ପ୍ରଗତିର ଦିଗ ବଦଳାଇବା ପାଇଁ ରାଜନୈତିକ ସଂସ୍କାର ଆବଶ୍ୟକ କରିଥିଲା। ସେହି ସମାନ ମୌଳିକ ଆହ୍ୱାନକୁ ଆମେ ଆଜି ସାମ୍ନା କରୁଛୁ।

## ଏଇ ଭାରତରେ

ମାନଗଙ୍ଗା ନଦୀକୁ ପୁନରୁଦ୍ଧାର କରି ନୂଆ ଜୀବନ ଦେଇଛନ୍ତି ମହାରାଷ୍ଟ୍ର ସୋଲାପୁର ଜିଲାର ଭଜିନାଥ ଘୋଙ୍ଗାଡେ । ଏକ ଦଶନ୍ଧି ମଧ୍ୟରେ ଲୋକମାନଙ୍କୁ ଏକାଠି କରି ସେ ଏହି କାର୍ଯ୍ୟରେ ସଫଳତା ପାଇପାରିଛନ୍ତି। ଭଜିନାଥଙ୍କ ବୟସ ୭୭। ସେ କୃଷି ବିଭାଗରେ ଚାକିରି କରିଥିଲେ ଓ ଅବସର ନେବା ପରେ ମାନଗଙ୍ଗାକୁ ପୁନରୁଦ୍ଧାର କରିବାକୁ ନିଷ୍ପତ୍ତି ନେଇଥିଲେ। ଭଜିନାଥ ୨୦୧୧ରୁ ଲୋକମାନଙ୍କ ସହଯୋଗରେ ୭୫ କି.ମି. ବ୍ୟାପୀ ପ୍ରବାହିତ ଏହି ନଦୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ପ୍ରଥମେ ହର୍ଟିକଲଚରିଷ୍ଟ, ବଟାନିଷ୍ଟ ଏବଂ ଜଳସେଚନ ବିଶେଷଜ୍ଞ, ଅବସରପ୍ରାପ୍ତ ସେନା କର୍ମଚାରୀ,ଶିକ୍ଷାବିତ୍‌ମାନଙ୍କୁ ନେଇ ଏକ ୧୧ ଜଣିଆ ଟିମ୍ ଗଠନ କରିଥିଲେ। ସେମାନେ ନଦୀ ପ୍ରବାହ ଉପରେ ଅନୁଧ୍ୟାନ କରିବା ପରେ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା। ନଦୀକୂଳର ଗ୍ରାମବାସୀମାନଙ୍କୁ ନେଇ ସେମାନେ କାର୍ଯ୍ୟ ଆରମ୍ଭ କରିଥିଲେ। ନଦୀ ଶଯ୍ୟାରୁ ବିଭିନ୍ନ ଦଳ, ବୁଦାଗଛ ଆଦି ସଫା କରିବା ସହ ସ୍ରୋତରେ ପ୍ରତିବନ୍ଧକ ସାଜୁଥିବା ବର୍ଜ୍ୟ ମଧ୍ୟ ହଟାଇଦେଇଛନ୍ତି। ସେମାନେ 'ମାନଗଙ୍ଗା ବ୍ରହ୍ମନ୍‌ସେବା ମଲ୍‌ଟିପର୍ପସ ସୋସାଇଟି' ଗଠନ କରିଛନ୍ତି। ତା'ମାଧ୍ୟମରେ ପାଣି ଯୋଗାଡ଼ କରି ଏହି କାର୍ଯ୍ୟ କରିପାରିଛନ୍ତି। ନଦୀ ପୁନରୁଦ୍ଧାର ହେବା ପରେ ମରୁଡ଼ିପ୍ରବଣ ସୋଲାପୁର ଜିଲାରେ ଜଳସେଚନରେ ଏହା ସହାୟକ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୫ ଏପ୍ରିଲ ୧୯୭୫

- ଦେଶର ଜାତୀୟ ବିମାନପଥ (ଟ୍ରଙ୍କରୁଟ୍‌ସ)ଗୁଡ଼ିକରେ ଯାତ୍ରୀ ଭିଡ଼ ସମ୍ଭାଳିବା ପାଇଁ ତିନିଟି ଉଡ଼ନ୍ତା ବସ୍ କିଣିବା ପାଇଁ ଇଣ୍ଡିଆନ ଏୟାରଲାଇନ୍ସକୁ କେନ୍ଦ୍ର ସରକାରଙ୍କ ଅନୁମତି।
- ଟାଞ୍ଜାନିୟା ଓ ମୋଜାମ୍ବିକ୍‌ଠାରୁ ୨୫ କୋଟି ଟଙ୍କାର ଅଶୋଧିତ କାଜୁ ବାଦାମ କିଣିବା ନିମନ୍ତେ ଭାରତ ସହ ଏକ ଚୁକ୍ତି ସ୍ୱାକ୍ଷରିତ।
- ଦକ୍ଷିଣ ଭିଏତ୍‌ନାମର ରାଷ୍ଟ୍ରପତି ଟ୍ରାନଭାନ ହ୍ୱଙ୍ଗ ଜେନେରାଲ ମିଉନଙ୍କୁ ନୂତନ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ନିମନ୍ତ୍ରଣ କରିଛନ୍ତି।

# ନିର୍ବାଚନ, ନେତା ଓ ଭୋଟର


ବିଚିତ୍ର ବିଶ୍ୱାଳ

ନିର୍ବାଚନର ଉଷ୍ମତା ସମଗ୍ର ଦେଶ ସମେତ ଆମ ରାଜ୍ୟ ରାଜନୀତିରେ ଅନୁଭବ ହେଉଛି। ସାରା ଦେଶ ଗଣତନ୍ତ୍ରର ମହାପର୍ବ ପାଇଁ ଉତ୍ସବମୁଖର ହୋଇଉଠିଛି। ଏହି ନିର୍ବାଚନରେ ଦେଶର ପ୍ରାୟ ୯୭ କୋଟି ଭୋଟର ୧୦.୫ ଲକ୍ଷ ଭୋଟଦାନ କେନ୍ଦ୍ରରେ ନିଜର ଭୋଟ ଦେବେ। ସମ୍ପ୍ରତି ସବୁଠି ଲୋକମାନଙ୍କର ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ହେଉଛି ନିର୍ବାଚନ। କିନ୍ତୁ ପ୍ରଶ୍ନ ଉଠୁଛି, ଏହି ନିର୍ବାଚନରେ ଲୋକମାନଙ୍କର ବାସ୍ତବ ଭୂମିକା କ'ଣ ହେବ। ଲୋକମାନେ କ'ଣ ନିର୍ବାଚନର ଅଗ୍ରଭାଗରେ ଅଛନ୍ତି। କଥାରେ ଅଛି ଗଣତନ୍ତ୍ର ଲୋକଙ୍କର, ଲୋକଙ୍କ ଦ୍ୱାରା ଓ ଲୋକଙ୍କ ପାଇଁ। କିନ୍ତୁ ଆଜିର ଗଣତନ୍ତ୍ର କେତେ ମାତ୍ରାରେ ଲୋକଙ୍କର, ଲୋକଙ୍କ ଦ୍ୱାରା ଓ ଲୋକଙ୍କ ପାଇଁ, ଏହା ଏକ ମୁକ୍ତ ସମୀକ୍ଷା ଆବଶ୍ୟକ କରେ। ଏହା ସତ୍ୟ ଯେ, ଗଣତନ୍ତ୍ରକୁ ମଜଭୁତ କରିବା ଦିଗରେ ଲୋକମାନଙ୍କର ଏକ ବଳିଷ୍ଠ ଭୂମିକା ରହିଛି। ଗଣତନ୍ତ୍ର ପ୍ରତିଷ୍ଠାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଉଛି ନିର୍ବାଚନ ତଥା ଭୋଟ ପ୍ରକ୍ରିୟା। ଏହି ପ୍ରକ୍ରିୟାରେ ଲୋକମାନଙ୍କ ସମସ୍ୟା, ପ୍ରସଙ୍ଗ ଓ ଭାବନାକୁ କ'ଣ ମୁକ୍ତ ଭାବେ ଗୁରୁତ୍ୱ ଦିଆଯାଉଛି? ଏହାର ଏକମାତ୍ର ଉତ୍ତର ହେବ, ଗଣତନ୍ତ୍ରର ସାଇନ୍‌ବୋର୍ଡକୁ ବଞ୍ଚେଇରଖିବା ପାଇଁ ଲୋକମାନଙ୍କୁ ଭୋଟିଂ ମେଶିନର ସୁଇଚ୍ ଟିପୁଥିବା ଓ ଆଙ୍ଗୁଠିରେ କାଳି ମାରୁଥିବା ଭୋଟର ଭାବେ କେବଳ ବ୍ୟବହାର କରାଯାଉଛି।

ଦଳଗୁଡ଼ିକ ଦ୍ୱାରା ଟିକେଟ ବଣ୍ଟନ ପରେ ଏବେ ଗାଁ ଗହଳିରେ ନେତାଙ୍କ ଭିଡ଼ । କିଏ ଦଳିତ ଘରେ ଖାଉଛି ତ କିଏ ଗାଁ ଲୋକଙ୍କ ଅଷ୍ଟମ ପ୍ରହରୀରେ ନାଚୁଛି। କେଉଁ ନେତା ବୁଲି ବୁଲି ମନ୍ଦିରରେ ପୂଜା କରୁଛନ୍ତି ତ କିଏ ଗାଁ କ୍ରିକେଟ ଟୁର୍ନାମେଣ୍ଟରେ ଅତିଥି ହେଉଛନ୍ତି। ସମସ୍ତଙ୍କର କେବଳ ଗୋଟିଏ ଲକ୍ଷ୍ୟ, ଲୋକଙ୍କୁ କଳେ ବଳେ କୌଶଳେ ପ୍ରଭାବିତ କରି ଭୋଟ ହାସଲ କରିବା। ଆମେ ଜାଣିଛେ, ଭୋଟ ସରିଯିବା ପରେ ନେତାମାନଙ୍କୁ ଖୋଜିଲେ ଗାଁରେ ଦେଖିବାକୁ ମିଳିବ ନାହିଁ। ସେଥିପାଇଁ ଏହି ଭୋଟ ସମୟ ହିଁ ସାଧାରଣ ଲୋକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ। ସାଧାରଣ ଲୋକମାନେ ନିଷ୍ପତ୍ତି ନେବା ଉଚିତ, ସେମାନେ ନିଜର ସମସ୍ୟା ତଥା ପ୍ରସଙ୍ଗ ଆଦିକୁ ଦୃଷ୍ଟିରେ ରଖି ବିବେକାନୁମୋଦିତ ଭାବେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବେ ନା ଟଙ୍କା ମୋହରେ ପଡ଼ି ନିଜ ଭୋଟକୁ ବିକ୍ରିକରିବେ! ଉଭୟର ଫଳ କେବଳ ଲୋକମାନଙ୍କୁ ଭୋଗିବାକୁ ପଡ଼ିବ। ଏବେ ଉପଯୁକ୍ତ ସମୟ ଆସିଛି, ଲୋକମାନେ ନିଜକୁ ଦଳର ବା ନେତାଙ୍କର ଅନ୍ଧ ଅନୁସରଣକାରୀ ବୋଲି ପ୍ରମାଣ କରିବେ ନା ନିଜ ବିବେକ ବୁଦ୍ଧି ଖଟେଇ ଉପଯୁକ୍ତ ପ୍ରାର୍ଥୀକୁ ଚୟନ କରିବେ। ଏ ସମୟ ଚାଲିଗଲେ ୫ବର୍ଷ ଯାଏ ଲୋକଙ୍କ ପାଖରେ ଆଉ କିଛି ନ ଥିବ। ଅସଲ ଗଣତନ୍ତ୍ରକୁ ପ୍ରତିଷ୍ଠା କରିବାର ଗୁରୁଦାୟିତ୍ୱ ଲୋକଙ୍କ ହାତରେ।

ସମ୍ପ୍ରତି ନିର୍ବାଚନୀ ପ୍ରକ୍ରିୟାରେ ଲୋକମାନଙ୍କ ଭୂମିକା ଗୌଣ ହେବାରେ ଲାଗୁଛି। ରାଜନୈତିକ ଦଳଗୁଡ଼ିକ ସାଧାରଣ ଲୋକମାନଙ୍କୁ ଗୁରୁତ୍ୱ ଦେଉନାହାନ୍ତି। ସେମାନଙ୍କ ପାଇଁ ଭୋଟ ରାଜନୀତି ଏକ ପରିଚାଳନା (ମ୍ୟାନେଜ୍‌ମେଣ୍ଟ)ର ଖେଳ ହୋଇଯାଇଛି। ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ, ଚରିତ୍ର ଓ ବିଚାର ଅପେକ୍ଷା କେମିତି ଭୋଟ ରାଜନୀତିକୁ ପରିଚାଳନାକରି ଲୋକଙ୍କୁ ଭୁଆଁ ବୁଲେଇ ଭୋଟକୁ କେନ୍ଦ୍ରୀକରଣ କରିହେବ ତାହା ମୁଖ୍ୟ ହୋଇଯାଇଛି।



ଉପଯୁକ୍ତ ପ୍ରାର୍ଥୀ ଅପେକ୍ଷା ଭୋଟ ହାତେଇବା ପାଇଁ ରଣନୀତି ଅଧିକ ଜରୁରୀ ବୋଲି ରାଜନୈତିକ ଦଳଗୁଡ଼ିକ ଅନୁଭବ କରୁଛନ୍ତି ଓ ସେହି ହିସାବରେ ଗୋଟି ଚାଳନା କରୁଛନ୍ତି। ଏହା ଗଣତନ୍ତ୍ର ପାଇଁ ବିପଦର ବିଷୟ। ନିର୍ବାଚନ ସମୟରେ ସାଧାରଣ ଲୋକମାନଙ୍କ ସମସ୍ୟା ଓ ପ୍ରସଙ୍ଗ ଅପେକ୍ଷା ପ୍ରଶାନ୍ତ କିଶୋରଙ୍କ ପରି ନିର୍ବାଚନ ରଣନୀତିକାର ତଥା ମ୍ୟାନେଜ୍‌ମେଣ୍ଟ ଗୁରୁମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସେମାନେ ରାଜନୈତିକ ଦଳଗୁଡ଼ିକ ପାଇଁ ନିର୍ବାଚନ ଜିତିବାର ରାସ୍ତା ତିଆରି କରୁଛନ୍ତି। ସେଥିପାଇଁ କେତେବେଳେ ସେମାନେ ଲୋକଙ୍କୁ ଆକର୍ଷିତ କରିବା ପରି ସ୍ଲୋଗାନ ତିଆରି କରୁଛନ୍ତି ତ କେତେବେଳେ ଜାତି, ଧର୍ମ ଆଦିକୁ ନେଇ ଲୋକଙ୍କୁ ଭାଗ କରିବାର ଯୋଜନା କରୁଛନ୍ତି। ଗଣମାଧ୍ୟମଗୁଡ଼ିକ ନିର୍ବାଚନ ପାଇଁ ଯୋଜନାବଦ୍ଧ ଭାବେ ନେତାମାନଙ୍କର ଭାବମୂର୍ତ୍ତି, ଛଦ୍ମ ନାୟକ ତଥା ବିକାଶ ପୁରୁଷ ତିଆରି କରୁଛନ୍ତି। ଅନ୍ୟ ଅର୍ଥରେ କହିଲେ, ରାଜନୈତିକ ଦଳଗୁଡ଼ିକ ଲୋକମାନଙ୍କୁ ଭୁଆଁ ବୁଲେଇ ଭୋଟ ହାତେଇବାର କୌଶଳ କରୁଛନ୍ତି ଓ ସଫଳ ହେଉଛନ୍ତି। ଚଳିତ ନିର୍ବାଚନରେ ଏହା ତୀବ୍ର ହେଉଛି। ତେଣୁ ଏହି ନିର୍ବାଚନରେ ଲୋକମାନେ ନିର୍ବାଚନ ରଣନୀତିକାରଙ୍କ ଯୋଜନା, ଗଣମାଧ୍ୟମର ମିଛି ପ୍ରଚାର, ପ୍ରାୟୋଜିତ କୃତ୍ରିମ ପ୍ରସଙ୍ଗ ଆଦିରେ ଭଳି ନ ଯାଇ ରାଜନୈତିକ ଦଳଗୁଡ଼ିକୁ ଠିକ୍ ଶିକ୍ଷା ଦେବା ଉଚିତ। ଏହି ସୁଯୋଗ ଛାଡ଼ିଦେଲେ ଭବିଷ୍ୟତରେ ନିର୍ବାଚନରେ ଲୋକମାନଙ୍କ ଭୂମିକା ଅଧିକରୁ ଅଧିକ ଗୌଣ ହୋଇଚାଲିବ।

ଚଳିତ ନିର୍ବାଚନ ସମୟରେ ରେକର୍ଡ ସଂଖ୍ୟକ ପ୍ରାର୍ଥୀଙ୍କର ଦଳଡିଆଁ ଘଟଣା ଦେଖିବାକୁ ମିଳୁଛି। ଦିନେ ଖବର ଦେଖିବା ବନ୍ଦ କରିଦେଲେ ଜାଣି ହେବନି, କିଏ କେଉଁ ଦଳରେ ଅଛନ୍ତି। ଆଜି ଯିଏ ଗୋଟିଏ ଦଳରେ ଅଛି, ତାକୁ ଟିକେଟ ନ ମିଳିଲେ ସେ ଆଉ ଗୋଟିଏ ଦଳକୁ ଡେଇଁ ପଡୁଛି। ଏହି ଦଳଡିଆଁ ପଛରେ କୌଣସି ବିଚାର କି ଜନସେବାର ଉଦ୍ଦେଶ୍ୟ ନାହିଁ। ଉଦ୍ଦେଶ୍ୟ ହେଉଛି ଯେକୌଣସି ମତେ ଟିକେଟ ହାତେଇବା ଓ ନିର୍ବାଚନରେ ଅବତୀର୍ଣ୍ଣ ହେବା। ଯଦି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀମାନଙ୍କ ପାଇଁ ସାଧାରଣ ଲୋକମାନଙ୍କ ମତ ବା ଭାବନା ଗୁରୁତ୍ୱପୂର୍ଣ୍ଣ ହୋଇଥାନ୍ତା, ତେବେ ଦଳ ଡେଇଁବା ପୂର୍ବରୁ ସେମାନେ ଦୁଇଥର ଭାବନ୍ତେ। ଲୋକମାନେ ଚିନ୍ତା କରିବା ଉଚିତ, ସେମାନେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ପାଇଁ କେବଳ ସୁଇଚ୍ ଟିପି କାଳି ମାରୁଥିବା ଆଙ୍ଗୁଠି ହେବେ ନା ପ୍ରକୃତ ଅର୍ଥରେ ବିଚାର କରୁଥିବା, ବିବେକର ବ୍ୟବହାର କରୁଥିବା ଭୋଟର ହେବେ।

ପ୍ରତ୍ୟେକ ଲୋକ ନିଜ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଜୀବନ ସାରା ପରିଶ୍ରମ କରୁଛନ୍ତି। କିନ୍ତୁ ଅସଲ ଭବିଷ୍ୟତର ସୁରକ୍ଷା କରିବା କାମ ବେଳକୁ ତଥା ଭୋଟ ଦେବା ବେଳକୁ ଲୋକମାନେ କେବଳ ତୁରନ୍ତ ଲାଭ ମୋହରେ ଭୋଟଦାନ ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ଅବହେଳା କରୁଛନ୍ତି। ସମ୍ପ୍ରତି ରାଜନୈତିକ ଦଳଗୁଡ଼ିକ ଗରିବ, ବେକାରି, ଚାଷୀ ଆତ୍ମହତ୍ୟା ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଉ ନିର୍ବାଚନ ଲଢ଼ୁନାହାନ୍ତି। ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି ଉନ୍ନତି କରିବାର ପ୍ରତିଶ୍ରୁତି ଉପରେ ଆଜିକାଲି ଆଉ ନିର୍ବାଚନ ଲଢ଼ାଯାଉନାହିଁ। କେବଳ ବିଭିନ୍ନ ପ୍ରକାର ଅପ୍ରସଙ୍ଗ ଉଠେଇ ଲୋକଙ୍କ ଭାବାବେଗକୁ ଆନ୍ଦୋଳିତ କରି ଭୋଟ ଧ୍ରୁବୀକରଣର ରାଜନୀତି କରାଯାଉଛି। ରାଜନୈତିକ ଦଳଗୁଡ଼ିକ ଯେନତେନ ପ୍ରକାରେ ଭୋଟ ଜିତିବା ପାଇଁ ଏମିତି କୌଶଳ କରୁଛନ୍ତି, କିନ୍ତୁ ସାଧାରଣ ଲୋକମାନେ ନିଜ ସମସ୍ୟା, ଭବିଷ୍ୟତର ସୁରକ୍ଷା, ପ୍ରାର୍ଥୀଙ୍କ ଚରିତ୍ର, ବ୍ୟକ୍ତିତ୍ୱ ଆଦିକୁ ଲକ୍ଷ୍ୟ କରି ବିବେକାନୁମୋଦିତ ଭାବେ ଭୋଟ ପ୍ରଦାନକରି ଗଣତନ୍ତ୍ରକୁ ମଜଭୁତ କରିବା ପାଇଁ ଆଗେଇ ଆସିବା ଉଚିତ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ଫ୍ୟାଟ୍‌ରୁ ଫିଟ୍


ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ପିଲାଙ୍କର ମେଦବହୁଳତା ସାଧାରଣତଃ ଦୁଇ ପ୍ରକାରର। ପ୍ରଥମତଃ ଜନ୍ମଜାତ ବା ଆନୁବଂଶିକ, ଦ୍ୱିତୀୟତଃ ଜୀବନଶୈଳୀ ଆଧାରିତ। ଜନ୍ମଜାତ ମେଦବହୁଳତାର କାରଣ ଆନୁବଂଶିକ ଜେନେଟିକ୍ ବା ହର୍ମୋନ୍‌ଗତ ତ୍ରୁଟି ହୋଇପାରେ। ଏଥିପାଇଁ ବିଧିବଦ୍ଧ ଡାକ୍ତରୀ ଚିକିତ୍ସା ଆବଶ୍ୟକ ହୁଏ। କିନ୍ତୁ କିଶୋରାବସ୍ଥାରେ ମେଦବୃଦ୍ଧିର ମୁଖ୍ୟ କାରଣ ତ୍ରୁଟିପୂର୍ଣ୍ଣ ଜୀବନଶୈଳୀ। ଜଙ୍କ୍‌ଫୁଡ୍, ଫାଷ୍ଟଫୁଡ୍ ଖାଇବା ସହ ଶାରୀରିକ ସକ୍ରିୟତା ନ ରହିବା ଏହାର ମୁଖ୍ୟ କାରଣ। ଜୀବନଶୈଳୀ ଓ ଖାଦ୍ୟଶୈଳୀରେ ପରିବର୍ତ୍ତନ ଦ୍ୱାରା ଏହି ମୋଟାପଣ ଦୂରେଇହେବ।

ପିଲାଙ୍କ ବୟସ ଓ ଉଚ୍ଚତା ତୁଳନାରେ ଓଜନ ଅଧିକ ହେଲେ ରକ୍ତଚାପ ଏବଂ ମଧୁମେହର ଆଶଙ୍କା ବଢ଼ିଯାଏ। ଝିଅମାନେ ମୋଟା ହେଲେ ଋତୁସ୍ରାବରେ ଅନିୟମିତତାଦେଖାଯାଏ। ଯେଉଁ ମହିଳାମାନଙ୍କର ଗର୍ଭାବସ୍ଥାରେ ମଧୁମେହ ସମସ୍ୟା ଥାଏ ସେମାନଙ୍କ ସନ୍ତାନ ମୋଟାହେବାର ଆଶଙ୍କା ଅଧିକ। ସେମାନଙ୍କ ମଧ୍ୟରୁ ୭୦-୮୦ ପ୍ରତିଶତ ବଡ଼ ହେବାପରେ ବି ମେଦବହୁଳ ହୋଇ ରୁହନ୍ତି।

ପିଲାଙ୍କ ଓଜନ ପର୍ସେଣ୍ଟାଇଲରେ ମପାଯାଏ। ଅନ୍ୟ ଦେଶର ସେହି ବୟସ ଓ ଉଚ୍ଚତାର ପିଲାମାନଙ୍କ ଓଜନ ସହ ଆପଣଙ୍କ ପିଲାର ଓଜନ ଅନୁପାତ ନିଆଯାଏ ଏଥିରେ। ଏହି ଚାର୍ଟ ଡାକ୍ତରଙ୍କ ପାଖରେ ଥାଏ। ଏଥିରୁ ଜଣାପଡ଼େ ଆପଣଙ୍କ ପିଲା ମୋଟା ନା ନୁହେଁ। ଆପଣ ଇଣ୍ଟରନେଟ୍‌ରେ ମଧ୍ୟ ପର୍ସେଣ୍ଟାଇଲ ଚାର୍ଟରୁ ଓଜନ ଓ ଉଚ୍ଚତାର ଅନୁପାତ ଜାଣିପାରିବେ। ଏଥିରେ ସନ୍ଦେହ ଆସିଲେ ବିଏମ୍‌ଆଇ ଅନୁଯାୟୀ ମଧ୍ୟ ମେଦ ସମ୍ପର୍କରେ ସଚେତନ ହୋଇପାରିବେ। ଇଣ୍ଟରନେଟ୍‌ରେ ଚାଇଲ୍‌ଡ ବିଏମ୍‌ଆଇ କାଲ୍‌କୁଲେଟର ଦ୍ୱାରା ଆପଣ ପିଲାର ଲିଙ୍ଗ ଓ ବୟସ ହିସାବରେ ଓଜନ କେତେ ହେବା ଉଚିତ ତାହା ଜାଣିପାରିବେ।ଯଦି ପିଲାର ବିଏମ୍‌ଆଇ ୧୮ରୁ କମ୍ ତା'ହେଲେ ଜାଣିନିଅନ୍ତୁ ଶରୀର ପାଇଁ ଆବଶ୍ୟକ ପୋଷକତ୍ୱ ମିଳୁନାହିଁ। ଧଳା ଖାଦ୍ୟ ଯଥା- ଚିନି, ଚାଉଳ, ମଇଦା, ଲହୁଣି, ଛେନା ଇତ୍ୟାଦି ଉପରେ ନିୟନ୍ତ୍ରଣ ରଖନ୍ତୁ। ମିଠା ସହିତ ବନ୍ଧୁତା ଅଧିକ ବଢ଼ାନ୍ତୁ ନାହିଁ। ତେଲଛଣା ଏବଂ ଫାଷ୍ଟଫୁଡ୍ କମ୍ କରନ୍ତୁ। ମୃଦୁ ପାନୀୟଠାରୁ ଦୂରରେ ରୁହନ୍ତୁ। ପିଜା, ବର୍ଗର, ନୁଡୁଲ୍ସ, ଚିପ୍ସ ଆଦି ସହ ସମ୍ପର୍କ ଶେଷ କରିଦିଅନ୍ତୁ। ସେମାନଙ୍କୁ ସବୁଜ ପନିପରିବା, ଫଳ ଏବଂ ଦୁଗ୍ଧ ଉପରେ ନିର୍ଭର କରିବା ଶିଖାନ୍ତୁ। ପ୍ରତିଦିନ କିଛି ପିତାଖାଦ୍ୟ ସାମିଲ କରନ୍ତୁ। ପିତାଖାଦ୍ୟ ଇନ୍‌ସୁଲିନ ପ୍ରତିଶୋଧନ କ୍ଷମତା ବଢ଼ାଏ। ଦୈନିକ- ୫୦୦ରୁ ୭୦୦ ମିଲି ଏହାକୁ ପିଇବାକୁ ଦିଅନ୍ତୁ। ପିଲାଙ୍କ ଖାଦ୍ୟରେ ୪୦ ପ୍ରତିଶତ କାର୍ବୋହାଇଡ୍ରେଟ୍, ୪୦ ପ୍ରତିଶତ ପ୍ରୋଟିନ୍, ୨୦ ପ୍ରତିଶତ ଫ୍ୟାଟ୍ ରହିବା ଆବଶ୍ୟକ। ଦୈନିକ ଖାଦ୍ୟରେ ଅତିକମ୍‌ରେ ଦୁଇଟି ଫଳ ଓ ପରିବା ସାମିଲ କରନ୍ତୁ। ଦହି ଓ ଫଳ ଉଭୟ ସ୍ୱାସ୍ଥ୍ୟ ପାଇଁ ଭଲ। ପିଲାଙ୍କୁ ସ୍ୱାଦିଷ୍ଟ ଲାଗିବା ପାଇଁ ବିଭିନ୍ନ ପରିବା ପୂର ଦେଇ ରୁଟି ଓ ପରଟା କରନ୍ତୁ। ଗଜାମୁଗ, ବୁଟ ଇତ୍ୟାଦି ଦୈନିକ ଖାଇବାକୁ ଦିଅନ୍ତୁ। ପିଲାଙ୍କୁ ଫାଷ୍ଟଫୁଡ୍ ଏବଂ ମିଠା ଆଦିରୁ ଦୂରେଇ ରଖିବା ମଧ୍ୟ ଠିକ୍ ନୁହେଁ, କାରଣ ସେମାନେ ନିଜକୁ ରୋକିପାରିବେ ନାହିଁ। ସୁବିଧା ମିଳିଲେ ଅତ୍ୟଧିକ ଖାଇଦେବେ। ତେଣୁ ସପ୍ତାହରେ ଗୋଟିଏ ଦୁଇଟି ଭୋଜନ ସେମାନଙ୍କ ପସନ୍ଦର ଦିଅନ୍ତୁ। ଏଥିପାଇଁ ଛୁଟିଦିନକୁ ହିଁ ବାଛନ୍ତୁ। ଯେମିତି ସେମାନେ ନିଜ ପସନ୍ଦର ଖାଦ୍ୟକୁ ଉପଭୋଗ କରି ଖାଇପାରିବେ ଏହିଦିନ। ଟିଭି, ମୋବାଇଲ, ଲାପ୍‌ଟପ୍ ଆଦିରେ ଦିନକୁ ଦୁଇଘଣ୍ଟାରୁ ଅଧିକ ସମୟ ବସିବାକୁ ଦିଅନ୍ତୁ ନାହିଁ। ଘର ବାହାରେ ଖେଳିବାକୁ ଦିଅନ୍ତୁ। ଛୋଟ ଛୋଟ କାମ ପାଇଁ ପଠାନ୍ତୁ। ଘରେ ଗଛ ଲଗାଇ ଏହାର ଯତ୍ନ ନେବାକୁ କୁହନ୍ତୁ। ବ୍ୟାଡ୍‌ମିଣ୍ଟନ, ଫୁଟ୍‌ବଲ ଆଦି ଖେଳିବାକୁ ପ୍ରୋତ୍ସାହନ ଦିଅନ୍ତୁ। ସକ୍ରିୟ ରହିଲେ ଏବଂ ଖେଳିଲେ ଶରୀରର ବର୍ଜ୍ୟ ସହଜରେ ନିଷ୍କାସିତ ହୋଇପାରେ। ଯଦି ପିଲାର ଓଜନ ବଢ଼ିଯାଇଛି ତା'ହେଲେ ଏହାକୁ ଧୀରେ ଧୀରେ କମାଇବାକୁ ଲକ୍ଷ୍ୟ ରଖନ୍ତୁ। ଆଜିକାଲି ଅଧିକାଂଶ ଛୋଟପିଲା ସକାଳୁ କେବଳ କ୍ଷୀର ହର୍ଲିକ୍ସ ଇତ୍ୟାଦି ପିଇ ସ୍କୁଲ ଚାଲିଯାଉଛନ୍ତି। କିନ୍ତୁ ଦିନର ସବୁଠାରୁ ଜରୁରୀ ଖାଦ୍ୟ ହେଉଛି ପ୍ରାତଃଭୋଜନ। ପିଲାମାନେ ଡେରି ରାତି ପର୍ଯ୍ୟନ୍ତ ପଢ଼ିଲେ ବିଳମ୍ବରେ ଖାଇବାର ଅଭ୍ୟାସ କରିନିଅନ୍ତି। କିନ୍ତୁ ମନେରଖନ୍ତୁ ରାତିର ଖାଇବା ୮ ବା ସାଢ଼େ ୮ଟା ମଧ୍ୟରେ ହେବା ଉଚିତ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ, ଫକୀର ମୋହନ ମେଡିକାଲ କଲେଜ, ବାଲେଶ୍ୱର,
ମୋ:୯୪୩୭୧୨୪୦୭୪

## ଚିରନ୍ତନୀ

ବିଶ୍ୱର ତରଙ୍ଗେ ଭାସି
ଅଭାବର ରାଶି ରାଶି
ଜମିଅଛି କେତେ ଶତ ମୋର ଏ ଅନ୍ତରେ,
ନିବିଡ଼ ସେ ଆଲିଙ୍ଗନେ
ଉଠିବ ପୂରି ସଘନେ
ନୀରବ ନିଭୃତ ଏହି ନିଶୀଥ ରାତ୍ରରେ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | | 4 |
| | 1 | | | 4 | 7 | | 8 | |
| | | 5 | | 6 | | | | |
| 3 | | 8 | 2 | | | | 1 | |
| | 6 | | | | 4 | | | 5 |
| 2 | | | 1 | 9 | | | | 8 |
| | | 9 | | 3 | 2 | | | |
| | | | | | | | | |
| 8 | | | 9 | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 2 | 7 | 5 | 8 | 3 | 1 | 9 |
| 9 | 1 | 8 | 4 | 6 | 3 | 2 | 5 | 7 |
| 5 | 7 | 3 | 9 | 2 | 1 | 8 | 6 | 4 |
| 3 | 9 | 6 | 2 | 1 | 4 | 7 | 8 | 5 |
| 2 | 8 | 4 | 3 | 7 | 5 | 1 | 9 | 6 |
| 7 | 5 | 1 | 8 | 9 | 6 | 4 | 3 | 2 |
| 8 | 3 | 7 | 6 | 4 | 9 | 5 | 2 | 1 |
| 6 | 2 | 5 | 1 | 8 | 7 | 9 | 4 | 3 |
| 1 | 4 | 9 | 5 | 3 | 2 | 6 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧାଡ଼ିଦର୍ଶନ ବ୍ୟବସ୍ଥା ଠିକ୍ ହେଉନାହିଁ

ମହାଶୟ,

ଗତମାସରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରକୁ ଯାଇଥିଲି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଚକାଚକ କାର୍ଯ୍ୟ , ଫୁଲ ବଗିଚା, ତୁଳସୀବଣ ବହୁତ ଭଲ ଲାଗିଲା। ପାନୀୟ ଜଳର ମଧ୍ୟ ବ୍ୟବସ୍ଥା ବି ସୁନ୍ଦର। କିନ୍ତୁ ଧାଡ଼ିଦର୍ଶନ ଅତ୍ୟନ୍ତ କଷ୍ଟଦାୟକ। ମା' ମରୀଚି ଠାକୁରାଣୀଙ୍କ ମନ୍ଦିର ସାମ୍ନା ଶନିମନ୍ଦିର ଛକରୁ ଲମ୍ବା ଲାଇନ ସିଂହଦ୍ୱାର ପର୍ଯ୍ୟନ୍ତ। ଶନିମନ୍ଦିର ଛକରୁ ଛାଇର ବ୍ୟବସ୍ଥା ନାହିଁ। ତା'ପରେ କନାର ଛାଇ ଆସ୍ତରଣ। ତତ୍‌ପରେ ବ୍ୟାରିକେଡ୍ ଏସି ଓ ଫୋନ୍‌ର ବ୍ୟବସ୍ଥା। ସେଇଠି ତିନିଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ସେଇଠୁ ସିଂହଦ୍ୱାର ପର୍ଯ୍ୟନ୍ତ ଛାଇର କୌଣସି ବ୍ୟବସ୍ଥା ନାହିଁ। ମାର୍ବଲ ଚଟାଣରେ ପାଦ ଗରମ। ତଳ ଥଣ୍ଡା ପାଇଁ ଦମକଳ ବିଭାଗ ଚଟାଣ ଉପରେ ପାଣି ସିଞ୍ଚନ କରୁଛନ୍ତି, କିନ୍ତୁ ମୁଣ୍ଡ ଗରମ ହୋଇଯାଉଛି। ମହାପ୍ରଭୁଙ୍କ ସାମ୍ନାରେ ଦର୍ଶନ ପାଇଁ ଠେଲାପେଲା। ଭଲ ଭାବରେ ମହାପ୍ରଭୁଙ୍କୁ ଦର୍ଶନ କରି ହେଉନାହିଁ। ବୟସ୍କ, ମହିଳା ଓ ପିଲାଙ୍କ କଥା କହିଲେ ନ ସରେ।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଆଜି ଆସୁଛନ୍ତି ଅମିତ ଶାହା

## ସୁବର୍ଣ୍ଣପୁର ଜନସଭାକୁ ସମ୍ବୋଧନ କରିବେ

ସୋନପୁର,୨୪।୪
(ମୃତ୍ୟୁଞ୍ଜୟ ଶତପଥୀ)

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୁରୁବାର ଓଡ଼ିଶା ଆସୁଛନ୍ତି। ସେ ଭାଜପା ନିର୍ବାଚନୀ ପ୍ରଚାରର ଶୁଭାରମ୍ଭ କରିବେ। ଅପରାହ୍ନ ୪ଟା୨୦ରେ ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମରେ ଏକ ଜନସଭାକୁ ସମ୍ବୋଧନ କରିବେ। ଭାଜପା ପକ୍ଷରୁ ଶାହାଙ୍କ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ପାଇଁ ଦଳ ଲକ୍ଷ୍ୟ ରଖିଛି। ସୂଚନା ଅନୁଯାୟୀ, ଶାହା ଏକ ସ୍ୱତନ୍ତ୍ର ବିମାନରେ ଆସି ଅପରାହ୍ନ ୩ଟା ୪୫ରେ ଝାରସୁଗୁଡାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ସୁବର୍ଣ୍ଣପୁର


ଅମିତ ଶାହା

ଅଭିମୁଖେ ଯିବେ। ଅପରାହ୍ନ ୪ଟା ୨୦ରେ ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ପରିବର୍ତ୍ତନ ସମାବେଶରେ ଏକ ଜନସଭାକୁ ସମ୍ବୋଧନ କରିବେ। ସନ୍ଧ୍ୟା ସାଢେ ୫ଟାରେ କାର୍ଯ୍ୟକ୍ରମ ସାରି ପୁଣି ଝାରସୁଗୁଡା ବିମାନବନ୍ଦର ପହଞ୍ଚିବେ। ସେଠାରୁ ସନ୍ଧ୍ୟା ୬ଟା୧୦ରେ ଭୁବନେଶ୍ୱର ବାହାରିବେ। ଭୁବନେଶ୍ୱରରେ ରାଜ୍ୟ ବରିଷ୍ଠ ନେତାଙ୍କ ସହ ନିର୍ବାଚନ ରଣନୀତି ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ଶାହାଙ୍କ ଗସ୍ତ ପଶ୍ଚିମ ଓଡ଼ିଶାରେ କିଭଳି ପ୍ରଭାବ ପକାଇବ ସେ ନେଇ ଦଳ ଯୋଜନା କରୁଛି। ତେଣୁ ବଲାଙ୍ଗୀର ଲୋକସଭା କ୍ଷେତ୍ର ଅଧୀନ ସୁବର୍ଣ୍ଣପୁରରୁ ଭାଜପା ଓଡ଼ିଶାରେ ପ୍ରଚାର ଅଭିଯାନ ଆରମ୍ଭ କରୁଛି। ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଲୋକସଭା କ୍ଷେତ୍ରର କଣ୍ଟାବାଞ୍ଜି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କୁ କାଉଣ୍ଟର କରିବା ପାଇଁ ସେହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସୁବର୍ଣ୍ଣପୁରରେ ଜନସଭା କରିବାକୁ ଦଳ ରଣନୀତି ପ୍ରସ୍ତୁତ କରିଛି। ଭାଜପା ଏଥର ଓଡ଼ିଶାରେ ଏକାକୀ ଲଢି ସରକାର ଗଢିବାକୁ ଦମ୍ଭ ଦେଖାଇଛି। ମା, ମାଟି ଓ ମାତୃଭାଷାକୁ ନେଇ ଲଢେଇ ଆରମ୍ଭ କରିଛି। ତେଣୁ ଶାହାଙ୍କ ଗସ୍ତ ଓଡିଶା ରାଜନୀତି ପାଇଁ ବେଶ ଗୁରୁତ୍ୱ ବହନ କରୁଛି। ବିରୋଧୀଙ୍କୁ ଶାଣିତ ଆକ୍ରମଣ କରୁଥିବା ଶାହା ରାଜ୍ୟର ବିଜେଡି ସରକାରଙ୍କ ପ୍ରତି କିଭଳି ଆଭିମୁଖ୍ୟ ପୋଷଣ କରୁଛନ୍ତି ତା' ଉପରେ ରାଜନୈତିକ ସମୀକ୍ଷକଙ୍କ ନଜର ରହିଛି। ଶାହାଙ୍କ ଗସ୍ତ ପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

# ଶିମିଳିପାଳ ଜଳୁଥିବା ବେଳେ ଅଧିକାରୀଙ୍କୁ ଆତିଥେୟତା

## ଉଦ୍‌ବେଗ ପ୍ରକାଶ କଲେ ପରିବେଶବିତ୍

ବାରିପଦା,୨୪।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ହୁତୁହୁତୁ ହୋଇ ଜଳୁଥିବାବେଳେ ତାଲିମ ଓ କ୍ଷେତ୍ର ପରିଦର୍ଶନରେ ଥିବା ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ଆତିଥେୟତାରେ ବନ କର୍ମଚାରୀ ବ୍ୟସ୍ତ। ବନାଗ୍ନି ପ୍ରକୋପରେ ବୃକ୍ଷଲତା ଓ ଜୀବଜନ୍ତୁ ସଙ୍କଟରେ ପଡ଼ିଥିବାବେଳେ ଅଧିକାରୀମାନେ ଅଭୟାରଣ୍ୟ ଭ୍ରମଣ ଭଳି କାର୍ଯ୍ୟକ୍ରମରେ ସାମିଲ ହେବା ଘଟଣାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ବନ କର୍ମଚାରୀମାନେ ଉକ୍ତ ଅଧିକାରୀମାନଙ୍କ ଆତିଥେୟତାରେ ବ୍ୟସ୍ତ ରହିବା ଯୋଗୁ ବନାଗ୍ନି ରୋକିବାରେ ବିଳମ୍ବ ହୋଇଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ରାଜ୍ୟ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ୍)ଙ୍କ କାର୍ଯ୍ୟାଳୟ ଚିଠି ନଂ.୪୫୩୬/୩ ଡବ୍ଲ୍ୟୁଏଲ୍-୨୪୭/୨୦ ଏପ୍ରିଲ ୨୦୨୪ ଅନୁଯାୟୀ ଓଡ଼ିଶାର ୨୧ ବନ୍ୟପାଣୀ ବନଖଣ୍ଡ ଅଧିକାରୀଙ୍କୁ ୨୨ ଓ ୨୩ ତାରିଖ ବନ୍ୟପ୍ରାଣୀ ପରିଚାଳନା ସମ୍ପର୍କିତ ୨ ଦିନିଆ କର୍ମଶାଳାରେ ସାମିଲ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବାରିପଦା ସର୍କଲର କ୍ଷେତ୍ର ନିର୍ଦ୍ଦେଶକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ (ଆର୍‌ସିସିଏଫ୍), ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଓ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ, ସାତକୋଶିଆ ଟାଇଗର ରିଜର୍ଭ, ପୁରୀ, ରାଜନଗର, ଚିଲିକା, ମହାନଦୀ, ସାତକୋଶିଆ, ହୀରାକୁଦ, ସୁନାବେଡ଼ା, କେନ୍ଦୁଝର, ବାମରା, ଚନ୍ଦକା, ବାଲେଶ୍ୱର, ବାଲିଗୁଡ଼ା ୱାଇଲ୍ଡ ଲାଇଫ୍‌ର ବନଖଣ୍ଡ ଅଧିକାରୀ ଏବଂ କଳାହାଣ୍ଡି ଦକ୍ଷିଣ, ପାରଳାଖେମୁଣ୍ଡି, ଢେଙ୍କାନାଳ ଓ ନୟାଗଡ଼ର ବନଖଣ୍ଡ ଅଧିକାରୀମାନେ ୨୧ତାରିଖ ଅପରାହ୍ନ ୬ଟାରେ ଶିମିଳିପାଳର ଗୁଡୁଗୁଡ଼ିଆ ଓ କୁଆଁରୀ ରିସର୍ଟରେ ପହଞ୍ଚିବାକୁ ଚିଠିରେ ଉଲ୍ଲେଖ ରହିଥିଲା। ବିଭାଗୀୟ ନିର୍ଦ୍ଦେଶକ୍ରମେ ସମସ୍ତ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀମାନେ ନିର୍ଦ୍ଧାରିତ ସମୟରେ ନେଚର କ୍ୟାମ୍ପରେ ପହଞ୍ଚି ଖାଦ୍ୟପେୟ ଗ୍ରହଣ ସହ ରାତ୍ରିଯାପନ କରିଥିଲେ। ଏହାସହିତ ସେମାନଙ୍କ ବିକଳ୍ପ ପରିଦର୍ଶନ ପାଇଁ ଦେବସ୍ଥଳୀ ଓ ଉପର ବାର୍‌ହାକାମୁଡ଼ାକୁ ରଖାଯାଇଥିଲା। ତହିଁପରଦିନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସମ୍ବନ୍ଧୀୟ ସିସିଏଫ୍ (ଡବ୍ଲ୍ୟୁଏଲ୍-୧) ତାଲିମ ଦେବା ପରେ ସମସ୍ତେ ଭଞ୍ଜବସା ରେଞ୍ଜ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହା ପରେ ମେଘାସନୀ ପର୍ବତକୁ ଯାଇ ପ୍ରୋଟେକ୍ସନ କ୍ୟାମ୍ପ ଓ ଭିଏଚ୍‌ଏଫ୍ ପରିଚାଳନା ସମ୍ପର୍କିତ କଣ୍ଟ୍ରୋଲ ବ୍ୟବସ୍ଥା ଦେଖିଥିଲେ। ସେଠାରୁ ଜେନାବିଲ ରେଞ୍ଜକୁ ଯାଇ ଅପରାହ୍ନ ସାଢ଼େ ୫ଟାରେ କୁମ୍‌କୀ ହାତୀର ପରିଚାଳନା ଓ ହାତୀକୁ ଧରି ପାଟ୍ରୋଲିଂ ବ୍ୟବସ୍ଥା ସମ୍ପର୍କରେ ତାଲିମ ନେଇଥିଲେ। ସେହିପରି ୨୩ ତାରିଖରେ ବରେହିପାଣି ଜଳପ୍ରପାତ ପରିଦର୍ଶନ କରି ସ୍ୱାଦିଷ୍ଟ ଭୋଜନରେ ଅପ୍ୟାୟିତ ହେବା ପରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ୩ଦିନ ଧରି ଶିମିଳିପାଳ ଅଭୟାରଣ୍ୟରେ ଥିବା ବଙ୍ଗଳାରେ ସମସ୍ତ ବନଖଣ୍ଡ ଅଧିକାରୀ ଅବସ୍ଥାନ କରିଥିଲେ। ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିବା ବନ କର୍ମଚାରୀମାନେ ସେଠାରେ ସେମାନଙ୍କୁ ସେବା ଯୋଗାଇବା ସହ ଖାଦ୍ୟପେୟ ବ୍ୟବସ୍ଥା କରିଥିବା କେତେଜଣ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି।

ପରିବେଶବିତ୍ ବିଭୁ ପ୍ରସାଦ ଦାସ କୁହନ୍ତି, ଶିମିଳିପାଳ ଅଭୟାରଣ୍ୟ ବନାଗ୍ନିକୁ ନେଇ ଦେଶବାସୀ ଚିନ୍ତିତ। ଏପରି ବିପର୍ଯ୍ୟୟ ସମୟରେ ନିଆଁ ଲିଭା ପରିବର୍ତ୍ତେ ତାଲିମ କାର୍ଯ୍ୟକ୍ରମ ଆୟୋଜନ ଅଶୋଭନୀୟ। ପରିବେଶ ଓ ଜଙ୍ଗଲ ପ୍ରତି ଦାୟିତ୍ୱ ନିର୍ବାହ କରୁଥିବା ଅଧିକାରୀଙ୍କ ଏଭଳି ମନୋଭାବକୁ ସେ ତୀବ୍ର ନିନ୍ଦା କରିଛନ୍ତି। ଏ ସଂକ୍ରାନ୍ତରେ ଆରସିସିଏଫ୍ ଡ.ପ୍ରକାଶ ଚାନ୍ଦ ଗୋଗିନେନୀଙ୍କୁ ପଚାରିବାରୁ ବନାଗ୍ନି ରୋକିବାକୁ ନେଇ ଏକ ମନିଟରିଂ (ନୀରିକ୍ଷଣ) କାର୍ଯ୍ୟକ୍ରମ ହୋଇଥିଲା। ବନଖଣ୍ଡ ଅଧିକାରୀମାନେ ବିଭିନ୍ନ ପଏଣ୍ଟକୁ ଯାଇ ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁକୁ ସହଜରେ ପ୍ରଶମିତ କରିପାରିଛନ୍ତି। ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ଦିଗରେ ଏଭଳି ମନିଟରିଂ କାର୍ଯ୍ୟକ୍ରମ ବର୍ଷ ତମାମ ଚାଲୁ ରହୁଛି। ପିସିସିଏଫ୍ ସୁଶାନ୍ତ ନନ୍ଦଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।

# ସବୁ ରେଳଯାତ୍ରୀଙ୍କୁ ମିଳିବ କନ୍‌ଫର୍ମ ଟିକେଟ

## ମୋଦିଙ୍କ ୫ବର୍ଷର ଗ୍ୟାରେଣ୍ଟି ରଖିଲେ ରେଳମନ୍ତ୍ରୀ

ଭୁବନେଶ୍ୱର,୨୪।୪
(ଅନୁରାଧା ମହାରଣା)

ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ରେଳ ଯାତ୍ରା ସମୟରେ ଯାତ୍ରୀ ସହଜରେ ନିଶ୍ଚିତ ବା କନ୍‌ଫର୍ମ ଟିକେଟ ପାଇବେ। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ବୋଲି କେନ୍ଦ୍ର ରେଳ ଏବଂ ଆଇଟିମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସେ କହିଛନ୍ତି, ୧୦ ବର୍ଷ ମଧ୍ୟରେ ମୋଦି ରେଳପଥର ଆଖିଦୃଶିଆ ପରିବର୍ତ୍ତନ କରିଛନ୍ତି। ତାଙ୍କ ଗ୍ୟାରେଣ୍ଟି ଅନୁସାର ଆସନ୍ତା ୫ବର୍ଷ ମଧ୍ୟରେ ଭାରତୀୟ ରେଳପଥର କ୍ଷମତା ବୃଦ୍ଧି ପାଇବା ସହ ପ୍ରତ୍ୟେକ ଯାତ୍ରୀ ସହଜରେ ଏକ ନିଶ୍ଚିତ ଟିକେଟ ପାଇପାରିବେ। ଗତ ଦଶନ୍ଧିରେ ଭାରତୀୟ ରେଳରେ ହୋଇଥିବା ବ୍ୟାପକ ପରିବର୍ତ୍ତନ ହୋଇଛି। ୨୦୦୪ରୁ ୨୦୧୪ ମଧ୍ୟରେ ପ୍ରାୟ ୧୭,୦୦୦ କି.ମି.ର ଟ୍ରାକ ନିର୍ମାଣ ହୋଇଥିବାବେଳେ ୨୦୧୪ରୁ ୨୦୨୪ ମଧ୍ୟରେ ୩୧,୦୦୦ କି.ମି. ନୂତନ ଟ୍ରାକ ନିର୍ମାଣ କରାଯାଇଛି। ୨୦୦୪ରୁ ୨୦୧୪ ମଧ୍ୟରେ ୫୦୦୦ କି.ମି. ଓ ଗତ ୧୦ ବର୍ଷ ମଧ୍ୟରେ ୪୪,୦୦୦ କି.ମି. ରେଳ ଟ୍ରାକର ବିଦ୍ୟୁତୀକରଣ କରାଯାଇପାରିଛି। ସେହିପରି ପ୍ରଥମ ୧୦ବର୍ଷରେ ମାତ୍ର ୩୨,୦୦୦ କୋଚ୍ ତିଆରି ହୋଇଥିବାବେଳେ ଶେଷ ୧୦ ବର୍ଷ ମଧ୍ୟରେ ୫୪,୦୦୦ କୋଚ ତିଆରି କରାଯାଇପାରିଛି। ୨୦୧୪ ପୂର୍ବରୁ ଗୋଟିଏ କି.ମି.ର ମାଲ ପରିବହନ କରିଡରକୁ କାର୍ଯ୍ୟକ୍ଷମ କରାଯାଇ ନ ଥିଲା। ମାତ୍ର ବର୍ତ୍ତମାନ ୨,୭୩୪ କି.ମି.ର ମାଲ ପରିବହନ କରିଡର କାର୍ଯ୍ୟକ୍ଷମ ହୋଇଛି। ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଦେଶର ଅର୍ଥନୈତିକ ବିକାଶରେ ଭାରତୀୟ ରେଳପଥ ଏକ ପ୍ରମୁଖ ମାଧ୍ୟମ ହେବ। ଯାତ୍ରୀ ସୁବିଧା ପରିସର ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

UTKAL UNIVERSITY
NAAC-A+ Accreditation
CENTRE FOR IT EDUCATION
P.G. DEPARTMENT OF STATISTICS
VANI VIHAR, BHUBANESWAR-751004, ODISHA, INDIA
0674 - 2567711 / 9438014469 / 6371615706. Website : www.citeutkal.com
e-mail : centreforiteducation@gmail.com, citeutkal@gmail.com

ADMISSION NOTICE FOR M.TECH. (IT)

Applications are invited for admission into 2 years full time programme in M.Tech. in Information Technology for the academic session 2024-25 under PPP mode.

SELECTION PROCEDURE

Selection of candidates for admission shall be made on the basis of Entrance Test to be conducted by the Centre for IT Education, P.G. Department of Statistics, Utkal University on 22.06.2024

ELIGIBILITY FOR ADMISSION

The candidates seeking admission to this course must have possessed :
(I) Master's degree in Computer Science/Information Technology/Computer Applications /Statistics/ Mathematics/Physics/Electronic Sciences or any other qualification considered equivalent.
OR
(II) Bachelor's degree in Engineering / Bachelor of Technology in IT/CSE/CS/EEE/ETC/ECE or any other qualification considered equivalent (such as AMIEE or DOEACC 'B' Level).
Candidates those who have appeared the final semester examination/waiting for final result may provisionally be admitted into M. Tech. (IT) course, provided that such candidates shall submit their pass result & CLC before filling up forms for the 1st semester examination.

HOW TO APPLY

Eligible candidates are required to apply online through the website -www.citeutkal.com/ to the Course Director, Centre for IT Education, Department of Statistics, Utkal University in the prescribed application form downloadable from the above website along with a Bank Draft of Rs. 500/- in favour of " CENTRE FOR IT EDUCATION, UTKAL UNIVERSITY " towards Application Form fees and Entrance Test fees drawn on any nationalized bank payable at Bhubaneswar, at the time of submission of the application form.
The downloaded application forms are also available in the department
For details about Course Fee & Structure visit our website:-www.citeutkal.com
Last date of issue and submission of the application form is 13.06.2024
Chairperson, P.G. Council

# 'ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ବ୍ୟବସ୍ଥାରେ ସ୍ଥିରତା ଆବଶ୍ୟକ'

## ଅନ୍ତର୍ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କଲେ ଡ. ପି. କେ. ମିଶ୍ର

ଭୁବନେଶ୍ୱର,୨୪।୪
(ଶର୍ମିଷ୍ଠା ପାଣିଗ୍ରାହୀ)


ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି. କେ. ମିଶ୍ର

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି. କେ. ମିଶ୍ର ବୁଧବାର ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆୟୋଜିତ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି (ଆଇସିଡିଆର୍‌ଆଇ) ଉପରେ ଅନ୍ତର୍ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଆରମ୍ଭରୁ ସିଡିଆର୍‌ଆଇରେ ତାଙ୍କର ସମ୍ପୃକ୍ତି ବିଷୟରେ ସୂଚନା ଦେଇ ଡ. ମିଶ୍ର ଆଇସିଡିଆର୍‌ଆଇକୁ ଏକ ପ୍ରମୁଖ ବିଶ୍ୱ ମଞ୍ଚରେ ପରିଣତ ହୋଇଥିବା ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ଉପରେ ବିଚାରବିମର୍ଶକୁ ବ୍ୟାପକ କରିଥିବାରୁ ଆଇସିଡିଆର୍‌ଆଇକୁ ଡ. ମିଶ୍ର ପ୍ରଶଂସା କରିଥିଲେ। ତେବେ ଏସବୁ ବିଚାରକୁ ଦୃଢ଼ ପଦକ୍ଷେପ ରୂପରେ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ଲାଗି ସେ ଜୋର ଦେଇଥିଲେ, ଯାହାଦ୍ୱାରା ଭିତ୍ତିଭୂମି ବିକାଶରେ ଏକ ଆଦର୍ଶଗତ ପରିବର୍ତ୍ତନ ଆସିପାରିବ। ସେ କହିଥିଲେ, କେବଳ ଅଧିକ ଭିତ୍ତିଭୂମି ନୁହେଁ, ପ୍ରତିରୋଧୀ ଭିତ୍ତିଭୂମି ଆବଶ୍ୟକ। ଯଥେଷ୍ଟ ଭିତ୍ତିଭୂମି ନୁହେଁ ବରଂ ଦୀର୍ଘସ୍ଥାୟୀ ଭିତ୍ତିଭୂମି ଜରୁରୀ। କେବଳ ଭିତ୍ତିଭୂମି ସମ୍ପତ୍ତି ନୁହେଁ, ଭିତ୍ତିଭୂମି ପ୍ରଣାଳୀ ପ୍ରଭୃତି ଦିଗରେ ଧ୍ୟାନ ଦିଆଯିବା ଉଚିତ। ବିଶ୍ୱବ୍ୟାପୀ ବଢୁଥିବା ବିପର୍ଯ୍ୟୟ ଓ ଜଳବାୟୁ ବିପଦର ମୁକାବିଲା ପାଇଁ ଡ. ମିଶ୍ର ଏକ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମିରେ ପୁଞ୍ଜିନିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଭିତ୍ତିଭୂମି ବ୍ୟବସ୍ଥାରେ ସ୍ଥିରତାକୁ ଅବହେଳା କରିବାର ପରିଣାମ ବିଷୟରେ ସେ ଚେତାବନୀ ଦେଇ କହିଲେ, ଯଦି ଆମେ ଭିତ୍ତିଭୂମି ବ୍ୟବସ୍ଥାରେ ସ୍ଥିରତା ସୃଷ୍ଟି ନ କରୁ, ତେବେ ଏଭଳି ବିପର୍ଯ୍ୟୟ ପରେ ପୁନରୁଦ୍ଧାର ଏବଂ ପୁନଃନିର୍ମାଣ ପାଇଁ ଅଧିକରୁ ଅଧିକ ପାଣ୍ଠି ଖର୍ଚ୍ଚ କରିବାକୁ ବାଧ ହେବୁ। ସେହିପରି ଭିତ୍ତିଭୂମି ଅଭାବ ପୂରଣ, ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ, ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟରେ ପହଞ୍ଚିବା ଏବଂ ୨୦୫୦ ସୁଦ୍ଧା ସହନଶୀଳତାକୁ ସୁଦୃଢ଼ କରିବା ଲାଗି ବାର୍ଷିକ ୯.୨ ଟ୍ରିଲିୟନ ଆମେରିକୀୟ ଡଲାର ନିବେଶ କରିବାର ଆବଶ୍ୟକତା ରହିଛି। ପ୍ରଥମେ ଆମକୁ ଦକ୍ଷିଣ ବିଶ୍ୱରେ ସମ୍ମୁଖୀନ ହେଉଥିବା ଭିତ୍ତିଭୂମି ଆହ୍ୱାନର ମୁକାବିଲା ଲାଗି ଉନ୍ନତ ରୂପାୟନ ନିମନ୍ତେ ସୁଯୋଗ ସୃଷ୍ଟି କରିବାକୁ ହେବ। ଅଭିନବ ଆର୍ଥିକ ଉପକରଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଡ. ମିଶ୍ର ଅଂଶଗ୍ରହଣକାରୀଙ୍କୁ ସହାୟକ ଭିତ୍ତିଭୂମିରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବାର ଉପାୟ ଖୋଜିବାକୁ ଅନୁରୋଧ କରିଥିଲେ।

# ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା

ରାୟଗଡ଼ା,୨୪।୪
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଥାନା ଅନ୍ତର୍ଗତ କୁମ୍ଭିକୋଟା ପଞ୍ଚାୟତର ପୁଞ୍ଜାପାଇ ଗ୍ରାମରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ପୁଞ୍ଜାପାଇ ଗ୍ରାମର ଲାଛା ମାଣ୍ଡାଙ୍ଗି (୫୦) ଙ୍କୁ ଉକ୍ତ ଗ୍ରାମର ମଦନ ମାଣ୍ଡାଙ୍ଗି ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। କେଉଁ କାରଣ ପାଇଁ ମଦନ ଯୁବକଙ୍କୁ ହତ୍ୟାକଲେ ତାହା ସ୍ପଷ୍ଟ ହୋଇପାରିନାହିଁ। ଖବରପାଇ ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିକେ କହଁର ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ହତ୍ୟା ଅଭିଯୁକ୍ତ ମଦନ ମାଣ୍ଡାଙ୍ଗିଙ୍କୁ ପୋଲିସ ହେପାଜତକୁ ଆଣି ତଦନ୍ତ କରୁଥିବା ଆଇଆଇସି କହଁର ସୂଚନା ଦେଇଛନ୍ତି।

ପୂର୍ବ ତଟ ରେଳପଥ
Tender Notice No.: 05-KUR- TRD-OT-2024-25, ତାରିଖ : 18.04.2024
କାର୍ଯ୍ୟର ନାମ : ଭଦ୍ରକ (BHC) / ଟିଏସ୍‌ଏସ୍ (TR-83) ଠାରେ ଥିବା 21.6 ଏମ୍‌ଭିଏ, 132/25 କେଭି ଅଲଷ୍ଟମ ମେକ୍ ପାୱାର ଟ୍ରାନ୍ସଫର୍ମର ସ୍ଥାନରେ, ମେସର୍ସ ଟାଟା ଷ୍ଟିଲ୍ ଲିମିଟେଡ୍/ ତୁତୁରି ଦ୍ୱାରା ଯୋଗାଇ ଦିଆଯିବାକୁ ଥିବା 21.6/30.24 ଏମ୍‌ଭିଏ 132/27 କେଭି ଏବିବି ମେକ୍ ପାୱାର ଟ୍ରାନ୍ସଫର୍ମରର ପ୍ରତି ସ୍ଥାପନ।
ବିଜ୍ଞାପିତ ମୂଲ୍ୟ : ଟ.9,62,506/-
EMD: ଟ.19,300/-
କାର୍ଯ୍ୟସମାପ୍ତିର ଅବଧି: 90 (ନବେ) ଦିନ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.10.05.2024 ରିଖ 1300 ଘଟିକାରେ
ଟେଣ୍ଡର କାଗଜାତ୍‌ର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଡି) ଖୋର୍ଦ୍ଧା ରୋଡ
PR-46/P/24-25

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର, ୧୮/୧, ଅଇଁଠାପାଲି ରୋଡ୍, ସମ୍ବଲପୁର, ଓଡ଼ିଶା - ୭୬୮୦୦୪
ୟୁକୋ ବ୍ୟାଙ୍କ ସମ୍ବଲପୁର ଅଞ୍ଚଳ ଅନ୍ତର୍ଗତ ଶାଖା ଏବଂ କାର୍ଯ୍ୟାଳୟଗୁଡିକର ଇଲେକ୍ଟ୍ରିକାଲ ଅଡିଟ ନିମନ୍ତେ ସାର୍ଟିଫାଏଡ଼ ଇଲେକ୍ଟ୍ରିକାଲ ଅଡିଟରମାନଙ୍କ ତାଲିକାଭୁକ୍ତିକରଣ ପାଇଁ ବିଜ୍ଞପ୍ତି
ୟୁକୋ ବ୍ୟାଙ୍କ, ସମ୍ବଲପୁର ଅଞ୍ଚଳ ଅନ୍ତର୍ଗତ ସମସ୍ତ ଶାଖା ଏବଂ କାର୍ଯ୍ୟାଳୟଗୁଡିକର ଇଲେକ୍ଟ୍ରିକାଲ ଅଡିଟ ନିମନ୍ତେ ସାର୍ଟିଫାଏଡ଼ ଇଲେକ୍ଟ୍ରିକାଲ ଅଡିଟରମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି। ଆଗ୍ରହୀ ବ୍ୟକ୍ତି/ସଂସ୍ଥା ଉପରୋକ୍ତ ଠିକଣାରେ ତା.୧୫.୦୫.୨୦୨୪ରିଖ ଅପରାହ୍ନ ୨.୩୦ ଘଟିକା ସୁଦ୍ଧା ଆବେଦନ କରିପାରିବେ। ସବିଶେଷ ବିବରଣୀ ନିମନ୍ତେ ଦୟାକରି ଆମ୍ଭର ୱେବ୍‌ସାଇଟ: www.ucobank.com ଦେଖନ୍ତୁ
ତା: ୨୪.୦୪.୨୦୨୪, ସ୍ଥାନ: ସମ୍ବଲପୁର — ଆଞ୍ଚଳିକ ପ୍ରବନ୍ଧକ, ୟୁକୋ ବ୍ୟାଙ୍କ

# ଦୁଇଦିନ ଭୀଷଣ ଗ୍ରୀଷ୍ମ ପ୍ରବାହ

ଭୁବନେଶ୍ୱର, ୨୪।୪
(ଅସମାପିକା ସାହୁ)

ସାରା ରାଜ୍ୟରେ କଲବଲ କରୁଛି ତାତି। ସକାଳୁ ଗୁଳୁଗୁଳି ଅନୁଭୂତ ହେଉଛି। ଅପରାହ୍ନରେ କାଳବୈଶାଖୀ ଯୋଗୁ ଖରାତାତି କମୁଥିଲେ ମଧ୍ୟ ତତଲା ପବନ ରାତି ପର୍ଯ୍ୟନ୍ତ ଲାଗିରହୁଛି। ଆଗାମୀ ୪ରୁ ୫ ଦିନ ମଧ୍ୟ ଦିନ ତାପମାତ୍ରାରେ ଆହୁରି ୨ରୁ ୪ଡିଗ୍ରୀ ଯାଏ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହି ସମୟରେ କିଛି ଜିଲାରେ ସିଭିୟର ହିଟ୍ ୱେଭ୍ ବା ଭୀଷଣ ଗ୍ରୀଷ୍ମ ପ୍ରବାହ ସ୍ଥିତି ଲାଗି ରହିବ। ଗୁରୁବାର ଗଞ୍ଜାମ ଓ ଗଜପତିରେ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ୨୭ ଓ ୨୮ରେ ସାରା ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ବୁଧବାର ମଧ୍ୟ ରାଜ୍ୟର ୨୪ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଥିଲା। ୪୩.୨ ଡିଗ୍ରୀ ସହ ଭୁବନେଶ୍ୱର ଓ ନୂଆପଡ଼ା ରାଜ୍ୟର ଯୁଗ୍ମ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ଝାରସୁଗୁଡ଼ାରେ ୪୩.୧ ଡିଗ୍ରୀ, ବାରିପଦା ଓ ପାରଳାଖେମୁଣ୍ଡିରେ ୪୨.୫, ଚାନ୍ଦବାଲି, ଭଦ୍ରକ ଓ କେନ୍ଦ୍ରାପଡ଼ା ୪୨.୨, ଟିଟିଲାଗଡ଼, ଯାଜପୁର ଓ ଢେଙ୍କାନାଳରେ ୪୨, ଅନୁଗୋଳ ୪୧.୯, କଟକ ୪୧.୮, ବୌଦ୍ଧ ୪୧.୬, ବାଲେଶ୍ୱର ଓ ତାଳଚେରରେ ୪୧.୪, ମାଲକାନଗିରି ୪୧.୩, ନୟାଗଡ଼ ୪୧.୨, ଭବାନୀପାଟଣା ୪୧, ରାଉରକେଲା ୪୦.୮, ସମ୍ବଲପୁର ୪୦.୫, ସୁନ୍ଦରଗଡ଼ ୪୦.୧ ଓ ଖୋର୍ଦ୍ଧାରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅପରାହ୍ନରେ ପାରଳାଖେମୁଣ୍ଡିରେ ସର୍ବାଧିକ ୨୭.୪ ମିମି କାଳବୈଶାଖୀ ବର୍ଷା ହୋଇଥିବାବେଳେ ପୁରୀରେ ୯.୮, ନୟାଗଡ଼ ୬ ଓ ଭୁବନେଶ୍ୱରରେ ୧.୬ ମିମି ବର୍ଷା ହୋଇଛି।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୯୬ — ବିଜ୍ଞାପନ — ତା:୧୮।୦୪।୨୦୨୪

No. CAD-74: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍.ଆଇ.ଜି.-୬ (MIG-06) ମୁକ୍ତାପୁର, ନୟାଗଡ଼ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ସଚ୍ଚିକାନ୍ତ ଦାଶ, ପିତା: ଘନଶ୍ୟାମ ଦାଶ, ଗ୍ରା: ବାରମାସୀ ଦଣ୍ଡ, କଲେଜ ରୋଡ୍, ପୋ: ଲେଙ୍କୁଡ଼ିପଡ଼ା, ଥାନା/ଜିଲ୍ଲା: ନୟାଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସଚ୍ଚିକାନ୍ତ ଦାଶ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସୁଧାଂଶୁବାଳା ଆଚାର୍ଯ୍ୟ, ସ୍ୱାମୀ: ହରିଶ ଚନ୍ଦ୍ର ଆଚାର୍ଯ୍ୟ, ଗ୍ରା: ଜଗନ୍ନାଥପୁର, ପୋ: ଚହଲି, ଥାନା/ଜିଲ୍ଲା: ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0053/2425

यूनियन बैंक ऑफ इंडिया Union Bank of India
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା
ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରମ୍ଭା ଶାଖା, ମୁଖ୍ୟ ରାସ୍ତା, ରମ୍ଭା ମାର୍କେଟ, ଗଞ୍ଜାମ, ଓଡ଼ିଶା-୭୬୧୦୨୮ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରମ୍ଭା ଶାଖା ନିକଟରେ ଉତ୍ତରଦାୟୀ ରହିବେ।

ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ରମ୍ଭା ଶାଖା/ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା ତଥା ବନ୍ଧକଦାତା: ଶ୍ରୀ ବଳରାମ ନାୟକ, ପିତା: ଦଣ୍ଡପାଣି ନାୟକ, ସା/ପୋ.: କନକ, ଥାନା: ରମ୍ଭା, ତହସିଲ: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୨୮ ଏବଂ ଋଣଗ୍ରହୀତା: ଶ୍ରୀ ଦାଣ୍ଡିଆ ନାୟକ, ପିତା: ବଳଭଦ୍ର ନାୟକ, ସା/ପୋ.: କନକ, ଥାନା: ରମ୍ଭା, ତହସିଲ: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୨୮ / କୋ-ଓବ୍ଲିଗାଣ୍ଟ: ବିନୋଦ ବିହାରୀ ଦାଶ, ପିତା: ପୁରୁଷୋତ୍ତମ ଦାଶ, ସା/ପୋ.: ସାମୁଲିଆ, ଭାୟା: ରମ୍ଭା, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୨୮ | ଟ.୯,୪୪,୧୦୬/- + ସେବାବଦ ସୁଧ | ୦୬.୧୧.୨୦୨୩ / ୨୪.୦୪.୨୦୨୪ | ଶ୍ରୀ ବଳରାମ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପୁରୁଣା ଖାତା ନଂ.: ୨୮୧/୭୦, ନୂଆ ଖାତା ନଂ.: ୨୮୧/୯୩, ପ୍ଲଟ୍ ନଂ.: ୯୨୦/୧୭୦୬, କ୍ଷେତ୍ର: ଏକର୦.୦୯୦ଡିସିମିଲି, ଘରବାରି, ରେଭିନ୍ୟୁ ମୌଜା: ଡିମିରିଆ, ତହସିଲ/ଏସ୍‌ଆରଓ / ଥାନା: ଖଲ୍ଲିକୋଟ, ଗଞ୍ଜାମ, ଓଡ଼ିଶା, ଏହାର ଚରିପାର୍ଶ୍ୱରେ ପୂର୍ବ: ଏନ୍‌ଏଚ୍-୫, ପଶ୍ଚିମ: କପିଳ ମୁଦୁଳି, ଦକ୍ଷିଣ: ସୁଲୋଚନା ନାୟକ, ପିତା: ବଳରାମ ନାୟକ, ଉତ୍ତର: କେଶବ ପରିଡା |
| ଋଣଗ୍ରହୀତାମାନେ: ଶ୍ରୀ ରଞ୍ଜନ କୁମାର ବେହେରା, ପିତା: ଯୋଗେନ୍ଦ୍ର ବେହେରା ଏବଂ ଶ୍ରୀମତୀ ଗୌରୀ ବେହେରା, ସ୍ୱାମୀ: ଯୋଗେନ୍ଦ୍ର ବେହେରା, ଗ୍ରାମ: ମଧୁରଛୁଆ, ରମ୍ଭା, ଗଞ୍ଜାମ, ଓଡ଼ିଶା-୭୬୧୦୨୮ | ଟ.୧୪,୯୧,୪୪୩/- + ସେବାବଦ ସୁଧ | ୦୬.୧୧.୨୦୨୩ / ୨୪.୦୪.୨୦୨୪ | ଶ୍ରୀମତୀ ଗୌରୀ ବେହେରା, ସ୍ୱାମୀ: ଯୋଗେନ୍ଦ୍ର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୫୫, ପ୍ଲଟ୍ ନଂ.: ୧୦୩୯, କ୍ଷେତ୍ର: ଏକର୦.୦୫୦ଡିସିମିଲି, ରେଭିନ୍ୟୁ ମୌଜା: ରମ୍ଭା ଇଷ୍ଟେଟ୍, ତହସିଲ: ଖଲ୍ଲିକୋଟ, ଡିଏସ୍‌ଆରଓ: ଛତ୍ରପୁର, ଗଞ୍ଜାମ, ଓଡ଼ିଶା, ଏହାର ଚରିପାର୍ଶ୍ୱରେ ପୂର୍ବ: ବଙ୍ଗାଳି ବେହେରାଙ୍କ ଜମି, ପଶ୍ଚିମ: ଜାତୀୟ ରାଜପଥ ରାସ୍ତା, ଦକ୍ଷିଣ: ନିରଞ୍ଜନ ସାହୁଙ୍କ ଜମି, ଉତ୍ତର: ବିକ୍ରେତାଙ୍କ ଅବଶିଷ୍ଟ ଜମି |

ତାରିଖ: ୨୪.୦୪.୨୦୨୪
ସ୍ଥାନ: ବ୍ରହ୍ମପୁର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## କ୍ରୀଡ଼ାଙ୍ଗନ କ୍ଲବର କାର୍ଯ୍ୟ ତ୍ୱରାନ୍ୱିତ ହେବ

ଭୁବନେଶ୍ୱର, ୨୪।୪(ଅସମାପିକା ସାହୁ)

ଛାତ୍ରଛାତ୍ରୀ ନୂତନ ଜୀବନ କୌଶଳ ଆଧାରରେ ଶିକ୍ଷା ଗ୍ରହଣ କରିବା ସହିତ କିପରି ବୃତ୍ତିଗତ ଜୀବନରେ ସଫଳ ହେବେ ସେ ନେଇ ଯୋଜନା ପ୍ରସ୍ତୁତ କରୁଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। କ୍ରୀଡ଼ା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ଏବଂ କୌଶଳର ବିକାଶ ହେବ । ଏଥିପାଇଁ ସ୍କୁଲରେ ଥିବା କ୍ରୀଡ଼ାଙ୍ଗନ କ୍ଲବର କାର୍ଯ୍ୟକୁ ଚଳିତବର୍ଷ ଅଧିକ ତ୍ୱରାନ୍ୱିତ କରାଯିବ। ସେହି ଆଧାରରେ ଶିକ୍ଷକ ପ୍ରଶିକ୍ଷଣକୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନ ଗଠନରେ କିପରି କ୍ରୀଡ଼ାଙ୍ଗନ କ୍ଲବ ସହାୟକ ହୋଇପାରିବ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ନେବାର କୌଶଳ ବିକଶିତ ହେବା ସହିତ ଆତ୍ମ ସଚେତନତା, ସମୟ ପରିଚାଳନା, ସମସ୍ୟା ସମାଧାନ ଗୁଣ ବୃଦ୍ଧି ପାଇବ ସେ ଦିଗରେ କ୍ରୀଡ଼ାଙ୍ଗନ ଶିକ୍ଷାର୍ଥୀ କ୍ଲବର ପରିକଳ୍ପନା କରାଯାଇଛି। ଏହି ଆଧାରରେ ଉଚ୍ଚ ବିଦ୍ୟାଳୟ ସ୍ତରରେ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡ଼ାଙ୍ଗନ କ୍ଲବର ଗଠନ କରାଯାଇ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରାଯାଉଛି। ଚଳିତ ବର୍ଷ ଏହି ଶିକ୍ଷାର୍ଥୀ କ୍ଲବ କିପରି ସୁଚାରୁରୂପେ କାର୍ଯ୍ୟ କରିବ ଏବଂ ନୂତନ ଜୀବନ କୌଶଳ ଆଧାରିତ ଶିକ୍ଷାକୁ ନେଇ ଆଗକୁ ବଢ଼ିବ ସେ ନେଇ ରୂପରେଖ ପ୍ରସ୍ତୁତ ହେଉଛି। ଚଳିତ ବର୍ଷ ନୂଆ ପାଠ୍ୟକ୍ରମରେ ଛାତ୍ରୀଛାତ୍ର ଦୃଢ଼ତାର ସହିତ ମତ ପ୍ରକାଶ କରିବା, ସୃଜନଶୀଳତାର ବିକାଶ, ସହଯୋଗିତା, ସ୍ୱ ପରିଚାଳନା ଏବଂ ନିଷ୍ପତ୍ତି ନେବା ଭଳି ଦକ୍ଷତା ଶିଖିବେ।




ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ବିଏମ୍‌ସି ପକ୍ଷରୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ନୂଆ ଭୋଟର।

# 'ଭୁବନେଶ୍ୱରରେ ପ୍ରାୟ ୪୩% ଲୋକ ଭୋଟ ଦିଅନ୍ତି'

## ମତଦାନ ହାର ବୃଦ୍ଧି ପାଇଁ ଭୋଟର ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)

ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ମତଦାନ ହାର ବୃଦ୍ଧି ପାଇଁ ସଚେତନତା କାର୍ଯ୍ୟକ୍ରମ ବୁଧବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ କହିଲେ, ରାଜଧାନୀରେ ଏଥର ସର୍ବାଧିକ ମତଦାନ ହେବ। ସ୍ମାର୍ଟ ନଗରୀର ସ୍ମାର୍ଟ ଭୋଟରମାନେ ମେ' ୨୫ରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ନିଜର ମତ ସାବ୍ୟସ୍ତ କରିବାକୁ ସେ ଅନୁରୋଧ କରିଥିଲେ। ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ କହିଲେ, ଦେଶର ଶାସନ ପଦ୍ଧତି ଅନୁସାରେ ଜନପ୍ରତିନିଧି କିପରି ହେବା ଦରକାର ତାହା ବିଚାର କରିବା ଏବଂ ସେଥିପାଇଁ ଆମକୁ ମତ ଦେବାର ସୁଯୋଗ ଆମ ସମ୍ବିଧାନ ଦେଇଛି। ତେଣୁ ଏହି ଅଧିକାରର ଉପଯୋଗ କରିବା ଉଚିତ। ଭୁବନେଶ୍ୱରରେ ଭୋଟଦାନ ସ୍ଥିତି କମ୍ ରହିଛି। ପ୍ରାୟ ୪୩ % ଭୋଟର ଭୋଟ ଦେଉଥିବାବେଳେ ପାଖାପାଖି ୩ ଲକ୍ଷ ୪୦ ହଜାର ଭୋଟର ଅନ୍ୟ ବଳକା ଭୋଟରଙ୍କ ପାଇଁ ଲୋକ ପ୍ରତିନିଧି ବାଛିବା ପାଇଁ ମତ ଦେଉଛନ୍ତି । ଏହି ହାର ବଢ଼ିବା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ୪୦୦ରୁ ଅଧିକ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଚେୟାରମ୍ୟାନ ସିଣ୍ଡି କାଉନସିଲ ପ୍ରଫେସର ଚଣ୍ଡି ଚରଣ ରଥ, ବିଏମ୍‌ସି ଅତିରିକ୍ତ କମିଶନର ଘାସିରାମ ମୁର୍ମୁ ଓ ସଞ୍ଜିତା ସାହୁ, ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ୟାମଳି ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବାବଲ ମହାନ୍ତି, ଉପଜିଲାପାଳ ଚିନ୍ମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ମେ ୨୫ ତାରିଖ ଦିନ ସମସ୍ତେ ନିଜ ମତଦାନ କରିବା ପାଇଁ ଉପସ୍ଥିତ ଭୋଟରଙ୍କୁ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ପ୍ରଥମଥର ପାଇଁ ମତଦାନ କରିବାକୁ ଯାଉଥିବା ନୂଆ ଭୋଟରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରାଙ୍ଗଣରେ ଅତିଥି ଓ ଛାତ୍ରୀମାନେ ଦସ୍ତଖତ ଅଭିଯାନରେ ସାମିଲ ହୋଇ ନିଶ୍ଚୟ ଭୋଟ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରତର ସରକାରଙ୍କ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରଦତ୍ତ କେତେକ ବୃତ୍ତିଚିତ୍ର ପ୍ରଦର୍ଶିତ କରାଯାଇଥିଲା। ପରେ ଭୋଟରଙ୍କୁ ସଚେତନ କରାଇବା ପାଇଁ ଜାଗରଣ ଅନୁଷ୍ଠାନ ଏବଂ ଏସିଆନ ଇନଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ହେଲଥ୍‌ର କଳାକାରଙ୍କ ଦ୍ୱାରା ପରିବେଷିତ ପଥପ୍ରାନ୍ତ ନାଟକ ଉପସ୍ଥିତ ଦର୍ଶକଙ୍କୁ ସଚେତନ କରିଥିଲା। ବିଦ୍ୟାଳୟ ସିଣ୍ଡି କାଉନସିଲର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁବାର ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## କଲେଜ ବସ୍‌କୁ ଧକ୍କାଦେଲା ଆମ୍ବୁଲାନ୍ସ

ଖୋର୍ଦ୍ଧା,୨୪।୪(ପ୍ରଭାତ ପାଣିଗ୍ରାହୀ)

୧୬ ନମ୍ବର ଜାତୀୟ ରାଜପଥର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଛକରେ ବୁଧବାର ଅପରାହ୍ନରେ ଏକ ଘରୋଇ କଲେଜ ବସ୍ ପଛପଟକୁ ଧକ୍କାଦେଇ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଆମ୍ବୁଲାନ୍ସ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଅନ୍ୟ ଜଣେ ଡ୍ରାଇଭରଙ୍କ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଡ୍ରାଇଭର ତାମିଲନାଡୁର କେ. ସତୀଶ କୁମାର(୫୦), ପଶ୍ଚିମବଙ୍ଗ ବର୍ଦ୍ଧମାନ ଅଞ୍ଚଳର ଦୃଷ୍ଟି ମୋସାନ(୨୫) ଓ ତାଙ୍କ ମା'ସାମ୍ପା ମୋସାନ(୪୦)। ଖବରପାଇ ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଆମ୍ବୁଲାନ୍ସ ସମ୍ମୁଖ ଭାଗକୁ କାଟି ଆହତ ଡ୍ରାଇଭର ଏବଂ ଅନ୍ୟମାନଙ୍କୁ ଉଦ୍ଧାର କରିଥିଲା। ପୋଲିସ ଦୁର୍ଘଟଣାଗସ୍ତ ଆମ୍ବୁଲାନ୍ସକୁ ଜବତ କରି ତଦନ୍ତ ଚଳାଇଛି। ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲେ।

## ମେ ୨୪ ସୁଦ୍ଧା ଡ୍ରେନ୍ ସଫେଇ ସାରିବ ବିଏମ୍‌ସି



ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)

ଚଳିତବର୍ଷ ରାଜ୍ୟକୁ ଶୀଘ୍ର ମୌସୁମୀ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ ପ୍ରକାଶ ପାଇଛି। ପ୍ରତି ବର୍ଷ ବର୍ଷାଦିନେ ଭୁବନେଶ୍ୱରରେ ଜଳବନ୍ଦୀ ସମସ୍ୟାକୁ ଏଡ଼ାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଏବେଠାରୁ କସରତ ଆରମ୍ଭ ହୋଇଛି। ସମସ୍ତ ୬୭ ୱାର୍ଡରେ ଥିବା ଆଭ୍ୟନ୍ତରୀଣ ଡ୍ରେନଗୁଡ଼ିକର ସଫେଇ କାର୍ଯ୍ୟ ମେ' ୨୪ ତାରିଖ ସୁଦ୍ଧା ସାରିବାକୁ ନିଷ୍ପତ୍ତି ହୋଇଛି। ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ସଫେଇ କାର୍ଯ୍ୟ ସାରିବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଡ୍ରେନରୁ କଠିନ ବର୍ଜ୍ୟ ସଫେଇ ତଥା ଡ୍ରେନ୍ ମରାମତି କାର୍ଯ୍ୟ ସୁଚାରୁପେ କରିବା ପାଇଁ କୁହାଯାଇଛି। ସେହିପରି ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ ପୂର୍ବକ ଡ୍ରେନ୍ ନିର୍ମାଣ ସହ ପାଣି ଜମୁଥିବା ଅଞ୍ଚଳରେ ରାସ୍ତା ମରାମତି କାମ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସେହିପରି ବିପଦପୂର୍ଣ୍ଣ ଭାବେ ଥିବା ଡ୍ରେନ୍ ଚିହ୍ନଟ କରି ସ୍ଲାବ୍ ପକାଇବା କାର୍ଯ୍ୟ ତୁରନ୍ତ ସାରିବାକୁ କମିଶନର କହିଛନ୍ତି। ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ହେବ ବୋଲି ସୂଚନା ରହିଛି।

## ୨୭ରେ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୨୪।୪(ଶର୍ମିଷ୍ଠା ପାଣିଗ୍ରାହୀ)

ସମ୍ଭାବନା ପକ୍ଷରୁ ଆସନ୍ତା ୨୭ ତାରିଖରେ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ ଓ ୨୮ରେ ଓଡ଼ିଆ ସ୍ୱାଭିମାନ ସମାରୋହ ପାଳନ ହେବ। ସୂଚନା ଭବନଠାରେ ହେବାକୁଥିବା ଏହି କାର୍ଯ୍ୟକ୍ରମରେ ଶ୍ରେଷ୍ଠ ଓଡ଼ିଆଣୀଙ୍କ ସହିତ 'ସହ ଶ୍ରେଷ୍ଠ ଓଡ଼ିଆଣୀ' ଏବଂ 'କୃତୀ ଓଡ଼ିଆଣୀ'ମାନେ ସମ୍ବର୍ଦ୍ଧିତ ହେବେ। ଏହାସହିତ ଓଡିଶୀ ନୃତ୍ୟ ପରିବେଷିତ ହେବ। ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ବିଷୟବସ୍ତୁର କିଛି ଝଲକ ଏହି ଅବସରରେ ପ୍ରଦର୍ଶିତ ହେବ। ସେହିଭଳି ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପରିସରରେ ହେବାକୁ ଥିବା ଓଡ଼ିଆ ସ୍ୱାଭିମାନ ସମାରୋହ ସହ ମଧୁଗାଥା ଅନୁଷ୍ଠିତ ହେବ। ଏହି ଅବସରରେ ଓଡ଼ିଆ ଅସ୍ମିତା, ଭାଷା, ସଂସ୍କୃତି ଓ ପରମ୍ପରା ପାଇଁ ଉତ୍ସର୍ଗୀକୃତ ଭାବେ କାମ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ଓଡ଼ିଆ ମହୋତ୍ସବ ସମ୍ମାନ ପ୍ରଦାନ କରାଯିବ। ବୁଧବାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, ସମ୍ପାଦକ ଦେବ ପ୍ରସାଦ ପରିଜା, ଟ୍ରଷ୍ଟି ସ୍ମୃତି ମହାନ୍ତି,ରାଜଶ୍ରୀ ଶତପଥୀ,ଯୁଗ୍ମ ସମ୍ପାଦିକା ମୀନାକ୍ଷୀ ପଟ୍ଟନାୟକ, ପ୍ରଫୁଲ୍ଲ ଦେ ଓ କାର୍ଯ୍ୟକ୍ରମ ସମ୍ପାଦିକା ରଶ୍ମିତା ରଥ ପ୍ରମୁଖ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

## ୪ର୍ଥ, ୫ମ ସେମିଷ୍ଟର ବ୍ୟାକ୍ ପେପର ପରୀକ୍ଷା ସୂଚୀ

### ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୨୪।୪(ଅସମାପିକା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଚତୁର୍ଥ ଓ ପଞ୍ଚମ ସେମିଷ୍ଟର ବ୍ୟାକ ପେପର ପରୀକ୍ଷା ପାଇଁ ବୁଧବାର ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ମେ' ୧ତାରିଖରୁ ଚତୁର୍ଥ ସେମିଷ୍ଟର ଓ ୨ତାରିଖରୁ ପଞ୍ଚମ ସେମିଷ୍ଟରର ଥିଓରୀ ପରୀକ୍ଷା ଆରମ୍ଭ ହେବ। ଦିନେ ଛାଡ଼ି ଦିନେ କ୍ରମାନ୍ୱୟରେ ଉଭୟ ପରୀକ୍ଷା ହେବ। କେବେଳ ବ୍ୟାକ ପେପର ଦେବାକୁ ଥିବା ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ। ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଆସନ୍ତା ୨୯ତାରିଖରୁ ଉଭୟର ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇନାହିଁ। ସମ୍ପୃକ୍ତ ମହାବିଦ୍ୟାଳୟର ଅଧକ୍ଷଙ୍କୁ ପ୍ରଶ୍ନପତ୍ର ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଯାଇଛି।

## ଏକାମ୍ରରେ ଅଶୋକଙ୍କ ପ୍ରଚାର

ପୁରୁଣା ଭୁବନେଶ୍ୱର,୨୪।୪(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବୁଧବାର ବିଜେଡି ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରଚାର କରିଛନ୍ତି। ସକାଳେ ୱାର୍ଡ ନଂ.୨୪ ଓ ୪୯ର ଏଚ୍‌ଆଇଜି ପାର୍କ ଓ ପ୍ରଜ୍ଞା ବିହାର ପାର୍କରେ ପ୍ରାତଃ ଭ୍ରମଣ କରିବାକୁ ଆସୁଥିବା ଅନ୍ତେବାସୀଙ୍କୁ ମନ୍ତ୍ରୀ ପଣ୍ଡାଙ୍କ ସମେତ ମେୟର ସୁଲୋଚନା ଦାସ, ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ସାକ୍ଷାତ କରି ଭୋଟ ଭିକ୍ଷା କରିଥିଲେ। ସେହିପରି ତିକରପଡ଼ା ଓ ଲିଙ୍ଗିପୁର ପଞ୍ଚାୟତର ଦୁଇଟି ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ୱାର୍ଡ ନଂ.୬୬ରେ କର୍ମୀ ସମ୍ମିଳନୀରେ ଉଭୟ ପ୍ରାର୍ଥୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, ଦୀପକ ମିଶ୍ର, ଶିବ ନାରାୟଣ ରାୟ, ଛବି ଦାସ, ଏକାମ୍ର ମହିଳା ସଭାନେତ୍ରୀ ତଥା କର୍ପୋରେଟର ମହାମାୟା ସ୍ୱାଇଁ, ସଭାନେତ୍ରୀ ସଂଯୁକ୍ତା ଭୁତିଆ, ବିଜେଡି ବରିଷ୍ଠ ନେତ୍ରୀ ଉଷାରାଣୀ ମହାନ୍ତି, ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।




ବିଜେଡି କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

## ବିଜେଡିରେ ମିଶିଲେ ଭାଜପା ନେତା, କର୍ମୀ




ଭୁବନେଶ୍ୱର, ୨୪।୪(ସୁନିତ୍ ମିଶ୍ର)

ବରିଷ୍ଠ ଭାଜପା ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୁରୁବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ସୋନପୁରଠାରେ ଆୟୋଜିତ ଜନସଭାରେ ଯୋଗଦେବା ପରେ ସେ ଭୁବନେଶ୍ୱରଠାରେ ପହଞ୍ଚି ଦଳୀୟ କାର୍ଯ୍ୟାଳୟରେ ସାଙ୍ଗଠନିକ ବୈଠକ କରିବେ ବୋଲି ଜଣାପଡ଼ିଛି। ତେବେ ଏଭଳି ସମୟରେ ଭୁବନେଶ୍ୱର ସାଙ୍ଗଠନିକ ଜିଲାର ଅଧୀନ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ବହୁ ଭାଜପା ନେତା ଓ କର୍ମୀ ବୁଧବାର ବିଜେଡିରେ ଯୋଗଦେଇଛନ୍ତି। ଏହି ଭାଜପା ନେତାମାନେ ଶଙ୍ଖଭବନଠାରେ ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ମେୟର ସୁଲୋଚନା ଦାସ, ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, କର୍ପୋରେଟର ମିହିର କୁମାର ରାଉତ, ନିର୍ମଳ ରାଉତ, ସନ୍ତୋଷ ନାଥ, ଜୟନ୍ତୀ ସାହୁ ଓ ସରପଞ୍ଚ ହେମନ୍ତ ପରିଡ଼ାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ଭାଜପା ନେତା ଓ କର୍ମୀଙ୍କୁ ସୁଶାନ୍ତ ରାଉତ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସୁଶାନ୍ତ କହିଛନ୍ତି। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଭାଜପା ନେତାମାନେ ପ୍ରତିକ୍ରିୟାରେ କହିଛନ୍ତି, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବର୍ତ୍ତମାନ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବେ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପା ଉତ୍ତର ଗ୍ରାମୀଣ ମଣ୍ଡଳ ସଭାପତି ଯତୀନ୍ଦ୍ର ମହାନ୍ତି, ଭୁବନେଶ୍ୱର ସାଙ୍ଗଠନିକ ଜିଲା ଉପସଭାପତି ଅକ୍ଷୟ କୁମାର ପତି, ଭୁବନେଶ୍ୱର ସାଙ୍ଗଠନିକ ଜିଲା କୃଷକ ମୋର୍ଚ୍ଚା ଜେନେରାଲ ସେକ୍ରେଟାରି ମନୋଜ ସାମଲ, ଗ୍ରାମୀଣ ମଣ୍ଡଳ ଜେନେରାଲ ସେକ୍ରେଟାରି ପ୍ରିୟରଞ୍ଜନ କରଶର୍ମା ପ୍ରମୁଖ ବିଜେଡିରେ ଯୋଗ ଦେଇଛନ୍ତି।

## 'ଯା ନାମ ଦେବୁ ଯା' କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୨୪।୪(ସୁବାସ ଚନ୍ଦ୍ର ପ୍ରଧାନ)

ହାଟସାହି ସ୍ଥିତ ଶ୍ୟାମା ଶଙ୍କର ମଠ ପରିସରରେ ଯା ନାମ ଦେବୁ ଯା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଲକାତାରୁ ନୟନ ରଞ୍ଜନ ସାଧୁଙ୍କ ତତ୍ତ୍ୱାବଧାନରେ ୨୫ ଜାଣିଆ ସଂକୀର୍ତ୍ତନ ମଣ୍ଡଳୀ, ଢେଙ୍କାନାଳ, ପାରାଦ୍ୱୀପ ଅଞ୍ଚଳର ନାମ ସଂକୀର୍ତ୍ତନ ମଣ୍ଡଳୀ ମଠରେ ପହଞ୍ଚିଥିଲେ। ସକାଳ ୮ଟାରେ ସମସ୍ତ ମଣ୍ଡଳୀ ଏକତ୍ରିତ ହୋଇ ଭଗବାନଙ୍କ ନାମ ଜପ ପୂର୍ବକ ଶ୍ରୀଲିଙ୍ଗରାଜ ମନ୍ଦିର ପରିକ୍ରମା କରିଥିଲେ। ସେଠାରୁ ଏହି ଟିମ ପୁରୀ ଅଭିମୁଖେ ଯାତ୍ରା କରିଥିଲା। ବାଟରେ ଦାସିଆ ବାଉରି ପୀଠ, ସାକ୍ଷୀଗୋପାଳ ରହଣି ପରେ ପୁରୀରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେବୋଲି ମଠ ମୁଖ୍ୟ ପରିଚାଳକ ଅରୁଣ କୁମାର ଗାଙ୍ଗୁଲି କହିଛନ୍ତି।

## ଭକ୍ତକବି ଦୀନକୃଷ୍ଣ ଦାସ ଜୟନ୍ତୀ

ଭୁବନେଶ୍ୱର,୨୪।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜୟନ୍ତୀ ବୁଧବାର ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳିରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳିସଭାରେ ଶିକ୍ଷାବିତ୍‌କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିଲେ। ଅଧ୍ୟାପକ ଡ. ରଙ୍ଗାଧର ସାହୁ, ସମାଜସେବୀ ଗିରିଜାଶଙ୍କର ମହାପାତ୍ର, ଅକ୍ଷୟ କୁମାର ଜେଠି, ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଭକ୍ତକବି ଦୀନକୃଷ୍ଣ ବୈଷ୍ଣବ ସଂସ୍କୃତିରେ ଭକ୍ତି ରସାତ୍ମକ ଜଣାଣ ଓ ରସକଲ୍ଲୋଳ କାବ୍ୟ ରଚନା କରି ଓଡିଶାର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## ଦମିଖାଲ ମେଳଣ ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର,୨୪।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଦମିଖାଲ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ଭାଗବତ ବାସୁଦେବ ଗାଦି ଗୋସାଁଇଙ୍କ ଦୋଳମେଳଣ ଉତ୍ସବ ୨ଦିନ ଧରି ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଦମିଖାଲ ଦୋଳ ସହ ଅନ୍ୟ ଗ୍ରାମର ୬ଟି ଦୋଳ ବିମାନରେ ଠାକୁରମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ। ସୋମବାର ଠାକୁରଙ୍କ ରୋଶଣି ଶୋଭାଯାତ୍ରା ଗ୍ରାମଦେବତୀ ବରଡ଼େଇଙ୍କ ମନ୍ଦିରଠାରୁ ବାହାରିଥିଲା। ପ୍ରଥମେ ଭାଗବତ ବାସୁଦେବଙ୍କ ବିମାନ ଓ ପରେ ଝାରପଡ଼ା, ଲକ୍ଷ୍ମୀସାଗର, ପାଣ୍ଡରା, କେସୁରା ପ୍ରମୁଖ ବିମାନ ରୋଶଣି କରି ପଡ଼ିଆକୁ ବାହାରିଥିଲା। ମଙ୍ଗଳବାର ସନ୍ଧ୍ୟାରେ ଅନ୍ୟ ୬ଟି ବିମାନ ପକ୍ଷରୁ ଆସିଥିବା ସଙ୍କୀର୍ତ୍ତନ ମଣ୍ଡଳୀ, ହରିନାମ, ଭାଗବତ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରକାର ଆତସବାଜି ପ୍ରଦର୍ଶନ କରାଯାଇଥିଲା। ମେଳଣ ପଡ଼ିଆରେ ଅସ୍ଥାୟୀ ଦୋକାନ ଖୋଲିବା ସହ ଶ୍ରୀ ଭାଗବତ ବାସୁଦେବ ମେଳଣ ସମିତିର ଅଧିକାରୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଗ୍ରାମ୍ୟ କମିଟି ପକ୍ଷରୁ ୩ଦିନ ଅପେରା ପରିବେଷଣ ହୋଇଥିଲା। ଏ ନେଇ ଅନୁଷ୍ଠାନର ସଭାପତି ପ୍ରକାଶ ଚନ୍ଦ୍ର ଜେନା, ଗ୍ରାମ ଅଧିକାରୀ ଦୁଃଖୀଶ୍ୟାମ ଜେନା ସୂଚନା ଦେଇଛନ୍ତି।

## ପ୍ଲଟ ଦେବା ନାଁରେ ୩ ଲକ୍ଷ ଠକେଇ, ଜମି ମାଲିକ ଗିରଫ

ଭୁବନେଶ୍ୱର,୨୪।୪(ସୂର୍ଯ୍ୟକାନ୍ତ ବେହେରା)

ପ୍ଲଟ ଦେବା ନାଁରେ ୩ ଲକ୍ଷ ଠକିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଜମି ମାଲିକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଅଜୟ କୁମାର ଜଗଦ୍ଦେବ। ଠକେଇର ଶିକାର ହୋଇଥିବା ଅଭିଯୋଗକାରୀ ବିଜ୍ଞାନ ଚୌଧୁରୀ ଭୁବନେଶ୍ୱରରେ ଏକ ପ୍ଲଟ୍ କିଣିବାକୁ ଚାହୁଁଥିଲେ। ଏଥିପାଇଁ ୫ବର୍ଷ ତଳେ ଅଭିଯୁକ୍ତ ଅଜୟଙ୍କୁ ୩ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଅଜୟ ତାଙ୍କ ନାମରେ କୌଣସି ପ୍ଲଟ୍ ପଞ୍ଜୀକରଣ କରି ନ ଥିଲେ କି ନେଇଥିବା ଟଙ୍କା ଫେରାଇ ନ ଥିଲେ। ଫଳରେ ବିଜ୍ଞାନ ଉକ୍ତ ପ୍ଲଟ୍‌ରେ ପାଚେରି ବୁଲାଇ ଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ଜମି ମାଲିକ ଅଜୟ ମଙ୍ଗଳବାର ସହଯୋଗୀଙ୍କ ସହିତ ମିଶି ଉକ୍ତ ଜମିର ପାଚେରି ଭାଙ୍ଗି ଭିତରେ ବାଲି ପୂରାଉଥିଲେ। ଏହାକୁ ବିଜ୍ଞାନ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏହାସହ ଜମି ନିମନ୍ତେ ଅଧିକ ୫ ଲକ୍ଷ ଟଙ୍କା ଦାବି କରିଥିଲେ।

## ମହିଳା ଉଦ୍ୟୋଗୀଙ୍କ ପାଇଁ ସୁଯୋଗକୁ ଗୁରୁତ୍ୱ

### ଓଡ଼ିଶା ୱଣ୍ଡର ୱିମେନ କନଭେନଶନ

ଭୁବନେଶ୍ୱର,୨୪।୪ (ଅନୁରାଧା ମହାରଣା)

ଆନ୍ତର୍ଜାତିକଶ୍ରମିକସଂଗଠନ(ଆଇଏଲ୍‌ଓ), କ୍ଷୁଦ୍ର ଏବଂ ଓଏଏସ୍‌ଏମ୍‌ଇ ପକ୍ଷରୁ ଓଡ଼ିଶା ୱଣ୍ଡର ୱିମେନ କନଭେନଶନ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଓଏଏସ୍‌ଏମ୍‌ଇ ୱିମେନ ୱିଙ୍ଗର ଚେୟାରମ୍ୟାନ ଜ୍ୟୋତିର୍ମୟୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଇଏଲଓର ମୁଖ୍ୟ ବୈଷୟିକ ପରାମର୍ଶଦାତା ସୁଦୀପ୍ତା ଭଦ୍ରା ଯୋଗଦେଇଥିଲେ। ମହିଳା ଉଦ୍ୟୋଗୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବ୍ୟବସାୟକୁ ବଜାୟ ରଖିବା ଏବଂ ବିସ୍ତାର କରିବା ପାଇଁ ମହିଳାଙ୍କ ସ୍ଥାୟୀ ବିକାଶ ଲକ୍ଷ୍ୟର ମହତ୍ତ୍ୱ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ଭଦ୍ରା କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାରେ ସ୍ଥାୟୀ ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଥିବା ପଦକ୍ଷେପ ଏହି ଲକ୍ଷ୍ୟ ହାସଲ ପାଇଁ ଆଇଏଲଓ ରାଜ୍ୟ ସରକାରଙ୍କ ସହ ସହଯୋଗ କରୁଛି। କାର୍ଯ୍ୟକ୍ରମରେ ପ୍ୟାନେଲ ଆଲୋଚନା ସମୟରେ ଆନ୍ଧ୍ରପ୍ରଦେଶର ଲେଡି ଏଣ୍ଟରପ୍ରାଇଜର୍ସ ଅଫ ଇଣ୍ଡିଆର ସଭାପତି ରମାଦେବୀ, କୁଡୁମ୍ବଶ୍ରୀର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀକାନ୍ତ କୁନାୟିଲ ଏବଂ ଓଏଏସ୍‌ଏମ୍‌ଇ ୱିମେନ ୱିଙ୍ଗ୍‌ର କଟକର ସଭାପତି ଲୋପାମୁଦ୍ରା ଯୋଗଦେଇଥିଲେ। ଏହି ଅବସରରେ ଓଏଏସ୍‌ଏମ୍‌ଇ ଭୁବନେଶ୍ୱର ଶାଖା ସଚିବ ପ୍ରତିଶ୍ରୁତି ଜେନା ସ୍ଥାୟୀ ଉଦ୍ୟୋଗ ଏବଂ ଅର୍ଥନୈତିକ ସଶକ୍ତୀକରଣକୁ କେନ୍ଦ୍ରକରି ଏହି କର୍ମଶାଳାରେଏହି ଅଞ୍ଚଳର ମହିଳା ନେତୃତ୍ୱାଧୀନ ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଇଏଲ୍‌ଏମ୍ ପରାମର୍ଶଦାତ୍ରୀ ରୀତା ମାଥୁରଙ୍କ ଦ୍ୱାରା ପରିଚାଳିତ 'ସାର୍ବଜନୀନ କ୍ରୟ ନୀତି – ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ସୁଯୋଗ' ଉପରେ ପ୍ୟାନେଲ ଆଲୋଚନା ହୋଇଥିଲା। ଏଥିସହ ଓଏଏସ୍‌ଏମ୍‌ଇ ମହିଳା ୱିଙ୍ଗ କଟକର ସଚିବ ଅନ୍ୱେଷା ରାଉତ ଏବଂ ଆନ୍ଧ୍ରପ୍ରଦେଶର ଜଣେ ମହିଳା ଉଦ୍ୟୋଗୀ ଆଲୋଚନାରେ ସହଯୋଗ କରିଥିଲେ। 'ଏମ୍‌ଏସ୍‌ଇ ଉତ୍ପାଦନ ଉଦ୍ୟୋଗ –୨୦୨୪ ପାଇଁ ଓଡିଶା କ୍ରୟ ପ୍ରିଫରେନ୍ସ ପଲିସି' ଉପରେ ଆୟୋଜିତ ଅଧିବେଶନକୁ ଓଏଏସ୍‌ଏମ୍‌ଇର ସେକ୍ରେଟେରି ଜେନେରାଲ ସାତ୍ତ୍ୱିକ ସ୍ୱାଇଁ ପରିଚାଳନା କରିଥିଲେ। ଏହା ପରେ ଓଏନ୍‌ଡିସିର ନେଟ୍‌ୱର୍କ ପ୍ରତିନିଧି ପୂଜା ବାଗରି 'ଓଏନଡିସି' ଉପରେ ଏବଂ ଇଶିତା ଗୁପ୍ତା 'ଏଆଇ ଯୁଗରେ ଡିଜିଟାଲ ମାର୍କେଟିଂ' ବିଷୟରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### କାର୍ ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

ବାଙ୍କୀ,୨୪।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବାଙ୍କୀ ଥାନା ଅଞ୍ଚଳର ଜଣାଶୁଣା ବ୍ୟବସାୟୀ ପ୍ରସନ୍ନ କୁମାର ସାହୁଙ୍କ ପୁଅ ନରେନ୍ଦ୍ର (୫୦)ଙ୍କର ବୁଧବାର ବାଙ୍କୀ-କଟକ ରାସ୍ତାର କୁଶପଙ୍ଗି ଚକୁଳେଶ୍ୱରଠାରେ କାର୍ ମୁହାଁମୁହିଁ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ କାର୍ ନଂ. ଓଆର୦୨ ବିଓ୧୮୭୩ ଯୋଗେ ବାଙ୍କୀରୁ ଭୁବନେଶ୍ୱର ଯାଉଥିଲେ। ଏ ସମୟରେ କଟକ ଆଡୁ ଆସୁଥିବା ଏକ କାର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ନରେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ କଟକର



ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାତି ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ନରେନ୍ଦ୍ରଙ୍କ ମୃତ୍ୟୁରେ ବାଙ୍କୀରେ ଶୋକର ଛାୟା ଖେଳିଯାଇଛି।

### ରଘୁନାଥ ଜୀଉ ମନ୍ଦିରରେ ରାମଲୀଳା

ବାଙ୍କୀ,୨୪।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ କୁଶୁପଙ୍ଗିଠାରେ ରାମଲୀଳା ନାଟ୍ୟ ସାଂସଦ ଆନୁକୂଲ୍ୟରେ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ରାମଲୀଳା ପାଳିତ ହୋଇଯାଇଛି। ଅନୁଷ୍ଠାନର ୮୩ତମ ବାର୍ଷିକୋତ୍ସବ ଅବସରରେ ଲଙ୍କା ପୋଡି ଅନୁଷ୍ଠାନର ପୂର୍ବତନ ସଭାପତି ସ୍ୱର୍ଗତ ଦାମୋଦର ଲେଙ୍କାଙ୍କ ସ୍ମୃତି ସମ୍ମାନରେ ବାଙ୍କୀ ଓ ଡମପଡ଼ା ଅଞ୍ଚଳର ଅନନ୍ୟ ପ୍ରତିଭାକୁ ସମ୍ମାନୀତ କରାଯାଇଥିଲା। ବରିଷ୍ଠ କଳାକାର ଭାବେ ସୁଦର୍ଶନ ବେଉରା, ବିଦ୍ୟାଧର ବେଉରା ସମ୍ମାନିତ କରାଯାଇଥିଲା। କୁଶୁପଙ୍ଗି ଗାଁର ଭାଗବତ ମଣ୍ଡଳୀ ସହ ଚକୁଳେଶ୍ୱରର ଅବିନାଶ ସ୍ୱାଇଁଙ୍କୁ ମେଧାବୀ ଛାତ୍ର ଭାବେ ମାନପତ୍ର ସହ ଉପଢୌକନ ଓ ଆର୍ôଥିକ ରାଶି ପ୍ରଦାନ କରାଯାଇଥିଲା। ଆୟୋଜିତ ସ୍ମୃତି ସମ୍ମାନ ସଭାରେ ଅନୁଷ୍ଠାନର ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା ଅନୁଷ୍ଠାନର ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। କୁଶୁପଙ୍ଗିଗାଁର ଲଙ୍କାପୋଡିଆଗାମୀ ଦିନରେ ଓଡ଼ିଶାରେ ଯେପରି ସ୍ୱତନ୍ତ୍ର ଭାବେ ସ୍ଥାନ ହାସଲ କରିବ ବୋଲି ଲେଙ୍କା କହିଥିଲେ। ଏହି ପୌରାଣିକ ଉତ୍ସବରେ ଗ୍ରାମବାସୀଙ୍କ ସହ ଅନୁଷ୍ଠାନର ସମ୍ପାଦକ ବିଭୂ ପ୍ରସାଦ ନାୟକ, କୁଳମଣି ନାୟକ, ସୀତାରାମ ବେଉରା, ରମେଶ ଚନ୍ଦ୍ର ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ: ୩ ଆହତ



ମାହାଙ୍ଗାରେ ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା,ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇ ପ୍ରଚାର ଶୋଭାଯାତ୍ରାରେ ଯାଉଛନ୍ତି।





ଗଣ୍ଡଗୋଳରେ ଆହତ ୨ ବ୍ୟକ୍ତି।

## ମାହାଙ୍ଗାରେ ବୈଜୟନ୍ତ, ସୁମନ୍ତଙ୍କ ରୋଡ୍ ଶୋ

ମାହାଙ୍ଗା/ନିଶ୍ଚିନ୍ତକୋଇଲି,୨୪।୪
(ଯଯାତି ସିଂହ/ଅଶୋକ କୁମାର ମହାପାତ୍ର)

କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇ ବୁଧବାର ମାହାଙ୍ଗା ଗସ୍ତକରି ରୋଡ୍ ଶୋରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ସେମାନେ କୁରୁଜଙ୍ଗା ମେଳଣ ପଡ଼ିଆଠାରୁ ଶୋଭାଯାତ୍ରା ଆରମ୍ଭ କରି ଗୋପାଳପୁର, ଭଦ୍ରେଶ୍ୱର, ନାହାଙ୍ଗ, ଉମର, ଭଉଁରିଆ, ପଲ୍ଲିସାହି, ଓଷଙ୍ଗ, ଗୋକନ ଏରକଣା ଦେଇ ପୋଡାମରାଇ ହାଟ ପଡିଆଠାରେ ପହଞ୍ଚି ଜନସମର୍ଥନ ଲୋଡିଥିଲେ। ଭଦ୍ରେଶ୍ୱର ଥାନା ପୋଡାମରାଇଠାରେ ଗାଡ଼ି ପାର୍କିଂକୁ ନେଇ ବଚସାରୁ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳରେ ୩ ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ଏକ କାର୍ ଭଙ୍ଗାରୁଜା ହୋଇଛି।

ପୋଡାମରାଇ ଗାଁର କମଳାକାନ୍ତ ସେଠୀଙ୍କ ଗଣ୍ଡଗୋଳରେ ଗୋଡ ଭାଙ୍ଗିଯାଇଛି। ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ଥାନା ସାଇ ମନ୍ଦିର ନିକଟରେ ତାଙ୍କ ସାନଭାଇ ଖଗେଶ୍ୱର ସେଠୀଙ୍କୁ ସାଂସଦ ପ୍ରାର୍ଥୀ ବୈଜୟନ୍ତ ଓ ବିଧାୟକ ପ୍ରାର୍ଥୀ ସୁମନ୍ତଙ୍କ ସମର୍ଥକମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। କମଳାକାନ୍ତଙ୍କୁ ଅପହରଣ କରି ନେଇଯାଇଥିବା ସାନ ଭାଇ କହିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅପହୃତ କମଳାକାନ୍ତଙ୍କ ଅପହରଣକାରୀମାନେ ଆକ୍ରମଣ କରି ଜରିଆ ନଦୀ କୂଳରେ ପକାଇ ଫେରାର ହୋଇଯାଇଛନ୍ତି। ପୋଲିସ କମଳାକାନ୍ତଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଛି। ଅପରପକ୍ଷରେ ଭାଜପା ପକ୍ଷରୁ ଫଟୋ ଉତ୍ତୋଳନ କରୁଥିବା ଯୁବକ ଜଣକ ଆହତ ହୋଇଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଉଭୟ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ସୁମନ୍ତ ଘଡେଇଙ୍କୁ ପଚାରିବାରେ ଏହା ଶାସକ ବିଜେଡିର ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ। ମାହାଙ୍ଗାରେ ଏହି ଘଟଣା ନୂଆ ନୁହେଁ। ମାହାଙ୍ଗାବାସୀ ସତ କ'ଣ ଜାଣିଛନ୍ତି। ଆଗାମୀଦିନରେ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ମହାନ୍ତିଙ୍କୁ ପଚାରିବାରେ ବିଜେଡି ଯୁବ ଛାତ୍ର ବୈଠକ ଥିଲା। ଏ ଗଣ୍ଡଗୋଳ ଭାଜପାର ୨ଗୋଷ୍ଠୀ ମଧ୍ୟରେ ହୋଇଛି। ଏଥିରେ ବିଜେଡିର କୌଣସି ହାତ ନାହିଁ। ଭାଜପା ସବୁବେଳେ ହିଂସାରେ ବିଶ୍ୱାସ କରେ ବିଜେଡି ଶାନ୍ତିରେ ବିଶ୍ୱାସ କରେ ବୋଲି ସେ କହିଛନ୍ତି। ଭଦ୍ରେଶ୍ୱର ଆଇଆଇସି ବାବୁଲି ବାରିକଙ୍କୁ ତାଙ୍କ ମୋବାଇଲ ଫୋନକୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଏ ସମ୍ପର୍କରେ ସାଲେପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କୁ ପଚାରିବାରେ ଅଦ୍ୟାବଧି ଗଣ୍ଡଗୋଳ ନେଇ ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବାଙ୍କୀ ନଗର ଭାଜପା କର୍ମକର୍ତ୍ତା ସମ୍ମିଳନୀ, ମିଶ୍ରଣ ପର୍ବ

ବାଙ୍କୀ,୨୪।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ନଗର ଭାଜପା ପକ୍ଷରୁ ବୁଧବାର ରୁଚକା ମାର୍କେଟଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନଗର ଭାଜପା ସଭାପତି ସଞ୍ଜୟ ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମୀ ସମ୍ମିଳନୀରେ ବରିଷ୍ଠ ଭାଜପା ନେତା ସରୋଜ କୁମାର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ବାଙ୍କୀ ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆସନ୍ତା ନିର୍ବାଚନରେ ଭାଜପା କିଭଳି ଭଲ ପ୍ରଦର୍ଶନ କରିବ ସେ ସମ୍ପର୍କରେ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ସମସ୍ତ କର୍ମୀମାନେ ଘରକୁ ଘର ବୁଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଏବଂ ମୋଦିଙ୍କ ଗ୍ୟାରେଣ୍ଟି ସମ୍ପର୍କରେ ଲୋକମାନଙ୍କୁ ପରାମର୍ଶ ଦେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଭାଜପା ନେତା କୃଷ୍ଣ ବେହେରା, ବାପି ସାମଲ, ଦୀପକ ମହାପାତ୍ର, ଜିତୁ ସାହୁ, ଅଶୋକ ରାଜ, ଗୋଖା ବେହେରା, ସୁଷମା ଦଳେଇ, ରଘୁନାଥ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଭାଜପା ଦଳକୁ ଆସନ୍ତା ନିର୍ବାଚନରେ ଜୟଯୁକ୍ତ କରାଇବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ଏଥିରେ ରଞ୍ଜିତ ଭୋଇ, ସୁଧୀର ଧଳ, ବିଜୟ ରଣା, ରାଜେନ୍ଦ୍ର ସୁବୁଦ୍ଧିଙ୍କ ସମେତ ଶତାଧିକ ବ୍ୟକ୍ତି ଅନ୍ୟ ଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ। ସମସ୍ତଙ୍କୁ ପ୍ରାର୍ଥୀ ଚକ୍ରବର୍ତ୍ତୀ ଭାଜପାର ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ।



ଭାଜପାରେ ମିଶିଥିବା କର୍ମୀଙ୍କୁ ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ସ୍ୱାଗତ କରୁଛନ୍ତି।

## ବିଜ୍ଞାନ, ଗଣିତ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ




କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବଡ଼ମ୍ବା,୨୪।୪(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମୁଗଗହୀର ଉନ୍ନୀତ ମ.ଇ. ବିଦ୍ୟାଳୟର ବିଜ୍ଞାନ ଓ ଗଣିତ କ୍ଲବ ଆନୁକୂଲ୍ୟରେ ୨ ଦିନ ଧରି ଚାଲିଥିବା ବିଜ୍ଞାନ ଓ ଗଣିତ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ମଞ୍ଜରୀ ମହାଳିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ୩ଟି ଗ୍ରୁପ ଯଥା ସିନିୟର, ଜୁନିୟର ଓ ସବ୍ ଜୁନିୟରରେ ୧୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଶେଷ କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ଓ ଗଣିତ ଉପରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଉଭୟ ବିଜ୍ଞାନ ଓ ଗଣିତ କ୍ଷେତ୍ରରେ ବିଦ୍ୟାଳୟର ସିନିୟର ଗ୍ରୁପରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଅଙ୍କିତା ବିଶ୍ୱାଳ, ଜୁନିୟର ଗ୍ରୁପରେ ପଞ୍ଚମ ଶ୍ରେଣୀ ଛାତ୍ରୀ ପଙ୍କଜିନୀ ରାଉତ ଓ ସବ୍ ଜୁନିୟର ଗ୍ରୁପରେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ସୋନିକା ରାଉତ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମହାଳିକଙ୍କଠାରୁ ପ୍ରକାଶ ପାଇଛି। ସେହିପରି ଏଥିରେ କୃତିତ୍ୱ ଅର୍ଜନ କରିଥିବା ଅନ୍ୟ ୨୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅର୍ଜୁନ ବେହେରା ଓ ସଭ୍ୟ ସୁରେଶ ରାଉତ ପ୍ରମୁଖ ଯୋଗଦେଇ ବିଜ୍ଞାନ ଓ ଗଣିତ ଛାତ୍ରୀଛାତ୍ରଙ୍କ ବିକାଶ ପଥରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଯୋଧ୍ୟାନାଥ ଦଳେଇ, ପ୍ରତାପ ଚନ୍ଦ୍ର ମିଶ୍ର, କ୍ରୀଡା ଶିକ୍ଷକ ତପନ ଚୌଧୁରୀଙ୍କ ସମେତ ଶିକ୍ଷୟିତ୍ରୀ ବାସନ୍ତୀ ଖଟୁଆ ଓ ମାମି ପଣ୍ଡାଙ୍କ ସମେତ ଅନ୍ୟ କମିଟି ସଭ୍ୟ ସହଯୋଗ କରିଥିଲେ।

## ସତ୍ୟସାଇ ବାବାଙ୍କ ଆରାଧନା ମହୋତ୍ସବ

ବଡ଼ମ୍ବା,୨୪।୪(ମାୟାଧର ମଲ୍ଲିକ)

ବଡ଼ମ୍ବା କଚେରୀ ନିକଟସ୍ଥ ଶ୍ରୀସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ବୁଧବାର ସତ୍ୟସାଇ ବାବାଙ୍କ ଆରାଧନା ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଯଥା ଓଁକାର, ସୁପ୍ରଭାତମ, ବେଦ ପାଠ, ନଗର କୀର୍ତ୍ତନ, ଲିଖିତ ଜପ, ସାଇ ଗାୟତ୍ରୀ, ଅଷ୍ଟୋତ୍ତର ନାମାବଳୀ ପାଠ, ମଙ୍ଗଳ ଆଳତୀ, ଦିବ୍ୟ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡଶ ଉପଚାର ପୂଜା, ଭଜନ ଓ ବାଲ ବିକାଶଙ୍କ ସଂଗୀତ, ନାରାୟଣ ସେବା, ସର୍ବଧର୍ମ ପ୍ରାର୍ଥନା, ସତସଙ୍ଗ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିଲା। ଅନୁଷ୍ଠାନ ଆବାହକ ମୃତ୍ୟୁଞ୍ଜୟ ମହାନ୍ତି ତତ୍ତ୍ୱାବଧାନ ଓ ସାଇ ଆଶ୍ରିତ ଚନ୍ଦ୍ରଶେଖର ମହାନ୍ତିଙ୍କ ଉପସ୍ଥିତିରେ ସମିତି ସଦସ୍ୟ ରବୀନ୍ଦ୍ର କୁମାର ସାହୁ, ମନୋଜ ମହାପାତ୍ର, ରାମକୃଷ୍ଣ ମହାରଣା, କୃଷ୍ଣଚନ୍ଦ୍ର ତାରାସିଆ, ତ୍ରିଲୋଚନ ରଣା, ଗୋବିନ୍ଦ ବସନ୍ତରା, ଶଙ୍କର୍ଷଣ ମହାନ୍ତି, ବିଜୟ ବରାଡ଼, ଧର୍ମେନ୍ଦ୍ର ରଥ, ରଶ୍ମିତା ଗୋଛି, ସଂଘମିତ୍ରା ଆସ, ମଧୁସ୍ମିତା ବସନ୍ତରା, ମିନାକ୍ଷୀ ମହାନ୍ତି, ବିନତି ବରାଳ, ସୁଷମା ମଞ୍ଜରୀ ମହାଳିକଙ୍କ ସମେତ ବାଲ ବିକାଶଗଣ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମଙ୍କ ପାଇଁ ଦେବଦୂତ ସାଜିଲେ ନିବାସ

ନିଶ୍ଚିନ୍ତକୋଇଲି, ୨୪।୪
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତା ତହସିଲ ଛକ ଅନତି ଦୂରରେ ଜଣେ ଭିନ୍ନକ୍ଷମ ନିଜ ୩ ଚକିଆ ସାଇକେଲରେ ନିଶ୍ଚିନ୍ତକୋଇଲି ଅଭିମୁଖେ ଆସୁଥିବା ବାଟରେ ତାଙ୍କୁ ଏକା ଅଜଣା ଗାଡି ଧକ୍କା ଦେଇ ପଳାଇ ଯାଇଥିଲା। ସେ ରାସ୍ତା କଡରେ ପଡି ଚିତ୍କାର କରୁଥିଲେ। ସେହି ସମୟରେ ନିଶ୍ଚିନ୍ତକୋଇଲି ଅଞ୍ଚଳର ନିବାସ ଚନ୍ଦ୍ର ଗୟା ସାଲେପୁରରୁ ବାଇକ୍ ଯୋଗେ ଫେରୁଥିଲେ। ଭିନ୍ନକ୍ଷମଙ୍କର ଚିତ୍କାର ଶୁଣି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଆସିବା ବିଳମ୍ବ ହୋଇଥିଲା। ସେ ଶେଷରେ ଭିନ୍ନକ୍ଷମ ଆହତଙ୍କୁ ତାଙ୍କ ତିନିଚକିଆ ସାଇକେଲରେ ବସାଇ ଠେଲି ଠେଲି ଏକ କିଲୋମିଟର ଦୂର ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଥିଲେ। ସେଠାରେ ସାଲେପୁର ଲୁଣହାର ଗ୍ରାମର ଭିନ୍ନକ୍ଷମ ଅଜୟ କୁମାର ସାମଲଙ୍କ ଚିକିତ୍ସା କରାଇ ତାଙ୍କ ଘରେ ନେଇ ଛାଡି ଥିଲେ।



ଆହତ ଭିନ୍ନକ୍ଷମ ଅଜୟଙ୍କ ଚିକିତ୍ସା କରାଯାଉଛି।

## ଭାଜପାରୁ ଶୁଭ୍ରାଂଶୁଙ୍କୁ ପ୍ରାର୍ଥୀ କରିବାକୁ ଦାବି

ବାଙ୍କୀ,୨୪।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଚଳିତ ବିଧାନସଭା ନିର୍ବାଚନରେ ବାଙ୍କୀ ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ବାହାର ଲୋକଙ୍କୁ ପ୍ରାର୍ଥୀ ଘୋଷଣାକୁ ଜୋରଦାର ବିରୋଧ କରାଯାଉଛି। ତୁରନ୍ତ ବାଙ୍କୀ ମାଟିର ପୁଅ ଶୁଭ୍ରାଂଶୁ ମୋହନ ପାଢୀଙ୍କୁ ଟିକେଟ ପ୍ରଦାନ କରିବାକୁ ତୃଣମୂଳ ସଙ୍ଗଠନ ସହ ଭାଜପାର କାର୍ଯ୍ୟକର୍ତ୍ତା ତଥା ମଣ୍ଡଳ ପଦାଧିକାରୀ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କ ସମାବେଶ ଡମପଡ଼ା ମଣ୍ଡଳ ଏବଂ ସୁବର୍ଣ୍ଣପୁର ମଣ୍ଡଳରେ ଶେଷ ହେବା ପରେ ବୁଧବାର ବାଙ୍କୀ ବିକାଶ ମଞ୍ଚ ପରିସରରେ ଗୋପାଳପୁର ମଣ୍ଡଳ ଓ ବାଙ୍କୀ ନଗର ମଣ୍ଡଳ ମିଳିତ ପ୍ରୟାସରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ସୁବଳ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବାଙ୍କୀ ଭାଜପାର ବରିଷ୍ଠ ନେତା ଶୁଭ୍ରାଂଶୁ ମୋହନ ପାଢୀ, ସୁବଳ ବେହେରା, ଅଜୟ ସ୍ୱାଇଁ ଏବଂ ଉତ୍କଳମଣି ମନ୍ତ୍ରୀ ନିଜ ନିଜ ବକ୍ତବ୍ୟରେ ମାଟି ଆଗ, ପ୍ରାର୍ଟି ପଛ ଭାବନା ନେଇ ବାଙ୍କୀ ମାଟିର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ପାଇଁ ସେମାନେ ମନ୍ତବ୍ୟ ରଖିଥିଲେ। ବାଙ୍କୀ ଭାଜପା ମଣ୍ଡଳ ନଗର ସଭାପତି ପ୍ରଣବ ମହାପାତ୍ର, ଗୋପାଳପୁର ମଣ୍ଡଳ ସଭାପତି ବିପ୍ରବର ଲେଙ୍କା, କଟକ ଜିଲା ସମ୍ପାଦକ ବିନୋଦ ଦାସ, ନିର୍ବାଚନ ମଣ୍ଡଳୀ ସହ ସଂଯୋଜକ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ଯଯାତି କେଶରୀ ପଟ୍ଟନାୟକ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଜଗନ୍ନାଥ ନାୟକ, ଅଜିତ ସୁବୁଦ୍ଧି, ଲକ୍ଷ୍ମୀପ୍ରସାଦ ରାଉତ, ନଗର ମହିଳା ମୋର୍ଚ୍ଚା ନେତ୍ରୀ ଅନୀତା ମିଶ୍ର, ଦ୍ରୌପଦୀ ମନ୍ତ୍ରୀ, ରମାକାନ୍ତ ସାହୁ, ବାପୁନୀ ଜେନା, ପ୍ରେମାନନ୍ଦ ମହାରଣା, ବିକ୍ରମ ଦାଶ, ମାନସ ସେଠ, ଶିବ ପ୍ରସାଦ ମାଝି, ବନବିହାରୀ ପଣ୍ଡା, ସନାତନ ସ୍ୱାଇଁ, ପୂର୍ବତନ ଜିଲା ସମ୍ପାଦକ ସିଦ୍ଧେଶ୍ୱର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ କାର୍ଯ୍ୟକର୍ତ୍ତାମାନଙ୍କ ପକ୍ଷରୁ ବାଙ୍କୀ ଭାଜପାର ସମସ୍ତ ଦାୟିତ୍ୱ ତୁଲାଇ ତୃଣମୂଳସ୍ତରରେ ସୁଦୃଢ କରି ଦଳକୁ ଭଲ ସ୍ଥିତିକୁ ଆଣିଥିବା ଶୁଭ୍ରାଂଶଙ୍କୁ ରାଜ୍ୟ ସଭାପତି ତୁରନ୍ତ ବିଧାୟକ ପ୍ରାର୍ଥୀ ରୂପେ ପୁନଃ ବିଚାର କରି ନିର୍ବାଚନ ଲଢିବାକୁ ସୁଯୋଗ ଦେବାକୁ ଦାବି କରିଥିଲେ।



ବୈଠକରେ ଶୁଭ୍ରାଂଶ ମୋହନ ପାଢ଼ୀ ଓ ଅନ୍ୟମାନେ।

# ଡ୍ରୋନ୍ କ୍ୟାମେରାରେ ସର୍ଭେ ପରେ ଜରିମାନା

- ବାଲି ବ୍ୟବସାୟୀଙ୍କ କବ୍‌ଜାରେ ନଦୀ ସଇରାତ
- ଆବଶ୍ୟକଠାରୁ ଅଧିକ ବାଲି ଉଠୁଛି
- ସରକାରୀ ସ୍ୱୀକୃତି ୩, ବେଆଇନ ଏକାଧିକ ସଇରାତ

ନିଶ୍ଚିନ୍ତକୋଇଲି,୨୪।୪
(ଅଶୋକ କୁମାର ମହାପାତ୍ର)



ନଦୀରୁ ବାଲି ଚୋରା ଚାଲାଣ ହେଉଛି।

ରାଜ୍ୟ ସରକାର ବାଲି ସଇରାତକୁ ରାଜସ୍ୱ ବିଭାଗ ହାତରୁ ନେଇ ମାଇନ୍ସ ବିଭାଗକୁ ହସ୍ତାନ୍ତର କରିଛନ୍ତି। କିନ୍ତୁ ସରକାରଙ୍କ ରାଜସ୍ୱ ବଢ଼ିବା ପରିବର୍ତ୍ତେ ଦିନକୁ ଦିନ ବେଆଇନ ବାଲି ଚାଲାଣ ବଢ଼ିବାରେ ଲାଗିଛି। ପୋଲିସ, ରାଜସ୍ୱ ଓ ମାଇନ୍ସ ବିଭାଗ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଦୈନନ୍ଦିନ କୋଟିକୋଟି ଟଙ୍କାର ବେଆଇନ ବାଲି ଉଠାଣ ହେଉଛି। ଲୁଣା ଓ ଚିତ୍ରୋତ୍ପଳା ନଦୀ ଗର୍ଭରୁ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଜେସିବି ସହାୟତାରେ ହାଇୱାରେ ବାଲି ଉଠାଯାଉଛି। ଏଥିପାଇଁ ନଦୀ ଶଯ୍ୟା ଓ ବନ୍ଧ ପ୍ରତି ବିପଦ ଦେଖା ଦେଇଛି। ଏଭଳି ଦେଖିବାକୁ ମିଳିଛି, କଟକ ଜିଲା ନିଶ୍ଚିନ୍ତକୋଇଲି ତହସିଲ ଅଞ୍ଚଳରେ। ଏଠାରେ ୧୨ଟି ବାଲି ସଇରାତ ରହିଥିଲା। ସେଥିମଧ୍ୟରୁ ୨ଟି ବାଲି ସଇରାତ ସରକାରୀ ରେକର୍ଡରେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ ୧୦ଟି ବାଲିଘାଟକୁ ଚାଲୁ ରହିଥିଲା। ଏହି ବାଲି ସଇରାତଗୁଡିକୁ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଅକ୍ଟୋବର ୨୦୨୩ ସୁଦ୍ଧା ମାଇନ୍ସ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ କଟକ ଜିଲା ମାଇନ୍ସ ଅଧିକାରୀ ସମ୍ବିତ ସାହୁଙ୍କୁ ପଚାରିବାରେ ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ୩ଟି ବାଲି ସଇରାତକୁ ସ୍ୱୀକୃତି ମିଳିଛି। ବାକି ସଇରାତ ଆଇନଗତ ସମସ୍ୟା ଦୃଷ୍ଟିକୁ ବନ୍ଦ କରାଯାଇଛି। ବେଆଇନ ଭାବେ ବାଲି ଉଠିବା ଖବର ଆମ ପାଖରେ ଅଛି। ଡ୍ରୋନ୍ କ୍ୟାମେରା ମାଧ୍ୟମରେ ସର୍ଭେ କରାଯିବା ପାଇଁ ଟିମ୍ ଗଠନ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଡ୍ରୋନ୍ କ୍ୟାମେରା ସର୍ଭେ ପରେ ଜରିମାନା ଅସୁଲ କରାଯିବ। ଏନଫୋର୍ସମେଣ୍ଟକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି।

ମାଇନ୍ସ ବିଭାଗର ଅଧିକାରୀଙ୍କ କହିବା ଅନୁଯାୟୀ, ନିଶ୍ଚିନ୍ତକୋଇଲି ତହସିଲ ଅନ୍ତର୍ଗତ ପାଳଦା, ଦେମାଣ୍ଡୋ ଓ କୁଳଗାଁ ଇଶାଳୋ ସଇରାତ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଚାଲୁ ରଖାଯାଇଛି। ଅନ୍ୟ ୭ଟି ସଇରାତକୁ ବନ୍ଦ କରିବାକୁ କଡାକଡି ନିର୍ଦ୍ଦେଶ ଥିବାବେଳେ ସାନ୍ତପୁର, ବାହାରବର୍ମ୍ଣୁ, ଦେମାଣ୍ଡୋ, ସହଦେବପୁର, କଳମିଶ୍ରୀ ଜୟନ୍ତାପୁର, ନଗସପୁର, ବାଲିଆପଦା, କୁଳସୁକରପଡା ପ୍ରଭୃତି ଘାଟ ସରକାରୀ ରେକର୍ଡରେ ବନ୍ଦ ଥିବା ହେତୁ ବ୍ୟବସାୟୀମାନେ ବିଳମ୍ବିତ ରାତିରେ ଶତାଧିକ ଟ୍ରିପ ବାହାର ଜିଲାକୁ ବାଲି ଚାଲାଣ କରୁଛନ୍ତି। ବ୍ୟବସାୟୀମାନେ ବିଭିନ୍ନ ଛକରେ ଜଗି ରହି ଗାଡ଼ିଗୁଡ଼ିକୁ ପାସ କରାଇବା ସହ ସାଧାରଣ ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଧମକ ଚମକ ଦେଉଛନ୍ତି। ଫଳରେ ବେଆଇନ ବାଲି ଚାଲାଣ ସମ୍ପର୍କରେ କେହି ବି ପାଟି ଖୋଲୁନାହାନ୍ତି। ପୋଲିସ ଓ ରାଜସ୍ୱ ବିଭାଗ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବା କହି ପରୋକ୍ଷରେ ଏହି ବାଲି ବ୍ୟବସାୟୀମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ତେବେ ଦୀର୍ଘଦିନ ହେଲାଣି ଏହି ଅଞ୍ଚଳରେ କୌଣସି ଆଖିଦୃଶିଆ ଚଢ଼ାଉ ମଧ୍ୟ କରାଯାଇନାହିଁ। ତେବେ ସରକାରୀ ରାଜସ୍ୱ ଫାଙ୍କିବା ପାଇଁ କିଛି ସଇରାତର ମାଲିକମାନେ ବେଧଡକ ବାଲି ଉଠାଉଛନ୍ତି। ଅପରପକ୍ଷରେ ଚିତ୍ରୋତ୍ପଳା ନଦୀର କିଶୋରନଗର ତହସିଲ ଅଧୀନରେ ଥିବା ନଈଗୁଆଁ ଦାଉଦପୁର ସଇରାତରୁ ବେଧଡକ ବର୍ଷ ସାରା ବାଲି ଉଠିବାରେ ଲାଗିଛି। ତେବେ କ୍ରମାଗତ ଭାବେ ଲୁଣା ଓ ଚିତ୍ରୋତ୍ପଳା ନଦୀରୁ ଜେସିବି ସାହାଯ୍ୟରେ ପର୍ଯ୍ୟାପ୍ତ ପରିମାଣର ବାଲି ଉଠିବା ହେତୁ ନଦୀ ଗର୍ଭ ମାତ୍ରାଧିକ ଖୋଳାହେବା କାରଣରୁ ଗତିପଥ ବଦଳିବା ନେଇ ଆଶଙ୍କା କରାଯାଇଛି। ତେବେ ନଦୀ ବନ୍ଧରେ ଅଧିକ କ୍ଷମତା ସମ୍ପନ୍ନ ହାଇୱା ଓ ଜେସିବି ଯିବା ଆସିବା କରିବାରୁ ବନ୍ଧ ଦୁର୍ବଳ ହେବା ସହ ପଠା ମଧ୍ୟ ନଷ୍ଟ ହେଉଛି। ତେବେ ବର୍ଷାଦିନେ ସଇରାତ ହୋଇଥିବା ସ୍ଥାନଗୁଡ଼ିକରେ ଘାଇ ହେବା ଆଶଙ୍କା କରାଯାଉଛି। ତେବେ ବେଆଇନ ବାଲି ବୋଝେଇ ହାଇୱାଗୁଡିକ ନିଶ୍ଚିନ୍ତକୋଇଲି ଓ ନେମାଳ ଥାନା ସମ୍ମୁଖ ଦେଇ ଯାଆଆସ କରୁଥିଲେ ହେଁ ଏଥିପ୍ରତି ପୋଲିସ ଦୃଷ୍ଟି ଦେଉନାହିଁ। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସଙ୍କୁ ପଚାରିବାରେ ଆବଶ୍ୟକ ସ୍ଥଳେ ଚେକିଂ କରାଯାଉଛି। କେତେଗୋଟି ସଇରାତରେ ଚଢାଉ କରାଯାଇଛି ବୋଲି ସେ କହିଛନ୍ତି। ଏ ନେଇ ନିଶ୍ଚିନ୍ତକୋଇଲି ତହସିଲଦାର ଅନୀତା ନାୟକଙ୍କୁ ପଚାରିବାରେ ସମସ୍ତ ସଇରାତକୁ ମାଇନ୍ସ ବିଭାଗକୁ ହସ୍ତାନ୍ତର କରାଯାଇଛି। ଚଢ଼ାଉ କରିବା ସେମାନଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି। ୩ ବିଭାଗ ପରସ୍ପର ଉପରେ ଦୋଷ ଲଦାଲଦି ହେଉଥିବା ବେଳେ ସଇରାତ ବେଆଇନ ଭାବେ ବାଲି ଉତ୍ତୋଳନ ବଢ଼ି ଚାଲିଛି।

## ସଂକ୍ଷେପରେ

### ଠକେଇ ମାମଲା: ମହିଳାଙ୍କୁ ବର୍ଷେ ଜେଲଦଣ୍ଡ

ଭୁବନେଶ୍ୱର,୨୪।୪(ସତ୍ୟଜିତ୍ ରାଉତ): ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ର ବିଚାରପତି ପୂଜା ଜୈନ ବୁଧବାର ଶହୀଦନଗର ଥାନାର ଏକ ଠକେଇ ମାମଲାର ବିଚାର କରି ଅଭିଯୁକ୍ତ ରଶ୍ମିତା ପ୍ରଧାନ ଓରଫ ଶୋଭାରାଣୀ କରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ରଶ୍ମିତାଙ୍କୁ ବର୍ଷେ ଜେଲଦଣ୍ଡ ହୋଇଛି। ଏହି ମାମଲାର ଅଭିଯୋଗକାରିଣୀ ପ୍ରତିମା ମହାନ୍ତି ଖୋର୍ଦ୍ଧା ଜିଲା ଦୁର୍ଗାପୁର ପାଟଣାରେ ରୁହନ୍ତି। ସେହି ଗ୍ରାମର ରଶ୍ମିତାଙ୍କର 'ମିତାଲି ଡୋଲ୍ ଟେକ୍ସଟାଇଲ୍' ନାମରେ ଏକ ସଂସ୍ଥା ଥିବାବେଳେ ସେ ସେହି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଥିଲେ। ପ୍ରତିମା ଓ ଅନ୍ୟ ୩୯ ଜଣଙ୍କୁ ଉକ୍ତ କମ୍ପାନୀରେ ଚାକିରି ଦେବା ସମୟରେ ରଶ୍ମିତା ପ୍ରତ୍ୟେକଙ୍କଠାରୁ ସୁରକ୍ଷା ଜମା ବାବଦକୁ ୩ ହଜାର ଟଙ୍କା ଲେଖାଏ ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଦରମା ଦେଇ ନ ଥିଲେ। ଏପରିକି ସୁରକ୍ଷା ଜମା ବାବଦକୁ ନେଇଥିବା ଟଙ୍କା ମଧ୍ୟ ଫେରସ୍ତ କରି ନ ଥିଲେ। ଏନେଇ ପ୍ରତିମାଙ୍କ ଏତଲାକ୍ରମେ ୨୦୨୩ ଜାନୁଆରୀ ୧୧ରେ ପୋଲିସ ଏକ ମାମଲା (ନଂ.୧୬/୨୦୨୩) ରୁଜୁ କରି ପରବର୍ତ୍ତୀ ସମୟରେ ରଶ୍ମିତାଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଏବଂ ସବିତା କୁମାରୀ ଚୌଧୁରୀ ପରିଚାଳନା କରିଥିଲେ।

### ନୋଟାରି ନବ କିଶୋରଙ୍କ ପରଲୋକ

ବୋଲଗଡ଼,୨୪।୪(ଦେବବ୍ରତ ହୋତା): ବୋଲଗଡ଼ ତହସିଲ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ଏହି ଅଞ୍ଚଳର ପ୍ରଥମ ନୋଟାରି ଆଇନଜୀବୀ ନବ କିଶୋର ରାଉତରାୟଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ସେ ଜଣେ ବନ୍ଧୁବତ୍ସଳ, ମିଷ୍ଟଭାଷୀ ଓ ଉତ୍ତମ ସ୍ୱଭାବର ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବ୍ୟକ୍ତିବିଶେଷ ଓ ଅଞ୍ଚଳର ଆଇନଜୀବୀମାନେ ତାଙ୍କ ମର୍ଦ୍ଦାବାଡ଼ିସ୍ଥିତ ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମ୍ୟ ପରିକ୍ରମା ପରେ ନିଜ ପାରିବାରିକ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ଆଲୋକ ମୁଖାଗ୍ନି ଦେଇଥିଲେ।

### ଛିନ୍‌ତାଇ ମାମଲା: ୭ବର୍ଷ ପରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୪।୪(ସୂର୍ଯ୍ୟକାନ୍ତ ବେହେରା): ଠିକଣା ପଚାରିବା ବାହାନାରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ୭ବର୍ଷ ପରେ ଫେରାର ଅଭିଯୁକ୍ତ ସେକ୍ ସରିଫଙ୍କୁ ବାଲିଅନ୍ତା ଅଞ୍ଚଳରୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ପୂର୍ବରୁ ମାମଲା ରହିଛି। ତେବେ ପୂର୍ବରୁ ଅଭିଯୁକ୍ତଙ୍କ ସହଯୋଗୀ ଧରାପଡିଥିବା ପୋଲିସ କହିଛି।

# ସଂଘବଦ୍ଧ ଭାବେ ଖଣ୍ଡାରେ ହାଣିଲେ, ୪ ଗୁରୁତର

- ଅଧିକ ଟଙ୍କା କାହିଁକି ନେଉଛ ପଚାରିବାରୁ ଆକ୍ରମଣ
- ୨ ଗିରଫ, ପୋଲିସ ତଦନ୍ତ ଜାରି

ଖୋର୍ଦ୍ଧା,୨୪।୪(ପ୍ରଭାତ ପାଣିଗ୍ରାହୀ)

ଧାର୍ଯ୍ୟ ଦରଠାରୁ ଅଧିକ ଟଙ୍କା କାହିଁକି ନେଉଛ ବୋଲି ପଚାରିବାରୁ ଯାତ୍ରୀଙ୍କୁ ସଂଘବଦ୍ଧଭାବେ ଖଣ୍ଡା, ଲୁହାରଡ୍ ଓ କାଠଫାଳିଆରେ ଆକ୍ରମଣ ହୋଇଛି। ଏଥିରେ ୪ଜଣ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ସେମାନେ ହେଲେ ବ୍ରହ୍ମପୁର ଅଞ୍ଚଳର କାହ୍ନା ପାଢୀ, ଚରଣ ମହାନ୍ତି, ଜିତେନ୍ଦ୍ର ପଣ୍ଡା, ସୀମାଞ୍ଚଳ ପାଢୀ ଓ ହରିହର ପ୍ରସାଦ ମହାରଣା। ଏଭଳି ଅଭାବନୀୟ ଘଟଣା ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ତୋଟାପଡ଼ାରେ ଘଟିଛି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୪୫/୨୪) ରୁଜୁକରି ବୁଧବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ତୋଟାପଡ଼ାର ଏମ୍‌ଡି ମୋସିନ ଖାନ(୨୦) ଓ ମେହେରବାନ ଖାନ(୩୨)। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସଞ୍ଜୟ ନାୟକ କହିଛନ୍ତି।

ଅଭିଯୋଗ ମୁତାବକ, ବ୍ରହ୍ମପୁର ଅଞ୍ଚଳର ୧୮ଜଣ ମହିଳା, ପୁରୁଷ ଏକ ଟ୍ରାଭେରା(ଓଡି୦୨-ବିଏଫ-୨୧୩୩)ରେ ଗତ ୨୨ ତାରିଖରେ କେନ୍ଦୁଝର ଜିଲା ବଡବିଲ ସ୍ଥିତ ସମ୍ପର୍କୀୟଙ୍କ ବାହାଘର ଯୋଗଦେଇ ବ୍ରହ୍ମପୁରକୁ ଫେରୁଥିଲେ। ଶୋଷ ହେବାରୁ ୧୬ନଂ. ଜାତୀୟ ରାଜପଥର ତୋଟପଡା ଛକ ନିକଟରେ ଗାଡି ପାର୍କିଂ କରିଥିଲେ। ଜଣେ ମହିଳା ଏକ ଦୋକାନରୁ ମୃଦୁପାନୀୟ କିଣି ୫ଶହ ଟଙ୍କା ନୋଟ ଦୋକାନୀଙ୍କୁ ଦେଇଥିଲେ। ଦୋକାନୀ ଧାର୍ଯ୍ୟ ଦରଠାରୁ ଅଧିକ ଟଙ୍କା ନେବାରୁ ସେ ପ୍ରତିବାଦ କରିଥିଲେ। ପାଟିତୁଣ୍ଡ ଶୁଣି ଗାଡ଼ିରୁ ସମ୍ପୃକ୍ତ ମହିଳାଙ୍କ ଜଣେ ସମ୍ପର୍କୀୟ ପୁତୁରା ସତ୍ରିକ ପଣ୍ଡା ଆସି କାହିଁକି ଖରାପ ବ୍ୟବହାର କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ଦୋକାନୀ ବାହାରକୁ ଆସି ତାଙ୍କୁ ଏକ ଧକ୍କା ମାରିବାରୁ ସେ ତଳେ ପଡିଯାଇଥିଲେ। ଏହି ସମୟରେ ଗାଡିରେ ଥିବା ପରିବାର ସଦସ୍ୟ ଆସି ପହଞ୍ଚି ଏହାର ପ୍ରତିବାଦ କରିବାରୁ ହଠାତ୍ ନିକଟରେ ଥିବା ୫ରୁ ୬ଜଣ କାଠ ଫାଳିଆ, ଲୁହାରଡ, ମାରଣାସ୍ତ୍ର ଧରି ପହଞ୍ଚି ସଂଘବଦ୍ଧ ଭାବେ ପରିବାରଲୋକଙ୍କୁ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ପୋଲିସକୁ ଫୋନ କରିବା ବେଳେ ଜଣେ ବ୍ୟକ୍ତି ଖଣ୍ଡା ଧରି ପରିବାର ସଦସ୍ୟ କାହ୍ନା ପାଢୀଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଅନ୍ୟମାନଙ୍କୁ ହାଣିବା ପାଇଁ ଉଦ୍ୟମ କରିବା ବେଳେ ଜୀବନ ବିକଳରେ ଗାଡ଼ିରେ ବସି ସେଠାରୁ ପଳାଇ ଆସିବା ବେଳେ କେତେଜଣ ପଛରେ ଗୋଡାଇ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଏପିରିକି ଆକ୍ରମଣକାରୀମାନେ ସୀମାଞ୍ଚଳଙ୍କ ମୋବାଇଲ, ତାରିଣୀଙ୍କ ପକେଟରୁ ୩ହଜାର ଟଙ୍କା ଛଡାଇ ନେଇଥିଲେ। ଗୁରୁତର ଅବସ୍ଥାରେ ମେଡିକାଲରେ ଚିକିତ୍ସିତ ହେବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ଆହତ ଯାତ୍ରୀମାନେ।

# ପୁରସ୍କାର ବିଦ୍ୟାର୍ଥୀଙ୍କ ମନୋବଳ ବଢ଼ାଇଥାଏ

ଟାଙ୍ଗୀ,୨୪।୪(ରଘୁନାଥ ସାହୁ)

ଟାଙ୍ଗୀ ବ୍ଳକ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବୀଣାପାଣି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସୁନ୍ଦରପୁର ପଞ୍ଚାୟତର ନାଏବ ସରପଞ୍ଚ ବଦନୀ ମଙ୍ଗରାଜ, ପରିଚାଳନା କମିଟି ଉପସଭାପତି ସୋନାଲି ମଣ୍ଡଳ, ଅଙ୍ଗନୱାଡି କର୍ମୀ ରାଜେଶ୍ୱରୀ ହାଲଦାର ପ୍ରମୁଖ ଅତିଥିଭାବେ ଯୋଗଦେଇ କହିଥିଲେ, ପୁରସ୍କାର ବିଦ୍ୟାର୍ଥୀଙ୍କ ପାଇଁ ପ୍ରୋତ୍ସାହନ। ଏହା ପ୍ରାପ୍ତ ହେବା ଦ୍ୱାରା ଶିକ୍ଷାର୍ଥୀଙ୍କ ମନୋବଳ ବଢିବା ସହିତ ଅନ୍ତର୍ନିହିତ ଗୁଣାବଳୀ ପ୍ରକାଶ ବୃଦ୍ଧିପାଇବ। ଶିକ୍ଷକ ଲଳିତ ନାରାୟଣ ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସତ୍ୟନାରାୟଣ ପଲେଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ, ଗତ ଶିକ୍ଷାବର୍ଷରେ ସର୍ବାଧିକ ଉପସ୍ଥାନ ଏବଂ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ବୈଷୟିକ ପରାମର୍ଶଦାତା ରମେଶ ଚନ୍ଦ୍ର ଛୋଟରାୟ, ସରପଞ୍ଚ ସୁଜିତ ହାଲଦାର ପ୍ରମୁଖ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀମାନେ ହେଲେ ଉଜ୍ଜ୍ୱଳ ସେନ, ଓମ ମଣ୍ଡଳ, ଆସ୍ଥା ମଣ୍ଡଳ, ତୁଳସୀ ପରମାଣିକ, ରିୟା ଗାଇନି, ରିତୁ ସାନା ଏବଂ ବର୍ଷା ମଣ୍ଡଳ। ସେହିପରି ଗାୟତ୍ରୀ ବିଶ୍ୱାସ, ବୀଣାପାଣି ମଣ୍ଡଳ, ରିତୁ ମଣ୍ଡଳ, ମିଲି ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଭାଧାରୀ।

# ଜିଲାସ୍ତରୀୟ ପ୍ରେରଣା ଉତ୍ସବ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଖୋର୍ଦ୍ଧା,୨୪।୪ (ପ୍ରଭାତ ପାଣିଗ୍ରାହୀ)

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣ ଲକ୍ଷ୍ୟରେ ପ୍ରେରଣା ଉତ୍ସବ ଆରମ୍ଭ କରିଛନ୍ତି। ଏହିକ୍ରମରେ ଖୋର୍ଦ୍ଧା ଜିଲାସ୍ତରୀୟ ପ୍ରେରଣା ଉତ୍ସବ ଗୁରୁଜଙ୍ଗସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ବିଭାଗ ପରାମର୍ଶକ୍ରମେ ପ୍ରଥମେ ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଦି ବିଦ୍ୟାଳୟ ସ୍ତରୀୟ ଉତ୍ସବ ଆୟୋଜିତ ହୋଇଥିଲା। ପରେ ବ୍ଳକସ୍ତରରୁ ଉତ୍ତୀର୍ଣ୍ଣ ହୋଇଥିବା ୧୫ଜଣ ଲେଖାଏ ବାଳକ ଓ ବାଳିକା ଜିଲାସ୍ତରୀୟ ପ୍ରେରଣା ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଜବାହାର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷା କବିତା କର ଉତ୍ସବକୁ ଉଦ୍‌ଘାଟନ କରି ଉଚ୍ଚ ଅଭିଳାଷ ସହ ସେହି ଦିଗରେ ନିରନ୍ତର ପ୍ରୟାସ ଜାରି ରଖିବାକୁ ଛାତ୍ରୀଛାତ୍ରମାନଙ୍କୁ ପ୍ରେରଣା ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ଜିଲା ବିଜ୍ଞାନ ନିରୀକ୍ଷକ ସରୋଜ କୁମାର ସିଂହ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ପ୍ରବନ୍ଧ ଲିଖନ, କବିତା ଲିଖନ ଓ ଚିତ୍ରାଙ୍କନ ସହ ବ୍ୟକ୍ତିଗତ ଇଣ୍ଟରଭ୍ୟୁ ଆୟୋଜିତ ହୋଇଥିଲା। ଶ୍ରେଷ୍ଠ ବିବେଚିତ ହୋଇଥିବା ଜଣେ ବାଳକ ଓ ଜଣେ ବାଳିକା ଗୁଜରାଟର ଭଦଦୋରାଠାରେ ଅନୁଷ୍ଠିତ ହେବାକୁଥିବା ଜାତୀୟସ୍ତରୀୟ ପ୍ରେରଣା ଉତ୍ସବରେ ଭାଗ ନେବେ। ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ମମତାମୟୀ ଚୌଧୁରୀ ସଂଯୋଜନା କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ଆଇଆରସି ଭିଲେଜ ଭୁବନେଶ୍ୱର ବିଜ୍ଞାନ ଶିକ୍ଷକ ତୋଫାନ୍ କୁମାର ରାଉତରାୟ ଓ ନବୋଦୟ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ରାମ ପ୍ରସାଦ ମହାନ୍ତି ପ୍ରେରଣା ଉତ୍ସବ ସମ୍ବନ୍ଧୀୟ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଉତ୍ସବକୁ ଜେ.ଏସ୍ ମହାଲିକ୍, ବି.କେ. ସେନାପତି, ଅଜୟ ବରାଡ଼, ଯୁଧିଷ୍ଠିର ସାହୁ, ରବିନାରାୟଣ ପଣ୍ଡା, ବିଶ୍ୱରଞ୍ଜନ ସେଠୀ, ରବୀନ୍ଦ୍ର ପ୍ରଧାନ ଓ ରାଜେଶ ମହାରଣା ପରିଚାଳନା କରିଥିଲେ।

### ନିଜ ଚାମ୍ବରରୁ ଅଳିଆ ଆବର୍ଜନା ସଫାକଲେ ଉପାଧ୍ୟକ୍ଷ

ବୋଲଗଡ଼,୨୪।୪ (ଦେବବ୍ରତ ହୋତା)

ବୋଲଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ବୋଲଗଡ଼ ଉପାଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଭିତରେ ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇଥିଲା। ଦୀର୍ଘ ୨ବର୍ଷ ହେବ ବିଭିନ୍ନ ଅନାବଶ୍ୟକ କାଗଜପତ୍ର, ବ୍ୟାନର, କାଠ ଓ ଅନ୍ୟାନ୍ୟ ସାମଗ୍ରୀ ଜମି ଅପରିଷ୍କାର ହୋଇଥିଲା।ଏହାର ସଫେଇ ପାଇଁ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ବାରମ୍ବାର ବ୍ଲକ ପ୍ରଶାସନକୁ ଲିଖିତ ନିବେଦନ କରିବା ସହ ଏନେଇ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ କରିଥିଲେ। ତେବେ କୌଣସି ସୁଫଳ ନ ମିଳିବାରୁ ଉପାଧ୍ୟକ୍ଷ ସାହୁ ମଙ୍ଗଳବାର ଏହି ଆବର୍ଜନାକୁ ସଫା କରି ବ୍ଲକ କାର୍ଯ୍ୟାଳୟ ବାହାରେ ପକାଇଛନ୍ତି। ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ଉପାଧ୍ୟକ୍ଷଙ୍କ ଚାମ୍ବରରେ ପହଞ୍ଚି ତାଙ୍କୁ ଏଥିରୁ ନିବୃତ କରଥିଲେ।

# 'ଆଖିର ଜନମ କାନ୍ଦିବା ପାଇଁ' ମଞ୍ଚସ୍ଥ

ବୋଲଗଡ,୨୪।୪(ଦେବବ୍ରତ ହୋତା)

ବୋଲଗଡ ବ୍ଳକ ରାସୋଳ ଗ୍ରାମର ଅଧିଷ୍ଠାତ୍ରୀ ମା' ବାଉତୀଙ୍କ ଦ୍ୱାଦଶ ବାର୍ଷିକ ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ରାମ ନାଟକ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଅନ୍ତିମ ସନ୍ଧ୍ୟାରେ ରାସୋଳ ଗ୍ରାମର ମା'ବାଉତୀ ଯୁବ ନାଟ୍ୟସଂସଦ ପକ୍ଷରୁ ନାଟକ 'ଆଖିର ଜନମ କାନ୍ଦିବା ପାଇଁ ' ମଞ୍ଚସ୍ଥ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ କୁମାର ସାହୁ ଯୋଗଦେଇ ମଞ୍ଚ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତି ସଭ୍ୟ ଦିଲୀପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ୟ ନିର୍ଦ୍ଦେଶକ ଶିଶିର ନାଗ, ସହ ନିର୍ଦ୍ଦେଶକ ଗଙ୍ଗାଧର ବେହେରାଙ୍କ ନିର୍ଦ୍ଦେଶନାରେ ୨୬ଜଣ ସ୍ଥାନୀୟ କଳାକାର ଅଭିନୟ କରିଥିଲେ। ଗଙ୍ଗାଧର ବେହେରା, ଅକ୍ଷୟ ବାରିକ, ବିରଞ୍ଚି ଦଳାଇ, ବାପୁ ଦଳାଇ, ମନି ପରିଡା, ମାନସ ବେହେରା,କାହ୍ନୁ ମୁଦୁଲି, ଶିଶିର ମହାପାତ୍ର, ରବୀନ୍ଦ୍ର ଖଟାଇ, ଝରିଆ ମୁଦୁଲି, ସୋମନାଥ ମୁଦୁଲିଙ୍କ ସମେତ ନାଟ୍ୟସଂସଦର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।


ମଞ୍ଚ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

# ସିଦ୍ଧ ମହାବୀରଙ୍କ ସପ୍ତମ ବାର୍ଷିକ ଉତ୍ସବ

ବେଗୁନିଆ,୨୪।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ସନ୍ନିକଟ ସିଦ୍ଧ ମହାବୀରଙ୍କ ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଦିକ ରୀତିରେ କଳସ ଯାତ୍ରା, ପୂଜାରମ୍ଭ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସଂଖ୍ୟା ଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ବ୍ଲକ ସଭାପତି କାଳନ୍ଦୀ ଚରଣ ମହାପାତ୍ର, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ପ୍ରମୁଖ ଯୋଗଦେଇଥିଲେ।

# ପ୍ରାଥମିକ ଉପଚାର ସଚେତନତା କାର୍ଯ୍ୟକ୍ରମ

ବାଣପୁର,୨୪।୪ (ଦିଲୀପ ସ୍ୱାଇଁ)

ବାଣପୁର ବ୍ଲକ ଅନ୍ତର୍ଗତ ସାନହନ୍ତୁଆଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ସେଣ୍ଟଜନ ଆମ୍ବୁଲାନ୍ସର ଆଜୀବନସଭ୍ୟ ତଥା ସମାଜସେବୀ ଅନନ୍ତ ଚରଣ ଖଟେଇଙ୍କ ଦ୍ୱାରା ପ୍ରାଥମିକ ଉପଚାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାପ କାମୁଡା, ଅଂଶୁଘାତ ସୁରକ୍ଷା ପାଇବା ପାଇଁ ଉପଚାର, ବଜ୍ରପାତରୁ ନିଜକୁ ଓ ଅନ୍ୟମାନଙ୍କୁ କିଭଳି ସୁରକ୍ଷା ଦିଆଯାଇପାରିବ ବିଭିନ୍ନ କୌଶଳ ମାଧ୍ୟମରେ ସ୍କୁଲ ପିଲାଙ୍କୁ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିସହ ଜଳ ସଂରକ୍ଷଣ, ପରିବେଶ ସୁରକ୍ଷା, ନିଶା ନିବାରଣ, ରକ୍ତଦାନ, ଅଙ୍ଗଦାନ ଆଦି ସମ୍ପର୍କରେ ଅନନ୍ତ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ତଥା ଆଇନଜୀବୀ ଅଶୋକ କୁମାର ପାଇକରାୟ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ଜାଲି, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସନ୍ତୋଷ କୁମାର ସ୍ୱାଇଁ, ଅଧ୍ୟକ୍ଷା ଅନିତା ସ୍ୱାଇଁ, ପୂଜା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଙ୍ଗାଧର ମହାପାତ୍ରଙ୍କ ଦ୍ୱାରା ଆୟୋଜିତ କରାଯାଇଥିଲା। ଶିକ୍ଷକ ହରଷ ଦାସ, ସୁଷମା ଦାସ, ପ୍ରମିଳା ଦେଈ, ଭଗବତୀ ମିଶ୍ର, ଅପରାଜିତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାଳବୈଶାଖୀ: ଉଡ଼ିଲା ଆଜବେଷ୍ଟସ, ଉପୁଡ଼ିଲା ଗଛ

ବେଗୁନିଆ,ନିରାକାରପୁର,୨୪।୪
(ସନ୍ଧ୍ୟାରାଣୀ ମିଶ୍ର/ ହରପ୍ରସନ୍ନ ପଣ୍ଡା/ ମାନସ ଚନ୍ଦ୍ର ପଟ୍ଟନାୟକ)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଏବଂ ଶଗଡ଼ଭଙ୍ଗା ପଞ୍ଚାୟତରେ ବୁଧବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ଆଜବେଷ୍ଟସ ଘର ଭାଙ୍ଗିଯାଇଥିବା ବେଳେ ବହୁ ଗଛ ଉପୁଡି ଯାଇଥିବା ଦେଖିବାକୁ ମିଳିଛି। କାଳବୈଶାଖୀ ଯୋଗୁ ଜୋରରେ ପବନ ହେବା ସହିତ ବଜ୍ରପାତ ହୋଇଥିବା ବେଳେ ସାମାନ୍ୟ ବର୍ଷା ହୋଇଥିଲା। ସିକୋ ବେଲପଡ଼ା ମୌଜାର ଚାରୁଲତା ମଙ୍ଗରାଜ, ଅଶୋକ ପାତ୍ର, ଚିନ୍ତାମଣି ସାମନ୍ତସିଂହ, ପ୍ରଭାତୀ ମାଝୀ, ଅପର୍ତ୍ତି ସ୍ୱାଇଁ, ସିକୋ ମୌଜାର ପବିତ୍ର ରାୟ ଏବଂ ଶଗଡ଼ଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ଲାଖପଡା ମୌଜାର ମହନ୍ତ ବେହେରାଙ୍କର ଘର ଆଜବେଷ୍ଟସ ଉଡି ଭାଙ୍ଗିଯାଇଥିବା ବେଳେ ବହୁ ଗଛ ଉପୁଡି ପଡିଛି। ଲୋକଙ୍କ ଘର ଭାଙ୍ଗିଯିବାରୁ ସେମାନେ ଆଶ୍ରୟ ନେବାରେ ସମସ୍ୟା ଦେଖାଦେଇଛି। ତୁରନ୍ତ ଆର୍ଆଇ ତଦନ୍ତ କରି କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି। ସେହିପରି ଖୋର୍ଦ୍ଧା ଜିଲା ଟାଙ୍ଗୋଳ ପଞ୍ଚାୟତରେ ଅନୁଷ୍ଠିତ ପ୍ରସିଦ୍ଧ ଦୟଣାଚୋରି ମେଳଣରେ ଅପରାହ୍ନରେ ହଠାତ କାଳବୈଶାଖୀ ଫଳରେ ମେଳଣ ଅଞ୍ଚଳ ଛାରଖାର ହୋଇଯାଇଛି। କୁଆପଥର ସାଙ୍ଗକୁ ଜୋରରେ ପବନ ହେବାରୁ କିଛି କିଛି ସ୍ଥାନରେ ଗଛ ଉପୁଡି କେତେକ ଦୋକାନ ଉପରେ ପଡ଼ିଯାଇଥିବାବେଳେ ଆଉ କିଛି ଠାକୁରଙ୍କ ଟେଣ୍ଟ ଉପରେ ପଡ଼ିଯାଇଥିଲା। ତେବେ ଏଥିରେ କାହାର କୌଣସି କ୍ଷୟକ୍ଷତି ହୋଇ ନ ଥିବାବେଳେ ମେଳଣଟି ଛାରଖାର ହୋଇଯାଇଛି। ପବନ ଓ ବର୍ଷା ଛାଡ଼ିବା ପରେ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଗଛଗୁଡ଼ିକ ମେଶିନରେ କଟାଯାଇ ସଫାସୁତରା କରାଯାଇଛି। ତେବେ ଏହି ମେଳଣ ଗତ ୨୨ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖରେ ସରିବ।






# ଭୁବନେଶ୍ୱରରେ ୪୩% ଲୋକ ଭୋଟ ଦିଅନ୍ତି

## ଭୋଟର ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ନିର୍ବାଚନରେ ମତଦାନ କରିବା ପଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ରାଜଧାନୀରେ ଏଥର ସର୍ବାଧିକ ମତଦାନ ହେଉ। ସ୍ମାର୍ଟ ନଗରୀର ସ୍ମାର୍ଟ ଭୋଟର ମାନେ ମେ' ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ନିଜର ମତ ସାବ୍ୟସ୍ତ କରିବାକୁ ସେ ଅନୁରୋଧ କରିଛନ୍ତି। ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି ଯେ, ଆମ ଦେଶର ଶାସନ ପଦ୍ଧତି ଅନୁସାରେ ନିଜ ଦେଶରେ ବା ଆମ ଅଞ୍ଚଳର ପ୍ରତିନିଧି କିପରି ହେବା ଦରକାର ତାହା ବିଚାର କରିବା ଏବଂ ସେଥିପାଇଁ ନିଜର ମତ ଦେବାର ସୁଯୋଗ ଆମ ସମ୍ବିଧାନ ଦେଇଛି। ତେଣୁ ଏହି ଅଧିକାରର ଉପଯୋଗ କରିବା ଉଚିତ। ଭୁବନେଶ୍ୱରରେ ଭୋଟଦାନ ସ୍ଥିତି କମ ରହିଛି । ପ୍ରାୟ ୪୩ % ଭୋଟର ଭୋଟ ଦେଉଥିବାବେଳେ, ପାଖାପାଖି ୩ ଲକ୍ଷ ୪୦ ହଜାର ଭୋଟର ଅନ୍ୟ ବଳକା ଭୋଟରଙ୍କ ପାଇଁ ଲୋକ ପ୍ରତିନିଧି ବାଛିବା ପାଇଁ ମତ ଦେଉଛନ୍ତି । ଏହି ହାର ବଢ଼ିବା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ୪୦୦ରୁ ଅଧିକ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ବିଶ୍ୱ ବିଦ୍ୟାଳୟର ଚେୟାରମ୍ୟାନ ପିଜି କାଉନସିଲ ପ୍ରଫେସର ଚଣ୍ଡି ଚରଣ ରଥ, ବିଏମସି ଅତିରିକ୍ତ କମିଶନର ଘାସିରାମ ମୁର୍ମୁ ଓ ସସ୍ମିତା ସାହୁ, ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ୟାମଳି ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି, ଉପଜିଲାପାଳ ଚିନ୍ମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମ ଥର ପାଇଁ ମତଦାନ କରିବାକୁ ଯାଉଥିବା ନୂଆ ଭୋଟରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ଓ ଛାତ୍ରୀ ମାନେ ଦସ୍ତଖତ ଅଭିଯାନରେ ସାମିଲ ହୋଇ ନିଶ୍ଚୟ ଭୋଟ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।



ଅତିଥିଙ୍କ ଗହଣରେ ଛାତ୍ରୀମାନେ।




ଲଙ୍କାପୋଡ଼ି ନୀତି ଅବସରରେ ଦୋଳମଣ୍ଡପ ସାହି ପକ୍ଷରୁ ସାହିଯାତରେ ବାହାରିଥିବା ଦୁର୍ଗାମେଢ଼ ଓ ମା'ବାସେଳି ଠାକୁରାଣୀଙ୍କ ମେଢ଼।



ସେତୁବନ୍ଧ ନୀତି କରିବା ପାଇଁ ରାବଣ ବାଲିସାହିରୁ ଶ୍ରୀଜଗନ୍ନାଥ ବଲ୍ଲଭକୁ ଯାଉଛନ୍ତି।



ସାହିଯାତରେ ଦଶଅବତାର ନୃତ୍ୟ ।

# ସେତୁବନ୍ଧ ନୀତି ସମ୍ପନ୍ନ

**ପୁରୀ,୨୪।୪( ଅଜିତ୍ ମହାନ୍ତି):** ପବିତ୍ର ରାମ ନବମୀଠାରୁ ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ ହୋଇଛି। ସାହିଯାତ କ୍ରମରେ ବୈଶାଖ ମାସ କୃଷ୍ଣପକ୍ଷ ପତିପ୍ରଦା ବୁଧବାର ଅବସରରେ ବାଲିସାହି ଆଖଡ଼ା ପକ୍ଷରୁ ସେତୁବନ୍ଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସରିବା ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର ଓ ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ରତ୍ନ ସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମା ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ଠାକୁରଙ୍କୁ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଯାଇଥିଲା। ଠାକୁର ସାହିଯାତ ନୀତି ପାଇଁ ଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ଠାକୁରଙ୍କୁ ମଠ ଖଟଶେଯ ଉପରକୁ ବିଜେ କରାଯାଇଥିଲା। ପରେ ବାଲିସାହି ଆଖଡ଼ା ପକ୍ଷରୁ ସେତୁବନ୍ଧ ପ୍ରତିଷ୍ଠା ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ରାବଣ ସାହି ପରିକ୍ରମା କରିବା ସହ ଜଗନ୍ନାଥ ବଲ୍ଲଭକୁ ଆସି ନୀତି ସମ୍ପାଦନ କରିଥିଲେ। ଶୀତଳ ଭୋଗ ମଣୋହି ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

**୮ମ ଦିନରେ ସାହିଯାତ**



ସାହିଯାତରେ ମା' କାଳୀମେଢ଼।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଣାସ,୨୪।୪(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଅଧୀନ ବେହେଣ୍ଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପୀତବାସ ମାଝୀଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ମୀନା ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। କଣାସ ବ୍ଲକ ଏନ୍‌ପିଏସ୍ ଶିକ୍ଷକ ସଂଘ ସମ୍ପାଦକ ସୁଶାନ୍ତ କୁମାର ନରେନ୍ଦ୍ର ସଭା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ରୂପେ କଣାସ ବ୍ଲକ ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ରୂପେ ସହ ଶିକ୍ଷାଧିକାରୀ ବିନୋଦ ସେଠୀ, ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସିଆର୍‌ସିସି ଭୂପତି ଭୂଷଣ ତ୍ରିପାଠୀ, ପ୍ରଧାନ ଶିକ୍ଷକ ରମେଶଚନ୍ଦ୍ର ବଡ଼ଜେନା, ନାରାୟଣ ବେହେରା, କାଶୀନାଥ ବେହେରା ଓ କଣାସ ବ୍ଲକ ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ପ୍ରତାପକେଶରୀ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ବିଦାୟୀ ଶିକ୍ଷକଙ୍କ ଜୀବନଚର୍ଯ୍ୟା ତଥା ସମୟାନୁବର୍ତ୍ତିତା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ବିଦ୍ୟାଳୟ, ବାରଦାବାଦଲପୁର ସାଧନକେନ୍ଦ୍ର ତଥା ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶିକ୍ଷକ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଉପଢୌକନ, ମାନପତ୍ର ପ୍ରଦାନ କରାଯାଇଥିଲା।



ବାବା ଭୀମେଶ୍ୱରଙ୍କ ପୁରୀ ପରିକ୍ରମା।

# 'ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠଙ୍କ ଜନ୍ମ ସ୍ଥାନ ଶ୍ରୀରାମଚନ୍ଦ୍ରପୁରକୁ ବିକଶିତ କରାଯିବ'



ବିଜୁ ଯୁବ ଛାତ୍ର ଜନତା ଦଳର ସମାବେଶରେ ଉପସ୍ଥିତ ନେତା ଓ କର୍ମୀମାନେ।

**ସାକ୍ଷୀଗୋପାଳ,୨୪।୪(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)**

**ସତ୍ୟବାଦୀରେ ବିଜୁ ଯୁବ ଛାତ୍ର ଜନତା ଦଳର ସମାବେଶ**

ସତ୍ୟବାଦୀ ବ୍ଲକ ନିକଟରେ ଥିବା ମଣ୍ଡପରେ ବିଜୁ ଯୁବ ଛାତ୍ର ଜନତା ଦଳର କର୍ମୀଙ୍କୁ ନେଇ ବୁଧବାର ଏକ ରାଜନୈତିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାଶ ବର୍ମା ଯୋଗଦେଇ ଜଗନ୍ନାଥଙ୍କ ମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ସମାବେଶରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ ପଣ୍ଡା, ପୁରୀ ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ଜିଲା ଛାତ୍ର ସଭାପତି ରାଜେଶ ରଥ, କଣାସ ବ୍ଲକ ବିଜେଡି ଯୁବ ସଭାପତି ବସନ୍ତ ଜେନା, ପୂର୍ବତନ ସରପଞ୍ଚ ପ୍ରକାଶ ଖଟେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ସତ୍ୟବାଦୀ ବ୍ଲକ ଯୁବ ବିଜେଡି ସଭାପତି ଶରତ ରାଉତରାୟ, ସମ୍ପାଦକ ସୁବାସ ପ୍ରଧାନ, ଛାତ୍ର ସଭାପତି ଦିନେଶ ମହାପାତ୍ର, ସମ୍ପାଦକ ହଟକିଶୋର ବାରିକ, ଜିଲା ସାଧାରଣ ସମ୍ପାଦକ ଦେବାଶିଷ ରାୟ, ଜିଲା ସଂଯୋଜକ ସ୍ୱାଧୀନ ଜେନା, ପୂର୍ବତନ ଉପାଧ୍ୟକ୍ଷ ବିକ୍ରମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗୋପବନ୍ଧୁ ଦାସଙ୍କ ଜନ୍ମମାଟି ଐତିହ୍ୟ ଗ୍ରାମ ସୁଆଣ୍ଡୋକୁ ସରକାରଙ୍କ ପକ୍ଷରୁ ଯେଉଁଭଳି ରୂପାନ୍ତରିତ କରାଯାଇଛି, ଠିକ୍ ସେହିଭଳି ଆଗକୁ ପଣ୍ଡିତ ନୀଳକଣ୍ଠ ଦାସ ଓ ଆଚାର୍ଯ୍ୟ ହରିହର ଦାସଙ୍କ ଜନ୍ମଭୂମି ଶ୍ରୀରାମଚନ୍ଦ୍ରପୁର ଗ୍ରାମକୁ ବିକଶିତ କରାଯିବାକୁ ପ୍ରୟାସ କରାଯିବ ବୋଲି ଦାସବର୍ମା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକାରୀ ଯୋଜନାରେ ଯୋଡି ହେବା ସହ ଯୋଡିଶଙ୍ଖରେ ଗୋଟିଏ ବିଧାୟକ ଓ ଗୋଟିଏ ଲୋକ ସଭା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଯୁବ କର୍ମକର୍ତ୍ତାଙ୍କ ସହ ନୂତନ ଯୁବ ଭୋଟରଙ୍କୁ ନିବେଦନ କରିଥିଲେ। ସମାବେଶରେ ୫ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ। ସତ୍ୟବାଦୀ ନିର୍ବାଚନମଣ୍ଡଳୀର ବିଜେଡି ମିଡିଆ ସେଲ ସଂଯୋଜକ ତୁଷାର ରଞ୍ଜନ ନାୟକ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ। ଆଚାର୍ଯ୍ୟ ହରିହର ଓ ପଣ୍ଡିତ ନୀଳକଣ୍ଠଙ୍କ ଜନ୍ମପୀଠ ଶ୍ରୀରାମଚନ୍ଦ୍ରପୁର ଶାସନକୁ ରାଜ୍ୟ ଐତିହ୍ୟସ୍ଥଳ ମାନ୍ୟତା ପ୍ରଦାନ ପାଇଁ ସତ୍ୟବାଦୀର ବୁଦ୍ଧିଜୀବୀ ତଥା ଜନସାଧାରଣ ମହଲରୁ ଦାବି ହୋଇ ଆସୁଥିବା ଖବର ପୂର୍ବରୁ 'ଧରିତ୍ରୀ' ଖବରକାଗଜରେ ଏକାଧିକ ବାର ପ୍ରକାଶ ପାଇଛି।

# ମଞ୍ଚରେ କରେଣ୍ଟ ଲାଗି ଯାତ୍ରା ହିରୋ ଗୁରୁତର

**ଗୋପ,୨୪।୪(ଭାରତୀ ଭୂଷଣ ଉପାଧ୍ୟାୟ)**

**ଅଧାରୁ ବନ୍ଦ ହେଲା ଯାତ୍ରା**

ଝାମୁଯାତ୍ରା ଅବସରରେ ମଙ୍ଗଳବାର ରାତିରେ ରତ୍ନ ମହଲର ରତ୍ନାବତୀ ନାଟକ ମଞ୍ଚସ୍ଥ ସମୟରେ ନାଟକର ହିରୋ ହୋଇଥିବା ଦେବକାନ୍ତ ପତି ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିବା ଜଣାପଡ଼ିଛି। ଫଳରେ ଯାତ୍ରା ଅଧାରୁ ବନ୍ଦ ହୋଇଥିବାବେଳେ ଦେବକାନ୍ତଙ୍କୁ ତୁରନ୍ତ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେବା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ପୁରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଗୋପ ଥାନା ଡଭାର ପଞ୍ଚାୟତ ଅଧୀନ ଗୁନିଆ ଝାମୁଯାତ୍ରା ଉପଲକ୍ଷେ ରତ୍ନ ମହଲ ଯାତ୍ରା ଦଳ ଆସିଥିଲା। ପ୍ରଥମ ରାତ୍ରିରେ ଯାତ୍ରା ଦଳ ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ ସରିବା ପରେ 'ରତ୍ନାବତୀ' ନାଟକ ମଞ୍ଚସ୍ଥ ହେଉଥିଲା। ନାଟକ ପରିବେଷଣର ୧୧ ନମ୍ବର ସିନ୍‌ରେ ରାତି ପ୍ରାୟ ୩ଟା ସମୟରେ ଦେବକାନ୍ତଙ୍କୁ ହଠାତ୍ ବିଦ୍ୟୁତ୍ ଆଘାତ ଲାଗିବାରୁ ସେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ଅଚେତ ଅବସ୍ଥାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ସାଲାଇନ ଦିଆଯାଇଥିଲା। ବୁଧବାର ସକାଳୁ ତାଙ୍କୁ ପୁରୀ ଡାକ୍ତରଖାନାକୁ ପଠାଯାଇଛି। ଏବେ ଦେବକାନ୍ତ ସୁସ୍ଥ ଥିବା ଜଣା ପଡ଼ିଥିବାବେଳେ ଦ୍ୱିତୀୟ ରାତ୍ରିରେ ନାଟକ ମଞ୍ଚସ୍ଥ କରାଯିବ ବୋଲି ଜଣାପଡ଼ିଛି।

# ନିର୍ବାଚନ ବିଜ୍ଞାପନ ଲିଭାଇଲା ପ୍ରଶାସନ

**ବ୍ରହ୍ମଗିରି,୨୪।୪(ସ୍ୱାଧୀନ ଚମ୍ପତିରାୟ)**

ବ୍ରହ୍ମଗିରି ବ୍ଲକରେ ବୁଧବାର ପ୍ରଶାସନ ଦ୍ୱାରା ସରକାରୀ ପ୍ରାଚୀରରୁ ନିର୍ବାଚନ ବିଜ୍ଞାପନ ଲିଭାଯାଇଛି। ଚଳିତ ନିର୍ବାଚନରେ ପ୍ରାର୍ଥିପତ୍ର ଦାଖଲ ନ ହେଉଣୁ ଦଳୀୟ ପ୍ରାର୍ଥୀ ସେମାନଙ୍କ ପ୍ରଚାର ବିଜ୍ଞାପନ ଲେଖିବା ଆରମ୍ଭ କଲେଣି। ଏନେଇ ବ୍ରହ୍ମଗିରି ବିଧାନସଭା ପ୍ରାର୍ଥିନୀ ଉପାସନା ମହାପାତ୍ର ଓ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ବିଭିନ୍ନ ସ୍ଥାନରେ ନିର୍ବାଚନୀ ବିଜ୍ଞାପନ ଲେଖାଯାଇଛି। ସେଥିମଧ୍ୟରୁ ଅନେକ ସରକାରୀ ପ୍ରାଚୀରରେ ଲେଖାଯାଇଥିବାରୁ ବୁଧବାର ପୋଲିସ ସହାୟତାରେ ସ୍ଥାନୀୟ ପ୍ରଶାସନ ଏହାକୁ ଲିଭାଇଥିବା ଦେଖିବାକୁ ମିଳିଛି।



# ଐତିହାସିକ ବକୁଳବନ ମହୋତ୍ସବ

**ସାକ୍ଷୀଗୋପାଳ,୨୪।୪(ଭରତ ରାଉତ)**

ପଞ୍ଚସଖାଙ୍କ କର୍ମଭୂମି ଓ ସତ୍ୟବାଦୀ ଇତିହାସର ବାର୍ତ୍ତା ବହନ କରୁଥିବା ବକୁଳବନ ମହୋତ୍ସବ ସତ୍ୟବାଦୀ ଅଧୀନ ଅଳଗୁମ ଦନେଇବାଙ୍କସ୍ଥିତ ଏକ କଲ୍ୟାଣ ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା, ସାହିତ୍ୟ, ସଂସ୍କୃତି, ସେବାର ମାଟି ଐତିହ୍ୟ ବଉଳ, ଛୁରିଅନା ବୃକ୍ଷରାଜିରେ ସୁଶୋଭିତ ବକୁଳବନର ଉଜୁଡ଼ା ସ୍ମୃତି ଫେରାଇ ଆଣିବା ନିମନ୍ତେ ଉଦ୍ୟମ ଲୋଡ଼ା ବୋଲି ମହୋତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହୋତ୍ସବ ସଭାପତି ସାଧୁ ଚରଣ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟାପିକା ଡ. ପ୍ରତିଭା ମହାରଥୀ, ମୁଖ୍ୟବକ୍ତା ପ୍ରଫେସର ଶରତଚନ୍ଦ୍ର ରଥ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ଯୋଗେନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ବିଶାଖା ଦେବୀ, ମହୋତ୍ସବ ପ୍ରତିଷ୍ଠାତା କବି ସଚ୍ଚିକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଯଯାତି କେଶରୀ ରାୟ ବିବରଣୀ ପାଠ କରିଥିଲେ। ଉପସଭାପତି ଶିକ୍ଷକ ଲକ୍ଷ୍ମୀ ପ୍ରସାଦ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିଶୁ ସାହିତ୍ୟିକା ସୁଜାତା ଦେବୀଙ୍କ ପୁସ୍ତକ 'ଶହୀଦ ଦେବାଶିଷ ବିଶ୍ୱାଳ' ଅତିଥିମାନେ ଉନ୍ମୋଚନ କରିଥିଲେ।

# କଲେଜ ବସ୍‌କୁ ଧକ୍କାଦେଲା ଆମ୍ବୁଲାନ୍ସ

**ଖୋର୍ଦ୍ଧା,୨୪।୪(ପ୍ରଭାତ ପାଣିଗ୍ରାହୀ)**

**୩ ଗୁରୁତର, ଆମ୍ବୁଲାନ୍ସ ସମ୍ମୁଖ ଭାଙ୍ଗି ଚୂରମାର**



୧୬ ନମ୍ବର ଜାତୀୟ ରାଜପଥର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଛକରେ ବୁଧବାର ଅପରାହ୍ନରେ ଏକ ଘରୋଇ କଲେଜ ବସ୍ ପଛପଟକୁ ଧକ୍କାଦେଇ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଆମ୍ବୁଲାନ୍ସ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଅନ୍ୟ ଜଣେ ଡ୍ରାଇଭରଙ୍କ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଡ୍ରାଇଭର ତାମିଲନାଡୁର କେ. ସତୀଶ କୁମାର(୫୦), ପଶ୍ଚିମବଙ୍ଗ ବର୍ଦ୍ଧମାନ ଅଞ୍ଚଳର ଦୃଷ୍ଟି ମୋସାନ(୨୫) ଓ ତାଙ୍କ ମା'ସାମ୍ପା ମୋସାନ(୪୦)। ଖବରପାଇ ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଆମ୍ବୁଲାନ୍ସ ସମ୍ମୁଖ ଭାଗକୁ କାଟି ଆହତ ଡ୍ରାଇଭର ଏବଂ ଅନ୍ୟମାନଙ୍କୁ ଉଦ୍ଧାର କରିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରି ତଦନ୍ତ ଚଳାଇଛି। ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲେ।

ସୂଚନା ମୁତାବକ, ପଶ୍ଚିମବଙ୍ଗ ବର୍ଦ୍ଧମାନ ଅଞ୍ଚଳର ଗୋଟିଏ ପରିବାରର ୬ଜଣଙ୍କୁ ନେଇ ତାମିଲନାଡୁର ଏକ ଘରୋଇ ହସ୍ପିଟାଲରୁ ସେଠାକାର ଘରୋଇ ଆମ୍ବୁଲାନ୍ସ(ଟିଏନ ୫୮କେ ୬୩୮୨) ଗତ ୨୨ ତାରିଖ ଅପରାହ୍ନ ୫ଟାରେ ବାହାରିଥିଲା। ଉକ୍ତ ଆମ୍ବୁଲାନ୍ସରେ ବିଶ୍ୱନାଥ ମୋସାନ, ତାଙ୍କ ସ୍ତ୍ରୀ ସାମ୍ପା, ଝିଅ ଦୃଷ୍ଟି, ସମ୍ପର୍କୀୟ ସନ୍ଦୀପ ମଣ୍ଡଳ ରହିଥିଲେ। ବିଶ୍ୱନାଥଙ୍କ ଝିଅ ଦୃଷ୍ଟିର ଟ୍ୟୁମର ଚିକିତ୍ସା କରାଇ ପରିବାର ସହିତ ତାମିଲନାଡୁରୁ ଫେରୁଥିଲେ। ଉକ୍ତ ଆମ୍ବୁଲାନ୍ସରେ ୨ଡ୍ରାଇଭର ସମେତ ୬ଜଣ ରହିଥିଲେ। ଦୂର ରାସ୍ତା ଯୋଗୁ ଆମ୍ବୁଲାନ୍ସରେ ୨ଜଣ ଡ୍ରାଇଭର ରହିଥିଲେ। ସତୀଶ(ଆହତ ଡ୍ରାଇଭର) ରାତିରେ ଏବଂ ଅନ୍ୟଜଣେ ଦିନରେ ଡ୍ରାଇଭିଂ କରୁଥିଲେ। ସତୀଶ ଆମ୍ବୁଲାନ୍ସ ଆଗ ସିଟ୍‌ରେ ବିଶ୍ରାମ ନେଉଥିବା ବେଳେ ଅନ୍ୟ ଜଣେ ଡ୍ରାଇଭର ଚଳାଉଥିଲେ। ବିଶ୍ୱନାଥଙ୍କ ପରିବାର ଆମ୍ବୁଲାନ୍ସ ପଛ ସିଟରେ ବସିଥିଲେ। ପ୍ରାଣନାଥ କଲେଜ ଛକ ନିକଟରେ ଏକ ଘରୋଇ ସ୍କୁଲ ବସ୍ ଯାଉଥିଲା। ତେବେ ସମ୍ପୃକ୍ତ ଆମ୍ବୁଲାନ୍ସ ଡ୍ରାଇଭର ନିୟନ୍ତ୍ରଣ ହରାଇ ଆଗରେ ଯାଉଥିବା କଲେଜ ବସ୍‌ର ପଛପଟକୁ ଧକ୍କା ଦେଇଥିଲା। ଧକ୍କା ଏତେ ଯୋରଥିଲା ଯେ, ଆମ୍ବୁଲାନ୍ସ ସମ୍ମୁଖଭାଗ ଚୁରମାର ହୋଇଯାଇଛି। ଗାଡି ଚଳାଉଥିବା ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଆଗରେ ବସିଥିବା ସତିଶ ଏବଂ ଅନ୍ୟମାନେ ଗୁରୁତର ଆହତ ହୋଇଥିଲେ। ଖବରପାଇ ଶିଳ୍ପାଞ୍ଚଳ ପୋଲିସ, ସ୍ଥାନୀୟ ଲୋକେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ।

# ପିକ୍‌ଅପ୍, ବାଇକ୍‌କୁ ଧକ୍କାଦେଇ ଓଲଟିଲା କଣ୍ଟେନର

**ଯାଁଳା,୨୪।୪(ବୁଲା ବାରିକ)**

୧୬ନଂ. ଜାତୀୟ ରାଜପଥର ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ଓଭରବ୍ରିଜ ଠାରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ପିକଅପ୍ ଭ୍ୟାନ ଓ ବାଇକ୍‌କୁ ଧକ୍କାଦେଇ କଣ୍ଟେନର ତଳକୁ ଓଲଟିପଡ଼ିଥିଲା। ଫଳରେ କଣ୍ଟେନରର ଖଲାସି ଓ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କର ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଯାଇଛି।ସୂଚନା ମୁତାବକ, ଅପରାହ୍ନ ୩ଟାରେ କାଳବୈଶାଖୀ ପ୍ରଭାବରେ ପବନ ସହ ବର୍ଷା ହୋଇଥିଲା। ଏହି ସମୟରେ ଏକ ପିକଅପ ଭ୍ୟାନ ଓ ବାଇକ୍ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ପବନ ହେବାରୁ ପିକଅପ୍ ଭ୍ୟାନ ଡ୍ରାଇଭର ବ୍ରେକ ମାରିଥିଲେ। ପଛରୁ ଆସୁଥିବା କଣ୍ଟେନର ଚାଳକ ଭାରସାମ୍ୟ ହରାଇ ପ୍ରଥମେ ପିକଅପ ଭ୍ୟାନକୁ ଧକ୍କା ଦେଇଥିଲେ। ଫଳରେ ପିକଅପ ଭ୍ୟାନଟି ଡିଭାଇଡର ଡେଇଁ ଭୁବନେଶ୍ୱର ଅଭିମୁଖେ ହୋଇଯାଇଥିଲା। ଏହା ପରେ କଣ୍ଟେନର ଏକ ବାଇକକୁ ଧକ୍କାଦେଇ ତଳକୁ ଓଲଟିପଡ଼ିଥିଲା। କଣ୍ଟେନରର ଖଲାସି ଆହତ ହୋଇଥିବା ବେଳେ ବାଇକ ଚାଳକଙ୍କ ମୁଣ୍ଡ ଏବଂ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇବା ସହ ଆହାତଦ୍ୱୟଙ୍କୁ ମେଡିକାଲ ପଠାଇଥିଲା।



## ସଂକ୍ଷେପରେ

### ଏସ୍‌ସିବିରେ ଜଳ ଯୋଗାଣ ବ୍ୟବସ୍ଥା ତଦାରଖ କଲେ ୱାଟ୍‌କୋ ପରିଚାଳକ

କଟକ,୨୪।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲରେ ବୁଧବାର ଜଳଯୋଗାଣ ବ୍ୟବସ୍ଥା ତଦାରଖ କରିଛନ୍ତି ୱାଟ୍‌କୋ ପରିଚାଳକ ଇଂ. ଦେବପ୍ରିୟ ମହାନ୍ତି। ଏଥିସହ ଏସ୍‌ସିବିର ବିଭିନ୍ନ ୱାର୍ଡ ପରିଦର୍ଶନ କରିଛନ୍ତି। ସେ ଏସ୍‌ସିବିରେ ପହଞ୍ଚି ୪୫ଟି ବିଭାଗ ମଧ୍ୟରୁ ୪/୫ଟି ୱାର୍ଡ ବୁଲି ଦେଖିଥିଲେ। ଏସ୍‌ସିବି ମେଡିକାଲ ୱାଟ୍‌କୋ ସହକାରୀ ପରିଚାଳକଙ୍କ ପକ୍ଷରୁ ଲଗାଯାଇଥିବା ୧୦ଟି କିଓସ୍କୋ, ୧୩ଟି ହ୍ୟାଣ୍ଡୱାଶ୍ ପଏଣ୍ଟ, ୨୦ରୁ ଉର୍ଦ୍ଧ୍ୱ ୱାଟର୍ କୁଲର, ୩୨ଟି ଆକ୍ୱାଗାର୍ଡ ଏବଂ ସିନ୍‌ଟେକ୍ସ ଟ୍ୟାଙ୍କର କାର୍ଯ୍ୟକାରିତା ଉପରେ ତଦାରଖ କରିଥିଲେ। ମୁଖ୍ୟତଃ ବିଭିନ୍ନ ୱାର୍ଡରେ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ରୋଗୀଙ୍କ ପାଇଁ ଆବଶ୍ୟକ ପଡିଲେ ଆହୁରି ୱାଟର କୁଲର, ହ୍ୟାଣ୍ଡ୍‌ୱାଶ ପଏଣ୍ଟ ଲଗାଯିବ ବୋଲି ସେ କହିଛନ୍ତି । ଏହି ପରିଦର୍ଶନ ସମୟରେ ଏସ୍‌ସିବିର ସହକାରୀ ପରିଚାଳକ ବି. ସି. ବେହେରା ଓ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

### ଆଚାର୍ଯ୍ୟ ହରିହର କର୍କଟ ରୋଗ ଅନୁଷ୍ଠାନର ପ୍ରତିଷ୍ଠା ଦିବସ

କଟକ, ୨୪।୪(ଶିଳ୍ପା ପ୍ରିୟଦର୍ଶିନୀ)

ଆଚାର୍ଯ୍ୟ ହରିହର କର୍କଟ ରୋଗ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ସମାରୋହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ରେସିଡେଣ୍ଟ ଡାକ୍ତର ଆସୋସିଏଶନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଅଧିବେଶନ, ସବୁଜ ଚାରାରୋପଣ ଅଭିଯାନ, କୁଇଜ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ଆସୋସିଏଶନର ଡା. ପ୍ରସନ୍ନ ପଟ୍ଟନାୟକ ଓ ସେକ୍ରେଟାରୀ ଡା. ନୀହାର ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଟକ ସଦର, ୨୪।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ରାମକୁମାରପୁର ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ୯ମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ନାମ ସଂକୀର୍ତ୍ତନ, କଳସ ଶୋଭାଯାତ୍ରା, ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଏଥିସହ ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିସହ ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ ମିଶ୍ର, ରାଜକିଶୋର ଶତପଥୀ, ଅନିରୁଦ୍ଧ ମିଶ୍ର, ପ୍ରଭାତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଭାକର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଳ ସମ୍ପଦ ଯନ୍ତ୍ରୀ ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ମହାନଦୀ ପଠାରେ ବେଆଇନ ନିର୍ମାଣ**
- ଏନ୍‌ଜିଟିରେ ଅଦାଲତ ଅବମାନନା ମାମଲା

କଟକ,୨୪।୪ (କାର୍ତ୍ତିକ ସାହୁ)

ମହାନଦୀ ପଠାର ପୋତା ଯାଇଥିବା ଅଞ୍ଚଳରେ ବେଆଇନ ନିର୍ମାଣକୁ ବିରୋଧ କରି ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଥିଲା। ଶୁଣାଣି ସମୟରେ ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅବମାନନା କରାଯିବା ସଂକ୍ରାନ୍ତୀୟ ସମସ୍ତ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏନ୍‌ଜିଟିରେ ମାମଲାର ଶୁଣାଣି ହୋଇ ଜଳସମ୍ପଦ ବିଭାଗର ଯନ୍ତ୍ରୀ ମୁଖ୍ୟ(ଇଞ୍ଜିନିୟରିଂ ଇନ୍ ଚିଫ୍) ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଯାଇଛି। ଏଥିସହ ବିଭାଗର ଯନ୍ତ୍ରୀ ମୁଖ୍ୟ ଭକ୍ତ ରଞ୍ଜନ ମହାନ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଜିଟିଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ଉଲ୍ଲଂଘନ ହୋଇଥିବା ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଫଳରେ ଆଉ ଏକ ଠିକ୍ ସତ୍ୟପାଠ ଦାଖଲ କରିବା ନିମନ୍ତେ ଏନ୍‌ଜିଟି ପକ୍ଷରୁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ମେ’ ୨୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁସାରେ, ବାଲିଯାତ୍ରା ପଡ଼ିଆ ଓ ନିକଟ ମହାନଦୀ ପଠାକୁ ପ୍ରଶାସନ ପକ୍ଷରୁ ବାଲି ପକାଇ ପୋତାଯାଇଥିଲା। ଏହାଦ୍ୱାରା ବନ୍ୟା ବିପତ୍ତି ସୃଷ୍ଟି ହେବାର ଅଭିଯୋଗ ଆଣି ଆବେଦନକାରୀ ତଥା ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ଏନ୍‌ଜିଟିରେ ମାମଲା ଦାଏର କରିଥିଲେ। ୨୦୨୨ ସେପ୍ଟେମ୍ବର ୨୧ରେ ୫ଜଣିଆ ଖଣ୍ଡପୀଠ ଉକ୍ତ ମାମଲା ରାୟ ପ୍ରକାଶ କରି ପୋତାଯାଇଥିବା ଜମିର ଦୁଇ ତୃତୀୟାଂଶ ଜଙ୍ଗଲ ସୃଷ୍ଟି କରିବା, ୩୪ ଏକର ଜମି ବାଲିଯାତ୍ରା ନିମନ୍ତେ ସଂରକ୍ଷଣ ରଖିବା ସହ ବଳକା ଜମିରେ ଉଦ୍ୟାନ ଓ ଖେଳପଡ଼ିଆ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଠାରେ କୌଣସି କଂକ୍ରିଟ ନିର୍ମାଣ ଉପରେ ଅଦାଲତ ରୋକ ଲଗାଇଥିଲେ। ଅନ୍ୟପକ୍ଷରେ ନଦୀପଠାରେ କଂକ୍ରିଟ ଘର, ବୋଟିଂ କ୍ଲବ ଆଦି ନିର୍ମାଣ କରାଯାଇଥିବା ନେଇ ଆବେଦନକାରୀ ଏନ୍‌ଜିଟିରେ ଅଦାଲତ ଅବମାନନା ମାମଲା ଦାଏର କରିଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ଜନ୍ମେଜୟ କଟିକିଆ ଓ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିଶିର ଦାସ, ଆନନ୍ଦ ଜେନା ଓ ଶ୍ରଦ୍ଧା ଦାସ ମାମଲା ପରିଚାଳନା କରୁଛନ୍ତି।



କଟକ ନେତାଜୀ ବସ୍ ଟର୍ମିନାଲ ପରିସରରେ ଥିବା ଆହାର କେନ୍ଦ୍ରକୁ ଯିବା ପାଇଁ ବୁଧବାର ଯାତ୍ରୀମାନେ ଲମ୍ବାଧାଡିରେ ଛିଡା ହୋଇଛନ୍ତି।

# ଚୋରି ଅଳଙ୍କାର ଜବତ, ୪ ଗିରଫ



ଜବତ ଅଳଙ୍କାର, ଗିରଫ ଅଭିଯୁକ୍ତ।

କଟକ,୨୪।୪ (କାର୍ତ୍ତିକ ସାହୁ)

ଅଳଙ୍କାର ଚୋରି ଅଭିଯୋଗରେ ଜଗତପୁର ପୋଲିସ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅସ୍ତରଙ୍ଗ ଥାନା ଅଧୀନ ହଳଦିଗୋରଡ଼ାର ଅମରେଶ୍ୱର ମହାନ୍ତି, ବ୍ରହ୍ମଗିରି ଥାନା ଖିଲକଣ୍ଠିର ଆକାଶ ଦାସ, ବେଣ୍ଟକାରର ମନୋରଞ୍ଜନ ମହାରଣା, କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ରାମଗଡ଼ର ସନ୍ତୋଷ ମହାରଣା। ସେମାନଙ୍କଠାରୁ ଗୋଟିଏ ମଙ୍ଗଳସୂତ୍ର, ୫ଟି ସୁନା କାନଫୁଲ, ୬ଟି ସୁନାମୁଦି, ୧୪ ଗ୍ରାମ୍‌ର ସୁନାମୁଣ୍ଡା, ୪ଟି ମୋବାଇଲ ଫୋନ୍ ଓ ଗୋଟିଏ ଭୁଜାଲି ଜବତ ହୋଇଛି। ଗତ ୧୩ ତାରିଖ ରାତିରେ ଜଗତପୁର ଥାନା ଚାହାପଡ଼ା ଗ୍ରାମର ପୁଷ୍ପିତା ବସନ୍ତିଆଙ୍କ ଘରୁ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ତାଙ୍କ ଘରର ପଛ ଗ୍ରିଲ ଭାଙ୍ଗି ଭିତରେ ପଶିବା ସହ ଅଳଙ୍କାର ଓ ଟଙ୍କା ଚୋରି କରିନେଇଥିଲେ। ଏନେଇ ପୁଷ୍ପିତା ଜଗତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୧୩/୨୪) ରୁଜୁ କରିଥିଲା।

# ‘କୁଚକ୍ରାନ୍ତକାରୀଙ୍କୁ ଭୋଟର ଉଚିତ ଜବାବ ଦେବେ’

କଟକ, ୨୪।୪(ଶିଳ୍ପା ପ୍ରିୟଦର୍ଶିନୀ)

ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କୁ ସୁପ୍ରିମକୋର୍ଟ ଜାମିନ ମଞ୍ଜୁର କରିବା ଓ ନିମ୍ନ ଅଦାଲତର ରାୟ ନେଇ କୌଣସି ସ୍ଥଗିତାଦେଶ ଦେଇନାହାନ୍ତି। ପରେ ବାରବାଟୀ-କଟକ କଂଗ୍ରେସର ପ୍ରାର୍ଥୀକୁ ନେଇ ନାନା ପ୍ରଶ୍ନ ଉଙ୍କି ମାରିଛି। ଏନେଇ ବୁଧବାର କଟକ ସେଲ୍‌ଟର୍ ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୋକିମ କହିଛନ୍ତି, ନିର୍ବାଚନ ପାଇଁ କର୍ମୀଙ୍କ ସହିତ ଆଲୋଚନା ହୋଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତିଙ୍କୁ ସମସ୍ତ ବିଷୟରେ ଅବଗତ କରାଯିବା ପରେ ସେ ଯାହା ନିଷ୍ପତ୍ତି ନେବେ ତାହା ୧/୨ ଦିନ ମଧ୍ୟରେ ସମସ୍ତେ ଜାଣିବେ। ଆଇନଗତ ସମସ୍ୟା ଯାହା ରହିଛି, ତାହାକୁ ବିରୋଧୀ ଦଳ ରାଜନୀତିରେ ସମ୍ପୃକ୍ତ କରିଛି। ନ୍ୟାୟାଳୟରୁ ମୋତେ ଉପଯୁକ୍ତ ନ୍ୟାୟ ମିଳିବ ବୋଲି ମୋର ବିଶ୍ୱାସ ରହିଛି। କଂଗ୍ରେସ ଦଳ ସର୍ବଦା କଟକ ପାଇଁ କାମ କରିଆସିଛି। ଗତ ୫ ବର୍ଷ ମଧ୍ୟରେ କଟକର ପ୍ରାୟତଃ ଉନ୍ନତି ହୋଇଛି। କଂଗ୍ରେସ ବାରବାଟୀ-କଟକ ବିଧାନସଭା ଆସନ ପାଇଁ ନେତା ଆମଦାନୀ କରିବ ନାହିଁ। ଖୋଦ୍ କଟକିଆ କଂଗ୍ରେସରୁ ନିର୍ବାଚନ ଲଢ଼ିବେ। ବିଜେଡି ଭଳି ନେତାଙ୍କୁ ବାହାରୁ ଆଣିବ ନାହିଁ। କଟକ ସହରକୁ କଂଗ୍ରେସ କାହା ହାତରେ ବିକ୍ରି ହେବାକୁ ଦେବ ନାହିଁ। ଶାସକ ଦଳ ନିର୍ବାଚନ ପାଇଁ କେତେ ଭୟଭୀତ, ତାହା ଏହି ମାମଲାରୁ ବାରି ହୋଇପଡିଛି। କୁଚକ୍ରାନ୍ତ ବ୍ୟକ୍ତିଙ୍କୁ ନିର୍ବାଚନରେ ଭୋଟର ଉଚିତ୍ ଜବାବ ଦେବେ। କଟକ ପାଇଁ କିଏ ପ୍ରକୃତ ନେତା ତାହା ସାଧାରଣ ଜନତା ଜଣାଇଦେବେ ବୋଲି ମୋକିମ କହିଛନ୍ତି।

**ମୋକିମ ନୀତିଗତ ଭାବେ ମିଛ କୁହନ୍ତି: ଦେବାଶିଷ**

ଅପରପକ୍ଷରେ ମୋକିମଙ୍କ କଟାକ୍ଷର ଉତ୍ତର ରଖିଛନ୍ତି ବିଜେଡି ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ। କଟକ ରାଜାବଗିଚାସ୍ଥିତ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବାଶିଷ କହିଛନ୍ତି, ମୋକିମ ମିଥ୍ୟାବାଦୀ ମଣିଷ। ନୀତିଗତ ଭାବେ ସେ ମିଥ୍ୟା କହି ଆସିଛନ୍ତି। ଠକେଇରେ ତାଙ୍କ ସମ୍ପୃକ୍ତି ରହିଛି। ସୁପ୍ରିମକୋର୍ଟ ତାଙ୍କୁ ଜାମିନ ଦେଇଛନ୍ତି ହେଲେ ରାୟ ସ୍ଥଗିତ ରହିନାହିଁ। ସେ ନିର୍ବାଚନ ଲଢ଼ିପାରିବେ ନାହିଁ। କଂଗ୍ରେସ ଯାହାକୁ ପ୍ରାର୍ଥୀ କରିବ ସେଥିରେ କୌଣସି ମତ ଦେବାକୁ ଚାହୁଁନି। ଏପର୍ଯ୍ୟନ୍ତ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହିଁ। ମୋକିମ ଜଣେ ଟାଣୁଆ ନେତା କି ନୁହେଁ ତାହା ସାଧାରଣ ଲୋକ ଠିକ୍ ଭାବେ ଜାଣିଛନ୍ତି। କଟକ ପାଇଁ ସେ କୌଣସି ଉନ୍ନତିମୂଳକ କାମ କରିନାହାନ୍ତି। ମୋକିମ ନିଜେ କେନ୍ଦ୍ରାପଡ଼ାରୁ ଆସିଛନ୍ତି ସେ କ’ଣ କହିବେ କିଏ କଟକିଆ କି ନାହିଁ। ବିଜେଡି ପ୍ରକାଶ ବେହେରାଙ୍କୁ ପ୍ରାର୍ଥୀ କରିଛି। ତାଙ୍କ ଘର ଓ ଶ୍ୱଶୁର ଘର କଟକରେ। ବିଜେଡି ଲଢେଇ କରିବ ଏବଂ ଏହି ଲଢେଇ ଏକପାଖିଆ ହେବ ବୋଲି ସାମନ୍ତରାୟ କହିଛନ୍ତି।

# ୧ କୁଇଣ୍ଟାଲ ବାସିଖାଦ୍ୟ ନଷ୍ଟ



ଫୁଲନଖରା,୨୪।୪(ସତ୍ୟରଞ୍ଜନ ଦାସମହାପାତ୍ର)

**ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ**
- ଖାଦ୍ୟର ମାନ ଯାଞ୍ଚ
- ବ୍ୟବସାୟୀଙ୍କୁ ଜରିମାନା

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା’ ଧାକୁଲେଇ ମହୋତ୍ସବ ଉପଲକ୍ଷେ ଖୋଲିଥିବା ଖାଦ୍ୟଷ୍ଟଲରେ ବୁଧବାର ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବିଭିନ୍ନ ଷ୍ଟଲରୁ ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ବାସି ଓ ରଙ୍ଗମିଶା ଖାଦ୍ୟ ଜବତ କରାଯାଇଛି। ଲୋକମାନଙ୍କୁ ରଙ୍ଗ ମିଶ୍ରିତ ଖାଦ୍ୟ ପ୍ରଦାନ କରୁଥିବା ଜଣେ ବ୍ୟବସାୟଙ୍କଠାରୁ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଧାକୁଲେଇ ମହୋତ୍ସବ ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ଏଠାରେ ବିଭିନ୍ନ ପ୍ରକାର ସାମଗ୍ରୀ ଓ ଖାଦ୍ୟ ଷ୍ଟଲ ପଡିଛି। ଲୋକମାନେ ମେଳା ବୁଲିବା ସହ ଚଟ୍‌ପଟି ଖାଦ୍ୟର ମଜା ନେଉଛନ୍ତି। ଏହାର ସୁଯୋଗ ନେଇ କେତେକ ଅସାଧୁ ବ୍ୟବସାୟୀ ବାସି ଓ ରଙ୍ଗମିଶା ଖାଦ୍ୟ ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ଖବର ପାଇବା ପରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା, ମିଟନ ସାହା, ସିଏମ୍‌ସି ୱାର୍ଡ ଅଫିସର ଚିତ୍ତରଞ୍ଜନ ପରିଡା ଓ ସୁପର ଭାଇଜର ଲିଟନ ବେହେରା ପ୍ରମୁଖ ବିଭିନ୍ନ ଷ୍ଟଲରେ ଚଢାଉ କରି ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ବାସି ଓ ରଙ୍ଗମିଶା ଖାଦ୍ୟ ବିକ୍ରି ହେଉଥିବା ସେମାନେ ଜାଣିବାକୁ ପାଇଥିଲେ। ଏ ନେଇ ସ୍ୱାସ୍ଥ୍ୟ ଅଧିକାରୀ ମହାପାତ୍ର କହିଛନ୍ତି, ଅଭିଯୋଗ ପାଇବା ପରେ ତୁରନ୍ତ ଷ୍ଟଲରେ ଚଢ଼ାଉ କରି ବାସି ଓ ରଙ୍ଗମିଶା ଖାଦ୍ୟ ଜବତ କରାଯାଇଛି। ଆଗାମୀ ଦିନରେ ଏଭଳି ଖାଦ୍ୟ ବିକ୍ରି ନ କରିବା ପାଇଁ ବ୍ୟବସାୟୀଙ୍କୁ ତାଗିଦ୍ କରାଯାଇଛି। ଯଦି ସେମାନେ ବାସୀଖାଦ୍ୟ ବିକ୍ରି କରନ୍ତି ତା’ହେଲେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହାପାତ୍ର କହିଛନ୍ତି।

### କଣ୍ଟେନର-ମିନିଟ୍ରକ୍ ମୁହାଁମୁହିଁ ଧକ୍କା, ଚାଳକ ମୃତ

ଖୁଣ୍ଟୁଣୀ, ୨୪।୪(ସଚ୍ଚିଦାନନ୍ଦ ପଣ୍ଡା )

୫୫ ନମ୍ବର ଜାତୀୟ ରାଜପଥର ଖୁଣ୍ଟୁଣୀ ନର୍ସରି ସମ୍ମୁଖରେ ଏକ କଣ୍ଟେନର ଓ ମିନିଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ମିନିଟ୍ରକ୍ ଚାଳକ ବିହାର ମୁଜାଫରପୁର ଥାନା ମୋତିହାରୀ ଅଞ୍ଚଳର ସଞ୍ଜିତ୍ ସିଂଙ୍କ ମୃତ୍ୟୁ ଘଟିଛି। ଏଥିସହ କଣ୍ଟେନର ଚାଳକ ଓ ହେଲ୍‌ପର ଆହତ ହୋଇଛନ୍ତି। ସେମାନଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ନିଆଯାଇଥିଲେ ମଧ୍ୟ ସେଠାରୁ ସେମାନେ ଚମ୍ପଟ୍ ମାରିଛନ୍ତି। ଖୁଣ୍ଟୁଣୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ରାସ୍ତାରୁ ହଟାଇ ଥାନାକୁ ନେଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ରାୟପୁର ଅଞ୍ଚଳରୁ ହୁଣ୍ଡାଇ କାର୍ ନେଇ ଏକ କଣ୍ଟେନର କଟକ ଆସୁଥିଲା। ଖୁଣ୍ଟୁଣୀ ନିକଟ ନର୍ସରୀଠାରେ ହଠାତ୍ ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇ ରାସ୍ତାର ଅପରପାର୍ଶ୍ୱକୁ ଚାଲିଯାଇଥିଲା। ଏହି ସମୟରେ କଟକରୁ ଲୁଡାଛଡ଼ ନେଇ ଢେଙ୍କାନାଳ ଅଭିମୁଖେ ଯାଉଥିବା ଏକ ମିନିଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମିନିଟ୍ରକ ଚାଳକ ଗାଡ଼ି ଭିତରେ ଚାପି ହୋଇଯାଇଥିଲେ। ଖୁଣ୍ଟୁଣୀ ପୋଲିସ ଆଠଗଡ଼ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଟ୍ରକ୍‌କୁ କାଟି ଚାଳକଙ୍କୁ ଉଦ୍ଧାର କରିଥିଲା। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ‘ଓଡ଼ିଆ ସାରସ୍ୱତ ଜଗତକୁ ଶ୍ରୀଧରଙ୍କ ଅବଦାନ ଅବିସ୍ମରଣୀୟ’



ସମାରୋହରେ ସାହିତ୍ୟିକ ଡ. ରମେଶ ଚନ୍ଦ୍ର ମଲ୍ଲିକଙ୍କୁ ଶ୍ରୀଧର ଦାସ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

କଟକ,୨୪।୪ (କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ସାଧକ ଶ୍ରୀଧର ଦାସଙ୍କ ସ୍ମୃତିରେ ସାରସ୍ୱତ ସମାରୋହ କଟକ ସାରଳା ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସାହିତ୍ୟିକ ପ୍ରଜ୍ଞାରତ୍ନ ସହଦେବ ସାହୁ ଯୋଗଦେଇ କହିଛନ୍ତି, ଓଡ଼ିଆ ସାରସ୍ୱତ ଜଗତକୁ ଶ୍ରୀଧର ଦାସଙ୍କ ଅବଦାନ ଅବିସ୍ମରଣୀୟ। ସମ୍ମାନିତ ଅତିଥି ପ୍ରଫେସର ଚିତ୍ତରଞ୍ଜନ ପଣ୍ଡା କହିଛନ୍ତି, ଅଧ୍ୟାପକ ଦାସ ସାହିତ୍ୟର ବହୁ ବିଭାଗରେ ଦକ୍ଷତା ହାସଲ କରିଥିଲେ। ବିଶିଷ୍ଟ ଅତିଥି ପ୍ରଫେସର ସତ୍ୟନାରାୟଣ ପଣ୍ଡା କହିଛନ୍ତି, ଶ୍ରୀଧରଙ୍କ ଜୀବନ ସାଧାରଣ, ମାତ୍ର ବ୍ୟକ୍ତିତ୍ୱ ଅସାଧାରଣ। ମୁଖ୍ୟବକ୍ତା ଡ. ରବିନାରାୟଣ ମହାରଣା କହିଛନ୍ତି, ଶ୍ରୀଧର ଦାସ ଥିଲେ ଭାଷା ବିଜ୍ଞାନୀ। ସଭାପତି ଡ. ସ୍ୱାଇଁ କହିଛନ୍ତି, ଅଧ୍ୟାପକ ଦାସଙ୍କ ଆତ୍ମଜୀବନୀ ସୁଅମୁହଁରେ ପତର ଏକ ଅମୂଲ୍ୟ ଗ୍ରନ୍ଥ। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ତଥା ସାହିତ୍ୟିକ ଡ. ରମେଶ ଚନ୍ଦ୍ର ମଲ୍ଲିକଙ୍କୁ ଶ୍ରୀଧର ଦାସ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ତାଙ୍କର ପୁତ୍ର ଇଂ. ରଘୁନାଥ ପ୍ରସାଦ ଦାସ ଓ ପୁତ୍ରବଧୂ ପ୍ରମୋଦା ଦାସଙ୍କ ଦ୍ୱାରା ମିଳିତ ଭାବେ ରଚିତ ଯୁଗଳ ଆଳାପ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରଫେସର ନିରୋଦ କୁମାର ଗଚ୍ଛାୟତ ସ୍ୱାଗତ ଭାଷଣ, ସଞ୍ଜିତ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ ଓ ନିର୍ମଳ ଚନ୍ଦ୍ର ପହି ମାନପତ୍ର ପାଠ କରିଥିଲେ।

# ‘ଭାଗୀରଥି ଥିଲେ ନିର୍ବିବାଦୀୟ ଜନନେତା’

କଟକ,୨୪।୪ (କାର୍ତ୍ତିକ ସାହୁ)

ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସାଧାରଣ ସମ୍ପାଦକ ତଥା ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ୧୩୨ତମ ଜୟନ୍ତୀ କଟକ ସ୍ୱରାଜ ଆଶ୍ରମଠାରେ ବୁଧବାର ପାଳିତ ହୋଇଯାଇଛି। ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ଆନୁକୂଲ୍ୟରେ ଟ୍ରଷ୍ଟର ସଭାପତି ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହକୁ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବିଜୟ କୁମାର ଦାଶ ଉଦ୍‌ଘାଟନ କରି ଭାଗୀରଥି ମହାପାତ୍ର ନିର୍ବିବାଦୀୟ ଜନନେତା ଥିଲେ ବୋଲି କହିଛନ୍ତି। ମୁଖ୍ୟ ଅତିଥି ଆଇଏଏସ୍ ଅଫିସର ଇଂ. ମଧୁସୂଦନ ପାଢ଼ୀ ଯୋଗଦେଇ ଭାଗିରଥୀଙ୍କୁ ଜଣେ ମହାନ୍ ସଂଗ୍ରାମୀ ଭାବେ ଅଭିହିତ କରିଥିଲେ। ମୁଖ୍ୟବକ୍ତା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ନେତାଜୀ ଅଭିନନ୍ଦନ ସେ ସମୟର ରାଜନେତା ଓ ବର୍ତ୍ତମାନର ରାଜନେତାଙ୍କ ମଧ୍ୟରେ ଅନେକ ପ୍ରଭେଦ ରହିଛି ବୋଲି କହିଥିଲେ। ଗବେଷକ ପ୍ରବୀର କୁମାର ପଟ୍ଟନାୟକ କହିଛନ୍ତି, ବୌଦ୍ଧ ଧର୍ମ ଯେଉଁଭଳି ଶାନ୍ତିର ବାର୍ତ୍ତାବହ ହୋଇପାରିଛି ତାହା ରାଜନୀତି କ୍ଷେତ୍ରରେ ପ୍ରତିଫଳିତ ହେଲେ ଭାରତବାସୀ ନିଶ୍ଚୟ ସାମ୍ପ୍ରତିକ ଅଶାନ୍ତ ପରିବେଶରୁ ଆଶ୍ୱସ୍ତି ଅନୁଭବ କରିବେ। ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର ବିବରଣୀ ପାଠ କରିଥିଲେ।

ଏହି ଅବସରରେ ଆଇନଜୀବୀ ତଥା ରୋଟାରିଆନ ଗୋରାଚାନ୍ଦ କାନୁନ୍‌ଗୋଙ୍କୁ ଭାଗୀରଥି ମହାପାତ୍ର ସ୍ମୃତି ସମ୍ମାନ, ଓଡ଼ିଶା ଲ ରିଭ୍ୟୁର ପ୍ରକାଶକ ପ୍ରଶାନ୍ତ କୁମାର ରାଉତଙ୍କୁ ଭାଗୀରଥି ମହାପାତ୍ର ସେବା ସମ୍ମାନ ଓ ବିଦ୍ୟୁତ୍‌ପ୍ରଭା ମହାପାତ୍ରଙ୍କୁ ବିଶିଷ୍ଟ ଶ୍ରୋତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ହାଇକୋର୍ଟର ପୂର୍ବତନ ବିଚାରପତି ନିତ୍ୟାନନ୍ଦ ପୃଷ୍ଟିଙ୍କ ବାର୍ତ୍ତା ପାଠ କରିଥିଲେ ଆଡ୍‌ଭୋକେଟ ଅସିତ କୁମାର ଜେନା। ଲୋକପାଳର ପୂର୍ବତନ କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ପ୍ରଦୀପ କୁମାର ମହାନ୍ତି, ଓଡ଼ିଶା ହାଇକୋର୍ଟ ବାର୍‌ର ଉପସଭାପତି କରୁଣାକର ରଥ, ସମ୍ପାଦକ ରଞ୍ଜନ କୁମାର ନାୟକଙ୍କ ସମେତ ୨୦୦୨୪-୨୫ ବର୍ଷ ପାଇଁ ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ଟ୍ରଷ୍ଟ ତରଫରୁ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ସଦସ୍ୟା ବିଶ୍ୱମିତ୍ରା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା, ସୁଶ୍ରୀ ସୁସ୍ମିତା ପଟ୍ଟନାୟକ ଓ ଶିଳ୍ପା ପାତ୍ର ମାନପତ୍ର ପାଠ କରିଥିଲେ। ଆଇନଜୀବୀ ଜଗନ୍ନାଥ ମହାନ୍ତି ଧନ୍ୟବାଦ ଦେଇଥିଲେ।



ସ୍ୱରାଜ ଆଶ୍ରମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।

# ମୃତଦେହ ରଖି୍ ଏସ୍‌ପିଙ୍କ ଅଫିସ ଘେରାଉ

ଖୋର୍ଦ୍ଧା,୨୪।୪(ପ୍ରଭାତ ପାଣିଗ୍ରାହୀ)

- ପୋଲିସର ଅବହେଳାକୁ ଦାୟୀ କଲେ ପରିବାର
- ବାଇକ୍, ମୋବାଇଲ ଜବତ ସତ୍ତ୍ୱେ ପରିବାରକୁ ଜଣାଇ ନ ଥିଲା



ବିଧାୟକ ରାଜେନ୍ଦ୍ର ସାହୁ ଓ ଏସ୍‌ପି ଅବିନାଶ କୁମାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଖୋର୍ଦ୍ଧା ସଦର ଥାନା ପୋଲିସର ଅବହେଳାରୁ ଜଣେ ଯୁବକଙ୍କ ଜୀବନଯାଇଛି ବୋଲି ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଗୁରୁଜଙ୍ଗର ନୀଳକଣ୍ଠ ମହାପାତ୍ର। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ପରିବାର, ସମ୍ପର୍କୀୟ ଓ ସ୍ଥାନୀୟ ବାସିନ୍ଦା ବୁଧବାର ଅପରାହ୍ନରେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ କାର୍ଯ୍ୟାଳୟ ଆଗରେ ମୃତଦେହ ରଖି ଘେରାଉ କରିବା ସହ ଧାରଣା ଦେଇଥିଲେ। ଖବରପାଇ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ପହଞ୍ଚି ଏସ୍‌ପିଙ୍କ ସହିତ ଆଲୋଚନା କରିଥିଲେ। ପରେ ଏସ୍‌ପି ଅବିନାଶ କୁମାର ଘଟଣାର ତଦନ୍ତ ନିର୍ଦ୍ଦେଶ, ପରିବାରର ଜଣଙ୍କୁ ଚାକିରି, ମୃତଦେହ ସଂସ୍କାର ପାଇଁ ରେଡକ୍ରସ ପାଣ୍ଠିରୁ ସହାୟତା ଲାଗି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଦୁର୍ଘଟଣାରେ ଆହତ ହୋଇ ୭୨ଘଣ୍ଟା ପରେ ଅଜଣା ଶବ ହୋଇ ଫେରିଥିଲା ନୀଳକଣ୍ଠଙ୍କ ମୃତଦେହ। ଏହାକୁ ପରିବାର ଏବଂ ସ୍ଥାନୀୟ ବାସିନ୍ଦା ସହଜରେ ଗ୍ରହଣ କରିପାରି ନ ଥିଲେ। ପୋଲିସର ଅବହେଳା, ଦାୟିତ୍ୱହୀନତାକୁ ଦାୟୀ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ମୃତକଙ୍କ ବାପା ଭ୍ରମରବର ମହାପାତ୍ର ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଗତ ୨୨ତାରିଖ ରାତି ୧୦ଟାରେ ନୀଳକଣ୍ଠ କୌଣସି କାମରେ ବାଇକ୍‌ରେ ଦଳେଇପୁଟ ଯାଇଥିଲେ। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଚାରିଆଡେ ଖୋଜାଖୋଜି କରି ନିରାଶ ହୋଇଥିଲେ। ନୀଳକଣ୍ଠଙ୍କ ମୋବାଇଲ ନମ୍ବରକୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ମୋବାଇଲ ରିଂ ହେଉଥିବା ବେଳେ କୌଣସି ପ୍ରତ୍ୟୁତ୍ତର ପାଇ ନ ଥିଲେ। ପରଦିନ ପରିବାର ଲୋକେ କୌଣସି ସୂତ୍ରରୁ ଖବର ପାଇଥିଲେ, ଘଟଣାଦିନ ରାତିରେ କୁରାଢମଲ୍ଲ ଛକ ପଣ୍ଡିତ ଢାବା ନିକଟରେ ନୀଳକଣ୍ଠଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କୌଣସି ଏକ ଅଜଣା ଗାଡି ଧକ୍କାରେ ସେ ଗୁରୁତର ଆହତ ହୋଇଥିଲେ। ସଦର ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଘଟଣାସ୍ଥଳରୁ ବାଇକ୍, ଟଙ୍କା ଏବଂ ମୋବାଇଲ ଜବତ କରିଥିଲା। ତେବେ ଏ ସମ୍ପର୍କରେ ପୋଲିସ ପରିବାର ଲୋକଙ୍କୁ କୌଣସି ସୂଚନା ଦେଇ ନ ଥିଲା। ସେପଟେ ନୀଳକଣ୍ଠଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଜୀବନ ସହ ସଂଗ୍ରାମ କରି ଶେଷରେ ମୃତ୍ୟୁବରଣ କରିଥିଲେ। ପରିବାରଲୋକେ କଟକ ବଡ ମେଡିକାଲରେ ପହଞ୍ଚିଥିବା ବେଳେ ପୋଲିସ ଅଜଣା ମୃତଦେହ ଭାବେ ଜବତ କରି ବ୍ୟବଚ୍ଛେଦ କରାଇ ଶବ ସଂରକ୍ଷଣ ଗୃହରେ ରଖିଥିଲା। ପରେ ପରିବାର ଲୋକେ ନୀଳକଣ୍ଠଙ୍କୁ ଚିହ୍ନଟ କରିବା ପରେ ଲିଖିତ ଅଭିଯୋଗକ୍ରମେ ପୋଲିସ ମୃତଦେହ ହସ୍ତାନ୍ତର କରିଥିଲା। ପୁଅକୁ ହରାଇ ପରିବାରଲୋକେ ମାନସିକ ସ୍ତରରେ ଭାଙ୍ଗିପଡିଥିଲେ। ସଦର ଥାନା ପୋଲିସର ଅବହେଳା ଓ ଦାୟିତ୍ୱହୀନତାରୁ ନୀଳକଣ୍ଠଙ୍କ ଜୀବନଗଲା ବୋଲି ଦାୟୀ କରି ପରିବାର ଲୋକେ ଓ ଗ୍ରାମବାସୀ ଏସ୍‌ପି ଅଫିସ ଘେରାଉ କରିବା ସହ ଧାରଣା ଦେଇଥିଲେ। ଖବରପାଇ ସଦର ଏସ୍‌ଡିପିଓ ଦିଲୀପ ଦାସ, ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକ, ଜଙ୍କିଆ ଥାନାଧିକାରୀ ପ୍ରଜ୍ଞାପାରମିତା କର, ବରିଷ୍ଠ ପୋଲିସ ଅଧିକାରୀ ତାରିକ ଅହମ୍ମଦ ପ୍ରମୁଖ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ବିଧାୟକ ରାଜେନ୍ଦ୍ର ସାହୁ, କଂଗ୍ରେସ ନେତା ରଣଜିତ ମହାପାତ୍ର, ଯୁବନେତା ଅବ୍ୟକ୍ତ ହରିହର ଖାଡଙ୍ଗା ପ୍ରମୁଖ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। କର୍ତ୍ତବ୍ୟରେ ଅବହେଳା ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଧାରଣାକାରୀ ଦାବି କରିଥିଲେ।

## ଆମ ସଂସ୍କୃତି ଆମ ଖେଳନା କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ବାଲୁଗାଁ,୨୪।୪(ସଂଗ୍ରାମ ପାଇକରାୟ)

ଚିଲିକା ଶିକ୍ଷା ବ୍ଲକ ଅନ୍ତର୍ଗତ ବଡ଼କୁଳ ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ସଂଯୋଜକ ଗଣେଶ୍ୱର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ରଜରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଏହି କର୍ମଶାଳାକୁ ଚିଲିକା ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ଦାଶ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୋଷ୍ଠୀ ସାଧନ ସଂଯୋଜିକା ମିନତି ଶତପଥୀ, ପ୍ରଧାନ ଶିକ୍ଷକ ପ୍ରମୋଦ ବିଶୋଇ, ଶ୍ରୀକାନ୍ତ ପାଇକରାୟ, ପୂର୍ଣ୍ଣ ଚନ୍ଦ୍ର ଦଳାଇ, ସୁବ୍ରତ ବାରିକ, ଶିବ କୁମାର ମହାପାତ୍ର ପ୍ରମୁଖ ଆମ ସଂସ୍କୃତି, ଆମ ଖେଳନା ଏବଂ ଶିକ୍ଷଣୀୟ ସାମଗ୍ରୀର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଶାଳାରେ ୧୦ଟି ବିଦ୍ୟାଳୟର ୩୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରି ଖେଳନା ଓ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ସିଆର୍‌ସିସି ଗଣେଶ୍ୱର ସ୍ୱାଇଁ ଏବଂ ଶିବକୁମାର ମହାପାତ୍ର ଖେଳନା ପ୍ରସ୍ତୁତିରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଶ୍ରୀକାନ୍ତ ପାଇକରାୟ ଧନ୍ୟବାଦ ଦେଇଥିଲେ।

### ସଂକ୍ଷେପରେ

## ମଦ, ବାଇକ୍ ଜବତ: ୪ ଗିରଫ

ବେଗୁନିଆ,୨୪।୪(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୬୮ଲିଟର ଦେଶୀ ଓ ୭ ଲିଟରରୁ ଉର୍ଦ୍ଧ୍ୱ ବିଦେଶୀ ମଦ ସହ ବାଇକ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୪ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାସୋଳ ଗ୍ରାମର ଅଜୟ କୁମାର ସୁବୁଦ୍ଧି, ହୀରାପୁର ଗ୍ରାମର କୃପାସିନ୍ଧୁ ରଥ, ବେଗୁନିଆର ଲଳିତା ସାହୁ, ଗୌଡ ନୂଆଗାଁ ଗ୍ରାମର ଅଖିଳ କୁମାର ପଣ୍ଡା। ଏନେଇ ମାମଲା ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ବେଗୁନିଆ ଅବକାରୀ ଥାନା ଉପନୀରିକ୍ଷକ ଏନ୍.ଜାଗିନ ରାଓ ସୂଚନା ଦେଇଛନ୍ତି।

## ଭାଜପାରେ ମିଶିଲେ ପୁରୁଖା ନେତା, ୫୦ରୁ ଉର୍ଦ୍ଧ୍ୱ ପରିବାର

କୃଷ୍ଣପ୍ରସାଦ,୨୪।୪(କୈଳାସ ଚନ୍ଦ୍ର ପଟ୍ଟନାୟକ): ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଆସନ୍ତା ମେ' ୨୫ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଭାଜପାର ବିଧାୟିକା ପ୍ରାର୍ଥିନୀ ଉପାସନା ମହାପାତ୍ର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଜନସମ୍ପର୍କ ଅଭିଯାନକୁ ଜୋରଦାର କରିଥିବା ଜଣାପଡ଼ିଛି। ଉପାସନାଙ୍କ ଆଚରଣ, ଉଚ୍ଚାରଣ ଓ ବ୍ୟବହାର ଯୋଗୁ ବହୁ ବିରୋଧୀ ଲୋକ ମଧ୍ୟ ସମୟାନୁକ୍ରମେ ଭାଜପାରେ ସାମିଲ ହେଉଥିବା ପରିଲକ୍ଷିତ ହୋଇଛି। କୃଷ୍ଣପ୍ରସାଦର ପୂର୍ବତନ ସରପଞ୍ଚ କୁମାର ସିଂ ଓ ରମେଶ ଚନ୍ଦ୍ର ସିଂହସାମନ୍ତ, ବରିଷ୍ଠ ନେତା ବିରଞ୍ଚି ବିଶ୍ୱାଳ, ବରିଷ୍ଠ ନେତା ରାମଚନ୍ଦ୍ର ସେଠୀ, ପୂର୍ବତନ ସମିତି ସଭ୍ୟ ସୀମାଞ୍ଚଳ ନାୟକ, ପଞ୍ଚାୟତ ଭାଜପା ସଭାପତି ହରମୋହନ ମାନସିଂହ, ସମ୍ପାଦକ ପ୍ରିୟବ୍ରତ ସିଂହସାମନ୍ତଙ୍କ ନେତୃତ୍ୱରେ ୫୦ ଗୋଟି ପରିବାରର ୫ଶହରୁ ଉର୍ଦ୍ଧ୍ୱ ସଦସ୍ୟଙ୍କ ସମେତ ବହୁ ପୁରୁଖା ନେତା ଭାଜପାରେ ଯୋଗ ଦେବାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଉପାସନାଙ୍କ ସମର୍ଥକମାନେ ବୁଥ୍‌ସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ଼ କରୁଥିବାରୁ ଲୋକ ସମ୍ପର୍କରେ ଉପାସନା ବେଶ୍ ଆଗରେ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଲୋକପ୍ରିୟ ଦିବଂଗତ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଖାସ ସମର୍ଥକ ଭାବେ ଜଣାଶୁଣା ଅନେକ ପଞ୍ଚାୟତ ଜନପ୍ରତିନିଧି ଉପାସନାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରୁଥିବାରୁ ଆଗାମୀ ଦିନରେ ଭାଜପା ପାର୍ଥିନୀ ଏଠାରୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବେ ବୋଲି ରାଜନୈତିକ ସମୀକ୍ଷକମାନେ ଏବେଠାରୁ ପୂର୍ବାନୁମାନ କରୁଛନ୍ତି। ସେହିପରି ଭାଜପା ପକ୍ଷରୁ ଆୟୋଜିତ କର୍ମୀ ସମ୍ମିଳନୀରେ ହଜାର ହଜାର ଜନସାଧାରଣ ଯୋଗଦେଉଥିବାରୁ ଦଳର ଶକ୍ତି ସମଗ୍ର ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ବୃଦ୍ଧି ପାଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ଜଟଣୀରେ ସନ୍ତୋଷ ଜେନାଙ୍କ ଶକ୍ତି ପ୍ରଦର୍ଶନ



ଜଟଣୀ,୨୪।୪(ରବୀନ୍ଦ୍ରନାଥ ମହାକୁଡ଼)

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ପ୍ରମୁଖ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଶକ୍ତି ପ୍ରଦର୍ଶନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଜଟଣୀ ସହରରେ କଂଗ୍ରେସ ଶକ୍ତି ପ୍ରଦର୍ଶନ କରିଛି। ଏଥିରେ କଂଗ୍ରେସର ଜଟଣୀ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା ଓ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ୟାସିର ନୱାଜ ମିଳିତଭାବେ ପଦଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ସ୍ଥାନୀୟ ସୀତାରାମଛକଠାରୁ ପଦଯାତ୍ରା ବାହାରି ଉତ୍ତରାୟଣୀ କ୍ଲବ ସଭାସ୍ଥଳରେ ପହଞ୍ଚିଥିଲା। ଏହି ପଦଯାତ୍ରା ଓ କର୍ମୀ ସମ୍ମିଳନୀରେ ବହୁ କଂଗ୍ରେସ କର୍ମୀ ଏବଂ ସମର୍ଥକ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। କଂଗ୍ରେସ ଗ୍ୟାରେଣ୍ଟି କାର୍ଡରେ ଉଲ୍ଲେଖ କରିଥିବା ୫ଶହ ଟଙ୍କାରେ ଗ୍ୟାସ ସିଲିଣ୍ଡର, ପ୍ରତି ମହିଳାଙ୍କୁ ୨ହଜାର ଟଙ୍କା, ୨୦୦ ୟୁନିଟ ବିଜୁଳି ଛାଡ଼, ୨୫ ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା, ୫ଲକ୍ଷ ଯୁବତୀ ଯୁବକଙ୍କୁ ନିଯୁକ୍ତି, ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ, ଭୂମିହୀନଙ୍କୁ ଜମି ପ୍ରଦାନ ସହିତ ସ୍ଥାୟୀ ପଟ୍ଟା ପ୍ରଦାନ, ଶିକ୍ଷାର ଘରୋଇକରଣ ବନ୍ଦ କରି ପ୍ରତି ଘରୋଇ ଶିକ୍ଷାନୁଷ୍ଠାନରେ ଗରିବ ଏବଂ ମଧ୍ୟବିତ୍ତ ପରିବାର ପିଲାଙ୍କୁ ୩୦ ପ୍ରତିଶତ ସିଟ ବ୍ୟବସ୍ଥା ଆଦି ପ୍ରଦାନ କରାଯିବ ବୋଲି ଉଭୟ ପ୍ରାର୍ଥୀ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀ ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା, ସଙ୍ଗଠକଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ବର୍ଷାରେ ଲିଭିଲା ଜଙ୍ଗଲ ନିଆଁ

ବୋଲଗଡ଼,୨୪।୪(ଦେବବ୍ରତ ହୋତା)

ଖୋର୍ଦ୍ଧା ରେଞ୍ଜ ବୋଲଗଡ଼ ବନଖଣ୍ଡ ଅଧୀନ ନାଗାପଲ୍ଲୀ ସଂରକ୍ଷିତ ଜଙ୍ଗଲ, ପାଞ୍ଚଗଡ଼ ଓ ବ୍ରାହ୍ମଣୀଦେବୀ ଚିହ୍ନିତ ସଂରକ୍ଷିତ ଜଙ୍ଗଲ ଆଦି ୩ଟି ଜଙ୍ଗଲ ଅଞ୍ଚଳର ୫ଟି ସ୍ଥାନରେ ନିଆଁ ଲାଗି ୨ ଦିନ ମଧ୍ୟରେ ପ୍ରାୟ ୧୭ ଏକର ଜଙ୍ଗଲ ପୋଡ଼ି ଯାଇଥିବା ସୂଚନା ମିଳିଛି। ତେବେ ବନ ବିଭାଗ ନିଆଁକୁ ଆୟତ୍ତ କରିବାକୁ ଲାଗି ପଡ଼ିଥିବାବେଳେ ଏହି ସମୟରେ ବରଦାନ ସାଜିଛି କାଳବୈଶାଖୀ ବର୍ଷା। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ତଥା ନିଆଁ ଆୟତ୍ତ କରିବା କଷ୍ଟସାଧ୍ୟ ଥିବା ପାଞ୍ଚଗଡ଼ ଡିପିଏଫ୍ ଅଞ୍ଚଳର ୨ଟି ସ୍ଥାନର ପ୍ରାୟ ୧୨ ଏକର ଜଙ୍ଗଲ ନିଆଁ ବର୍ଷା ହେବା କାରଣରୁ ସମ୍ପୂର୍ଣ୍ଣ ଲିଭିଯାଇଛି। ସେହିପରି ମଙ୍ଗଳବାର ଲାଗିଥିବା ପାଟବନ୍ଧ ଗ୍ରାମ ଉପକଣ୍ଠ ନାଗାପଲ୍ଲୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳର ୨ଟି ସ୍ଥାନ ଏବଂ ଯୋଡ଼ାପଡ଼ା ରାମମନ୍ଦିର ନିକଟ ବ୍ରାହ୍ମଣୀଦେବୀ ଚିହ୍ନିତ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ନିଆଁ ଲାଗି ବହୁ ମୂଲ୍ୟବାନ ଗଛ ଜଳିଯାଇଛି।

## ବାଘମାରୀରେ ଜମୁଛି ରାମନାଟକ



ବେଗୁନିଆ,୨୪।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମର ତଳସାହିସ୍ଥିତ ରଘୁନାଥ ଦେବ ନାଟ୍ୟ ସଂସଦ ଦ୍ୱାରା କଳାକାରମାନଙ୍କ ସହଯୋଗରେ ରାମନାଟକ ଅନୁଷ୍ଠିତ ହେଉଛି। ରାମ ନବମୀଠାରୁ ୯ଦିନ ବ୍ୟାପୀ ବୈଦିକ ରୀତି ଅନୁସାରେ ହବିଷାନ୍ନ ଖାଇ ନିଷ୍ଠାର ସହ ରହି କଳାକାରମାନେ ଅଭିନୟ କରୁଛନ୍ତି। ୩୫ରୁ ଉର୍ଦ୍ଧ୍ୱ କଳାକାର ହନୁମାନ, ବାଳି, ଅଙ୍ଗଦ, ଇନ୍ଦ୍ରଜିତ କୁମ୍ଭକର୍ଣ୍ଣ, ରାବଣ ଆଦି ଭୂମିକାରେ ନିଖୁଣ ଅଭିନୟ କରୁଛନ୍ତି। ଶ୍ରୀରାମ ଜନ୍ମ, ସୀତା ବିବାହ, ବାଳିବଧ, ଲଙ୍କାପୋଡ଼ି, କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତ ବଧ ସହ ରାବଣପୋଡ଼ି ଉତ୍ସବ ଏବଂ ରାମଙ୍କ ରାଜ୍ୟାଭିଷେକ ଆଦି ନାଟକ ରୂପାନ୍ତର ହୋଇଥାଏ। କମିଟି ସଭାପତି ଦାଶରଥି ପଣ୍ଡା, ଉପସଭାପତି ଆର୍ତ୍ତବନ୍ଧୁ ସେଠୀ, ସମ୍ପାଦକ ପ୍ରତାପ ମହାନ୍ତି, ସହସମ୍ପାଦକ ମନୋଜ କୁମାର ସେଠୀ, କୋଷାଧ୍ୟକ୍ଷ ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଗୁରୁବାର ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ନଳଘାସରେ ନିଆଁ ଲଗାଇବା ଘଟଣାରେ ୪ କୋର୍ଟ ଚାଲାଣ

ଟାଙ୍ଗୀ,୨୪।୪(ରଘୁନାଥ ସାହୁ)

ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଅନ୍ତର୍ଗତ ଭୂଷଣ୍ଡପୁର ଚିଲିକାହ୍ରଦ କୂଳରେ ନଳଘାସରେ ନିଆଁ ଲଗାଇବା ଅଭିଯୋଗରେ ବିଭାଗୀୟ କର୍ମଚାରୀମାନେ ପୋଲିସ ସହାୟତାରେ ୪ଜଣଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ଗଡ଼ିଶାଗଡା ଥାନା ଅନ୍ତର୍ଗତ ଆଳିପଡାର ରାଜୀବ ପଲେଇ, ନୂଆଗାଁର ସହଦେବ ସାହୁ, ଅଡାଳ ଗ୍ରାମର ଗୋଲଖ ରାଉତ ଓ ଟାଙ୍ଗୀ ଥାନା ଅନ୍ତର୍ଗତ ବରୁଣପଡାର ନିରଞ୍ଜନ ବେହେରା। ଏମାନଙ୍କଠାରୁ ଦିଆସିଲି, କିରୋସିନ ବୋତଲ, ଫାଶ ସୂତା, ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଦୁଇଟି ମାମଲା (ନଂ.୧/୨୪ ଓ ୨/୨୪) ରୁଜୁ କରାଯାଇ ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ରେଞ୍ଜର ବିରାଜ ଦାସ ସୂଚନା ଦେଇଛନ୍ତି।

## ପ୍ରାର୍ଥୀଙ୍କ ପ୍ରଚାର ଖର୍ଚ୍ଚ ଅର୍ଥ ତାଲିକା ବୈଠକ

ଖୋର୍ଦ୍ଧା,୨୪।୪ (ପ୍ରଭାତ ପାଣିଗ୍ରାହୀ)

ସାଧାରଣ ନିର୍ବାଚନରେ ପ୍ରାର୍ଥୀଙ୍କ ପ୍ରଚାର ଖର୍ଚ୍ଚ ଅର୍ଥ ତାଲିକା ଚୁଡାନ୍ତ ନେଇ ଏକ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ଶୃଙ୍ଖଳିତ ନିର୍ବାଚନ ଆୟୋଜନ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରାଜନୈତିକ ଦଳ ପ୍ରାର୍ଥୀମାନଙ୍କ ପ୍ରଚାର ସାମଗ୍ରୀ ପାଇଁ ଖର୍ଚ୍ଚ ତାଲିକା ଉପରେ ଆଲୋଚନା କରାଯାଇଥିଲା। ପ୍ରାର୍ଥୀଙ୍କ ଆବଶ୍ୟକ ଅନୁସାରେ ବ୍ୟବହୃତ ସାମଗ୍ରୀର ଦର ଚୁଡାନ୍ତ କରାଯାଇଛି। ହୋର୍ଡିଂ, ଏଲ୍‌ଇଡି ସ୍କ୍ରିନ ଆଦି ସମାଗ୍ରୀ ପାଇଁ ଅଲଗା ଦର ଚୁଡାନ୍ତ କରାଯାଇଛି। ସେହିଅନୁସାରେ ପ୍ରାର୍ଥୀ ବ୍ୟବହୃତ ସାମଗ୍ରୀ ଅନୁଯାୟୀ ଖର୍ଚ୍ଚର ବିବରଣୀ ପ୍ରଦାନ କରିବେ। ଅନ୍ୟାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଡେପୁଟି କଲେକ୍ଟର ମନୋଜ ସେନାପତି ପ୍ରମୁଖ ଉପସ୍ଥିତ ଥିବା ବେଳେ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ।

# କଲେଜ ବସ୍‌କୁ ଧକ୍କାଦେଲା ଆମ୍ବୁଲାନ୍ସ

ଖୋର୍ଦ୍ଧା,୨୪।୪(ପ୍ରଭାତ ପାଣିଗ୍ରାହୀ)

**୩ ଗୁରୁତର, ଆମ୍ବୁଲାନ୍ସ ସମ୍ମୁଖ ଭାଙ୍ଗି ଚୂରମାର**




୧୬ ନମ୍ବର ଜାତୀୟ ରାଜପଥର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଛକରେ ବୁଧବାର ଅପରାହ୍ନରେ ଏକ ଘରୋଇ କଲେଜ ବସ୍ ପଛପଟକୁ ଧକ୍କାଦେଇ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଆମ୍ବୁଲାନ୍ସ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଅନ୍ୟ ଜଣେ ଡ୍ରାଇଭରଙ୍କ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଡ୍ରାଇଭର ତାମିଲନାଡୁର କେ. ସତୀଶ କୁମାର(୫୦), ପଶ୍ଚିମବଙ୍ଗ ବର୍ଦ୍ଧମାନ ଅଞ୍ଚଳର ଦୃଷ୍ଟି ମୋସାନ(୨୫) ଓ ତାଙ୍କ ମା'ସାମ୍ପା ମୋସାନ(୪୦)। ଖବରପାଇ ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଆମ୍ବୁଲାନ୍ସ ସମ୍ମୁଖ ଭାଗକୁ କାଟି ଆହତ ଡ୍ରାଇଭର ଏବଂ ଅନ୍ୟମାନଙ୍କୁ ଉଦ୍ଧାର କରିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରି ତଦନ୍ତ ଚଳାଇଛି। ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲେ।

ସୂଚନା ମୁତାବକ, ପଶ୍ଚିମବଙ୍ଗ ବର୍ଦ୍ଧମାନ ଅଞ୍ଚଳର ଗୋଟିଏ ପରିବାରର ୬ଜଣଙ୍କୁ ନେଇ ତାମିଲନାଡୁର ଏକ ଘରୋଇ ହସ୍ପିଟାଲରୁ ସେଠାକାର ଘରୋଇ ଆମ୍ବୁଲାନ୍ସ(ଟିଏନ ୫୮କେ ୬୩୮୨) ଗତ ୨୨ ତାରିଖ ଅପରାହ୍ନ ୫ଟାରେ ବାହାରିଥିଲା। ଉକ୍ତ ଆମ୍ବୁଲାନ୍ସରେ ବିଶ୍ୱନାଥ ମୋସାନ, ତାଙ୍କ ସ୍ତ୍ରୀ ସାମ୍ପା, ଝିଅ ଦୃଷ୍ଟି, ସମ୍ପର୍କୀୟ ସନ୍ଦୀପ ମଣ୍ଡଳ ରହିଥିଲେ। ବିଶ୍ୱନାଥଙ୍କ ଝିଅ ଦୃଷ୍ଟିର ଟ୍ୟୁମର ଚିକିତ୍ସା କରାଇ ପରିବାର ସହିତ ତାମିଲନାଡୁରୁ ଫେରୁଥିଲେ। ଉକ୍ତ ଆମ୍ବୁଲାନ୍ସରେ ୨ଡ୍ରାଇଭର ସମେତ ୬ଜଣ ରହିଥିଲେ। ଦୂର ରାସ୍ତା ଯୋଗୁ ଆମ୍ବୁଲାନ୍ସରେ ୨ଜଣ ଡ୍ରାଇଭର ରହିଥିଲେ। ସତୀଶ(ଆହତ ଡ୍ରାଇଭର) ରାତିରେ ଏବଂ ଅନ୍ୟଜଣେ ଦିନରେ ଡ୍ରାଇଭିଂ କରୁଥିଲେ। ସତୀଶ ଆମ୍ବୁଲାନ୍ସ ଆଗ ସିଟ୍‌ରେ ବିଶ୍ରାମ ନେଉଥିବା ବେଳେ ଅନ୍ୟ ଜଣେ ଡ୍ରାଇଭର ଚଳାଉଥିଲେ। ବିଶ୍ୱନାଥଙ୍କ ପରିବାର ଆମ୍ବୁଲାନ୍ସ ପଛ ସିଟରେ ବସିଥିଲେ। ପ୍ରାଣନାଥ କଲେଜ ଛକ ନିକଟରେ ଏକ ଘରୋଇ ସ୍କୁଲ ବସ୍ ଯାଉଥିଲା। ତେବେ ସମ୍ପୃକ୍ତ ଆମ୍ବୁଲାନ୍ସ ଡ୍ରାଇଭର ନିୟନ୍ତ୍ରଣ ହରାଇ ଆଗରେ ଯାଉଥିବା କଲେଜ ବସ୍‌ର ପଛପଟକୁ ଧକ୍କା ଦେଇଥିଲା। ଧକ୍କା ଏତେ ଯୋରଥିଲା ଯେ, ଆମ୍ବୁଲାନ୍ସ ସମ୍ମୁଖଭାଗ ଚୁରମାର ହୋଇଯାଇଛି। ଗାଡି ଚଳାଉଥିବା ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଆଗରେ ବସିଥିବା ସତିଶ ଏବଂ ଅନ୍ୟମାନେ ଗୁରୁତର ଆହତ ହୋଇଥିଲେ। ଖବରପାଇ ଶିଳ୍ପାଞ୍ଚଳ ପୋଲିସ, ସ୍ଥାନୀୟ ଲୋକେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ।

## ପିକ୍‌ଅପ୍, ବାଇକ୍‌କୁ ଧକ୍କାଦେଇ ଓଲଟିଲା କଣ୍ଟେନର

ଝାଁଲା,୨୪।୪(ବୁଲା ବାରିକ)

୧୬ନଂ. ଜାତୀୟ ରାଜପଥର ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଝାଁଲା ଓଭରବ୍ରିଜ ଠାରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ପିକଅପ୍ ଭ୍ୟାନ ଓ ବାଇକ୍‌କୁ ଧକ୍କାଦେଇ କଣ୍ଟେନର ତଳକୁ ଓଲଟିପଡ଼ିଥିଲା। ଫଳରେ କଣ୍ଟେନରର ଖଲାସି ଓ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କର ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଯାଇଛି। ସୂଚନା ମୁତାବକ, ଅପରାହ୍ନ ୩ଟାରେ କାଳବୈଶାଖୀ ପ୍ରଭାବରେ ପବନ ସହ ବର୍ଷା ହୋଇଥିଲା। ଏହି ସମୟରେ ଏକ ପିକଅପ ଭ୍ୟାନ ଓ ବାଇକ୍ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ପବନ ହେବାରୁ ପିକଅପ୍ ଭ୍ୟାନ ଡ୍ରାଇଭର ବ୍ରେକ ମାରିଥିଲେ। ପଛରୁ ଆସୁଥିବା କଣ୍ଟେନର ଚାଳକ ଭାରସାମ୍ୟ ହରାଇ ପ୍ରଥମେ ପିକଅପ ଭ୍ୟାନକୁ ଧକ୍କା ଦେଇଥିଲେ। ଫଳରେ ପିକଅପ ଭ୍ୟାନଟି ଡିଭାଇଡର ଡେଇଁ ଭୁବନେଶ୍ୱର ଅଭିମୁଖେ ହୋଇଯାଇଥିଲା। ଏହା ପରେ କଣ୍ଟେନର ଏକ ବାଇକକୁ ଧକ୍କାଦେଇ ତଳକୁ ଓଲଟିପଡ଼ିଥିଲା। କଣ୍ଟେନରର ଖଲାସି ଆହତ ହୋଇଥିବା ବେଳେ ବାଇକ ଚାଳକଙ୍କ ମୁଣ୍ଡ ଏବଂ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇବା ସହ ଆହାତଦ୍ୱୟଙ୍କୁ ମେଡିକାଲ ପଠାଇଥିଲା।



## ସଂକ୍ଷେପରେ

### ଛିନ୍‌ତାଇ ମାମଲା: ୭ ବର୍ଷ ପରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୪।୪(ସୂର୍ଯ୍ୟକାନ୍ତ ବେହେରା)

ଠିକଣା ପଚାରିବା ବାହାନାରେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପିନେବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ୭ବର୍ଷ ପରେ ଫେରାର ଅଭିଯୁକ୍ତ ସେକ୍ ସରିଫଙ୍କୁ ବାଲିଅନ୍ତା ଅଞ୍ଚଳରୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ପୂର୍ବରୁ ଅଭିଯୁକ୍ତଙ୍କ ସହଯୋଗୀ ଧରାପଡିଥିବା ପୋଲିସ କହିଛି। ସୂଚନାନୁସାରେ, ଅଭିଯୋଗକାରୀ ବିଶ୍ୱଜିତ ପଟ୍ଟନାୟକ ପରିବାର ସହ ୟୁନିଟ-୬ ଅଞ୍ଚଳରେ ରୁହନ୍ତି। ଗତ ୨ ଫେବୃଆରୀ ୨୦୧୭ ସକାଳେ ଅଭିଯୁକ୍ତ ଓ ତାଙ୍କର ଜଣେ ସହଯୋଗୀ ଏକ ମୋଟରସାଇକେଲରେ ବିଶ୍ୱଜିତଙ୍କ ଘରର ମୁଖ୍ୟ ଗେଟ୍ ନିକଟକୁ ଆସି ତାଙ୍କ ମାଙ୍କୁ ସାମଲ ବାବୁ ନାମକ ଜଣେ ବ୍ୟକ୍ତିଙ୍କ ଠିକଣା ପଚାରି ବୁଝିଥିଲେ। ବିଶ୍ୱଜିତଙ୍କ ମା ଗେଟ୍ ନିକଟକୁ ଆସି ସାମଲ ବାବୁ କିଏ ଜାଣି ନ ଥିବା କହିଥିଲେ। ଏହି ସମୟରେ ଉଭୟ ଅଭିଯୁକ୍ତ ନିକଟରେ କେହି ନ ଥିବାର ସୁଯୋଗ ନେଇ ତାଙ୍କ ବେକରୁ ଏକ ସୁନାଚେନ ଛିଣ୍ଡାଇନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

### ଠକେଇ ମାମଲା: ମହିଳାଙ୍କୁ ବର୍ଷେ ଜେଲଦଣ୍ଡ

ଭୁବନେଶ୍ୱର,୨୪।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ର ବିଚାରପତି ପୂଜା ଜୈନ ବୁଧବାର ଶହୀଦନଗର ଥାନାର ଏକ ଠକେଇ ମାମଲାର ବିଚାର କରି ଅଭିଯୁକ୍ତ ରଶ୍ମିତା ପ୍ରଧାନ ଓରଫ ଶୋଭାରାଣୀ କରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ରଶ୍ମିତାଙ୍କୁ ବର୍ଷେ ଜେଲଦଣ୍ଡ ହୋଇଛି। ଏହି ମାମଲାର ଅଭିଯୋଗକାରିଣୀ ପ୍ରତିମା ମହାନ୍ତି ଖୋର୍ଦ୍ଧା ଜିଲା ଦୁର୍ଗାପୁର ପାଟଣାରେ ରୁହନ୍ତି। ସେହି ଗ୍ରାମର ରଶ୍ମିତାଙ୍କର 'ମିତାଲି ଡୋଲ୍ ଟେକ୍ସଟାଇଲ୍' ନାମରେ ଏକ ସଂସ୍ଥା ଥିବାବେଳେ ସେ ସେହି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଥିଲେ। ପ୍ରତିମା ଓ ଅନ୍ୟ ୩୯ ଜଣଙ୍କୁ ଉକ୍ତ କମ୍ପାନୀରେ ଚାକିରି ଦେବା ସମୟରେ ରଶ୍ମିତା ପ୍ରତ୍ୟେକଙ୍କଠାରୁ ସୁରକ୍ଷା ଜମା ବାବଦକୁ ୩ ହଜାର ଟଙ୍କା ଲେଖାଏ ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଦରମା ଦେଇ ନ ଥିଲେ। ଏପରିକି ସୁରକ୍ଷା ଜମା ବାବଦକୁ ନେଇଥିବା ଟଙ୍କା ମଧ୍ୟ ଫେରସ୍ତ କରି ନ ଥିଲେ। ଏନେଇ ପ୍ରତିମାଙ୍କ ଏତଲାକ୍ରମେ ୨୦୨୩ ଜାନୁଆରୀ ୧୧ରେ ପୋଲିସ ଏକ ମାମଲା (ନଂ.୧୬/୨୦୨୩) ରୁଜୁ କରି ପରବର୍ତ୍ତୀ ସମୟରେ ରଶ୍ମିତାଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଏବଂ ସବିତା କୁମାରୀ ଚୌଧୁରୀ ପରିଚାଳନା କରିଥିଲେ।

# ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୭ବର୍ଷ ଜେଲ

ଭୁବନେଶ୍ୱର,୨୪।୪(ସତ୍ୟଜିତ୍ ରାଉତ)

**ସୁନ୍ଦରମ୍ ଫାଇନାନ୍ସରୁ ୧.୬୪ କୋଟି ଋଣ ଠକେଇ**

**■ସାନଭାଇଙ୍କୁ ୫ବର୍ଷ ଜେଲଦଣ୍ଡ**

ଜାଲ କାଗଜପତ୍ରରେ ସୁନ୍ଦରମ୍ ଫାଇନାନ୍ସ ଲିମିଟେଡ୍‌ରୁ ୧.୬୪ କୋଟି ଟଙ୍କା ଋଣ ଠକେଇ ମାମଲାରେ ବାଲେଶ୍ୱର ଓପିଆଇଡି କୋର୍ଟ ରାୟ ପ୍ରକାଶ କରିଛନ୍ତି। ସୁନ୍ଦରମ୍ ଫାଇନାନ୍ସ ଲିଃ ବାଲେଶ୍ୱର ବ୍ରାଞ୍ଚର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିକାନ୍ତ ସାହୁ ଓ ତାଙ୍କ ଭାଇ ଶ୍ରୀକାନ୍ତ ସାହୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଶଶିକାନ୍ତଙ୍କୁ ୭ବର୍ଷ ଓ ଶ୍ରୀକାନ୍ତଙ୍କୁ ୫ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ଏଥିସହ ଶଶିକାନ୍ତଙ୍କୁ ୩ ଲକ୍ଷ ଓ ଶ୍ରୀକାନ୍ତଙ୍କୁ ୨ ଲକ୍ଷ ଜରିମାନା ଦେବାକୁ ଆଦେଶ ହୋଇଛି। ଜରିମାନା ଅନାଦେୟ ଉଭୟ ୨ ବର୍ଷ ଲେଖାଏ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟ ମଙ୍ଗଳବାର ଦେଇଥିବା ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮-୨୦୧୯ରେ ସୁନ୍ଦରମ୍ ଫାଇନାନ୍ସର ବାଲେଶ୍ୱର ଶାଖାରେ ଶଶିକାନ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ଫାଇନାନ୍ସ କର୍ତ୍ତୃପକ୍ଷ 'କର୍ତ୍ତାର ମେକ୍ ହାର୍‌ଭେଷ୍ଟର୍ସ'ର କୃଷି ଯନ୍ତ୍ରପାତି କିଣିବା ନେଇ ୧.୬୪ କୋଟି ଟଙ୍କାର ୧୩ଟି ଋଣ ଅନୁମୋଦନ କରିଥିଲେ। କର୍ତ୍ତାରର ଡିଲର ଭଦ୍ରକସ୍ଥିତ ଉତ୍କଳ ଏଗ୍ରୋ ସେଣ୍ଟରକୁ ଏହି ଋଣ ଦିଆଯାଇଥାନ୍ତା। ହେଲେ ଶଶିକାନ୍ତ ଜାଲିଆତି କରି ଉତ୍କଳ ଏଗ୍ରୋ ସେଣ୍ଟରର ନାମ ବଦଳାଇ ନିଜ ଭାଇଙ୍କ ଦୁଇ ସଂସ୍ଥା ହନୁମାନଜୀଉ ଫର୍ନିଚର ଓ ଉତ୍କଳ ଏଣ୍ଟରପ୍ରାଇଜେସ୍‌କୁ ଋଣ ଦେଇଥିଲେ। ହନୁମାନଜୀଉ ଫର୍ନିଚର ନାଁରେ ୪ଟି ଏବଂ ଉତ୍କଳ ଏଣ୍ଟରପ୍ରାଇଜେସ୍ ନାଁରେ ୭ଟି ଋଣ ଦିଆଯାଇଥିଲା। ଏହି ଦୁଇ ସଂସ୍ଥାର ମାଲିକ ଶ୍ରୀକାନ୍ତ ଓ ସୁନନ୍ଦା କୁମାର ସାହୁ ଜାଲ କାଗଜପତ୍ର ପ୍ରସ୍ତୁତ କରି ବଡ଼ଭାଇ ଶଶିକାନ୍ତଙ୍କ ଜରିଆରେ ଋଣ ଉଠାଇ ନେଇଥିଲେ। ଘଟଣା ଜଣାପଡ଼ିବା ପରେ ସୁନ୍ଦରମ୍ ଫାଇନାନ୍ସ ଲିଃର ଟେରିଟୋରି ମ୍ୟାନେଜର ଭି. କିଶୋର କୁମାର ଏନେଇ ଏତଲା ଦେଇଥିଲେ। ୨୦୧୯ ନଭେମ୍ବର ୧୮ରେ ଇଓଡବ୍ଲ୍ୟୁ ଏ ସଂକ୍ରାନ୍ତରେ ମାମଲା (ନଂ.୨୦/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନଭେମ୍ବର ୩୦ରେ ଇଓଡବ୍ଲ୍ୟୁ ଅଭିଯୁକ୍ତ ଦୁଇଭାଇ ଶଶିକାନ୍ତ ଓ ଶ୍ରୀକାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ପରେ ଉଭୟ ଜେଲ ଯାଇଥିଲେ। ମାମଲାରେ ଇଓଡବ୍ଲ୍ୟୁ ପକ୍ଷରୁ ପର୍ଯ୍ୟାୟକ୍ରମେ ଦୁଇଟି ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ଜୀବନ ଫେରିପାଇଲେ ଫୁସ୍‌ଫୁସ୍ କ୍ୟାନ୍‌ସର ରୋଗୀ

ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)

**ଆଇଜିକେସି ହସ୍ପିଟାଲରେ ଅତ୍ୟାଧୁନିକ ପଦ୍ଧତିରେ ଅସ୍ତ୍ରୋପଚାର**



ଭୁବନେଶ୍ୱର କଳିଙ୍ଗନଗରର ଘାଟିକିଆସ୍ଥିତ ଆଇଜିକେସି ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲରେ ଅତ୍ୟାଧୁନିକ ପ୍ରଣାଳୀରେ ସଫଳତାର ସହ ଏକ ଫୁସଫୁସ୍ କର୍କଟର ଅସ୍ତ୍ରୋପଚାର କରାଯାଇଛି। ଫଳରେ ଢେଙ୍କାନାଳର ୩୨ ବର୍ଷୀୟା ମହିଳା ରୋଗୀ ନୂଆ ଜୀବନ ପାଇଛନ୍ତି। ଗତ ଏକ ମାସ ଧରି ପୀଡିତାଙ୍କ କଫରେ ରକ୍ତ ପଡୁଥିଲା। ଆଇଜିକେସି ହସ୍ପିଟାଲର ହୃଦ୍‌ଶଲ୍ୟ ବିଭାଗର ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କର ବ୍ରୋଙ୍କୋସ୍କୋପିକ୍ ବାୟୋସ୍କୋପି ପରୀକ୍ଷା ସହିତ ସିଇସିଟି/ପେଟ୍ ସିଟି ସ୍କାନ୍ କରାଯାଇଥିଲା। ରିପୋର୍ଟରୁ ସେ ଫୁସ୍‌ଫୁସ୍ କ୍ୟାନସର ଷ୍ଟେଜ୍ ୨ରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ଏହାପରେ ହସ୍ପିଟାଲର ଅଭିଜ୍ଞ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡା. ବେରିଅନ୍ ସ୍ୱାଇଁ, ଛାତିରୋଗ ବିଶେଷଜ୍ଞ ଡାକ୍ତର ୟେରା ଧନୁଧର ଏବଂ ରେଡିଓଲୋଜିଷ୍ଟ ଡାକ୍ତର ଚିନ୍ମୟ ପାତ୍ରଙ୍କୁ ନେଇ ଗଠିତ ଏକ ଟିମ୍ ଅସ୍ତ୍ରୋପଚାର କରି କ୍ୟାନସର ଆକ୍ରାନ୍ତ ଡାହାଣ ଫୁସ୍‌ଫୁସ୍‌କୁ ସମ୍ପୂର୍ଣ୍ଣ ଭାବରେ କାଢ଼ିବାରେ ସଫଳ ହୋଇଛନ୍ତି। ଅପରେଶନର ତିନିଦିନ ପରେ ରୋଗୀ ନିଜ ଘରକୁ ଫେରିଛନ୍ତି। ଆଇଜିକେସି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ, ଓଡ଼ିଶାରେ ଫୁସ୍‌ଫୁସ୍ କ୍ୟାନ୍‌ସର ଅପରେଶନ ଖୁବ୍ କମ୍ କରାଯାଏ। ଆଇଜିକେସି ହସ୍ପିଟାଲରେ ପ୍ରଥମଥର ପାଇଁ ଏଭଳି ଅତ୍ୟାଧୁନିକ ସର୍ଜରି ସଫଳତାର ସହିତ କରାଯାଇଥିବା ସୂଚନା ଦିଆଯାଇଛି।

# ସମ୍ମାନିତ ହେଲେ ୧୦ ବ୍ୟକ୍ତିତ୍ୱ




ଅତିଥିମାନେ ସ୍ମୃତି ସାନ୍ତ୍ୱନା ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୪।୪(ଶର୍ମିଷ୍ଠା ପାଣିଗ୍ରାହୀ)

**ସ୍ମୃତି ସାନ୍ତ୍ୱନାର ବିଷୁବ ସାହିତ୍ୟ ସମାରୋହ**

ପତ୍ରିକା 'ସ୍ମୃତି ସାନ୍ତ୍ୱନା'ର ତ୍ରୟୋଦଶତମ ବିଷୁବ ସାହିତ୍ୟ ସମାରୋହ ବୁଧବାର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଶାସକ ତଥା ସାହିତ୍ୟିକ ଡ. ରବିନାରାୟଣ ସେନାପତି, ମୁଖ୍ୟବକ୍ତା କୃପା ସାଗର ସାହୁ ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ସଂଘମିତ୍ରା ଭଞ୍ଜ ଯୋଗଦେଇଥିଲେ। ପତ୍ରିକାର ସମ୍ପାଦିକା ସବିତାରାଣୀ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ସହ ପୁସ୍ତକ 'ନିଆରା ସାଥୀ' ଲୋକାର୍ପିତ ହେବା ସହ ୧୦ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସମ୍ବର୍ଦ୍ଧନା ପର୍ବରେ 'ସ୍ମୃତି ସାନ୍ତ୍ୱନା ବିଷୁବ ପ୍ରତିଭା ସମ୍ମାନ'ରେ ରେଣୁକା ମିଶ୍ର, 'ସ୍ମୃତି ସାନ୍ତ୍ୱନା ବିଷୁବ ଶ୍ରେଷ୍ଠ ସୃଜନ ଦମ୍ପତି ସମ୍ମାନ'ରେ ଡ. ଗଙ୍ଗାଧର ମିଶ୍ର ଓ ମେଜର ଡ. ସୁମିତ୍ରା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ପରେ 'ସ୍ମୃତି ସାନ୍ତ୍ୱନା ବିଷୁବ ପ୍ରଜ୍ଞା ସମ୍ମାନ' ଡ. ଜ୍ୟୋତ୍ସ୍ନା ମହାପାତ୍ର, 'ସ୍ମୃତି ସାନ୍ତ୍ୱନା ବିଷୁବ କବିତା ସମ୍ମାନ'ରେ ସଞ୍ଜିତ ବଳ, 'ସ୍ମୃତି ସାନ୍ତ୍ୱନା ସାରସ୍ୱତ ସମ୍ମାନ'ରେ ଯୋଗ୍ୟଶ୍ରୀ ସାମଲ, 'ସ୍ମୃତି ସାନ୍ତ୍ୱନା ବିଷୁବ ସମ୍ପାଦକ ସମ୍ମାନ'ରେ ବସନ୍ତ ମାଝି, 'ସ୍ମୃତି ସାନ୍ତ୍ୱନା ବିଷୁବ ସମାଜସେବା ସମ୍ମାନ'ରେ ନିରୋଦ କୁମାର ରାଉତ, 'ସ୍ମୃତି ସାନ୍ତ୍ୱନା ବିଷୁବ ସୃଜନ ସମ୍ମାନ'ରେ ଶାନ୍ତିଲତା ପଲେଇ, 'ସ୍ମୃତି ସାନ୍ତ୍ୱନା ବିଷୁବ ସୁଲେଖିକା ସମ୍ମାନ'ରେ ଶାନ୍ତିଲତା ଦେବୀଙ୍କୁ ସମ୍ମାନିତ କରାଯାଇଥିଲା। ବିଜୟ କୁମାର ବହଳି ବେଦପାଠ ଓ ସନ୍ଧ୍ୟାରାଣୀ ପୃଷ୍ଟି ଭଜନ ପରିବେଷଣ କରିଥିଲେ। ଡ. ଗୀତାଶ୍ରୀ ପ୍ରିୟମ୍ବଦା ମଞ୍ଚ ପରିଚାଳନା ଓ କମଳ କୁମାରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳସମ୍ପଦ ଯନ୍ତ୍ରୀ ମୁଖ୍ୟଙ୍କ ବିରୋଧରେ ଏନ୍‌ଜିଟିର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ମହାନଦୀ ପଠାରେ ବେଆଇନ ନିର୍ମାଣ**

କଟକ,୨୪।୪ (କାର୍ତ୍ତିକ ସାହୁ)

ମହାନଦୀ ପଠାର ପୋତା ଯାଇଥିବା ଅଞ୍ଚଳରେ ବେଆଇନ ନିର୍ମାଣକୁ ବିରୋଧ କରି ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଥିଲା। ଶୁଣାଣି ସମୟରେ ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅବମାନନା କରାଯିବା ସଂକ୍ରାନ୍ତୀୟ ସମସ୍ତ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏନ୍‌ଜିଟିରେ ମାମଲାର ଶୁଣାଣି ହୋଇ ଜଳସମ୍ପଦ ବିଭାଗର ଯନ୍ତ୍ରୀ ମୁଖ୍ୟ(ଇଞ୍ଜିନିୟରିଂ ଇନ୍ ଚିଫ୍) ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଯାଇଛି। ଏଥିସହ ବିଭାଗର ଯନ୍ତ୍ରୀ ମୁଖ୍ୟ ଭକ୍ତ ରଞ୍ଜନ ମହାନ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଜିଟିଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ଉଲ୍ଲଙ୍ଘନ ହୋଇଥିବା ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଫଳରେ ଆଉ ଏକ ଠିକ୍ ସତ୍ୟପାଠ ଦାଖଲ କରିବା ନିମନ୍ତେ ଏନ୍‌ଜିଟି ପକ୍ଷରୁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ମେ' ୨୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ୨୬ ଲକ୍ଷ ଠକେଇ ଘଟଣାରେ ଆଉ ଜଣେ ଗିରଫ

ଭୁବନେଶ୍ୱର,୨୪।୪(ସୂର୍ଯ୍ୟକାନ୍ତ ବେହେରା)

ପଟିଆ ମୌଜାରେ ଏକ ପ୍ଲଟ୍ କିଣାଇଦେବା ଓ ଚିକିତ୍ସା ଖର୍ଚ୍ଚ ବାହାନାରେ ଜଣେ ବ୍ୟକ୍ତିଙ୍କୁ ୨୬ ଲକ୍ଷ ଠକିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦୁଝର ରାମଚନ୍ଦ୍ରପୁର ଥାନା ଅଞ୍ଚଳର ପତିତପାବନ ମିଶ୍ର। ତାଙ୍କୁ କୋର୍ଟରେ ହାଜର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୋଗକାରୀ ଜଣଙ୍କ ୫ ଜାନୁଆରୀ ୨୦୨୩ରେ ଶୁଭ୍ରାଞ୍ଜଳି ମଲ୍ଲିକ ନାମ୍ନୀ ଜଣେ ମହିଳାଙ୍କ ସଂସ୍ପର୍ଶରେ ଆସିଥିଲେ। ଶୁଭ୍ରାଞ୍ଜଳି ନିଜକୁ ଭୁବନେଶ୍ୱରର ଏକ ଘରୋଇ ସ୍କୁଲର ପରିଚାଳନା ନିର୍ଦ୍ଦେଶିକାର ପରିଚୟ ଦେବା ସହ ଅଭିଯୋଗକାରୀଙ୍କ ପୁଅଙ୍କୁ ତାଙ୍କ ବିଦ୍ୟାଳୟରେ ଆଡ୍‌ମିଶନ କରିବା ଲାଗି ପରାମର୍ଶ ଦେଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ହୋଇଥିଲା। ଏହାର ସୁଯୋଗ ନେଇ ଶୁଭ୍ରାଞ୍ଜଳି ଉକ୍ତ ସ୍କୁଲର ସେକ୍ରେଟାରି ତଥା ଅଭିଯୁକ୍ତ ପତିତପାବନଙ୍କ ନାମରେ ପଟିଆ ମୌଜାରେ ଥିବା ଏକ ପ୍ଲଟ କିଣିବା ପାଇଁ ଅଭିଯୋଗକାରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାପରେ ଶୁଭ୍ରାଞ୍ଜଳି ଓ ପତିତପାବନ ମିଳିତ ଭାବରେ ଅଭିଯୋଗକାରୀଙ୍କୁ ଉକ୍ତ ପ୍ଲଟର ଡକ୍ୟୁମେଣ୍ଟ କପି ଦେବା ସହ ପଞ୍ଜୀକରଣ ନେଇ ଚୁକ୍ତି କରିଥିଲେ। ସେମାନଙ୍କ କଥାରେ ବିଶ୍ୱାସ କରି ଜମି ବାବଦକୁ ଅଭିଯୋଗକାରୀ ୭ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ଦୁଇ ଅଭିଯୁକ୍ତ ଅନେକଥର ଅଭିଯୋଗକାରୀଙ୍କ ନିକଟକୁ ଆସି ଚିକିତ୍ସା ଖର୍ଚ୍ଚ ପାଇଁ କିଛି ଟଙ୍କା ଦେବାକୁ ଅନୁରୋଧ କରିଥିଲେ। ଅଭିଯୋଗକାରୀ ଜଣକ ଉଭୟଙ୍କ ଉପରେ ବିଶ୍ୱାସ କରି ମୋଟ ୨୬ ଲକ୍ଷ ଟଙ୍କା ପତିତପାବନଙ୍କୁ ଦେଇଥିଲେ। ହେଲେ ପ୍ଲଟ ବିକ୍ରୟ ପାଇଁ ଧାର୍ଯ୍ୟ ହୋଇଥିବା ସମୟ ବିଳମ୍ବ ହେବାରୁ ଅଭିଯୋଗକାରୀଙ୍କର ସନ୍ଦେହ ହୋଇଥିଲା। ସେ ଉକ୍ତ ପ୍ଲଟ୍‌ର ଡକ୍ୟୁମେଣ୍ଟକୁ ତାଙ୍କର ଆଡ୍‌ଭୋକେଟଙ୍କ ଜରିଆରେ ଯାଞ୍ଚ ପାଇଁ ଦେଇଥିଲେ। ତେବେ ତାହା ଜାଲ ଥିବା ଜଣାପଡିବାରୁ ସେ ଅଭିଯୁକ୍ତଦ୍ୱୟଙ୍କୁ ଟଙ୍କା ମାଗିଥିଲେ। ହେଲେ ସେମାନେ ଟଙ୍କା ଫେରସ୍ତ ନ କରି ନାନା ଧମକ ଦେବାରୁ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଗତ ସପ୍ତାହ ତଳେ ପ୍ରଥମେ ଶୁଭ୍ରାଞ୍ଜଳିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ପୂର୍ବତଟ ରେଳପଥର ୯ ଷ୍ଟେଶନରେ ସ୍ୱଳ୍ପମୂଲ୍ୟ ଖାଦ୍ୟଷ୍ଟଲ୍

ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)



ଗ୍ରୀଷ୍ମରେ ରେଳଯାତ୍ରୀଙ୍କୁ ବିଶେଷ ସୁବିଧା ପ୍ରଦାନ ପାଇଁ ଭାରତୀୟ ରେଳପଥ ପକ୍ଷରୁ ସୁଲଭ ମୂଲ୍ୟରେ ଖାଦ୍ୟ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୯ଟି ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରେ ଏହି ସ୍ୱଳ୍ପମୂଲ୍ୟ ଖାଦ୍ୟ ଷ୍ଟଲ୍ ଖୋଲାଯାଇଛି। ଏହି ଷ୍ଟେଶନଗୁଡ଼ିକ ମଧ୍ୟରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଦ୍ୱାରା ଖୋର୍ଦ୍ଧାରୋଡ଼ ଓ ପଲାସା ରେଳଷ୍ଟେଶନ, ସମ୍ବଲପୁର ରେଳମଣ୍ଡଳ ଦ୍ୱାରା ସମ୍ବଲପୁର, ଟିଟିଲାଗଡ, ବଲାଙ୍ଗୀର ଓ କଣ୍ଟାବାଞ୍ଜି ଷ୍ଟେଶନଠାରେ ଏବଂ ୱାଲଟିୟର ରେଳମଣ୍ଡଳ ଦ୍ୱାରା ବିଶାଖାପାଟଣା, ବିଜୟନଗରମ ଏବଂ ଶ୍ରୀକାକୁଲମ ଆଦି ଗୁରୁତ୍ୱପୂର୍ଣ୍ଣ ରେଳଷ୍ଟେଶନରେ ଯାତ୍ରୀଙ୍କୁ ସ୍ୱଳ୍ପମୂଲ୍ୟ ଭୋଜନ ଯୋଗାଇ ଦିଆଯାଉଛି। ସୂଚନାଥାଉ କି, ପ୍ଲାଟଫର୍ମରେ ଥିବା ଜେନେରାଲ ସେକେଣ୍ଡ କ୍ଲାସ (ଜିଏସ୍) କୋଚ ନିକଟରେ ଥିବା କାଉଣ୍ଟରରେ ଏହି ଖାଦ୍ୟ ଉପଲବ୍ଧ ହେଉଛି। ଏହି ଖାଦ୍ୟ ଷ୍ଟଲ୍‌ଗୁଡିକ ବର୍ତ୍ତମାନ ୧୦୦ରୁ ଅଧିକ ଷ୍ଟେଶନର ପ୍ରାୟ ୧୫୦ କାଉଣ୍ଟରରେ କାର୍ଯ୍ୟ କରୁଛି। ଭାରତୀୟ ରେଳପଥ କ୍ୟାଟରିଂ ଆଣ୍ଡ୍ ଟୁରିଜମ କର୍ପୋରେଶନ (ଆଇଆରସିଟିସି) ସହିତ ଭାରତୀୟ ରେଳପଥ ଯାତ୍ରୀମାନଙ୍କୁ, ବିଶେଷକରି ଅଣସଂରକ୍ଷିତ କୋଚରେ ଥିବା ଯାତ୍ରୀଙ୍କୁ ସ୍ୱଚ୍ଛ ଭୋଜନ ପ୍ରଦାନ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛି। ଜଳଖିଆ ୨୦ ଟଙ୍କା ଓ ମିଲ୍ ୫୦ ଟଙ୍କାରେ ମିଳୁଛି। ୨୦୦ ମିଲିଗ୍ରାମ ପାଣିର ମୂଲ୍ୟ ୩ଟଙ୍କା ରହିଛି।

# ଭାଇର ବେକ କାଟିଲେ ଭାଇ

ବାରଙ୍ଗ,୨୪।୪(ଲିଙ୍ଗରାଜ ରାଉତ)

**ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି**

ବଚସାକୁ ନେଇ ଜଣେ ଯୁବକ ନିଜ ଦାଦା ପୁଅ ଭାଇର ବେକକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛନ୍ତି। ଫଳରେ ଗୁରୁତର ଅବସ୍ଥାରେ ଯୁବକଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଭଳି ଘଟଣା ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅଧୀନ ଏକ ଘୋରୋଇ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଅରିଲୋ ପାହାଡ଼ ଉପରେ ଦେଖିବାକୁ ମିଳିଛି। ଘଟଣାସ୍ଥଳରୁ ଆକ୍ରମଣକାରୀ ସୂର୍ଯ୍ୟବ୍ରତ ବେହେରା ଫେରାର ହୋଇଯାଇଛନ୍ତି। ଗୁରୁତର ଆହତ ଯୁବକ ଜଣକ ହେଲେ କଟକ ଶିଖରପୁର ଉପର ସାହିର ରମେଶ ବେହେରାଙ୍କ ପୁଅ ସୋମବ୍ରତ ବେହେରା(୨୬)। ପ୍ରକାଶ ଯେ, ବୁଧବାର ରାତିରେ ଉଭୟ ଭାଇ କୌଣସି କାର୍ଯ୍ୟରେ ଗୋଟିଏ ସ୍କୁଟର ଯୋଗେ କଟକରୁ ବାରଙ୍ଗ ଅଭିମୁଖେ ଆସିଥିଲେ। ରାତି ପ୍ରାୟ ୯ଟା ସମୟରେ କାର୍ଯ୍ୟ ସାରି ଫେରିଲା ବେଳକୁ ଏକ ଘରୋଇ ବିଶ୍ୱବିଦ୍ୟାଳୟ ନିକଟରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ କଥା କଟାକଟି ହୋଇଥିଲା। ଉଭୟ ନିଶାଶକ୍ତ ଅବସ୍ଥାରେ ଥିବାରୁ ହଠାତ୍ ସୂର୍ଯ୍ୟବ୍ରତ ଏକ ଧାରୁଆ ଅସ୍ତ୍ରରେ ସୋମବ୍ରତଙ୍କ ବେକକୁ ଆକ୍ରମଣ କରିଥିଲେ। ସୋମବ୍ରତଙ୍କ ବେକରେ ଗଭୀର ଆଘାତ ଲାଗିଥିବାରୁ ସେ ଚିତ୍କାର କରିଥିଲେ। ଚିତ୍କାର ଶୁଣି ନିକଟରେ ଥିବା ବିଶ୍ୱବିଦ୍ୟାଳୟର କେତେଜଣ ଛାତ୍ର ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ବାରଙ୍ଗ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।

# ପିକ୍‌ଅପ୍, ବାଇକ୍‌କୁ ଧକ୍କାଦେଇ ଓଲଟିଲା କଣ୍ଟେନର

ଝାଁଳା,୨୪।୪(ବୁଲା ବାରିକ)

୧୬ନଂ. ଜାତୀୟ ରାଜପଥର ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଝାଁଳା ଓଭରବ୍ରିଜ ଠାରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ପିକଅପ୍ ଭ୍ୟାନ ଓ ବାଇକ୍‌କୁ ଧକ୍କାଦେଇ କଣ୍ଟେନର ତଳକୁ ଓଲଟିପଡ଼ିଥିଲା। ଫଳରେ କଣ୍ଟେନରର ଖଲାସି ଓ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କର ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଯାଇଛି।

ସୂଚନା ମୁତାବକ, ଅପରାହ୍ନ ୩ଟାରେ କାଳବୈଶାଖୀ ପ୍ରଭାବରେ ପବନ ସହ ବର୍ଷା ହୋଇଥିଲା। ଏହି ସମୟରେ ଏକ ପିକଅପ ଭ୍ୟାନ ଓ ବାଇକ୍ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ପବନ ହେବାରୁ ପିକଅପ୍ ଭ୍ୟାନ ଡ୍ରାଇଭର ବ୍ରେକ ମାରିଥିଲେ। ପଛରୁ ଆସୁଥିବା କଣ୍ଟେନର ଚାଳକ ଭାରସାମ୍ୟ ହରାଇ ପ୍ରଥମେ ପିକଅପ ଭ୍ୟାନକୁ ଧକ୍କା ଦେଇଥିଲେ। ଫଳରେ ପିକଅପ ଭ୍ୟାନଟି ଡିଭାଇଡର ଡେଇଁ ଭୁବନେଶ୍ୱର ଅଭିମୁଖେ ହୋଇଯାଇଥିଲା। ଏହା ପରେ କଣ୍ଟେନର ଏକ ବାଇକକୁ ଧକ୍କାଦେଇ ତଳକୁ ଓଲଟିପଡ଼ିଥିଲା। କଣ୍ଟେନରର ଖଲାସି ଆହତ ହୋଇଥିବା ବେଳେ ବାଇକ ଚାଳକଙ୍କ ମୁଣ୍ଡ ଏବଂ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇବା ସହ ଆହାତଦ୍ୱୟଙ୍କୁ ମେଡିକାଲ ପଠାଇଥିଲା।



୧୬ନଂ. ଜାତୀୟ ରାଜପଥର ଝାଁଳା ଓଭରବ୍ରିଜରେ ଓଲଟି ପଡ଼ିଥିବା କଣ୍ଟେନର।

# ଥାନାରେ ହାଜିରାବେଳେ ଜେଲଫେରନ୍ତା ଯୁବକ ଗିରଫ

ଭୁବନେଶ୍ୱର,୨୪।୪(ସୂର୍ଯ୍ୟକାନ୍ତ ବେହେରା)



ଜବତ ବନ୍ଧୁକ ଓ ମାଗାଜିନ। ଗିରଫ ଅଭିଯୁକ୍ତ ନୀହାର ରଞ୍ଜନ ଦାସ।

**■ଟଙ୍କା ନ ଦେବାରୁ ଗୁଳିକରି ହତ୍ୟା ଧମକ ଦେଇଥିଲେ**

**■ଯାଞ୍ଚବେଳେ ମିଳିଲା ପିସ୍ତଲ, ଖାଲି ମାଗାଜିନ**

କଟକ ସଦର ଥାନାକୁ ହାଜିରା ଦେବାକୁ ଯାଇଥିବା ବେଳେ ଜଣେ ଜେଲଫେରନ୍ତା ଯୁବକଙ୍କୁ ଲକ୍ଷ୍ମୀସାଗର ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ନୀହାର ରଞ୍ଜନ ଦାସ ଓରଫ ବବୁଲ। ଟଙ୍କା ଦେବାକୁ ମନା କରିବାରୁ ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କୁ ଗୁଳି କରି ହତ୍ୟା ଧମକ ଦେବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ତେବେ ଗିରଫ ପରେ ପୋଲିସ ତାଙ୍କ ନିକଟରୁ ଗୋଟିଏ ପିସ୍ତଲ ଏବଂ ଏକ ଖାଲି ମାଗାଜିନ ଜବତ କରିଛି। ନୀହାରଙ୍କ ନାମରେ ବିଭିନ୍ନ ଥାନାରେ ୧୩ ଆପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜାଣିବାକୁ ପାଇଛି।

ପୋଲିସ ସୂଚନାନୁସାରେ, ଗତ ଏପ୍ରିଲ ୧୯ରେ ଅଭିଯୁକ୍ତ ନୀହାର ଅଭିଯୋଗକାରୀ ନିଗମାନନ୍ଦଙ୍କ ବମିଖାଲ ଅନ୍ତର୍ଗତ ଗଣପତି ଟାୱାରରେ ଥିବା ଘରକୁ ଯାଇଥିଲେ। ତାଙ୍କ ପାଇଁ ୨୦୧୫ ମସିହାର ସେ ଜେଲ୍ ଯାଇଥିବା କହି ନୀହାର ଟଙ୍କା ମାଗିଥିଲେ। ନିଗମ କେଉଁ ଟଙ୍କା ବୋଲି ପଚାରିବାରୁ ଉତ୍ତରରେ ଜେଲରୁ ବାହାରିବା ଅର୍ଥାତ୍ ବେଲ୍ ପାଇଁ ଯେଉଁ ଟଙ୍କା ଖର୍ଚ୍ଚ ହୋଇଛି ସେଇ ଟଙ୍କା ଦିଅ ବୋଲି କହିଥିଲେ। ହେଲେ ନିଗମ ଓ ତାଙ୍କ ସ୍ତ୍ରୀ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତ ନୀହାର ପରିବାର ସଦସ୍ୟଙ୍କୁ ଗୁଳିକରି ହତ୍ୟା କରିବାକୁ ଧମକ ଦେଇଥିଲେ। ନିଗମ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ କୌଣସି ଏକ ମାମଲାରେ ଅଭିଯୁକ୍ତ ନୀହାର କଟକ ସଦର ଥାନାକୁ ମଙ୍ଗଳବାର ହାଜିରା ଦେବାକୁ ଯାଇଥିବାବେଳେ ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଗିରଫ କରି ଲକ୍ଷ୍ମୀସାଗର ଥାନାକୁ ଆଣିଥିଲା। ପଚରାଉଚରା ପରେ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ନୀହାରଙ୍କୁ ଜେଲ ପଠାଇ ଦିଆଯାଇଛି।

### ଗିରଫଦାରି ପ୍ରତିବାଦରେ ଧାରଣା

ନୀହାରଙ୍କ ଗିରଫକୁ ତାଙ୍କ ଭାଇ ନୀତିଶ ଦାସ ଓ ସମ୍ପର୍କୀୟ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଷଡ଼ଯନ୍ତ୍ର କରି ଭାଇକୁ ଫସାଇ ଦିଆଯାଇଥିବା ନୀତିଶ ପୋଲିସ କମିଶନରଙ୍କ ନିକଟରେ ଅଭିଯୋଗ କରିବା ସହ ସମ୍ପର୍କୀୟଙ୍କୁ ଧରି ବୁଧବାର ରାତିରେ କମିଶନରେଟ ପୋଲିସ ଅଫିସ୍ ଆଗରେ ଧାରଣା ଦେଇଥିଲେ। ଏହାସହ ଏହି ଘଟଣାରେ ପୋଲିସ କାର୍ଯ୍ୟକଳାପକୁ ନେଇ ମଧ୍ୟ ସେ ସନ୍ଦେହ କରିଛନ୍ତି। ଲକ୍ଷ୍ମୀସାଗର ଥାନା ଆଇଆଇସି ଓ ସେକେଣ୍ଡ ଅଫିସରଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଅଭିଯୋଗରେ ଦର୍ଶାଇଛନ୍ତି।




୨୪।୪।୨୦୨୪

| ୩,୯୫,୯୧୭ ଟଙ୍କା | |
|---|---|
| ସୁନା | ୫୩୦ ମିଲିଗ୍ରାମ୍ |
| ରୁପା | ୫୬.୨୦୦ ଗ୍ରାମ୍ |

## ସତ୍ୟ ଗୋପାଳ ପରିଜା ୱାଇଜ୍‌ମ୍ୟାନ ଜିଲା ଗଭର୍ନର

ପୁରୀ,୨୪।୪(ଅଜିତ୍ ମହାନ୍ତି)

ଅନ୍ତର୍ଜାତୀୟ ସଂଗଠନ ୱାଇଜମ୍ୟାନ ଇଣ୍ଟରନ୍ୟାଶନାଲ ଓଡ଼ିଶାର ଜିଲା ଗଭର୍ନର ଭାବେ କଟକ ୱାଇଜମ୍ୟାନ କ୍ଲବର ସଭାପତି ସତ୍ୟ ଗୋପାଳ ପରିଜା ନିର୍ବାଚିତ ହୋଇଛନ୍ତି । ଏହିନିର୍ବାଚନ ଫଳରେ ପରିଜା ୨୦୨୫-୨୬ ବର୍ଷ ପାଇଁ ୱାଇଜମ୍ୟାନ ଓଡିଶା ଡିଜି ଭାବେ କାର୍ଯ୍ୟ କରିବେ । ଦୁଇ ଦିନ ଧରି ପୁରୀ ର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ୱାଇଜମ୍ୟାନ ଜିଲା ସମ୍ମିଳନୀରେ ସର୍ବସମ୍ମତିକ୍ରମେ ପରିଜା ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଫିସର ଡାକ୍ତର ସୁରଜିତ ସାହୁ ପରିଜାଙ୍କୁ ନିର୍ବାଚିତ ଘୋଷଣା କରିଥିଲେ। ଏହି ସମ୍ମିଳନୀରେ ୱାଇଜମ୍ୟାନ ଉତ୍ତର ପୂର୍ବ ଅଞ୍ଚଳର ରିଜିଓନାଲ ଡାଇରେକ୍ଟର ରୋଶନ ଜନ ଚିରୟତ, ଡିଜି ପ୍ରଭାତ ମିଶ୍ର, ଜେ. ରାମଚନ୍ଦ୍ର ରାଓ, ଆଡଭୋକେଟ ପ୍ରସନ୍ନ କୁମାର ନନ୍ଦ, ସୁଜିତ ପାଣି, ଡକ୍ଟର ରାଜ ବଲ୍ଲଭ ମହାନ୍ତି, ଦୀପକ କୁମାର ମହାନ୍ତି, ରବି ପାଣିଗ୍ରାହୀ, ମଧୁମିତା ମିଶ୍ର, ସିଦ୍ଧାର୍ଥ ପ୍ରସାଦ ମିଶ୍ର, ଆଲୋକ କୁମାର ସାହୁ, ଜ୍ୟୋତି ରଞ୍ଜନ ସିଂ ପ୍ରମୁଖ ଯୋଗ ଦେଇଥିଲେ।

## ପୁରୀବାସୀଙ୍କୁ ସାମୟିକ ଆଶ୍ୱସ୍ତି ଦେଲା ଅସରାଏ ବର୍ଷା

ପୁରୀ,୨୪।୪(ଅଜିତ୍ ମହାନ୍ତି)

କିଛି ଦିନ ହେବ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହି ଗ୍ରୀଷ୍ମ ପ୍ରବାହରୁ ପୁରୀ ମଧ ବାଦ ପଡ଼ି ନ ଥିଲା। ପ୍ରବଳ ଗରମ ଓ ଗୁଳୁଗୁଳିରେ ପୁରୀବାସୀଙ୍କ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା। ତେବେ ବୁଧବାର ଅପରାହ୍ନରେ ପୁରୀ ସହରରେ ଅସରାଏ ବର୍ଷା ପୁରୀବାସୀଙ୍କୁ କିଛିଟା ଆଶ୍ୱସ୍ତି ଦେଇଛି। ଅପରାହ୍ନ ପ୍ରାୟ ୩ଟା ୩୦ ମିନିଟ୍ ସମୟରେ ଆକାଶ ମେଘାଛନ୍ନ ହେବା ସହ ଥଣ୍ଡା ପବନ ବୋହିଥିଲା। କିଛି ସମୟ ଧରି ମଧ୍ୟମ ଧରଣର ପବନ ହେବା ପରେ ବର୍ଷା ହୋଇଥିଲା। ପାଖାପାଖି ୨୦ରୁ ୩୦ ମିନିଟ୍ ଧରି ବର୍ଷା ହୋଇଥିଲା। ଫଳରେ ତାପମାତ୍ରରେ କିଛିଟା ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ବର୍ଷାରେ ଅନେକ ଲୋକ ଓଦା ହେଉଥିବା ଦେଖିବାକୁ ମିଳିଥିଲା।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଡେଲାଙ୍ଗ,୨୪।୪(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଗଡ଼ମୋଟରୀ ଗ୍ରାମପଞ୍ଚାୟତର କୁମୁଣ୍ଡାଳ ଗ୍ରାମରେ ଜଣେ ବୃଦ୍ଧଙ୍କ ମଧ୍ୟାହ୍ନରେ ଅଂଶୁଘାତରେ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତକ ହେଲେ ଦେବେନ୍ଦ୍ର ରାଉତ(୭୦)। ସୂଚନା ଅନୁଯାୟୀ, ଅସହ୍ୟ ଗୁଳୁଗୁଳି ଓ ଟାଣ ଖରା ସମୟରେ ଦେବେନ୍ଦ୍ର ତାଙ୍କ ବଗିଚାକୁ ଜାଳେଣୀ କାଠ ଆଣିବାକୁ ଯାଇଥିଲେ। ତାଙ୍କର ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ବଗିଚାରେ ଦେବେନ୍ଦ୍ର ମୁହଁ ମାଡ଼ି ପଡ଼ିଥିବାବେଳେ ନିକଟରେ ବାନ୍ତି କରିଥିବାର ମଧ ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଦେବେନ୍ଦ୍ରଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଅନ୍ୟପଟେ କାଳବୈଶାଖି ଓ ବଜ୍ରପାତ ହୋଇଥିବାବେଳେ ତାଙ୍କ ମୃତ୍ୟୁ ଏବେ ସନ୍ଦେହରେ ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଖବରପାଇ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲା ପରିଷଦ ପ୍ରସନ୍ନ ସାହୁ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

# ଅକ୍ଷୟ ତୃତୀୟା ପାଇଁ ନୀତି ନିର୍ଘଣ୍ଟ

## ବସିଲା ଛତିଶା ନିଯୋଗ ବୈଠକ

ପୁରୀ ୨୪।୪( ଅଜିତ୍ ମହାନ୍ତି)


ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ଶ୍ରୀମନ୍ଦିର ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକ।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ପବିତ୍ର ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥ କାର୍ଯ୍ୟର ଅନୁକୂଳ ହେବ। ଏଥିସହ ୨୧ ଦିନ ବ୍ୟାପୀ ବାହାର ଚନ୍ଦନଯାତ୍ରା ଆରମ୍ଭହେବ। ଚଳିତବର୍ଷ ମେ ୧୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ପଡୁଛି। ଚଳିତବର୍ଷ ରଥ ଅନୁକୂଳ ସହ ବହାର ଚନ୍ଦନ ଯାତ୍ରା ଯେପରି ଶୃଙ୍ଖଳିତ ଭାବରେ ସମାପନ ହେବ ସେ ନେଇ ବୁଧବାର ଅପରାହ୍ନରେ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଅକ୍ଷୟ ତୃତୀୟା ପାଇଁ ନୀତି ସବ୍‌କମିଟିରେ ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଥିଲା। ପରେ ଏହି ନୀତି ନିର୍ଘଣ୍ଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ସେହିପରି ବୈଠକରେ ଭକ୍ତମାନେ କିଭଳି ସୁନ୍ଦର ତଥା ଶୃଙ୍ଖଳିତ ଭାବରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ମଧ ବୈଠକରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି।

ନୀତିନିର୍ଘଣ୍ଟ ଅନୁଯାୟୀ ରାତ୍ରି ୩ଟାରୁ ସିଂହଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତି ବଢ଼ିବା ପରେ ଅକ୍ଷୟ ତୃତୀୟା ଦିନ ଅପରାହ୍ନ ୩ଟାରେ ଦ୍ୱାଦଶ ଯାତ୍ରା ଓ ନକ୍ଷତ୍ର ବନ୍ଦାପନା, ଅପରାହ୍ନ ୩.୩୦ରେ ବିମାନକୁ ବିଜେ, ଅପରାହ୍ନ ୪ଟାରେ ରଥ ନିର୍ମାଣ ଅନୁକୂଳ ପାଇଁ ଆଜ୍ଞାମାଳ ବିଜେ ଓ ବିମାନ ଉଠିବ। ରାତ୍ର ୧୦ଟାରେ ଚନ୍ଦନ ଠାକୁର ବାହୁଡ଼ା ବିଜେ କରିବା ନେଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଅପରପକ୍ଷରେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଭକ୍ତମାନେ ସମସ୍ୟା ଭୋଗୁଛନ୍ତି। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ବ୍ୟବସ୍ଥା କରାଯିବା ସହ ପାଣିର ଅଧିକ ବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ତେବେ ସମସ୍ତ ନୀତିକାନ୍ତି ଯେଭଳି ଶୃଙ୍ଖଳିତ ଭାବେ ସମ୍ପାଦିତ ହୋଇପାରିବ ସେନେଇ ମୁଖ୍ୟ ପ୍ରଶାସକ ସମସ୍ତ ସେବାୟତ ନିଯୋଗଙ୍କ ସହଯୋଗ ଲୋଡିଥିଲେ। ସମସ୍ତ ନିଯୋଗ ସହଯୋଗ ପ୍ରଦାନ କରିବେ ବୋଲି ସହମତି ପ୍ରକାଶ କରିଥିଲେ ବୋଲି ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି। ସେହିପରି ଅନ୍ୟତମ ବରିଷ୍ଠ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆଙ୍କ କହିବା ହେଲା କିଛି ବର୍ଷ ହେବ ମା' ମହାଲକ୍ଷ୍ମୀଙ୍କ ମନ୍ଦିରର ଗୋଟିଏ କବାଟ ବନ୍ଦ କରାଯାଇଛି ଫଳରେ ଭକ୍ତମାନେ ସମସ୍ୟା ଭୋଗୁଛନ୍ତି। ଭିଡ଼ ଅଧିକ ହେଉଛି। ତେଣୁ କବାଟ ଖୋଲିବା ପାଇଁ ସେବାୟତମାନଙ୍କ ପକ୍ଷରୁ ପ୍ରଶାସନକୁ କୁହାଯାଇଛି। ସେହିପରି ଚାରିଦ୍ୱାର ଖୋଲିବା ନେଇ ମଧ ପ୍ରଶାସନକୁ କୁହାଯାଇଛି। ଭକ୍ତମାନେ ଯେପରି ଭଲ ଦର୍ଶନ କରିପାରିବେ ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯିବାକୁ ବୈଠକରେ ଦାବି ହୋଇଥିଲା। ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ପରିଚାଳନା କମିଟି ସଦସ୍ୟ, ଛତିଶା ନିଯୋଗ ସେବାୟତ ସଦସ୍ୟଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ଚନ୍ଦନଯାତ୍ରା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ

ପୁରୀ,୨୪।୪(ଅଜିତ୍ ମହାନ୍ତି)

ଆସନ୍ତା ମେ ମାସ ୧୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ଠାରୁ ୨୧ ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ତେଣୁ ଚଳିତବର୍ଷ ଶ୍ରୀବିଗ୍ରହଙ୍କ ଚନ୍ଦନଯାତ୍ରାର ସାଧାରଣ ଦିନର ନୀତି ସହିତ ବିଶେଷ ଦିନ ଯଥା ଅକ୍ଷୟ ତୃତୀୟା,ନୀଳାଦ୍ରି ମହୋଦୟାଷ୍ଟମୀ, ନୃସିଂହ ଜନ୍ମ ଏବଂ ଭଉଁରୀ ଯାତ୍ରାର ନୀତି ସୁପରିଚାଳନା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ସାଧାରଣ ଦିନର ଚନ୍ଦନଯାତ୍ରା ନୀତି ନିର୍ଘଣ୍ଟ ଅନୁଯାୟୀ ଶ୍ରୀମନ୍ଦିର ଦ୍ୱାର ରାତ୍ର ୪ଟାରେ ଫିଟା ଯିବ। ଭିତରଶୋଧ ୪ ଟା ୩୦ , ମଙ୍ଗଳ ଆଳତି ୫ଟା , ମଇଲମ ଓ ତଡ଼ପଲାଗି ୫.୩୦, ଅବକାଶ ୬.୧୫ , ରୋଷ ହୋମ ୬.୩୦, ସୂର୍ଯ୍ୟପୂଜା ୬.୫୦, ସକାଳ ୭.୧୦ ଟାରେ ଦ୍ୱାରପାଳ ପୂଜା ଓ ବେଶ ଶେଷ ୭ଟା ୧୦, ଗୋପାଳବଲ୍ଲଭ ଶେଷ ୮ ଟା, ସକାଳଧୂପ (କେବଳ କୋଠଭୋଗ) ୮.୩୦ ରୁ ୧୦ଟା , ଭୋଗମଣ୍ଡପ ୮.୪୦ ରୁ ୧୦.୪୦, ମଇଲମ ୧୧ ଟା , ଆଲଟଲାଗି ୧୨ଟା ଚନ୍ଦନଲାଗି ୧୨.୩୦, ବେଶ ଶେଷ ଓ ଦକ୍ଷିଣୀଘର ଭୋଗ ୧ .୩୦, ଯାତ ଭୋଗ(କେବଳ କୋଠଭୋଗ) ୨ ଟାରୁ ୩ଟା ପର୍ଯ୍ୟନ୍ତ ହେବ। ସେହିପରି ଚନ୍ଦନକୁ ଦିଅଁ ବିଜେ ୩.୩୦, ବିମାନ ଉଠିବା ୩.୪୫, ମଧ୍ୟାହ୍ନଧୂପ (କେବଳ କୋଠଭୋଗ) ୪.୦୦ ରୁ ୫.୩୦, ଦ୍ୱିତୀୟ ଭୋଗମଣ୍ଡପ ୪.୧୫ରୁ ୬.୩୦, ମଇଲମ ଓ ବେଶ ୬.୪୦ରୁ ୭.୨୦, ସନ୍ଧ୍ୟା ଆଳତି ୭.୩୦ ସନ୍ଧ୍ୟାଧୂପ(କେବଳ କୋଠଭୋଗ) ରାତ୍ର ୮.୦୦ ରୁ ୯.୩୦, ମଇଲମ ୧୦ଟା, ଆଇଟଲାଗି ୧୦.୩୦, ପଣାଭୋଗ ୧୧ଟା, ଚନ୍ଦନ ଠାକୁର ବାହୁଡ଼ା ବିଜେ, ପଣାଭୋଗ ୧୧ ଟା, ମଇଲମ ଓ ବନ୍ଦନଲାଗି ୧୧.୧୫ , ବଡ଼ସିଂହାର ବେଶ ରାତ୍ର ୧୨ଟା ବଡ଼ସିଂହାର ଭୋଗ ୧୨.୩୦ ଏବଂ ରାତ୍ର ପହୁଡ଼ ରାତ୍ର ୧ଟାରେ ସମ୍ପନ୍ନ ହେବ ବୋଲି ଚୂଡ଼ାନ୍ତ ହୋଇଛି। ସେହିପରି ମେ ୧୦ ତାରିଖ ଅକ୍ଷୟ ତୃତୀୟା, ମେ ୧୫ ତାରିଖ ନୀଳାଦ୍ରି ମହୋଦୟାଷ୍ଟମୀ, ମେ ୨୨ତାରିଖ ନୃସିଂହ ଜନ୍ମଏବଂ ମେ ୨୯ ତାରିଖ ଭଉଁରୀ ଯାତ୍ରା ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଶେଷ ନୀତିକାନ୍ତି ଥିବାରୁ ଉକ୍ତ ଦିନ ଗୁଡ଼ିକରେ ରାତ୍ର ୩ଟାରୁ ଶ୍ରୀମନ୍ଦିର ଦ୍ୱାରା ଖୋଲାଯାଇ ନୀତିକାନ୍ତି ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଚୈତ୍ରପୂର୍ଣ୍ଣିମା ସଂକ୍ରାନ୍ତୀୟ ଆଲୋଚନାଚକ୍ର

ପୁରୀ,୨୪।୪(ଅଜିତ୍ ମହାନ୍ତି)

ବୌଦ୍ଧିକ ଅନୁଷ୍ଠାନ ବୋଧିଚକ୍ର ଆନୁକୂଲ୍ୟରେ ମଙ୍ଗଳବାର ଚୈତ୍ରପୂର୍ଣ୍ଣିମା ଅବସରରେ ମାସିକ ପାଠଚକ୍ର ସ୍ଥାନୀୟ ଜନସେବା କେନ୍ଦ୍ର ପରିସରରେ ସମ୍ପନ୍ନ ହୋଇଯାଇଛି। ଅନୁଷ୍ଠାନ ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ।

ପ୍ରାରମ୍ଭରେ ବୁଦ୍ଧଙ୍କ ପ୍ରତିମା ସମ୍ମୁଖରେ ଦୀପଧୂପାଦି ନୈବେଦ୍ୟ ଅର୍ପଣ ପୂର୍ବକ ବିପାସନା ପଦ୍ଧତିରେ ସମବେତ ବୁଦ୍ଧପ୍ରେମୀମାନେ ସମୂହ ଧ୍ୟାନ କରିଥିଲେ। ସମାରୋହରେ ମୁଖ୍ୟ ଅତିଥି ଭାବେ ଡ. କାମଦେବ ଦାସ ଯୋଗଦେଇ କହିଛନ୍ତି, ବୌଦ୍ଧଧର୍ମର ମୌଳିକ ଆଦର୍ଶ ଏବଂ ଆୟୁର୍ବେଦ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ଶରୀର, ମନ, ପ୍ରାଣସତ୍ତା ମଧ୍ୟରେ ସନ୍ତୁଳନ ସହ ଶୃଙ୍ଖଳିତ ଜୀବନଚର୍ଯ୍ୟା, ମିତାହାର ଏବଂ ମଧ୍ୟମ ପନ୍ଥା ଅନୁଶୀଳନ କରିପାରିଲେ ମନୁଷ୍ୟ ଶାନ୍ତିଲାଭ କରିପାରିବ। ଅଧ୍ୟାପକ ଦେବରାଜ ପ୍ରଧାନ ବିନୟ ପିଟକର କେତେଗୁଡ଼ିଏ ଗାଥାଗୁଡ଼ିକ ଆବୃତ୍ତି କରି ତାହାର ବିଶଦ ବ୍ୟାଖ୍ୟା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଶରତ ସାହୁ, ବାସୁଦେବ ସାହୁ, ବିଶ୍ୱନାଥ ମିଶ୍ର, ଅଧ୍ୟାପକ ବିଭୂତି ଭୂଷଣ କର, ଅରୁଣ ମହାନ୍ତି, ରାଜକିଶୋର ସାସମଲ, ଭାଗୀରଥି ମହାପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଉମେଶ ଚନ୍ଦ୍ର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନ ଉପସଭାପତି ଡ. ବଳରାମ ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


ପ୍ରଚଣ୍ଡ ରୌଦ୍ରତାପରେ ବୁଧବାର ପୁରୀ ବେଳାଭୂମିରେ ପର୍ଯ୍ୟଟକମାନେ ପଇଡ଼ ପିଇ ତୃଷ୍ଣା ମେଣ୍ଟାଉଛନ୍ତି।

## ଦୟଣା ଚୋରି ମେଳଣ ଅନୁଷ୍ଠିତ

ଡେଲାଙ୍ଗ,୨୪।୪(ରଶ୍ମିରଞ୍ଜନ ପ୍ରଧାନ)



ଓଡ଼ିଶାର ଦ୍ୱିତୀୟ ବୃହତ୍ତର ଗ୍ରାମ ଘୋରଡ଼ିଆରେ ପ୍ରସିଦ୍ଧ ଦୟଣା ଚୋରୀ ମେଳଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଘଣ୍ଟ, ଘଣ୍ଟି, ଶଙ୍ଖ, ମୃଦଙ୍ଗ, ଘୋଡାନାଚ, ତଗା, ନାଗା, କୁଞ୍ଜ ପ୍ରଭୃତିରେ ଜମାଣ ଉତ୍ସବରେ ଘୋରଡିଆ ଗ୍ରାମ ପ୍ରକମ୍ପିତ ହୋଇଥିଲା। ସାଉରିଆ ଗ୍ରାମର ଆରଧ ରାଧାକାନ୍ତ ଦେବ ଓ ଘନିପୁର ଗ୍ରାମର ଆରଧ ରାଧାମୋହନ ଦେବ ସୁସଜ୍ଜିତ କଳାକୁଞ୍ଜ ବିମାନରେ ବିରାଜମାନ କରିଥିଲେ। ଠାକୁରଙ୍କ ନୀତିକାନ୍ତି ପାଇଁ ପୁରୀର ଶ୍ରୀଜଗନ୍ନାଥ ବଲ୍ଲଭ ମଠରୁ ଆସିଥିବା ଦୟଣା ଗୁଛ ଠାକୁରଙ୍କ ନିକଟରେ ପହଞ୍ଚିବା ପରେ ଦାୟାନଦୀ କୂଳରେ ଅବସ୍ଥିତ ଦୟାଣା ବାଡ଼ି ତଥା ମେଳଣ ପଡ଼ିଆକୁ ଯାତ୍ରାରମ୍ଭ କରିଥିଲେ। ଏହା ପରେ ଠାକୁରଙ୍କ ନୀତିକାନ୍ତି ଅନୁସାରେ ଦୟଣା ଚୋରୀ ପର୍ବ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଦର୍ଶନ ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ଦର୍ଶନ ସମାପନ କରିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଡେଲାଙ୍ଗ ଥାନାଧିକାରୀ ଦେବାଶିଷ ମହାନ୍ତି ୩ ପ୍ଲାଟୁନ୍ ଫୋର୍ସ ସହିତ ମେଳଣ ପଡ଼ିଆରେ ଉପସ୍ଥିତ ଥିଲେ। ମଙ୍ଗଳବାର ସୁନେଲି ସନ୍ଧ୍ୟାରେ ମେକ୍ ଇନ ଇଣ୍ଡିଆ ଆଣ୍ଡ ମିଡିଆ ପରିବାର ପକ୍ଷରୁ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କବି ଦିଲିପ ଧାଉଡିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କବିତା ପାଠରେ ବିଭିନ୍ନ ଜିଲାରୁ ଯୋଗଦେଇଥିବା ଶତାଧିକ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ।

## ନିର୍ବାଚନ ପାଇଁ ଗାଡ଼ି ଚେକିଂ କଡ଼ାକଡ଼ି

ଅସ୍ତରଙ୍ଗ,୨୪।୪(ମମତା ଜେନା)

ସାଧାରଣ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହୋଇଥିବାବେଳେ ଅସ୍ତରଙ୍ଗ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଓ ଶୃଙ୍ଖଳିତ ନିର୍ବାଚନ ପ୍ରକ୍ରିୟାକୁ ସୁପରିଚାଳନା କରିବାକୁ ପୋଲିସ ଟିମ୍ ଗାଡ଼ି ଚେକିଂ ଚଳାଇଛି। ପୋଲିସ ଅଞ୍ଚଳର ଅନେକ ସ୍ଥାନରେ ୪ ଚକିଆ, ୨ ଚକିଆ ଯାନକୁ ଅଟକାଇ ଟିକିନିଖି ତଲାସି କରୁଛି। ଅସାମାଜିକ କାର୍ଯ୍ୟକଳାପକାରୀ, ଚୋରା ନିଶା କାରବାର ସାମଗ୍ରୀ ଚାଲାଣ, ଟଙ୍କା ପଇସା ଚାଲାଣକୁ ଧରିବା ଏହି ଚେକିଂର ମୁଖ୍ୟ ଉଦ୍ଦେଶ୍ୟ। ବୁଧବାର ଅସ୍ତରଙ୍ଗସ୍ଥିତ ଉକୁଳେଇ ନିକଟରେ ସବ୍-ଇନ୍ସପେକ୍ଟର ଦୀପକ ସାମନ୍ତସିଂହାର, ଏଏସ୍‌ଆଇ କୈଳାସ ବେହେରାଙ୍କ ନେତୃତ୍ୱରେ ଅସ୍ତରଙ୍ଗ ପୋଲିସ, ନୂଆଗଡ଼ ସାମୁଦ୍ରିକ ପୋଲିସ, ସିଆର୍‌ପିଏଫ୍ ସ୍ୱତନ୍ତ୍ର ଟିମ୍ ପ୍ରତ୍ୟେକ ପ୍ରବେଶକାରୀ ଓ ବାହାରୁଥିବା ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ।

## ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ



କର୍ମଶାଳାରେ ଯୋଗଦେଇଥିବା ଅତିଥି ବୃନ୍ଦ।

ନିମାପଡ଼ା,୨୪।୪(ରଞ୍ଜନ ପଟ୍ଟନାୟକ)

ପିଙ୍ଗଳାକ୍ଷୀ ପବ୍ଲିକ ୱେଲ୍‌ଫେୟାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ପିଙ୍ଗଳାକ୍ଷୀ କଲେଜ ସ୍ପେଶାଲ ଏଜୁକେଶନ ଭାରତୀୟ ପୁନର୍ବାସ ପରିଷଦ, ନୂଆଦିଲ୍ଲୀ ମିଳିତ ସହଯୋଗରେ ୩ ଦିନିଆ କର୍ମଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପିପିଡବ୍ଲ୍ୟୁଓ ଅନୁଷ୍ଠାନର ପ୍ରଶାସନିକ ଭବନଠାରେ ଆୟୋଜିତ ଏହି କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ନିମାପଡ଼ା ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସୌଦାମିନୀ ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟାପକ ଗୋବିନ୍ଦଚନ୍ଦ୍ର ନାୟକ, ପିପିଡବ୍ଲ୍ୟୁଓ ଅନୁଷ୍ଠାନ ସଭାପତି ଗଗନ ବିହାରୀ ଦାଶ, ଉପସଭାପତି ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ସଭାପତି ଦାଶ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଦିବସରେ ସଭାପତି ଦାଶ ଡ. ବିଚିତ୍ରା ନନ୍ଦ ସ୍ୱାଇଁ, ଡ. ବିନୟ ଭୂଷଣ ମହାପାତ୍ର, ଡ. ଭାଗୀରଥି ମହାପାତ୍ର ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ଦିବ୍ୟାଙ୍ଗ ଶିଶୁମାନଙ୍କୁ ଶୈଶବ ଅବସ୍ଥାରେ ଚିହ୍ନଟ କରି ସେମାନଙ୍କ ପରବର୍ତ୍ତୀ କାର୍ଯ୍ୟପନ୍ଥା କିପରି ନିର୍ଦ୍ଧାରଣ କରାଯିବ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରଭାତ ବେହେରା, ଗୀତିନନ୍ଦା ପଟ୍ଟନାୟକ, ଲିଲି ବଳ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ମୌସୁମୀ ରାୟସିଂ, ପୁଷ୍ପେନ୍ଦୁ ଜାନା, ଜନ୍ମେଜୟ ସ୍ୱାଇଁ, ସୁଜାତା ପାଢ଼ୀ ପ୍ରମୁଖ କର୍ମଶାଳାକୁ ପରିଚାଳନା କରିଥିଲେ।

## ଆଇନ ସଚେତନତା ଶିବିର

ପୁରୀ,୨୪।୪(ଅଜିତ୍ ମହାନ୍ତି)

ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲା ଓ ଦୌରାଜଜ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ ବାଳିକା ଉଚ୍ଚ ବାଳିକା ବିଦ୍ୟାଳୟର ସମ୍ମିଳନୀ କକ୍ଷରେ କର୍ମ କ୍ଷେତ୍ରରେ ମହିଳାମାନଙ୍କୁ ଯୌନ ଉତ୍ପୀଡ଼ନ (ପ୍ରତିରୋଧ ନିଷେଧ ଓ ପ୍ରତିକାର) ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଆଇନସେବା ପ୍ରାଧିକରଣର ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ଅମିତ କୁମାର ବାରିକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ନାରୀମାନେ କିପରି କର୍ମ କ୍ଷେତ୍ରରେ କିପରି ନିଜକୁ ସୁରକ୍ଷା ଦେଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଯୌନଶୋଷଣ, ପାରିବାରିକ ହିଂସା, ଶିଶୁ ଯୌନ ନିର୍ଯ୍ୟାତନା ମାମଲାଗୁଡ଼ିକର ଯେପରି ଦ୍ୱରିତ ବିଚାର ହୋଇପାରିବ ସେହି ସମ୍ପର୍କରେ ମତଦେଇଥିଲେ। ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ବିଭିନ୍ନ ଆଇନ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟର ଛାତ୍ରୀମାନଙ୍କୁ ମାଗଣା ଆଇନ ସେବା ଭଳି ଅଧିକାର ବିଷୟରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଅନ୍ୟ ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ଉପସ୍ଥିତ ରହିଥିଲେ। ପ୍ରାଧିକରଣର କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଫଳ ପାଇଁ ସମନ୍ୱୟ ଜରୁରୀ

### ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ

ପୁରୀ,୨୪।୪(ଅଜିତ୍ ମହାନ୍ତି)


ଅତିରିକ୍ତ ଜିଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକ।

ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ପରସ୍ପର ସମନ୍ୱୟ ରଖି କାର୍ଯ୍ୟକଲେ ସଡ଼କ ସୁରକ୍ଷା ସଫଳ ହେବା ସହ ଅନେକ ଜୀବନ ରକ୍ଷା ହୋଇପାରିବ ବୋଲି ଅତିରିକ୍ତ ଜିଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ କହିଛନ୍ତି। ବୁଧବାର ଅପରାହ୍ନରେ ସର୍କିଟ ହାଉସଠାରେ ପରିବହନ ବିଭାଗ ପକ୍ଷରୁ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଭୋଇ ସଡ଼କ ସୁରକ୍ଷା ପାଇଁ ଥିବା ନିୟମ ଓ ମାର୍ଗଦର୍ଶିକାକୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବ ବୋଲି କହିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ ମିଳିତ ଭାବେ ଧରପଗଡ଼ ଜାରି ରଖିବା, ଲୋକମାନଙ୍କୁ ସଚେତନ କରାଇବା, ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଜିଲାର ସଡ଼କ ଦୁର୍ଘଟଣା ତଥ୍ୟ ଉପସ୍ଥାପନ କରିଥିଲେ। ଜିଲାରେ ୨୦୨୩ ଜାନୁଆରୀରୁ ଡିସେମ୍ବର ସୁଦ୍ଧା ୩୩୦ ଦୁର୍ଘଟଣା ଘଟି ୧୬୧ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୫,୨୯୮ ବିନା ହେଲମେଟ ଯାଞ୍ଚ କରାଯାଇ ୩୭୬ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଥିବାବେଳେ ଦ୍ରୁତ ଗତିରେ ଗାଡ଼ି ଚାଳନା କ୍ଷେତ୍ରରେ ୫,୯୯୪ ମାମଲା ମଧ୍ୟରୁ ୧,୨୧୨ ଲାଇସେନ୍ସ ସସପେଣ୍ଡ କରାଯାଇଛି। ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ୧୬୮ଟି ରାସ୍ତା ଦୁର୍ଘଟଣା ହୋଇଥିବାବେଳେ ୪୬ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୩ ମାର୍ଚ୍ଚ ସୁଦ୍ଧା ୪୧ ଦୁର୍ଘଟଣା ଘଟିଥିବାବେଳେ ୩୯ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୪ ଜାନୁଆରୀରୁ ମାର୍ଚ୍ଚ ମାସ ସୁଦ୍ଧା ମୋଟ ୮୨୬ ଜଣ ବିନା ହେଲ୍‌ମେଟ ଗାଡ଼ି ଚଳାଇବା ଅଭିଯୋଗ ହୋଇଥିଲା। ଏଥିରେ ୨୮ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଓଭର ସ୍ପିଡ୍(ଦ୍ରୁତ ଗତିରେ ଗାଡ଼ି ଚଳାଇବା) କ୍ଷେତ୍ରରେ ୧୪୩୮ ଜଣଙ୍କୁ ଧରାଯାଇ ୨୨୬ଜଣଙ୍କ ଲାଇସେନ୍ସ ରଦ୍ଦ, ସିଟ ବେଲ୍ଟ ବ୍ୟବହାର କରୁ ନ ଥିବା ଅଭିଯୋଗରେ ୧୭, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର କରୁଥିବା ଅଭିଯୋଗରେ ୪୪ ଜଣ, ମାଦକ ଦ୍ରବ୍ୟ ସେବନ କରି ଗାଡ଼ି ଚାଳନା କ୍ଷେତ୍ରରେ ୭୬ ଜଣଙ୍କୁ ଧରା ଯାଇ ୨୧ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଏହିପରି ମୋଟ ୨,୪୧୨ ମାମଲାରେ ୨୭୫ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ୨୦୨୪ ମାର୍ଚ୍ଚ ମାସରେ କେବଳ ୧,୯୯୯ ଚାଲାଣ କଟାଯାଇ ୯୩୮ ଫଏସଲା ହେବା ସହ ୪୫,୫୧,୯୩୨ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପ୍ରତିନିଧି, ବସ୍‌ମାଲିକ ସଂଘର ପ୍ରତିନିଧି ଓ ସଦସ୍ୟମାନେ ଯୋଗ ଦେଇଥିଲେ।

**ସଂକ୍ଷେପରେ**

## ଆଜିଠୁ ଗ୍ରୀଷ୍ମଛୁଟି

ଭୁବନେଶ୍ୱର, ୨୪।୪(ଅସମାପିକା ସାହୁ)

ରାଜ୍ୟରେ ଗୁରୁବାରଠାରୁ ସ୍କୁଲରେ ଗ୍ରୀଷ୍ମଛୁଟି ଆରମ୍ଭ ହେବ। ପାଠପଢ଼ା ବନ୍ଦ ରହିବ। କିନ୍ତୁ ଏହି ଛୁଟି ସମୟରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷା ତଥା ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କରାଯିବ। ବର୍ତ୍ତମାନ ସ୍କୁଲରେ ନାମଲେଖା ଚାଲିଛି। ଏହି ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ସ୍କୁଲ ଅଫିସ ଖୋଲା ରହିବ। ସେହିପରି ଗ୍ରୀଷ୍ମଛୁଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛି। ପୂରା ଗ୍ରୀଷ୍ମଛୁଟିରେ ଶିକ୍ଷକ, ଜୁନିୟର ଆସିଷ୍ଟାଣ୍ଟ ଏବଂ ପିଅନମାନେ ରୋଷ୍ଟର ଡ୍ୟୁଟି କରିବେ। ସ୍କୁଲ ଖୋଲିବା ପୂର୍ବରୁ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ କର୍ମଚାରୀମାନେ ସ୍କୁଲର ପରିମଳ ଏବଂ ସୁରକ୍ଷା ଦିଗ ପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ବିଭାଗର ଏକାଡେମିକ୍ କ୍ୟାଲେଣ୍ଡର ୨୦୨୪-୨୫ରେ ମେ ୬ରୁ ଜୁନ୍ ୧୭ ଗ୍ରୀଷ୍ମଛୁଟି ରହିଥିଲା। ହେଲେ ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଆଗୁଆ ଗ୍ରୀଷ୍ମଛୁଟି ଘୋଷଣା କରିଛନ୍ତି।

## ଆଇପିଏଲ୍ ବେଟିଂ, ୫ ଗିରଫ

ପୁରୀ,୨୪।୪(ଅଜିତ୍ ମହାନ୍ତି)

ଆଇପିଏଲ୍ କ୍ରିକେଟ୍ ମ୍ୟାଚରେ ସଟା ବା ଟଙ୍କା ବେଟିଂ କରୁଥିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୫ ଜଣ ସଟାବାଜଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚନ୍ଦନପୁର ଥାନା ଅଞ୍ଚଳରେ ରହୁଥିବା ଛତିଶଗଡ଼ର ରାଜେଶ ନିଶାଦ(୨୬), ମୁକେଶ ଦେୱଗନ୍(୨୬), ଦିଲୀପ କୁମାର ପାଟେଲ, ଶୁଭମ ଅଗ୍ରୱାଲ(୨୫) ଏବଂ ଅଭୟ ସିଂ(୩୩)। ଅଭିଯୁକ୍ତଙ୍କଠାରୁ ପୋଲିସ ଗୋଟିଏ ଏଲ୍ଇଡି ଟିଭି, ରିମୋଟ, ୪ଟି ମୋବାଇଲ ଏବଂ ଗୋଟିଏ ଟାଟା ସ୍କାଏ ମେସିନ୍ ଓ ରେଜିଷ୍ଟାର ଜବତ କରିଛି। ପୋଲିସ ଏନେଇ ୯୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବଳିଆପଣ୍ଡା ଥାନା ପୋଲିସ ପକ୍ଷରୁ ଥାନା ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିଲା। ଧବଳେଶ୍ୱର ଲେନ୍ ଅଞ୍ଚଳରେ କେତେଜଣ ବ୍ୟକ୍ତି ଆଇପିଏଲ୍ ବେଟିଂ କରୁଥିବା ଖବରପାଇ ଚଢ଼ାଉ କରିଥିଲା।

## ଅବସରପ୍ରାପ୍ତ ପ୍ରଫେସର ରମାକାନ୍ତ ଜେନାଙ୍କ ପରଲୋକ

ଭୁବନେଶ୍ୱର,୨୪।୪
(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ରମାକାନ୍ତ ଜେନାଙ୍କର ଗତ ୨୦ ତାରିଖରେ ପରଲୋକ ହୋଇଯାଇଛି। ଛାତ୍ରବତ୍ସଳ, ପରୋପକାରୀ ଓ ସ୍ନେହୀ ଅଧ୍ୟାପକ ଭାବେ ସେ ପରିଚିତ ଥିଲେ। ବିଶ୍ୱବିଦ୍ୟାଳୟରେ ନୂତନ କରି ଏମ୍‌ବିଏ ଓ ଏମ୍‌ଏଫସି ପାଠ୍ୟକ୍ରମ ଆରମ୍ଭ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ଅଧୀନରେ ଗବେଷଣାକରି ୨୫ରୁ ଅଧିକ ଗବେଷକ ପିଏଚ୍‌ଡି ଲାଭ କରିଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ବହୁ ଗବେଷଣାଭିତ୍ତିକ ପ୍ରବନ୍ଧ ପ୍ରକାଶ ପାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ତାଙ୍କର କାର୍ଯ୍ୟକାଳ ସମୟରେ ସେ ସିନେଟ ସିଣ୍ଡିକେଟର ସଭ୍ୟ ଓ ସ୍ନାତକୋତ୍ତର ପରିଷଦ ଚେୟାରମାନ ଦାୟିତ୍ୱ ତୁଲାଇଥିଲେ। ୧୯୯୬ରେ ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ ପରେ ମଧ୍ୟ ବିଭିନ୍ନ ଅନୁଷ୍ଠାନ ଓ ପ୍ରତିଷ୍ଠାନରେ କାର୍ଯ୍ୟ କରିଥିଲେ। ଆର୍‌ସିଏମ୍ ମହାବିଦ୍ୟାଳୟର ନିର୍ଦ୍ଦେଶକ, ଡିଏଭି ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟର ନିର୍ଦ୍ଦେଶକ ଓ ଏସ୍‌ଏସ୍‌ବିମ୍‌ର ଡିନ୍ ଭାବେ କାର୍ଯ୍ୟକରି କମର୍ସ ଓ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ସହିତ ଅନ୍ୟ ଅନୁଷ୍ଠାନଗୁଡ଼ିକରେ ସେ ନିଜର ଛାପ ଛାଡ଼ିଯାଇଛନ୍ତି। ଛାତ୍ର, ଗବେଷକ ଓ ବହୁ ଉଚ୍ଚରେ ଶିକ୍ଷାନୁଷ୍ଠାନ ତାଙ୍କ ଭଳି ଜଣେ ବିଶିଷ୍ଟ ଶିକ୍ଷାବିତ୍‌ଙ୍କୁ ହରାଇଥିବାରୁ ଶୋକର ଛାୟା ଖେଳିଯାଇଛି।

# ଗଣିତ ଦକ୍ଷତା ବୃଦ୍ଧି ପାଇଁ ରୂପରେଖ ପ୍ରସ୍ତୁତ

ଭୁବନେଶ୍ୱର, ୨୪।୪(ଅସମାପିକା ସାହୁ)

- ପାଠ୍ୟକ୍ରମ ଆଧାରରେ ତିଆରି ହେଉଛି ଗଣିତ ଶିକ୍ଷଣ ସାମଗ୍ରୀ
- ପ୍ରଥମ ପର୍ଯ୍ୟାୟରେ ୪ହଜାର ସ୍କୁଲରେ କାର୍ଯ୍ୟକାରୀ ହେବ

ଗଣିତ ଶିକ୍ଷାରେ କିପରି ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଦକ୍ଷ ହେବା ସହ ଉନ୍ନତ ପ୍ରଦର୍ଶନ କରିବେ ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ପିଲାଙ୍କ ଗଣିତ ଜ୍ଞାନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଭାବେ ଶିକ୍ଷଣ ସାମଗ୍ରୀ ଏବଂ ଭିଡିଓ ପ୍ରସ୍ତୁତ ହେଉଥିବାବେଳେ ଶିକ୍ଷକ ଏବଂ ଶିକ୍ଷକ ପ୍ରଶିକ୍ଷକଙ୍କ ସହିତ ଜାତୀୟ ସ୍ତରର ଅଗ୍ରଣୀ ସଂସ୍ଥା ଖାନ୍ ଏକାଡେମୀକୁ ନେଇ ବିଚାରବିମର୍ଶ କରାଯାଇଛି। ଚଳିତବର୍ଷ କେବଳ ନବମ ଏବଂ ଦଶମ ଶ୍ରେଣୀରେ ଏହା କାର୍ଯ୍ୟକାରୀ ହେବାକୁ ଥିବାବେଳେ ପରବର୍ତ୍ତୀ ସମୟରେ ଅନ୍ୟ ସମସ୍ତ ଶ୍ରେଣୀ ପାଇଁ ପ୍ରସ୍ତୁତ ହେବ। ବିଷୟଗତ ଜ୍ଞାନ ସହିତ ବାହ୍ୟଜ୍ଞାନରେ ଛାତ୍ରୀଛାତ୍ର କିପରି ଦକ୍ଷ ହୋଇପାରିବେ ଏବଂ ଜାତୀୟସ୍ତରୀୟ ପରୀକ୍ଷାରେ ସଫଳ ହୋଇପାରିବେ ସେଥିନେଇ ରୂପରେଖ ପ୍ରସ୍ତୁତ ହେଉଛି।

ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରଙ୍କୁ ଗଣିତ ଶିକ୍ଷା ପ୍ରତି ଆକୃଷ୍ଟ କରି ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ମୋ ସ୍କୁଲ ଅଭିଯାନ ଏବଂ ଖାନ ଏକାଡେମୀ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ପାଠ୍ୟକ୍ରମ ଏବଂ ବିଷୟକୁ ଆଧାର କରି ଏହିକ୍ରମରେ ଗଣିତ ଶିକ୍ଷଣ ସାମଗ୍ରୀ ସହିତ ଅନ୍ୟାନ୍ୟ ଶିକ୍ଷା ଉପକରଣ ପ୍ରସ୍ତୁତ କରାଯାଉଛି। ଏଥିରେ ଛାତ୍ରୀଛାତ୍ର କିପରି ସରଳ ଏବଂ ସହଜରେ ଶିକ୍ଷା ଗ୍ରହଣ କରିପାରିବେ ଏବଂ ଗଣିତକୁ ନେଇ ସେମାନେ ସାମ୍ନା କରୁଥିବା ଦ୍ୱନ୍ଦ୍ୱ ଦୂର କରିପାରିବେ ସେନେଇ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକଙ୍କ ମତାମତକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। କ୍ରୀଡ଼ା ଓ ଆମୋଦପ୍ରମୋଦ ମାଧ୍ୟମରେ ଶିକ୍ଷାଦାନ ଉପରେ ଧ୍ୟାନ ଦିଆଯାଉଛି। ଏଥିପାଇଁ ସ୍ୱତନ୍ତ୍ର ସମୟ ନିର୍ଘଣ୍ଟ ହେବ। ବିଦ୍ୟାଳୟ ସମୟ ବାଦ୍ ଛାତ୍ରୀଛାତ୍ରମାନେ ସ୍ମାର୍ଟ ଫୋନ ଏବଂ କମ୍ପ୍ୟୁଟର ମାଧ୍ୟମରେ ଲଗ୍‌ଇନ୍ କରି ଅଧିକ ଜ୍ଞାନ ହାସଲ କରିପାରିବେ। ଆବଶ୍ୟକ ପଡ଼ିଲେ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିବେ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ୪ ହଜାରରୁ ଅଧିକ ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଭାବେ ଏହା କାର୍ଯ୍ୟକାରୀ କରାଯିବ। ପରବର୍ତ୍ତୀ ସମୟରେ ଅନ୍ୟ ସମସ୍ତ ବିଦ୍ୟାଳୟରେ ଏବଂ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ଯାଏ ପିଲାଙ୍କ ପାଇଁ ଶିକ୍ଷା ଉପକରଣ ପ୍ରସ୍ତୁତ କରାଯିବ। ସରଳ ଢଙ୍ଗରେ ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଗଣିତରେ ସେମାନଙ୍କ ଦକ୍ଷତା ବୃଦ୍ଧି କରିପାରିବେ ବୋଲି ଆଶା କରାଯାଇଛି।



ସତ୍ୟସାଇ ବାବାଙ୍କ ପବିତ୍ର ମହାସମାଧି ଦିବସ ତଥା ଆରାଧନା ଦିବସ ପାଳନ ଅବସରରେ ବୁଧବାର ଭୁବନେଶ୍ୱରଠାରେ ସାଇ ଭକ୍ତ ତଥା ଛାତ୍ରୀଛାତ୍ରଙ୍କ ଦ୍ୱାରା ମହମବତି ଶୋଭାଯାତ୍ରା।

## ସତ୍ୟସାଇ ବାବାଙ୍କ ପବିତ୍ର ମହାସମାଧି ଦିବସ

ଭୁବନେଶ୍ୱର,୨୪।୪(ଶର୍ମିଷ୍ଠା ପାଣିଗ୍ରାହୀ)

ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସାଇଜନନୀଠାରେ ସତ୍ୟସାଇ ବାବାଙ୍କ ପବିତ୍ର ମହାସମାଧି ଦିବସ ତଥା ଆରାଧନା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର ସାଇ ଜିଲା ଅନ୍ତର୍ଗତ ୬ଟି ସାଇ ସମିତିର ସାଇ ଆଶ୍ରିତ ଭାଇଭଉଣୀଙ୍କ ଦ୍ୱାରା ପ୍ରାତଃ ଓଁକାର, ନଗର ସଂକୀର୍ତ୍ତନ, ଧ୍ୟାନ, ଷୋଡ଼ଶ ଉପଚାର ପୂଜା, ବେଦପାଠ ଆଦି କରାଯାଇଥିଲା। ଏଥିସହ ସମିତି ଦ୍ୱାରା ପୋଷ୍ୟଗ୍ରାମଗୁଡ଼ିକରେ ଭଜନ, ନାରାୟଣ ସେବା ଭଳି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ସେହିଭଳି ହସ୍ପିଟାଲଗୁଡ଼ିକରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟା ଅଧିବେଶନରେ ସାମୂହିକ ଦୀପଦାନ ସହିତ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ଓ ବାଳବିକାସ ଛାତ୍ରୀଛାତ୍ରଙ୍କ ଦ୍ୱାରା ମହମବତି ଶୋଭାଯାତ୍ରା କରାଯାଇଥିଲା।

## ଲାଞ୍ଚ ମାମଲା: କିରାଣିଙ୍କୁ ୨ ବର୍ଷ ଜେଲଦଣ୍ଡ

କଟକ,୨୪।୪ (କାର୍ତ୍ତିକ ସାହୁ)

ଇନ୍ଦିରାଆବାସ କିସ୍ତି ଦେବାକୁ ଲାଞ୍ଚ ନେଇ ଗିରଫ ହୋଇଥିବା କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକର ପୂର୍ବତନ କିରାଣି ତଥା ଡିଲିଂ ଆସିଷ୍ଟାଣ୍ଟ ମାଧବ ଚନ୍ଦ୍ର ଆଚାର୍ଯ୍ୟ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ସେ ଏବେ ମହାକାଳପଡ଼ା ତହସିଲରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟରତ। ବୁଧବାର କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଉକ୍ତ ମାମଲାର ବିଚାର କରି ୨ ବର୍ଷ ଜେଲ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ। କୋର୍ଟଙ୍କ ଏହି ଦଣ୍ଡାଦେଶ ଆଧାରରେ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଚାକିରିରୁ ବହିଷ୍କାର କରିବାକୁ ଆବେଦନ କରାଯିବ ବୋଲି କୁହାଯାଇଛି। ରାଜ୍ୟ ଭିଜିଲାନ୍ସର ପୂର୍ବତନ ଇନ୍ସପେକ୍ଟର ଜ୍ଞାନରଞ୍ଜନ ମିଶ୍ର ମାମଲାର ତଦନ୍ତ କରିଥିଲେ। ସ୍ପେଶାଲ ପିପି ସର୍ବେଶ୍ୱର ବାରିକ ଓ ଆସିଷ୍ଟାଣ୍ଟ ପିପି ଦୀପକ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ମଧୁସୂଦନ ଆଡ୍‌ଭୋକେଟ ଏକାଡେମି କାର୍ଯ୍ୟକ୍ଷମ

କଟକ,୨୪।୪ (କାର୍ତ୍ତିକ ସାହୁ)

ଆଇନଜୀବୀଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି ଲାଗି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ମଧୁସୂଦନ ଆଡ୍‌ଭୋକେଟ୍ ଏକାଡେମି କାର୍ଯ୍ୟକ୍ଷମ କରାଯାଇଛି। ପରିଷଦର ବରିଷ୍ଠ ସଦସ୍ୟ ବିଭୁପ୍ରସାଦ ତ୍ରିପାଠୀଙ୍କୁ ଏକାଡେମିର ମୁଖ୍ୟ ସଂଯୋଜକ ଓ ଆବାହକ ଭାବେ ନିଯୁକ୍ତି ଦିଆଯାଇଛି। ଆଇନଜୀବୀମାନଙ୍କ ପେସାଗତ ଜ୍ଞାନର ଅଭିବୃଦ୍ଧି ପାଇଁ ରାଜ୍ୟ ଆଇନଜୀବୀ ପରିଷଦର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉପଲବ୍ଧି କରି ଏକାଡେମିକୁ ସଶକ୍ତ କରାଯାଇଥିବା ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ କଟକ ଚାନ୍ଦିନୀଚୌକସ୍ଥିତ ପରିଷଦର ମୁଖ୍ୟାଳୟରେ ବୁଧବାର ଆୟୋଜିତ ବୈଠକରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଏକାଡେମି ପକ୍ଷରୁ ବିଭିନ୍ନ ସମୟରେ ନୂତନ ଜ୍ଞାନକୌଶଳ ସମ୍ବଳିତ ପ୍ରଶିକ୍ଷଣ ଶିବିର, ପ୍ରଣୟନ ହୋଇଥିବା ନୂଆ ଆଇନ ସମ୍ପର୍କିତ ଆଲୋଚନାଚକ୍ର ଏକାଡେମି ପରିସରରେ କରାଯିବ। ଏହାକୁ ଆଞ୍ଚଳିକ ସ୍ତରରେ ପହଞ୍ଚାଇ ଯୁବ ଆଇନଜୀବୀଙ୍କୁ ଏକାଡେମି ସହିତ ଯୋଡ଼ିବା ପାଇଁ ଆଇନ ସମ୍ବନ୍ଧୀୟ ଜର୍ନାଲ ପ୍ରକାଶ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସରକାର ଆଣିଥିବା ନାଗରିକ ସୁରକ୍ଷା ସଂହିତା, ଭାରତୀୟ ନାଗରିକ ସଂହିତା, ସାକ୍ଷ୍ୟବିଧି ଆଇନ ସମ୍ପର୍କରେ ଜର୍ନାଲ ଓ ଆଇନଗତ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯିବ। ପରିଷଦର ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତିଙ୍କ ସମେତ ପୀତବାସ ପଣ୍ଡା, ଦେବୀପ୍ରସାଦ ଧଳ, ବିଭୁପ୍ରସାଦ ଦାସ, ଅକ୍ଷୟ କୁମାର ପତି, ଆତ୍ମପ୍ରକାଶ ମହାନ୍ତି, ତପନ କୁମାର ବିଶ୍ୱାଳ, ଅରୂପାନନ୍ଦ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ମଧୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ କରାଯାଉ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ କରିବାକୁ ଦାବି ହୋଇଛି। ଏନେଇ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବିଧିବଦ୍ଧ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏଥିନିମନ୍ତେ ଆବଶ୍ୟକ ପଦାଧିକାରୀଙ୍କୁ ଅନୁରୋଧ ପ୍ରସ୍ତାବ ପଠାଯିବାକୁ ନିଷ୍ପତ୍ତି ନିଆଯାଇଛି। ମଧୁବାବୁଙ୍କ ସ୍ମୃତିରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଥିବାରୁ ଏଭଳି ପ୍ରସ୍ତାବର ପ୍ରାସଙ୍ଗିକତା ରହିଛି। ଏଥିସହ ରାଜ୍ୟର କୋଣ ଅନୁକୋଣରୁ ଆଇନଜୀବୀମାନେ ମଧୁବାବୁଙ୍କୁ ମରଣୋତ୍ତର ଭାରତ ରତ୍ନ ସମ୍ମାନ ପାଇଁ ଦାବି କରିଛନ୍ତି। ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ, ସଦସ୍ୟ ଦେବଦତ୍ତ ମିଶ୍ର, ପ୍ରସନ୍ନ ପାଢ଼ୀ ଓ ବିଭୁପ୍ରସାଦ ତ୍ରିପାଠୀଙ୍କ ଦ୍ୱାରା ଆଗତ ଏହି ପ୍ରସ୍ତାବ ଉପରେ ଗୁରୁତ୍ୱାରୋପ କରିବାକୁ ପରାମର୍ଶ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନାମ


@ ଉପାସନା



@ ମିତା


@ ପିଣ୍ଟୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଅଚ୍ୟୁତ ସାମନ୍ତଙ୍କୁ ୫୭ତମ ସମ୍ମାନସୂଚକ ଡକ୍ଟରେଟ

ଭୁବନେଶ୍ୱର, ୨୪।୪
(ଅସମାପିକା ସାହୁ)



ରାଜସ୍ଥାନ ଜୟପୁରର ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷାବିତ୍, ସାମାଜିକ କର୍ମୀ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଡକ୍ଟରେଟ ଅଫ୍ ସାଇନ୍ସ ପ୍ରଦାନ କରାଯାଇଛି। ବୁଧବାର ବିଶ୍ୱବିଦ୍ୟାଳୟର ୧୪ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି କିରଣ ବେଦୀଙ୍କ ଉପସ୍ଥିତିରେ ଡ. ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ଦିଆଯାଇଛି। ସାମନ୍ତ ଆଭାସିରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ତାଙ୍କ ପ୍ରତିନିଧି ମହିଳା ବିଶ୍ୱବିଦ୍ୟାଳୟରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହା ହେଉଛି ସାମନ୍ତଙ୍କ ୫୭ତମ ସମ୍ମାନସୂଚକ ଡକ୍ଟରେଟ। ଶିକ୍ଷା, ସମାଜସେବା ସହ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଜୟପୁରର ମହିଳା ବିଶ୍ୱବିଦ୍ୟାଳୟ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛି। କୌଣସି ମହିଳା ବିଶ୍ୱବିଦ୍ୟାଳୟରୁ ପ୍ରଥମଥର ଲାଗି ସେ ଏହି ସମ୍ମାନସୂଚକ ଡକ୍ଟରେଟ ହାସଲ କରିଛନ୍ତି। ଏହି ସମ୍ମାନରେ ଖୁସି ବ୍ୟକ୍ତ କରିବା ସହ ଡ. ସାମନ୍ତ ଜୟପୁରର ମହିଳା ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଜଣାଇଛନ୍ତି। ଏହି ସମ୍ମାନକୁ ସେ ନିଜ ମାଆ ନୀଳିମାରାଣୀ ଏବଂ କିଟ ଓ କିସ୍‌ର ଶିକ୍ଷୟିତ୍ରୀ, ଅଧ୍ୟାପିକା ଏବଂ ମହିଳା ପ୍ରଶାସନିକ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

# ସମ୍‌ରେ ହାପ୍ଲୋଆଇଡେଣ୍ଟିକାଲ ଏଚ୍‌ଏସ୍‌ସିଟି ପ୍ରତିରୋପଣ

## ରାଜ୍ୟରେ ପ୍ରଥମ

ଭୁବନେଶ୍ୱର,୨୪।୪(ଶର୍ମିଷ୍ଠା ପାଣିଗ୍ରାହୀ)


ହାପ୍ଲୋଆଇଡେଣ୍ଟିକାଲ ଏଚ୍‌ଏସ୍‌ସିଟି ପ୍ରତିରୋପଣ କରିଥିବା ଡାକ୍ତରୀ ଟିମ୍।

ଓଡ଼ିଶାରେ ପ୍ରଥମଥର ପାଇଁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ ଆଣ୍ଡ ସମ୍ ହସ୍ପିଟାଲର କ୍ଲିନିକାଲ ହେମାଟୋଲୋଜି ବିଭାଗ ପକ୍ଷରୁ ଆକ୍ୟୁଟ୍ ମାଇଲଏଡ୍ ଲ୍ୟୁକୋମିଆ (ଏଏମ୍‌ଏଲ୍) ସମସ୍ୟାରେ ପୀଡ଼ିତ ଜଣେ ୫୧ ବର୍ଷୀୟା ମହିଳାଙ୍କ ଶରୀରରେ ହାପ୍ଲୋଆଇଡେଣ୍ଟିକାଲ ହେମାଟୋପୋଇଟିକ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟେଶନ (ଏଚଏସ୍‌ସିଟି) ସଫଳତାର ସହ କରାଯାଇଛି। ଏହି ଏକ ପ୍ରକାର ଆଲୋଜେନିକ ପ୍ରତିରୋପଣ, ଯେଉଁଥିରେ ଡୋନରଙ୍କ ଅଧା ମେଳ ଖାଉଥିବା ସୁସ୍ଥ ଓ ରକ୍ତ ପ୍ରସ୍ତୁତକାରୀ କୋଷଗୁଡ଼ିକୁ ରୋଗୀର ଅସୁସ୍ଥ କୋଷ ବଦଳରେ ସ୍ଥାନିତ କରାଯାଏ। ବୁଧବାର ସମ୍ ହସ୍ପିଟାଲର କ୍ଲିନିକାଲ ହେମାଟୋଲୋଜି, ହେମାଟୋଅଙ୍କୋଲୋଜି ଏବଂ ହେମାଟୋପୋଇଟିକ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟ ବିଭାଗର ମୁଖ୍ୟ ପ୍ରଫେସର ଡା. ପ୍ରିୟଙ୍କା ସାମଲ ବୁଧବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡୋନର୍ ଜଣଙ୍କ ରୋଗୀଙ୍କର ଝିଅ ହୋଇଥିବା ବେଳେ ତାଙ୍କ ଶରୀରର ହ୍ୟୁମାନ ଲ୍ୟୁକୋସାଇଟ୍ ଆଣ୍ଟିଜେନ୍ସ (ଏଚ୍‌ଏଲ୍‌ଏ) ରୋଗୀଙ୍କ ସହିତ ଅଧା ମେଳ ଖାଇଥିଲା। ପ୍ରତିରୋପଣ ପରେ ରୋଗୀଙ୍କ ଶରୀରରେ କିଛିଟା ସମସ୍ୟା ଦେଖା ଦେଇଥିଲେ ମଧ୍ୟ ସେଗୁଡ଼ିକ ଖୁବ୍ ଭଲ ଭାବେ ତଥା ଶୀଘ୍ର ସୁଧାରି ଦିଆଯାଇଥିଲା। ରାଜ୍ୟରେ ପ୍ରଥମଥର ପାଇଁ ଏହି ସଫଳ ପ୍ରତିରୋପଣ ସୁଲଭ ଖର୍ଚ୍ଚରେ କରାଯାଇଛି ବୋଲି ସେ କହିଛନ୍ତି।

ପ୍ରତିରୋପଣ ସମ୍ପର୍କିତ ମୃତ୍ୟୁ ହାର ପ୍ରାୟ ୩୦ ପ୍ରତିଶତ ରହିଥିବାବେଳେ ଏଭଳି ମାମଲାରେ ରୋଗର ପୁନରାବର୍ତ୍ତନର ଆଶଙ୍କା ପ୍ରାୟ ୪୦ ପ୍ରତିଶତ ରହିଥାଏ। ରକ୍ତଦାନ ପରି ଷ୍ଟେମ୍ ସେଲ୍ ଦାନ କରିବା ରକ୍ତ କର୍କଟ ଓ ଅନ୍ୟାନ୍ୟ ରକ୍ତ ଜନିତ ରୋଗର ଚିକିତ୍ସା ନିମନ୍ତେ ଅତ୍ୟନ୍ତ ସାହାଯ୍ୟକାରୀ। ତେଣୁ ଜନସାଧାରଣ ସେମାନଙ୍କ ଷ୍ଟେମ ସେଲ୍ ଦାନ କରିପାରିବେ। ଜଣେ ବ୍ୟକ୍ତି ନିଜର ଷ୍ଟେମ୍ ସେଲ ଦାନ କରିବାର ୭ ଦିନ ମଧ୍ୟରେ ଶରୀରରେ ପୁଣି ସୃଷ୍ଟି ହୋଇଥାଏ ବୋଲି ସେ କହିଥିଲେ। ଆୟୋଜିତ ଖବରଦାତା ସମ୍ମିଳନୀରେ ହସ୍ପିଟଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ପୁଷ୍ପରାଜ ସାମନ୍ତସିଂହାର, ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ଡା. ଗିରିଜାନନ୍ଦିନୀ କାନୁନ୍‌ଗୋ ଏବଂ ହେମାଟୋ ଆଇସିୟୁର ଇନ୍‌ଚାର୍ଜ ଡା. ସନ୍ତୋଷ କୁମାର ସିଂହ ଉପସ୍ଥିତ ଥିଲେ।

# ଲୁଙ୍ଗି ଡ୍ୟାନ୍ସ ନୁହେଁ, ରାଜନୀତି




ଭୁବନେଶ୍ୱର, ୨୪।୪
(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୁଙ୍ଗି ପିନ୍ଧା କ୍ୟାମ୍ପେନ୍ ଭିଡିଓ ଭାଇରାଲ ହେବା ପରଠାରୁ ରାଜ୍ୟରେ ନିର୍ବାଚନୀ ପାଣିପାଗରେ ଟ୍ରେଣ୍ଡ କରୁଛି ଲୁଙ୍ଗି ବନାମ ଧୋତିର ଲଢ଼େଇ। ଏମିତି ବି ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରିଥିବା ଭାଜପା ଲୁଙ୍ଗି ପିନ୍ଧା ଘଟଣାକୁ ନେଇ ବିଜେଡିକୁ ଘେରିଛି। ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଜୋର୍‌ଦାର ଚର୍ଚ୍ଚା ଚାଲିଛି।

ନବୀନ ସୋମବାର ସନ୍ଧ୍ୟାରେ ଉଭୟ ବିଧାନସଭା ଏବଂ ଲୋକ ସଭା ଭୋଟ ଶଙ୍ଖ ଚିହ୍ନରେ ଦେବାକୁ କହୁଥିବାର ଭିଡିଓ ବିଜେଡି ନେତାମାନେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଏହାକୁ ନେଇ ମଙ୍ଗଳବାର ଝାରସୁଗୁଡ଼ା ଜିଲା ଲଇକେରାଠାରେ ଆୟୋଜିତ ଭାଜପାର ମିଶ୍ରଣ ପର୍ବରେ କଟାକ୍ଷ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ନବୀନ ବାବୁଙ୍କୁ ଲୁଙ୍ଗି ପିନ୍ଧାଇବା ବଦଳରେ ପାଇଜାମା ପିନ୍ଧାଇ ଆଣିଥିଲେ ଭଲ ହୋଇଥାଆନ୍ତା। ଏହାପରେ ମଙ୍ଗଳବାର ସନ୍ଧ୍ୟାରେ ବିଜେଡି ଖବରଦାତା ସମ୍ମିଳନୀ କରି ଏହାର ଜବାବ ଦେଇଥିଲା। ଏଥିରେ ବିଜେଡିର ମୁଖପାତ୍ର ଏବଂ ପାନେଲିଷ୍ଟ ଲୁଙ୍ଗି ପିନ୍ଧି ମଞ୍ଚ ଉପରକୁ ଆସି ଧର୍ମେନ୍ଦ୍ରଙ୍କୁ ସମାଲୋଚନା କରିବା ସହ ଗଣମାଧ୍ୟମ ସମ୍ମୁଖରେ ଫଟୋ ପୋଜ୍ ଦେଇଥିଲେ। ଡ୍ରେସ୍ କୋଡ୍ ପଛରେ ବିଜେଡି ଯୁକ୍ତି ବାଢ଼ିଥିଲା ଯେ, ବୁଣାକାରଙ୍କୁ ସମର୍ଥନ ସହ ଓଡ଼ିଶାର ପରମ୍ପରା ଓ ସଂସ୍କୃତିର କଥା ବଖାଣୁଛି। ତେବେ ରାଜ୍ୟ ରାଜନୀତିରେ ଲୁଙ୍ଗି ଚର୍ଚ୍ଚା ଏତିକିରେ ଥମି ନ ଥିଲା। ବରିଷ୍ଠ ଭାଜପା ନେତା ସଜ୍ଜନ ଶର୍ମା ତାଙ୍କ 'ଏକ୍ସ' ଆକାଉଣ୍ଟରେ ଲୁଙ୍ଗି କ'ଣ ଆମ ସଂସ୍କୃତି କି ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ରାଜ୍ୟ ଭାଜପାର ଅନେକ ନେତା ଲୁଙ୍ଗି ନୁହଁ, ବରଂ ଧୋତି ଆମ ଓଡ଼ିଶାର ସ୍ୱାଭିମାନ ଏବଂ ଅସ୍ମିତାର ପରିଚୟ ବୋଲି ଲେଖିଛନ୍ତି।

ଏଭଳି ସ୍ଥିତିରେ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଏବଂ ଟୁଇଟରରେ ଏବେ ସାଧାରଣ ଲୋକ ଲୁଙ୍ଗି ଏବଂ ଧୋତିକୁ ନେଇ ଜୋର୍‌ଦାର ଚର୍ଚ୍ଚା ଆରମ୍ଭ କରିଛନ୍ତି। କେତେଜଣ ନବୀନଙ୍କ ଲୁଙ୍ଗି ପିନ୍ଧା କଥାକୁ ସମର୍ଥନ କରୁଥିବା ବେଳେ ଆଉ କେତେକେ ଧୋତି ଆମ ସଂସ୍କୃତି ବୋଲି କହିବାରେ ଲାଗିଛନ୍ତି।



## ଭାଜପାରେ ଭକ୍ତିପ୍ରସାଦ, ମହେଶ

ଅନୁଗୋଳ,୨୪।୪(ଅମିତ ସାମଲ)

ବିଜେଡି ଛାଡ଼ିଥିବା ଅନୁଗୋଳ ଜିଲାର ବରିଷ୍ଠ ନେତା ଭକ୍ତିପ୍ରସାଦ ଦାସ ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। ତାଙ୍କ ସହ ବିଜେଡିରୁ ଇସ୍ତଫା ଦେଇଥିବା ବରିଷ୍ଠ ନେତ୍ରୀ ମୀରା ଗଡ଼ନାୟକ, ରାଜ୍ୟ ଯୁବ ବିଜେଡି ଉପସଭାପତି ପ୍ରକାଶ ଚନ୍ଦ୍ର ଭୋଇ, ଡିଜିଟାଲ ସମ୍ପାଦକ ପ୍ରଶାନ୍ତ କୁମାର ଦେହୁରୀ, ବିଜେଡି ଜିଲା ସାଧାରଣ ସମ୍ପାଦକ ରାହୁଲ ମହାପାତ୍ର, ବଉଲିଗଡ ସରପଞ୍ଚ ଅମରେନ୍ଦ୍ର ଗଡନାୟକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଅନୁଗୋଳ ରାଣୀଗୋଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟରେ ବୁଧବାର ରାତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏହି ନେତାମାନେ ଭାଜପାରେ ସାମିଲ ହୋଇଥିଲେ।

## ଭାଜପା ଯାଇ କଂଗ୍ରେସ ଫେରିଲେ ବିଶ୍ୱଭୂଷଣ

ଭୁବନେଶ୍ୱର, ୨୪।୪(ସୁନିତ୍ ମିଶ୍ର)

କଂଗ୍ରେସରେ ବିଧିବଦ୍ଧ ଭାବେ କାକଟପୁର ନେତା ବିଶ୍ୱଭୂଷଣ ଦାସ ଯୋଗଦେଇଛନ୍ତି। କିଛିଦିନ ତଳେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିବା ବିଶ୍ୱଭୂଷଣ ୧୫ ଦିନ ମଧ୍ୟରେ ପୁନଶ୍ଚ କଂଗ୍ରେସକୁ ଫେରିଆସିଛନ୍ତି। ପିସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା ଓ ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ମୁଖପାତ୍ର ମନୋରଞ୍ଜନ ଦାଶଙ୍କ ଉପସ୍ଥିତିରେ ସେ ବୁଧବାର କଂଗ୍ରେସରେ ସାମିଲ ହୋଇଛନ୍ତି। ବିଶ୍ୱଭୂଷଣ କହିଛନ୍ତି, ୨୦୨୪ ନିର୍ବାଚନରେ ଜିତିବା ପାଇଁ ଭାଜପା ତାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ କାକଟକପୁରବାସୀଙ୍କର ସ୍ୱାର୍ଥ ପାଇଁ ଦଳରେ ଯୋଗଦେବା ନିହାତି ଦରକାର ବୋଲି ପ୍ରବର୍ତ୍ତାଇଥିଲେ। ସେ ମଧ୍ୟ ଦୁର୍ବଳ ମୁହୂର୍ତ୍ତରେ ଠିକ୍ ବିଚାରକରି ନ ପାରି କାକଟପୁରବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଭାଜପାରେ ମିଶିଥିଲେ ଯାହା ତାଙ୍କର ସବୁଠୁ ବଡ଼ ଭୁଲ୍ ନିଷ୍ପତ୍ତି ଥିଲା ବୋଲି ସେ କହିଛନ୍ତି।

# ମୋକିମଙ୍କ ଝିଅ ସୋଫିଆ ଲଢ଼ିପାରନ୍ତି ନିର୍ବାଚନ

କଟକ, ୨୪।୪(ଶିକ୍ଷା ପ୍ରିୟଦର୍ଶିନୀ)

ଆସନ୍ତା ନିର୍ବାଚନ ପାଇଁ ବାରବାଟୀ-କଟକ କଂଗ୍ରେସକୁ ଚିନ୍ତା ଘାରିଛି। ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ଜାମିନକୁ ସୁପ୍ରିମକୋର୍ଟ ମଞ୍ଜୁର କରିଛନ୍ତି ହେଲେ ନିମ୍ନ ଅଦାଲତଙ୍କ ରାୟ ନେଇ ସୁପ୍ରିମକୋର୍ଟ ସ୍ଥଗିତାଦେଶ କଦେଇନାହାନ୍ତି। ଏନେଇ ବୁଧବାର କଟକ ସେଲ୍‌ଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ କର୍ମୀଙ୍କୁ ନେଇ ସକାଳେ ବୈଠକ ହୋଇଥିଲା। ଏଥିରେ ବରିଷ୍ଠ ନେତୃବୃନ୍ଦ ଓ କର୍ମୀମାନେ ଯୋଗଦେଇଥିଲେ। ମୋକିମ ନିର୍ବାଚନ ଲଢ଼ିପାରିବେନି ବୋଲି ସ୍ପଷ୍ଟ ହେବା ପରେ ଏହି ବୈଠକ ହୋଇଥିଲା। ସନ୍ଧ୍ୟାରେ ସମସ୍ତ କର୍ମୀଙ୍କୁ ନେଇ ଅନୁରୂପ ବୈଠକ ବସିଥିଲା। ଏଥିରେ ମୋକିମଙ୍କ ଝିଅ ସୋଫିଆ ଫିରଦୋସ୍ ଯୋଗଦେଇ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ କର୍ମୀମାନେ ସୋଫିଆଙ୍କୁ ସମ୍ବର୍ଦ୍ଧିତ କରି ସ୍ୱାଗତ ଜଣାଇଛନ୍ତି। ବୈଠକରେ ମୋକିମ କର୍ମୀମାନଙ୍କୁ କଂଗ୍ରେସର ଗଡ଼ ବଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏଭଳି ସମୟରେ କର୍ମୀମାନେ ଏକ୍‌ଜୁଟ ହୋଇ କଟକର ଝିଅ ଓ ବୋହୂଙ୍କୁ ଆପଣାଇଥିବାରୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ସୋଫିଆ କହିଛନ୍ତି, ଏଭଳି ସମୟରେ କଂଗ୍ରେସ ସହ ଯୋଡି ହୋଇଥିବାରୁ



ବୈଠକରେ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିରଦୋସ୍ ଉଦ୍‌ବୋଧନ ଦେଉଛନ୍ତି।

### କଟକ କଂଗ୍ରେସ କାର୍ଯ୍ୟାଳୟରେ ବୈଠକ, ସୋଫିଆଙ୍କ ନାଁ ପ୍ରସ୍ତାବ ଦେଲେ କର୍ମୀ

ହୃଦୟରୁ ଧନ୍ୟବାଦ ଜଣାଉଛି। କଟକରେ ମୋ ଜନ୍ମ ଏବଂ କଟକର ମୁଁ ବୋହୂ। ପୂର୍ବରୁ ବାପାଙ୍କ ପାଇଁ ପ୍ରଚାର କରୁଥିଲି। ସେଥିପାଇଁ ରାଜନୀତିରେ ମୁଁ ନୂଆ ନୁହେଁ। କର୍ମୀମାନେ ନେଇଥିବା ନିଷ୍ପତ୍ତିକୁ ଗ୍ରହଣ କଲି, ବାକି ନିଷ୍ପତ୍ତି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନେବେ। ଚଳିତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ଡବଲ ମାର୍ଜିନ୍‌ରେ ଜିତାଇବା ପାଇଁ ସଂକଳ୍ପ ନେବା ବୋଲି ସୋଫିଆ କହିଛନ୍ତି। ଅପରପକ୍ଷରେ ମୋକିମ କହିଛନ୍ତି, ବୈଠକରେ କର୍ମୀମାନେ ସୋଫିଆଙ୍କ ନାଁ ପ୍ରସ୍ତାବ ଦେଇଛନ୍ତି। ଏ ସମ୍ପର୍କରେ ପିସିସି ସଭାପତିଙ୍କୁ ଅବଗତ କରାଯିବ। ସେ ଯାହା ନିଷ୍ପତ୍ତି ନେବେ ସେଥିରେ ଆମେ ସହମତ ହେବୁ। କଂଗ୍ରେସ ପାଇଁ ଦୀର୍ଘ ସମୟ ହେବ କାମ କରିଆସୁଛି, ଆଗକୁ ମଧ୍ୟ କରିବି। କଟକ ସହରରେ ନିର୍ବାଚନ ଏକପାଖିଆ ହେବା ସୁନିଶ୍ଚିତ ବୋଲି ମୋକିମ କହିଛନ୍ତି। ଏହି ବୈଠକରେ ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ବରିଷ୍ଠ ନେତ୍ରୀ ଶୈଳଭାମା ଜେନା, ଚାରୁଲତା ସାହୁ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଜନାର୍ଦ୍ଦନ ପରିଡା, ଲିଜାରାଣୀ ମହାପାତ୍ର, କଟକ ଜିଲା ମହିଳା ସଭାପତି ଅମ୍ରିତା ଦାସଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଗୋଷ୍ଠୀ କନ୍ଦଳରୁ ଫାଇଦା ଉଠାଇବାକୁ ପ୍ରୟାସ

ଖୋର୍ଦ୍ଧା/ବାଲିପାଟଣା,୨୪।୪
(ପ୍ରଭାତ ପାଣିଗ୍ରାହୀ/ଅଭିମନ୍ୟୁ ନାୟକ)

### ଜୟଦେବ ବିଧାନସଭା ଆସନ


ଅରବିନ୍ଦ ଢାଲି


କୃଷ୍ଣଚନ୍ଦ୍ର ଶଗରିଆ


ନବକିଶୋର ମଲ୍ଲିକ

ଭୁବନେଶ୍ୱର ଲୋକ ସଭା ସଂସଦୀୟ କ୍ଷେତ୍ରରେ ଜୟଦେବ ନିର୍ବାଚନମଣ୍ଡଳୀ ଅନୁସୂଚିତ ଜାତି (ଏସ୍‌ସି) ପାଇଁ ସଂରକ୍ଷିତ ରହିଛି। ଗତ ୩ଟି ନିର୍ବାଚନରେ ଏହି ଆସନ ବିଜେଡି ଦଖଲରେ ରହିଆସିଛି। ୨୦୦୯ରେ ଅରବିନ୍ଦ ଢାଲି, ୨୦୧୪ରେ ଶଶିଭୂଷଣ ବେହେରା ଓ ୨୦୧୯ରେ ପୁଣି ଅରବିନ୍ଦ ଢାଲି ବିଧାୟକ ହୋଇଥିଲେ। ଚଳିତ ନିର୍ବାଚନରେ ଢାଲି ବିଜେଡି ଛାଡ଼ି ଭାଜପାରେ ଯୋଗଦେବା ପରେ ଭାଜପା ତାଙ୍କୁ ଏଠାରୁ ପ୍ରାର୍ଥୀ କରିଛି। ୨୦୧୯ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଭାବେ ଲଢ଼ି ନବକିଶୋର ମଲ୍ଲିକ ୪୪,୩୦୦ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଚଳିତ ନିର୍ବାଚନରେ ବିଜେଡି ନବଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ପ୍ରଥମେ ଏଠାରୁ ଜୟନ୍ତ ଭୋଇଙ୍କୁ ଟିକେଟ ଦେଇଥିବାବେଳେ ପରବର୍ତ୍ତୀ ସମୟରେ ପ୍ରାର୍ଥୀ ପରିବର୍ତ୍ତନ କରି କୃଷ୍ଣଚନ୍ଦ୍ର ଶଗରିଆଙ୍କୁ ପ୍ରାର୍ଥୀ କରିଛି। ୨୦୨୪ ନିର୍ବାଚନରେ ଏଠାରେ ୨ ବାହାର ନେତା ଢାଲି, ଶଗରିଆଙ୍କ ସହ ନବଙ୍କ ଲଢ଼େଇ ହୋଇପାରେ ବୋଲି କୁହାଯାଉଛି। ଢାଲିଙ୍କ ଟିକେଟ ଘୋଷଣା ପରଠାରୁ ସେ ବିରୋଧର ସମ୍ମୁଖୀନ ହେଉଛନ୍ତି। ତାଙ୍କ ପ୍ରାର୍ଥୀତ୍ୱକୁ ନେଇ ଗୋଟିଏ ଗୋଷ୍ଠୀ ଅସନ୍ତୁଷ୍ଟ ଅଛନ୍ତି। ସେପଟେ କଂଗ୍ରେସ ପ୍ରାର୍ଥୀ ଶଗରିଆଙ୍କୁ ମଧ୍ୟ ସ୍ଥାନୀୟ ଅସନ୍ତୁଷ୍ଟ ଗୋଷ୍ଠୀ ବିରୋଧ କରିଛନ୍ତି। କୌଣସି ବାହାର ଲୋକଙ୍କୁ ଜୟଦେବରେ ଠିଆ ହେବାକୁ ଦିଆଯିବନାହିଁ, ପ୍ରାର୍ଥୀ ପରିବର୍ତ୍ତନ କରା ନ ଗଲେ ସ୍ଥାନୀୟସ୍ତରରେ ଏହାର ତୀବ୍ର ବିରୋଧ କରାଯିବ ବୋଲି କଂଗ୍ରେସର ଗୋଟିଏ ଗୋଷ୍ଠୀ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି।

ଗତ ନିର୍ବାଚନରେ ଲୋକ ସଭା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ୭୭,୦୦୨ ଭୋଟ ପାଇଥିବାବେଳେ ଭାଜପାର ଅପରାଜିତା ଷଡ଼ଙ୍ଗୀ ୫୬,୩୮୬ ଖଣ୍ଡ ଭୋଟ ପାଇଥିଲେ। ଏଠାରେ ବିଜେଡିର ଭୋଟହାର ଅଧିକା ରହିଥିବାବେଳେ ଚଳିତ ନିର୍ବାଚନରେ ମଧ୍ୟ ବିଜେଡି ଏହାକୁ ହାତଛଡ଼ା କରିବାକୁ ଚାହୁଁନି। ବିରୋଧୀଙ୍କ ଗୋଷ୍ଠୀକନ୍ଦଳର ଗୋଳିଆପାଣିରୁ ଫାଇଦା ଉଠାଇବା ପାଇଁ ବିଜେଡି ତା'ର ରଣନୀତି ଆରମ୍ଭ କରି ଦଳୀୟକର୍ମୀଙ୍କୁ ଏକାଠି କରିଚାଲିଛି।

ସୂଚନାଯୋଗ୍ୟ, ଅରବିନ୍ଦ ଢାଲି ମାଲକାନଗିରିରୁ ଆସିବା ପରେ ଏଠାରେ ବାଲିପାଟଣା ବ୍ଲକ ଗାରେଡ଼ିପାଞ୍ଚଣ ପଞ୍ଚାୟତରେ ଜାଗା କିଣି ବିଶ୍ୱନାଥପୁର ଗାଁର ବାସିନ୍ଦା ବୋଲି ନିଜକୁ ପରିଚୟ ଦେଇ ଭୋଟ ହାତେଇବାକୁ ଯୋଜନା କରୁଛନ୍ତି। କୁହାଯାଏ, ପ୍ୟାରୀମୋହନ ମହାପାତ୍ରଙ୍କ ଛତ୍ରଛାୟା ତଳେ ୨୦୦୯ରେ ରହି ସେ ଏଠାରୁ ଲଢ଼ି ବିଧାୟକ ହୋଇଥିଲେ। ଚଳିତ ନିର୍ବାଚନରେ ଦଳରୁ ସେ ଆସ୍ଥା ହରାଇବା ପରେ ଟିକେଟରୁ ବଞ୍ଚିତ ହେବା ଜାଣି ଭାଜପାରେ ଯୋଗଦେଇ ଟିକେଟ ହାତେଇଛନ୍ତି। ସେପଟେ କଂଗ୍ରେସ ଦଳିତ ଭୋଟ ହାତେଇବା ଲକ୍ଷ୍ୟରେ ପ୍ରଥମେ ବାଲିପାଟଣା ବ୍ଲକ ବାସିନ୍ଦା ଜୟନ୍ତ ଭୋଇଙ୍କୁ ପ୍ରାର୍ଥୀ କରିଥିବା ବେଳେ ତାଙ୍କ ପରିବର୍ତ୍ତେ କୋରାପୁଟରୁ ଆମଦାନୀ ନେତା ଶଗରିଆଙ୍କୁ ଟିକେଟ ଦେଇଛି। ଦେଖିବାକୁ ଗଲେ ବିଜେଡି ପ୍ରାର୍ଥୀ ନବ ସ୍ଥାନୀୟ ଅଧିବାସୀ ଓ ସେ ବାଲିଅନ୍ତା ବ୍ଲକର ବାସିନ୍ଦା।

# ସରକାରୀ ଅଧିକାରୀଙ୍କୁ ଧମକାଉଛି ଭାଜପା

ଭୁବନେଶ୍ୱର,୨୪।୪(ଅନିଲ ଦାସ)

### ସିଇଓଙ୍କୁ ଫେରାଦ ହେଲା ବିଜେଡି

ସରକାରୀ ଅଧିକାରୀଙ୍କୁ ଫୋନ କରି ଭାଜପା ବାରମ୍ବାର ଧମକାଉଥିବା ବିଜେଡି ଅଭିଯୋଗ କରିଛ। କେତେବେଳେ ଫୋନ ଯୋଗେ ବିଡିଓ, ତହସିଲଦାର ଓ ପୋଲିସକୁ ଧମକ ତ ପୁଣି କେଉଁଠି ଖୋଲା ମଞ୍ଚରେ ଧମକ ଦିଆଯାଉଛ। ତାହା ପୁଣି ଭାରତର ନିର୍ବାଚନ କମିଶନଙ୍କ ନାଁ ନେଇ ଧମକ ଦିଆଯାଉଛି। ନିର୍ବାଚନରେ ଭାଜପା ପାଇଁ କାମ କରିବାକୁ ଚାପ ପକାଯାଉଛି, ଯାହା ସରକାରୀ ଅଧିକାରୀଙ୍କ ମନୋବଳ ଭାଙ୍ଗି ଦେଉଛ। ଏ ନେଇ ବିଜେଡି ପୁଣି ଥରେ ବୁଧବାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ଏହା ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ସିଇଓଙ୍କ ନିକଟରେ ଦଳ ଦାବି କରିଛି।

ପରାଜୟ ଭୟରେ ଆଇନ ଉଲ୍ଲଂଘନ କରିବା ରାଜ୍ୟ ଭାଜପାର ଅଭ୍ୟାସରେ ପରିଣତ ହେଲାଣି। ନିର୍ବାଚନ ନିୟମକୁ ନ ମାନି ପିଲାମାନଙ୍କୁ ଭାଜପା ରାଲିରେ ବ୍ୟବହାର କରୁଥିବାର ବିଭିନ୍ନ ନଜିର ରହିଛି। ଯାହାର ପ୍ରମାଣ ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ବିଜେଡି ଉପସ୍ଥାପନ କରିଛି। ଏପରି କି କେନ୍ଦ୍ର ସରକାରଙ୍କ ଅଫିସକୁ ବି ରାଜନୈତିକ ପ୍ଲାଟଫର୍ମ ଭାବେ ଭାଜପା ବ୍ୟବହାର କରିବାକୁ ପଛାଇ ନାହିଁ ବୋଲି ବିଜେଡି ଅଭିଯୋଗ କରିଛି।

# ବଦଳିଲେ ବରଗଡ଼ ଆର୍‌ଏମ୍‌ସି ସମ୍ପାଦକ

ଭୁବନେଶ୍ୱର,୨୪।୪(ଅନିଲ ଦାସ)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୁପାରିସ କ୍ରମେ ରାଜ୍ୟ ସରକାର ବରଗଡ଼ ସମବାୟ ସମିତି ସବ୍ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ତଥା ରେଗୁଲେଟେଡ ମାର୍କେଟିଂ କମିଟି(ଆର୍‌ଏମ୍‌ସି)ର ସମ୍ପାଦକ ଦୁର୍ଗା ପ୍ରସାଦ ଛୁରିଆଙ୍କୁ ବଦଳି କରିଛନ୍ତି। ତାଙ୍କୁ କଣ୍ଟାବାଞ୍ଜି ଆର୍‌ଏମ୍‌ସି ସେକ୍ରେଟାରି ଭାବେ ବଦଳି କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ସେଠାରେ ଡେପୁଟେଶନରେ ରହିବେ। ଏଠାରେ ସୂଚନାଯୋଗ୍ୟ ଯେ ତାଙ୍କୁ ବଦଳି କରିବାକୁ ଭାଜପାର ଏକ ପ୍ରତିନିଧିମଣ୍ଡଳୀ ନିକଟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲା।

# 'ହିଞ୍ଜିଳି ଦାଦନଙ୍କ ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ କରନ୍ତୁ'

ଆଠମଲ୍ଲିକ,୨୪।୪
(ଉଦୀପ୍ତ ପୁରୋହିତ)

### ଆଠମଲ୍ଲିକରୁ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ଅନୁଗୋଳ ଜିଲାର ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ବୁଧବାର ନିର୍ବାଚନ ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଭାଜପା ଏମ୍‌ପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ। ବିଗତ ବର୍ଷମାନଙ୍କରେ ହିଞ୍ଜିଳିରୁ କେତେଜଣ ଲୋକ ଦାଦନ ଯାଇଛନ୍ତି, ସେ ସମ୍ପର୍କରେ ସାମାଜିକ ସଙ୍ଗଠନର ଦାବି କ୍ରମେ ମୁଖ୍ୟମନ୍ତ୍ରୀ ଶ୍ୱେତପତ୍ର ପ୍ରକାଶ କରିବେ କି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆଠମଲ୍ଲିକ ନିର୍ବାଚନମଣ୍ଡଳୀର କିଆକଟା ଓ ମାଧପୁର ସମେତ ବିଭିନ୍ନ ସ୍ଥାନରେ ପଦଯାତ୍ରା ଏବଂ ୬୦ କି.ମି. ରୋଡ' ଶୋ ମାଧ୍ୟମରେ ନିର୍ବାଚନ ପ୍ରଚାର କରିଥିଲେ। ଏହି ଅବସରରେ ସେ କହିଥିଲେ, ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲହର ଚାଲିଛି ଓ ପରିବର୍ତ୍ତନର ଧାରା ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମାତୃଶକ୍ତି, ଯୁବବନ୍ଧୁଙ୍କ ଯୋଗଦାନ ପ୍ରମାଣିତ କରୁଛି ଯେ ୨୪ ବର୍ଷ ଧରି ଦୁର୍ନୀତି, ଅନ୍ୟାୟ, ଅତ୍ୟାଚାର କରି ଆସିଥିବା ସରକାର ବିରୋଧରେ ଲୋକେ ଏଥର ନିର୍ଣ୍ଣାୟକ ମତ ଦେବେ। ଏଥର ଲୋକକଲ୍ୟାଣକାରୀ ସରକାର ପ୍ରତିଷ୍ଠା ହେବ। ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। ମହାନଦୀ ଅବବାହିକାରେ ଥିବା ଜିଲାଗୁଡ଼ିକରେ ପିଇବା ପାଣି ଓ ଜଳସେଚନର ଅଭାବ ରହିଛି। ଶିକ୍ଷା ଓ ସ୍ୱାସ୍ଥ୍ୟସେବା ନାମକୁ ମାତ୍ର। ରାଜ୍ୟ ସରକାର ଜାଣିଶୁଣି ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ହିଞ୍ଜିଳିରେ ନିର୍ବାଚନ ପ୍ରଚାର କରିଛନ୍ତି। ସେ ଏଥର କଣ୍ଟାବାଞ୍ଜିରେ ମଧ୍ୟ ଛିଡ଼ା ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସାମାଜିକ ସଙ୍ଗଠନ ପକ୍ଷରୁ ଏକ ଦାବି ଉଠିଛି। ହିଞ୍ଜିଳିରୁ କେତେ ଦାଦନ ଯାଇଛନ୍ତି, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ସଙ୍ଗଠନଗୁଡ଼ିକ ଦାବି କରିଥିବା କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହି ନିର୍ବାଚନ ପ୍ରଚାର ବେଳେ କେନ୍ଦ୍ରମନ୍ତ୍ରୀ ଦେଉଳଝରୀ ନିକଟ ସିଦ୍ଧେଶ୍ୱର ବାବା, ଆଠମଲ୍ଲିକର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ, ଓଳଥରେ ଥିବା ରାମ ମନ୍ଦିରରେ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ।






ହିଞ୍ଜିଳିରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ନାରୀଶକ୍ତି ଓ ଯୁବବର୍ଗ।

# ରୋଚକ ସ୍ଥିତିରେ ତ୍ରିମୁଖୀ ଲଢ଼େଇ

## ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

ନୟାଗଡ଼,୨୪।୪(ଲୋକନାଥ ମିଶ୍ର)

ନୟାଗଡ଼ ବିଧାନସଭା କ୍ଷେତ୍ରରେ ବିଧାୟକ ଅରୁଣ କୁମାର ସାହୁଙ୍କ ଅପରାଜେୟ ରେକର୍ଡ ଭାଙ୍ଗିବାକୁ ଭାଜପା ଓ କଂଗ୍ରେସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଅରୁଣ ଏଠାରୁ ଲଗାତର ୪ ଥର ବିଜୟୀ ହୋଇଥିବାବେଳେ ଏଥର ମଧ୍ୟ ବିଜେଡି ଗଡ଼କୁ ସୁରକ୍ଷିତ ରଖିବା ଲାଗି ଚେଷ୍ଟା ଚଳାଇଛନ୍ତି। ୨୦୦୦ ମସିହାରୁ ଏହି ନିର୍ବାଚନମଣ୍ଡଳୀ ବିଜେଡି ଗଡ଼ ଭାବେ ପରିଚିତ ହୋଇ ଆସୁଛି। ଭାଜପା, କଂଗ୍ରେସ ବିଭିନ୍ନ ରଣନୀତି ଆପଣାଯାଇଥିଲେ ମଧ୍ୟ ବିଜେଡି ପ୍ରାର୍ଥୀଙ୍କୁ ପରାସ୍ତ କରିପାରିନାହାନ୍ତି। ତେବେ ଚଳିତ ନିର୍ବାଚନରେ ପରିବର୍ତ୍ତନର ନାରା ଦେଇ ଭାଜପା ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ କଂଗ୍ରେସ ପ୍ରାର୍ଥୀ ରଣଜିତ ଦାଶ ଲଢ଼େଇକୁ ଜୋରଦାର୍ କରିଛନ୍ତି। ଅପରପକ୍ଷରେ ରେକର୍ଡକୁ ମଜଭୁତ ତଥା ବିରୋଧୀଙ୍କ ରଣନୀତିକୁ ସାମ୍ନା କରିବା ଲାଗି ଅରୁଣଙ୍କ ଗୋଟିଚାଳନା ଏଥର ନିର୍ବାଚନକୁ ରୋଚକ ସ୍ଥିତିରେ ପହଞ୍ଚାଇଛି।

୧୯୯୦ରୁ ୨୦୧୯ ନିର୍ବାଚନକୁ ଅନୁଧ୍ୟାନ କଲେ ପୂର୍ବତନ ମନ୍ତ୍ରୀ ଭାଗବତ ବେହେରା ୨ ଥର, ଅରୁଣ ସାହୁ ୪ଥର, କଂଗ୍ରେସର ସୀତାକାନ୍ତ ମିଶ୍ର ମାତ୍ର ଥରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ମୋଟାମୋଟି ଭାବେ ନୟାଗଡ଼ ନିର୍ବାଚନମଣ୍ଡଳୀ ଜନତା ଦଳ ଓ ବିଜୁ ଜନତା ଦଳର ଦୁର୍ଗ ହୋଇ ରହିଛି। କେବଳ ୧୯୯୫ରେ କଂଗ୍ରେସ ପ୍ରାର୍ଥୀ ସୀତାକାନ୍ତ ମିଶ୍ରଙ୍କ ଠାରୁ ଭାଗବତ ପରାସ୍ତ ହୋଇଥିଲେ। ତେବେ ଭାଗବତଙ୍କ ପରଲୋକ ପରେ ତାଙ୍କ ସ୍ତ୍ରୀ ମନ୍ଦାକିନୀ ବେହେରା ଉପନିର୍ବାଚନରେ ବିଜୟୀ ହୋଇ ଦୁର୍ଗକୁ ରକ୍ଷା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବିଜେଡିର ଅରୁଣ ସାହୁ ଲଗାତାର ବିଜୟୀ ହୋଇ ନିଜର ଅପରାଜେୟ ରେକର୍ଡ ସୃଷ୍ଟି କରିଛନ୍ତି। ତେବେ ଚଳିତ ନିର୍ବାଚନରେ ଅରୁଣ ବିଜୟୀ ହେବା ପାଇଁ ଉଦ୍ୟମ ଚଳାଇଛନ୍ତି। ଦଳର ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, କର୍ମକର୍ତ୍ତା, କର୍ମୀଙ୍କ ସହ ଗାଁ ଓ ସହର ବୁଲି ଭୋଟ ପ୍ରଚାର କରୁଛନ୍ତି। ବିରୋଧୀ ଦଳରୁ ନେତା ଓ କର୍ମୀଙ୍କୁ ଆଣି ବିଜେଡିରେ ମିଶାଉଛନ୍ତି।

ଭାଜପା ପ୍ରାର୍ଥୀ ପ୍ରତ୍ୟୁଷା ବି ପଛରେ ପଡ଼ିନାହାନ୍ତି। କନ୍ଧମାଳର ତତ୍କାଳିନ ଏମ୍‌ପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ପରଲୋକ ପରେ ତାଙ୍କ ସ୍ତ୍ରୀ ପ୍ରତ୍ୟୁଷା ରାଜନୀତିରେ ପାଦ ଥାପିଥିଲେ। ସେ ବିଜେଡି ଟିକେଟ୍‌ରେ ବିଜୟୀ ହୋଇ ଏମ୍‌ପି ହୋଇଥିଲେ। ପରେ ବିଜେଡିରୁ ଇସ୍ତଫା ଦେଇ ଭାଜପା ସଙ୍ଗଠନ କରିଥିଲେ। ଏବେ ଭାଜପା ପ୍ରାର୍ଥୀ ହୋଇ ଅରୁଣଙ୍କୁ ହରାଇବାକୁ ଦିନ ରାତି ଏକ କରି ଦେଇଛନ୍ତି। ଅପରପକ୍ଷେ କଂଗ୍ରେସ ପ୍ରାର୍ଥୀ ରଣଜିତ ଦାଶ ଜିଲା ସଭାପତି ପଦରେ ଥାଇ ନୟାଗଡ଼ରୁ ଟିକେଟ ହାତେଇବାରେ ସଫଳ ହୋଇଛନ୍ତି। ନିର୍ବାଚନ ପୂର୍ବରୁ ରଣଜିତ ବିଭିନ୍ନ ପ୍ରସଙ୍ଗ ନେଇ ବିଜେଡି ଓ ଭାଜପାକୁ ଘେରି ଅଡୁଆରେ ପକାଇଛନ୍ତି। ପ୍ରାର୍ଥୀ ହେବା ପରେ ମାଟିର ପୁଅ ହିସାବରେ ଭୋଟ ନେବା ପାଇଁ ଆଞ୍ଚଳିକ କାର୍ଡ ଖେଳିଛନ୍ତି। ୨୦୨୪ ନିର୍ବାଚନକୁ ଦେଖିଲେ ନୟାଗଡ଼ରେ ତ୍ରିମୁଖୀ ଲଢ଼େଇ ହେବା ନେଇ ସ୍ପଷ୍ଟ ହୋଇଛି।



ଅରୁଣ ସାହୁ



ପ୍ରତ୍ୟୁଷା ରାଜେଶ୍ୱରୀ ସିଂ



ରଣଜିତ ଦାଶ

# ନିର୍ବାଚନ ହାରୁଥିବା ଜାଣି ମିଛ ଅଭିଯୋଗ ଆଣିଛି ଭାଜପା: ବିଜେଡି

ଭୁବନେଶ୍ୱର,୨୪।୪(ଅନିଲ ଦାସ)

ଓଡ଼ିଶା ଭାରତୀୟ ଜନତା ପାର୍ଟିର ନେତାମାନେ ଯେତେବେଳେ ନିର୍ବାଚନ ହାରୁଥିବା ଅନୁଭବ କରନ୍ତି, ସେତେବେଳେ ସେମାନେ ବିନା କୌଣସି ତଥ୍ୟ ଆଧାରରେ ମିଥ୍ୟା, ଭିତ୍ତିହୀନ ଏବଂ ନିରାଧାର ଅଭିଯୋଗ ଆଣନ୍ତି। ୨୦୧୯ରେ ମଧ୍ୟ ଏଭଳି ତଥାକଥିତ ଚାର୍ଜଶିଟ୍ ଓଡ଼ିଶା ଭାଜପା ପକ୍ଷରୁ ଅଣାଯାଇଥିଲା। ସେତେବେଳେ ସେମାନେ ବୁଝିଯାଇଥିଲେ, ଅତି ଦୟନୀୟ ଭାବେ ହାରିବାକୁ ଯାଉଛନ୍ତି ବୋଲି ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

ବୁଧବାର ଗଣମାଧ୍ୟମକୁ ସେ କହିଛନ୍ତି, ୨୦୨୪ରେ ମଧ୍ୟ ସେମାନେ ଅତି ଶୋଚନୀୟ ଭାବେ ହାରିବାକୁ ଯାଉଥିବା ଜାଣିସାରିଲେଣି। ସେଥିପାଇଁ ସେମାନେ ବିନା କୌଣସି ତଥ୍ୟ ପ୍ରମାଣ ଆଧାରରେ ଏଭଳି ଭିତ୍ତିହୀନ ଏବଂ ନିରାଧାର ଅଭିଯୋଗ ଆଣିଛନ୍ତି। କେନ୍ଦ୍ରୀୟ ସଂସ୍ଥାର ରିପୋର୍ଟ ଅନୁସାରେ, ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ଚାଷୀଙ୍କ ଆୟ ଦୁଇଗୁଣା ହୋଇଛି। ହେଲେ ଓଡ଼ିଶାକୁ କୃଷିକ୍ଷେତ୍ରରେ ସମାଲୋଚନା କରାଯାଉଛି। କେନ୍ଦ୍ରୀୟ ସଂସ୍ଥାର ରିପୋର୍ଟ ଅନୁସାରେ, ଦେଶରେ ସବୁଠାରୁ କମ୍ ବେକାରି ହାର ଓଡ଼ିଶାରେ। ହେଲେ ମିଛ ତଥ୍ୟ ଉପସ୍ଥାପନ କରାଯାଇ ଓଡ଼ିଶାର ଛବିକୁ ମଳିନ କରିବାକୁ ଚେଷ୍ଟା କରାଯାଉଛି। ମହିଳା ସୁରକ୍ଷା ନେଇ ସେମାନେ ଓଡ଼ିଶାକୁ ସମାଲୋଚନା କରୁଛନ୍ତି, ଯେତେବେଳେ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ଓଡ଼ିଶା ତୁଳନାରେ ଢେର ଅଧିକ। ନିଜ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ରାଜ୍ୟର ଛବିକୁ ମଳିନ କରିବା ଓଡ଼ିଶା ଭାଜପାର ପୁରୁଣା ଅଭ୍ୟାସ। ବର୍ତ୍ତମାନର ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ନିବାସର କେଲେଙ୍କାରୀ ବାବଦରେ ସମସ୍ତେ ଜାଣିଛନ୍ତି, ଯେଉଁଥିପାଇଁ ୨୦୦୮ରେ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଥିଲା। ଏଭଳି ଜଣେ ବ୍ୟକ୍ତି ଯଦି ଓଡ଼ିଶା ଭାଜପାର ସଭାପତି ଭାବେ ଦାୟିତ୍ୱ ତୁଲାଇବେ, ତେବେ ଦଳ ଭିତରେ ମହିଳା କେତେ ସୁରକ୍ଷିତ, ଏଥିରୁ ବୁଝିବାକୁ ଆଉ ବାକି ନାହିଁ। ସମସ୍ତେ ଜାଣିଛନ୍ତି ଓଡ଼ିଶା ହାଇସ୍କୁଲଗୁଡ଼ିକର ଶ୍ରେଣୀ ଗୃହ, ଓଡ଼ିଶାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଶ୍ରେଣୀ ଗୃହଠାରୁ ଯଥେଷ୍ଟ ଉନ୍ନତ ମାନର। ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଅଛନ୍ତି, କିନ୍ତୁ ନିଜ ଗାଁରେ ଗୋଟିଏ ବି ସ୍ମାର୍ଟ କ୍ଲାସ୍‌ରୁମ୍ କରିପାରିନାହାନ୍ତି। ଅନ୍ୟପଟେ ଓଡ଼ିଶା ସରକାର ରାଜ୍ୟରେ ୭୦୦୦ ସ୍କୁଲର ରୂପାନ୍ତରଣ କରିଛନ୍ତି। କେନ୍ଦ୍ର ସରକାର ସ୍ୱୀକାର କରିଛନ୍ତି ଯେ ଗତ ୨ ବର୍ଷ ଧରି ବିତ୍ତୀୟ ପରିଚାଳନାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ। ତଥାପି ଏଭଳି ମିଛ ଦସ୍ତାବିଜ ଉପସ୍ଥାପନ କରାଯାଇ ରାଜ୍ୟର ଛବି ଖରାପ ହେଉଛି। ବିଦ୍ୟୁତୀକରଣ ସମ୍ପର୍କରେ ମଧ୍ୟ ମିଥ୍ୟା କୁହାଯାଇଛି। ଗୋଟିଏ ରାଜ୍ୟରୁ ଆଉ ଏକ ରାଜ୍ୟକୁ ବିଦ୍ୟୁତ୍ ଯୋଗାଣ କରାଯାଇପାରିବ ନାହିଁ। ଏହା କେବଳ କେନ୍ଦ୍ରର ନିଷ୍ପତ୍ତି ଦ୍ୱାରା ସମ୍ଭବ। ଏ କ୍ଷେତ୍ରରେ ମଧ୍ୟ ଓଡ଼ିଶାକୁ ମିଛରେ ଭାଜପା ଟାର୍ଗେଟ୍ କରୁଛି। ସମସ୍ତେ ଜାଣନ୍ତି ନିଜ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଧର୍ମେନ୍ଦ୍ର ମିଥ୍ୟା ଅଭିଯୋଗ କରିବା ଏବଂ ସମ୍ବେଦନଶୀଳ ପ୍ରସଙ୍ଗକୁ ରାଜନୀତୀକରଣ କରିବାରେ ଧୁରନ୍ଧର। ଏଭଳି ନେତାଙ୍କୁ ପ୍ରଶ୍ରୟ ଦେଉଥିବା ଦଳ ଅନ୍ୟକୁ ଉପଦେଶ ଦେବାର କୌଣସି ନୈତିକତା ନାହିଁ। ଏଭଳି ଭିତ୍ତିହୀନ ଏବଂ ମିଥ୍ୟା କହିବାକୁ ଅନେକ ବିରୋଧ କରିଥିବା କଥା ମୁଁ ଦଳରେ ଥିବା ସମୟରୁ ଜାଣିଥିଲି। ହେଲେ ସେତେବେଳେ ସେମାନେ ଚାପ ସୃଷ୍ଟି କରିବା ସହ କହୁଥିଲେ, ଆମେ ନିର୍ବାଚନ ହାରିବାକୁ ଯାଉଛୁ, ତେଣୁ ଏଭଳି କରିବାକୁ ହିଁ ପଡ଼ିବ। ପୁଣି ଥରେ ଏହାକୁ ଦୋହରାଇବା କିଛି ଆଶ୍ଚର୍ଯ୍ୟର କଥା ନୁହେଁ, କାରଣ ରାଜ୍ୟ ଭାଜପା ଭଲଭାବେ ଜାଣିଛି ୨୦୨୪ ନିର୍ବାଚନରେ ସେମାନେ ହାରିବାକୁ ଯାଉଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।

# ବାରବାଟୀ-କଟକ ନଚେତ ସାଲେପୁରରୁ ପ୍ରାର୍ଥୀ ହୋଇପାରନ୍ତି ଅରିନ୍ଦମ

## ଭାଜପାର ଷ୍ଟାର୍ ପ୍ରଚାରକ ତାଲିକାରେ ଅନୁଭବ

କଟକ, ୨୪।୪(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ନିର୍ବାଚନ ପାଇଁ ଭାଜପା ପକ୍ଷରୁ ଷ୍ଟାର୍ ପ୍ରଚାରକ ତାଲିକା ପ୍ରକାଶ ପାଇବା ପରେ ଏବେ ରୋଚକ ମୋଡ ନେବାରେ ଲାଗିଛି କଟକ ରାଜନୀତି। ବାରବାଟୀ-କଟକ ଆସନ ପାଇଁ ବିଜେଡି ପକ୍ଷରୁ ପ୍ରକାଶ ବେହେରାଙ୍କ ନାଁ ଘୋଷଣା ହୋଇସାରିଛି। ଏବେ ସେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇନାହିଁ। ଅପରପକ୍ଷରେ ଅଭିନେତା ଅନୁଭବ ମହାନ୍ତି କିଛିଦିନ ତଳେ ବିଜେଡି ଛାଡି ଭାଜପାରେ ଯୋଗଦେଇଛନ୍ତି। ତେଣୁ ଭାଜପା ତାଙ୍କୁ ବାରବାଟୀ-କଟକ ନଚେତ୍ ସାଲେପୁରରୁ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ଜୋର ଧରିଥିଲା। ଭାଜପା ପକ୍ଷରୁ ଷ୍ଟାର୍ ପ୍ରଚାରକ ତାଲିକା ପ୍ରକାଶ ପାଇଛି। ଏଥିରେ ଅନୁଭବଙ୍କ ନାଁ ରହିଥିବାରୁ ସେ ନିର୍ବାଚନ ଲଢିବା ଆଶା ମଉଳିଯାଇଛି ବୋଲି ଲୋକମାନେ ଆଲୋଚନା କରୁଛନ୍ତି। ଅନୁଭବଙ୍କ ପୂର୍ବରୁ ଅଭିନେତା ଅରିନ୍ଦମ ରାଏ ବିଜେଡି ଛାଡି ଭାଜପାରେ ଯୋଗଦେଇଛନ୍ତି। ଦଳ ଏପର୍ଯ୍ୟନ୍ତ ପ୍ରାର୍ଥୀ ଭାବେ ତାଙ୍କ ନାମ ଘୋଷଣା କରିନି ସତ ହେଲେ ଷ୍ଟାର୍ ପ୍ରଚାରକ ତାଲିକାରେ ତାଙ୍କ ନାମକୁ ତାଲିକାଭୁକ୍ତ କରିନାହିଁ। ତେଣୁ ଦଳ ଏବେ ତାଙ୍କୁ ବାରବାଟୀ-କଟକ ନଚେତ୍ ସାଲେପୁରରୁ ଟିକେଟ ଦେବା ପାଇଁ ଏକ ପ୍ରକାର ନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। ଏନେଇ ଅରିନ୍ଦମ କହିଛନ୍ତି, ଷ୍ଟାର୍ ପ୍ରଚାରକ ଭାବେ ବହୁତ କାମ କରିଛି। ଷ୍ଟାର୍ ପ୍ରଚାରକ ହେବା ପାଇ ମୁଁ ଦଳରେ ଯୋଗଦେଇଛି। ଷ୍ଟାର୍ ପ୍ରଚାରକ ଭାବେ ଦଳ ଯେଉଁମାନଙ୍କ ନାମ ଘୋଷଣା କରିଛି, ସେମାନଙ୍କୁ ସ୍ୱାଗତ କରୁଛି। କିଛିଦିନ ପରେ ଦଳ ପ୍ରାର୍ଥୀ ଘୋଷଣା କରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବାରବାଟୀ-କଟକ ଆସନ ପାଇଁ ଭାଜପା ପକ୍ଷରୁ ଆଶାୟୀଙ୍କ ଲମ୍ବା ତାଲିକା ରହିଛି। ସେଥିମଧ୍ୟରେ ଦଳର ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ସମୀର ଦେ, ନେତ୍ରୀ ସମ୍ପୁର୍ଣ୍ଣା ପଟ୍ଟନାୟକ, କର୍ପୋରେଟର ଗଗନ ଓଝାଙ୍କ ସମେତ ଅନ୍ୟ ନେତା ରହିଛନ୍ତି।



ବିଜେଡିର ୨୫ ବର୍ଷର ଦୁର୍ନୀତି ଶାସନ ବିରୋଧରେ ଅଭିଯୋଗ ଆଣି କେନ୍ଦ୍ରମନ୍ତ୍ରୀ ଭୂପିନ୍ଦର ଯାଦବଙ୍କ ସମେତ ଭାଜପାର ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଚାର୍ଜଶିଟ୍‌ପତ୍ର ଉନ୍ମୋଚନ କରୁଛନ୍ତି।

# ଘସିପୁରା ବିଧାନସଭା କ୍ଷେତ୍ର: ଭାଜପାରୁ ସୌମ୍ୟରଞ୍ଜନ ପ୍ରାର୍ଥୀ ହେବା ଚର୍ଚ୍ଚା

ଘସିପୁରା(ନିରଞ୍ଜନ ସାହୁ)/ ରାମଚନ୍ଦ୍ରପୁର (ଗଣେଶ୍ୱର ସା),୨୪।୪

କେନ୍ଦୁଝର ଜିଲା ଘଷିପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ସୁବ୍ରତ ଚକ୍ରଙ୍କ ଉପରେ ଭରସା କରିଛି। ହେଲେ ଏ ପର୍ଯ୍ୟନ୍ତ ଭାଜପା ତା'ର ପ୍ରାର୍ଥୀ ଘୋଷଣା କରିନାହିଁ। ଉକ୍ତ ନିର୍ବାଚନମଣ୍ଡଳୀ ରାଜନୈତିକ ଦୃଷ୍ଟିକୋଣରୁ ଅନ୍ୟତମ ସମ୍ବେଦନଶୀଳ କ୍ଷେତ୍ର ହୋଇଥିବାରୁ ସବୁ ପ୍ରାର୍ଥୀଙ୍କ ଉପରେ ନଜର ଥାଏ।

ଏଯାଏ ଭାଜପା ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ଏଠାରେ ନୂଆ ମୁହଁ ଉଭା ହୋଇପାରନ୍ତି ବୋଲି ଆଲୋଚନା ହେଉଛି। ପୂର୍ବ ନିର୍ବାଚନରେ ବିଜେଡି ସହ କଂଗ୍ରେସର ଲଢ଼େଇ ହୋଇଥିଲା। ଚଳିତ ନିର୍ବାଚନରେ ବିଜେଡି ଓ କଂଗ୍ରେସକୁ ପଛରେ ପକାଇବା ଉଦ୍ଦେଶ୍ୟ ରଖି ଭାଜପା ବିଜେଡିରୁ ବହିଷ୍କୃତ ନେତା ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଟିକେଟ ପାଇଁ ତୁଙ୍ଗନେତା ଡ. ଶମ୍ଭୁନାଥ ରାଉତ, ଯୁବ ନେତା ବିଚିତ୍ର ଚକ୍ର, ଯଜ୍ଞ ପ୍ରସାଦ ସାହୁ, ପୃଥ୍ୱୀରାଜ କୁଅଁର, ସନ୍ତୋଷ ରାଉତ ଆଶାୟୀ ରହିଛନ୍ତି।




ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଡା. ଲିପିକା ମାଝି ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# 'କେନ୍ଦ୍ର ପାଇଁ ଓଡ଼ିଶା କେବଳ ଏକ ବିନ୍ଦୁ'

## ନିର୍ବାଚନ ପ୍ରଚାର ବେଳେ ଭାଜପା ଉପରେ ବର୍ଷିଲେ ପ୍ରଣବ

ଛେଣ୍ଡିପଦା, ୨୪।୪ (ଅଜିତ ଧଳ)/ ଅନୁଗୋଳ, (ଅମିତ କୁମାର ସାମଲ)

ସମ୍ବଲପୁର ବିଜେଡି ଏମ୍‌ପି ପ୍ରାର୍ଥୀ ତଥା ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବୁଧବାର ଏହି ସଂସଦୀୟ କ୍ଷେତ୍ର ଅଧୀନ ଅନୁଗୋଳ ଜିଲା ଛେଣ୍ଡିପଦାରେ ନିର୍ବାଚନ ପ୍ରଚାର କରିଛନ୍ତି। ଏହି ପ୍ରଚାର ବେଳେ ପ୍ରଣବ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପରୋକ୍ଷରେ ସମାଲୋଚନା କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ପାଇଁ ଓଡ଼ିଶା କେବଳ ଏକ ବିନ୍ଦୁ ବୋଲି କହିଥିଲେ।

ସକାଳେ ତାଳଚେରସ୍ଥିତ ମା' ହିଙ୍ଗୁଳା ମନ୍ଦିରରେ ପ୍ରଣବ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ଏହାପରେ ସେ ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ପରେ ଆୟୋଜିତ ସଭାରେ ଯୋଗଦେଇ ଭାଜପା ଉପରେ ବର୍ଷିଥିଲେ। ପ୍ରଣବ କହିଥିଲେ, ୨୦୧୯ରେ ସମ୍ବଲପୁର ସଂସଦୀୟ କ୍ଷେତ୍ରର ଭୋଟରମାନେ ଭାଜପା ଏମ୍‌ପିଙ୍କୁ ଜିତାଇଥିଲେ। ହେଲେ ସେହି ଏମ୍‌ପିଙ୍କୁ ଲୋକେ ଦେଖିବାକୁ ପାଇନାହାନ୍ତି। ଭାଜପା ଏମ୍‌ପିମାନେ ଓଡ଼ିଶାର ସ୍ୱାର୍ଥ ସମ୍ପର୍କରେ ସ୍ୱର ଦିଲ୍ଲୀରେ ଉଠାଇ ନାହାନ୍ତି। ଜିଲାରୁ ଜଣେ ନେତା ଦୀର୍ଘବର୍ଷ ହେଲା କେନ୍ଦ୍ରରେ ମନ୍ତ୍ରୀ ରହିଥିବା ବେଳେ ୫୫ ନମ୍ବର ଜାତୀୟ ରାଜପଥରେ ନିତି ଜିଲାର କେହି ନା କେହି ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ତେଣୁ କେନ୍ଦ୍ର ସରକାରଙ୍କ ପାଇଁ ଓଡ଼ିଶା କେବଳ ଏକ ବିନ୍ଦୁ। କିନ୍ତୁ ନବୀନ ସରକାରଙ୍କ ପାଇଁ ଓଡ଼ିଶା ଓ ଓଡ଼ିଶାବାସୀ ମୁଖ୍ୟ। ଏଣୁ ଲୋକମାନେ କାହା ସପକ୍ଷରେ ଯିବେ ସେ ନେଇ ନିଜେ ନିଷ୍ପତ୍ତି ନେବାର ସମୟ ଆସିଛି। ଏହି ସଭାରେ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। ବିଜେଡି ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସଞ୍ଜୟ କୁମାର ଅଗ୍ରୱାଲ, ବିଜେଡି ନେତା ଭାଗୀରଥି ନେପୁ ଦାସ, ସହ ପର୍ଯ୍ୟବେକ୍ଷକ ରୋଶନା ସାହୁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ଗଡ଼ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ସାହୁ, ଉପାଧ୍ୟକ୍ଷା ଝରଣା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମା' ହିଙ୍ଗୁଳାଙ୍କ ଦର୍ଶନ ସମୟରେ ବିଜେଡିର ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ, ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଅନିମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଛେଣ୍ଡିପଦା ବିକାଶ ସମିତ ସଭାପତି ସୁବାସ ପ୍ରଧାନ ପରିଚାଳନା କରିଥିଲେ।



ଛେଣ୍ଡିପଦାଠାରେ ନିର୍ବାଚନ ପ୍ରଚାର କରୁଛନ୍ତି ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ।

# ଅଳଙ୍କାର ବଜାର ଦରବୃଦ୍ଧିରେ ସୁଧାର

■ସୁନା ଉପରେ ପ୍ରାୟ ୧୫୦୦ରୁ ୧୬୦୦ ଟଙ୍କା ହ୍ରାସ
■୫୦୦୦ ଟଙ୍କା କମିଲା ରୁପା



ଭୁବନେଶ୍ୱର,୨୪।୪ (ଅଭୟ ଦାଶ)

କ୍ରମାଗତ ଭାବେ ସୁନା ଓ ରୁପା ଦରରେ ହ୍ରାସ ଘଟିବାରୁ ଅଳଙ୍କାର ବଜାରରେ ସୁଧାର ଆସିଛି। ଏପରିକି ଦରବୃଦ୍ଧିକୁ ନେଇ ଆଶା ଓ ଆଶଙ୍କାରେ ଥିବା ଅଳଙ୍କାର ବ୍ୟବସାୟୀମାନେ କିଛି ପରିମାଣରେ ଆଶ୍ୱସ୍ତି ଲାଭ କରିଛନ୍ତି। ଏପରିକି ଗତ ୩ ଦିନ ମଧ୍ୟରେ ଘରୋଇ ବଜାର (ଭୁବନେଶ୍ୱର)ରେ ସୁନା ଦରରେ ପ୍ରାୟ ୧୫୦୦ରୁ ୧୬୦୦ଟଙ୍କା କମିଥିବାବେଳେ ରୁପା ଦର ମଧ୍ୟ ପ୍ରାୟ ୫୦୦୦ ଟଙ୍କା ହ୍ରାସ ହୋଇଛି ବୋଲି ଭୁବନେଶ୍ୱରର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ରବିବାର ଘରୋଇ ବଜାରରେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୬୮,୦୫୦ଟଙ୍କାରେ କାରବାର ହେଉଥିଲାବେଳେ ବୁଧବାର ଏହି ବର୍ଗର ଦର ୬୬,୬୦୦ଟଙ୍କାରେ ବିକ୍ରି ହୋଇଛି।

ସେହିଭଳି ୨୪ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ସମାନ ଦିନରେ ୭୪, ୨୩୬ ଟଙ୍କା ଥିଲାବେଳେ ବୁଧବାର ଏହାର ଦର ୭୨,୬୫୪ଟଙ୍କାରେ କାରବାର ହେଉଥିଲା।

ସେହିପରି ରୁପା ଦର ରବିବାର ପ୍ରାୟ ୮୮,୦୦୦ ଟଙ୍କାରେ କାରବାର ହେଉଥିଲାବେଳେ ବୁଧବାର ଏହାର ମୂଲ୍ୟ ୮୩,୦୦୦ ଟଙ୍କାରେ ବିକ୍ରି ହେଉଛି।

ଅପରପକ୍ଷରେ ଆଗକୁ ଅକ୍ଷୟ ତୃତୀୟା ଭଳି ପ୍ରମୁଖ ପର୍ବ ଆସୁଥିବାରୁ ଅଳଙ୍କାର ବ୍ୟବସାୟୀମାନେ ନୂଆ ନୂଆ ଡିଜାଇନ ଓ ଅଫର ସାଙ୍ଗକୁ ଆକର୍ଷଣୀୟ ରିହାତି ସମ୍ପର୍କରେ ଘୋଷଣା କରୁଥିବାବେଳେ ଉଭୟ ଗ୍ରାହକ ଓ ବ୍ୟବସାୟୀ ଦରବୃଦ୍ଧିରେ ସୁଧାର ଯୋଗୁ ଖୁସି ଥିବା ଜଣାପଡିଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୪।୪

କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୧୪ (୧୧୪.୪୯) ପଏଣ୍ଟ ବଢ଼ି ୭୩,୮୫୩ (୭୩,୮୫୨.୯୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୪ (୩୪.୪୦) ପଏଣ୍ଟ ବୃଦ୍ଧି ଘଟି ୨୨,୪୦୨ (୨୨,୪୦୨.୪୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ

**ଅକ୍ଷୟ ତୃତୀୟା ଉପଲକ୍ଷେ ବିନ୍ଧ୍ୟ କଲେକ୍ସନର ଶୁଭାରମ୍ଭ**




ଭୁବନେଶ୍ୱର,୨୪।୪

ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ 'ବିନ୍ଧ୍ୟ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ରିଲାଏନ୍ସ ଜୁଏଲ୍ସ ବିନ୍ଧ୍ୟ କଲେକ୍ସନର ଶୁଭାରମ୍ଭ ସହ ଅନନ୍ୟ ଏବଂ ଉତ୍କୃଷ୍ଟ ସଂଗ୍ରହ ସହିତ ପର୍ବ ପାଳନ କରିବାର ପରମ୍ପରା ଜାରି ରଖିଛି। ବିଶେଷକରି ଏହାର ପ୍ରସିଦ୍ଧ 'ଜୁଏଲ୍ସ ଅଫ୍ ଇଣ୍ଡିଆ' କଲେକ୍ସନ ସିରିଜର ନବମ ପର୍ଯ୍ୟାୟରେ ବିନ୍ଧ୍ୟ କଲେକ୍ସନର ଉନ୍ମୋଚନ କରିଥିବାବେଳେ ଏହା ମଧ୍ୟପ୍ରଦେଶର ସମୃଦ୍ଧ କଳାତ୍ମକ ପରମ୍ପରାରୁ ପ୍ରେରିତ ହୋଇଛି ବୋଲି ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରିଲାଏନ୍ସ ଜୁଏଲ୍ସର ବାରାଣସୀ ଶୋ'ରୁମ୍(ଷ୍ଟୋର) ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗଦେଇ ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ବିନ୍ଧ୍ୟ କଲେକ୍ସନକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ ସହ ବଜାର ପ୍ରବେଶ କରାଇଛନ୍ତି।

ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଚଳିତ ଅକ୍ଷୟ ତୃତୀୟାରେ ବିନ୍ଧ୍ୟ କଲେକ୍ସନର ଉନ୍ମୋଚନ ଭାରତର ବିବିଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପରିକି ମଧ୍ୟପ୍ରଦେଶର ସମୃଦ୍ଧ ପରମ୍ପରାରୁ ଅନୁପ୍ରାଣିତ ଏହି ସଂକଳନ ଆମର 'ଜୁଏଲ୍ସ ଅଫ୍ ଇଣ୍ଡିଆ ସିରିଜର ୯ମ ଏବଂ ଭାରତୀୟ କଳା ଓ କାରିଗରି ପ୍ରଦର୍ଶନର ପ୍ରମାଣ ହୋଇପାରିଛି।

ଅପରପକ୍ଷରେ ପ୍ରତ୍ୟେକ ଅଳଙ୍କାର ମଧ୍ୟପ୍ରଦେଶର ପ୍ରସିଦ୍ଧ ସ୍ମାରକୀ ଯଥା ଗ୍ୱାଲିୟର କିଲ୍ଲା, ସାଞ୍ଚି ସ୍ତୁପ, ଉଜ୍ଜୟିନୀର ମହାକାଳେଶ୍ୱର ମନ୍ଦିର ଏବଂ ମିତାଓଲି ଏବଂ ବଟେଶ୍ୱର ମନ୍ଦିରରୁ ଅନୁପ୍ରାଣିତ ଡିଜାଇନରେ ଏହି କଲେକ୍ସନ ପ୍ରସ୍ତୁତ କରାଯାଇଛି।

## ଏସ୍‌ବିଆଇ କାର୍ଡର ନୂତନ ଉତ୍ପାଦ

ଭୁବନେଶ୍ୱର,୨୪।୪

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇ)ର ସହଯୋଗୀ ସଂସ୍ଥା ତଥା ପିୟୋର-ପ୍ଲେ କ୍ରେଡିଟ୍ କାର୍ଡ ଯୋଗାଣକାରୀ ଏସ୍‌ବିଆଇ କାର୍ଡର ନୂତନ ଉତ୍ପାଦ 'ଏସ୍‌ବିଆଇ କାର୍ଡ ମାଇଲ୍ସ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ଏସ୍‌ବିଆଇ କାର୍ଡର ପ୍ରଥମ ଭ୍ରମଣ ଉପରେ କେନ୍ଦ୍ରୀଭୂତ କୋର୍ କ୍ରେଡିଟ୍ କାର୍ଡ 'ଏସ୍‌ବିଆଇ କାର୍ଡ ମାଇଲ୍ସ'ର ତିନିଟି ପ୍ରକରଣ ମୁମ୍ବାଇଠାରେ ପ୍ରଚଳନ ହୋଇଛି। ଭ୍ରମଣ ଆକାଂକ୍ଷୀଙ୍କଠାରୁ ନେଇ ବାରମ୍ବାର ବିମାନ ଯାତ୍ରା କରୁଥିବା ଏବଂ ଭ୍ରମଣ ପ୍ରତି ଆଗ୍ରହ ରଖୁଥିବା ସମସ୍ତ ପ୍ରକାର ଭ୍ରମଣକାରୀଙ୍କୁ ପୂର୍ଣ୍ଣାଙ୍ଗ ଭ୍ରମଣ ଫାଇଦା ଆଣିଦେବା ଏହି କାର୍ଡର ମୂଳ ଲକ୍ଷ୍ୟ ରହିଛି।

ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ (ଚେୟାରମ୍ୟାନ) ଦିନେଶ କୁମାର ଖାରା କହିଛନ୍ତି, ମଜଭୁତ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦମ୍‌ଦାର ବ୍ୟବହାର ଦୃଶ୍ୟପଟ ବିଶ୍ୱରେ ଭାରତର ସ୍ଥିତିକୁ ଉଚ୍ଚ ସ୍ଥାନକୁ ନେଇଛି। ଏପରିକି ଭ୍ରମଣ କ୍ଷେତ୍ରରେ ଆଜି ଭାରତ ଏସିଆ ଏବଂ ୟୁରୋପ ସମେତ ଅନେକ ରାଷ୍ଟ୍ରରେ ବିଦେଶ ଭ୍ରମଣ ବଜାରରେ ଅନ୍ୟତମ ପ୍ରମୁଖ ସ୍ଥଳ ଭାବେ ବିବେଚିତ ହେଉଛି। ଏସ୍‌ବିଆଇ କାର୍ଡ ମାଇଲ୍ସ ପ୍ରଚଳନ ପାଇଁ ମୁଁ ଏସ୍‌ବିଆଇ କାର୍ଡକୁ ଅଭିନନ୍ଦନ ଜଣାଉଛି। ଏହା ଏଭଳି ଏକ ଦମ୍‌ଦାର ଉତ୍ପାଦ ଯାହା ଭାରତୀୟ ଗ୍ରାହକଙ୍କ ନିମନ୍ତେ ଭ୍ରମଣ ଅନୁଭୂତିର ସଂଜ୍ଞା ପୁନଃ ନିର୍ଦ୍ଧାରଣ କରିବ। ସେହିଭଳି ଏସ୍‌ବିଆଇ କାର୍ଡର ଏମ୍‌ଡି ତଥା ସିଇଓ ଅଭିଜିତ ଚକ୍ରବର୍ତ୍ତୀ କହିଥିଲେ, ଆମର ଗ୍ରାହକ କୈନ୍ଦ୍ରିକ ଆଭିମୁଖ୍ୟ ସର୍ବଦା ଆମକୁ ନବୋନ୍ମେଷୀ ଉତ୍ପାଦ, ସମାଧାନ ଏବଂ ସେବା ଡିଜାଇନ କରିବାକୁ ପ୍ରେରିତ କରିଛି।

ଉଲ୍ଲେଖଯୋଗ୍ୟ, ଏସ୍‌ବିଆଇ କାର୍ଡର ତିନିଟି ପ୍ରକରଣ ଯଥା ଏସ୍‌ବିଆଇ କାର୍ଡ ମାଇଲ୍ସ ଏଲିଟ୍, ଏସ୍‌ବିଆଇ କାର୍ଡ ମାଇଲ୍ସ ପ୍ରାଇମ ଏବଂ ଏସ୍‌ବିଆଇ କାର୍ଡ ମାଇଲ୍ସକୁ ଅତି ନିଖୁଣ ଭାବରେ ପ୍ରସ୍ତୁତ ଏବଂ ଭ୍ରମଣ ଫାଇଦା ଜରିଆରେ ଏହି ସମସ୍ତ ଅନୁଭୂତିକୁ ଉଚ୍ଚତର ସ୍ଥାନକୁ ନେଇଯିବା ନିମନ୍ତେ ଡିଜାଇନ କରାଯାଇଛି।

## ସିଏସ୍ଆଇଆର୍-ଏନ୍‌ଜିଆର୍ଆଇ ସହ କାବିଲର ବୁଝାମଣା




ଭୁବନେଶ୍ୱର,୨୪।୪

କାଉନସିଲ ଅଫ୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍ଆଇଆର୍)ର ପ୍ରମୁଖ ପ୍ରତିଷ୍ଠାନ ନ୍ୟାଶନାଲ ଜିଓଫିଜିକାଲ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ବା ଏନ୍‌ଜିଆର୍ଆଇ ଅଥବା ସିଏସ୍ଆଇଆର୍-ଏନ୍‌ଜିଆର୍ଆଇ ଏବଂ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ (କାବିଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣାପତ୍ର (ଏମ୍ଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଜିଓଫିଜିକାଲ୍ ଅନୁସନ୍ଧାନ କ୍ଷେତ୍ରରେ ଏକ ଦୀର୍ଘକାଳୀନ ସହଯୋଗ ତଥା କ୍ରିଟିକାଲ୍ ମିନେରାଲ କ୍ଷେତ୍ରରେ ନିଜର ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ନିମନ୍ତେ ଏହି ଚୁକ୍ତିନାମା ହୋଇଛି। ଏହା ମାଧ୍ୟମରେ ଜିଓଫିଜିକାଲ୍, ଜିଓକେମିକାଲ୍ ଏବଂ ଜିଓଲୋଜିକାଲ୍ ସର୍ଭେ ସହିତ ତଥ୍ୟ ବିଶ୍ଳେଷଣ, ବ୍ୟାଖ୍ୟା ଓ ମଡେଲିଂ, ବୈଜ୍ଞାନିକ ଜ୍ଞାନ ଆଦାନପ୍ରଦାନ, ବୈଷୟିକ ସହାୟତା ଏବଂ ପରାମର୍ଶ ସେବା ଦିଗରେ ଉଭୟ ସଂସ୍ଥାର ମିଳିତ ସହଯୋଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନାଲ୍‌କୋର ସିଏମ୍‌ଡି ତଥା କାବିଲ ଚେୟାରମ୍ୟାନ୍ ଶ୍ରୀଧର ପାତ୍ରଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ନାଲ୍‌କୋ ନିର୍ଦ୍ଦେଶକ (ବାଣିଜ୍ୟିକ) ତଥା କାବିଲ୍ ସିଇଓ ସଦାଶିବ ସାମନ୍ତରାୟ ଏବଂ ସିଏସ୍ଆଇଆର-ଏନ୍‌ଜିଆରଆଇର ନିର୍ଦ୍ଦେଶକ ଡ.ପ୍ରକାଶ କୁମାର ସ୍ୱାକ୍ଷର କରିଛନ୍ତି।

ଏ ସମ୍ପର୍କରେ ସିଏମ୍‌ଡି, ନାଲ୍‌କୋ ତଥା ଚେୟାରମ୍ୟାନ୍ କାବିଲ, ଶ୍ରୀଧର ପାତ୍ର କହିଛନ୍ତି, ଏହି ସହଯୋଗ ମାଧ୍ୟମରେ କାବିଲର ବିଭିନ୍ନ ପ୍ରକଳ୍ପ ନିମନ୍ତେ ନୂତନ ଉଦ୍ଭାବନ ଏବଂ କାର୍ଯ୍ୟକ୍ଷମ ଅନ୍ତର୍ଦୃଷ୍ଟି ନିମନ୍ତେ ଅନେକ ମାର୍ଗ ଉନ୍ମୁକ୍ତ ହେବ।

## ବିଓବିର ନୂତନ ଅଭିଯାନ

ଭୁବନେଶ୍ୱର,୨୪।୪

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ନୂତନ ଅଭିଯାନ 'ପେହେଚାନ୍ କନ୍୩.୦'ର ଉନ୍ମୋଚନ (ଶୁଭାରମ୍ଭ) ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଭିଯାନ ଜରିଆରେ ବ୍ୟାଙ୍କ ଠକେଇ ସଚେତନତା ଭିଡିଓ ଜାରି କରିଛି। ପୂର୍ବ ଦୁଇଟି ସଂସ୍କରଣର ସଫଳତାକୁ ଆଧାରକରି ଏହି ଅଭିଯାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ନିର୍ମିତ ଡିପ୍ ଫେକ୍ ଠକେଇ ଭଳି ନୂତନ ଯୁଗର ଆର୍ଥିକ ଠକେଇ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଚେଷ୍ଟା କରୁଛି,ଯାହା ସବୁଠାରୁ ସଚେତନ ଗ୍ରାହକଙ୍କୁ ମଧ୍ୟ ଠକିବାରେ ସମ୍ଭାବନା ରହିଛି। ସେହିଭଳି ଉକ୍ତ ଅଭିଯାନର ୩ୟ ପର୍ଯ୍ୟାୟରେ ବ୍ୟାଙ୍କ ଅଭିନେତା କୁନାଲ ରାୟ କପୁରଙ୍କୁ ନେଇ ୨ଟି ନୂଆ ବିଜ୍ଞାପନଭିତ୍ତିକ ଚଳଚ୍ଚିତ୍ର ମୁକ୍ତିଲାଭ କରାଇଛି।

ଏ ସମ୍ପର୍କରେ ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲାଲ ସିଂହ କହିଛନ୍ତି, ଲୋକଙ୍କୁ ଠକିବା ଉଦ୍ଦେଶ୍ୟରେ ଅନ୍‌ଲାଇନ ଠକେଇ ଆଜିକାଲି ଅଧିକ ସାଧାରଣ ବିଷୟ ହୋଇଗଲାଣି ଏବଂ ଏହା ସାଧାରଣ ଗ୍ରାହକମାନଙ୍କ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ବିଓବିର ପେହେଚାନ୍ କନ୍ ଅଭିଯାନ ଗ୍ରାହକମାନଙ୍କୁ ସତର୍କ ରହିବା ଉପରେ ଗୁରୁତ୍ୱ ଦେଉଛି। ଏହାଦ୍ୱାରା ଗ୍ରାହକମାନେ ସାଇବର ଅପରାଧୀଙ୍କ ଦ୍ୱାରା ଉପସ୍ଥାପିତ ଠକାମିରୁ ସେମାନଙ୍କ କଠିନ ରୋଜଗାର ଅର୍ଥର ସୁରକ୍ଷା ସୁନିଶ୍ଚିତ କରିପାରିବେ।

**ଅନ୍ୟାନ୍ୟ ଖବର**

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଶୁକାଣୀ ବୋହୂକାଣୀ**
**ନଣନ୍ଦ ଆଖିରେ ଫୁଲା**
**ଘର ଚାରିପାଖେ ବୁଲି ଆଇଲେ**
**ନ ପାଇଲେ ଚୂନା କୁଲା।**

ସାଧାରଣତଃ ପ୍ରତ୍ୟେକ ଜିନିଷକୁ ଦେଖିବା ଲାଗି ଦୃଷ୍ଟିଶକ୍ତି ରହିବା ଜରୁରୀ ହୋଇଥିବାବେଳେ ଦୃଷ୍ଟିହୀନ ବ୍ୟକ୍ତି ଏଥିରୁ ବଞ୍ଚିତ ହୋଇଥାନ୍ତି। ଏଭଳି ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟ କରିବାରେ ନିଜକୁ ଅସହାୟ ମନେକରୁଥିବାବେଳେ ସର୍ବଦା ପର ଉପରେ ନିର୍ଭର କରିଥାନ୍ତି। ଆଖି ଦୋଷରୁ ଜିନିଷ ଦେଖା ନ ଯିବାର ପରିଣତିକୁ ଏଠାରେ ଉଲ୍ଲେଖ କରାଯାଇଛି।

**ଶାଶୁର କେଞ୍ଚେକୁ ବୋହୂର କେଞ୍ଚେ**
**ଏତେ କେଞ୍ଚେରେ କି ମଣିଷ ବଞ୍ଚେ ?**

ସାଧାରଣତଃ ଶାଶୁ-ବୋହୂଙ୍କ ମଧ୍ୟରେ ଅନବରତ ଖିଟମିଟ ଲାଗିରହିଲେ ଘରେ ବିଶୃଙ୍ଖଳା ଓ ନାନା ଅଶାନ୍ତି ଦେଖାଦିଏ। ଏପରି ସ୍ଥିତିରେ ପରିବାରରେ ରହୁଥିବା ବାକି ସଦସ୍ୟମାନେ ଅସୁବିଧାରେ ପଡ଼ିବା ସହ ବ୍ୟତିବ୍ୟସ୍ତ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୫୨୭ ଭାରତୀୟ ଖାଦ୍ୟରେ କ୍ୟାନ୍‌ସର ସୃଷ୍ଟିକାରୀ କେମିକାଲ୍

ବ୍ରସେଲ୍ସ, ୨୪।୪

ସେପ୍ଟେମ୍ବର ୨୦୨୦ରୁ ଏପ୍ରିଲ ୨୦୨୪ ମଧ୍ୟରେ ୫୨୭ ପ୍ରକାର ଭାରତୀୟ ଖାଦ୍ୟରେ କ୍ୟାନ୍‌ସର ସୃଷ୍ଟି କରୁଥିବା ରାସାୟନିକ ପଦାର୍ଥ ଇଥାନଲ ଅକ୍ସାଇଡ ମିଳିଛି। ଏନେଇ ୟୁରୋପିଆନ୍ ୟୁନିୟନର ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷଙ୍କ ପକ୍ଷରୁ ପରୀକ୍ଷଣ କରାଯାଇଛି। ଏଥିରେ ୩୧୩ ପ୍ରକାର ବାଦାମ ଓ ତେଲ ମଞ୍ଜି ଜାତୀୟ ଖାଦ୍ୟ , ୬୦ ପ୍ରକାରର ଔଷଧ ଓ ମସଲା ଜାତୀୟ ଖାଦ୍ୟ, ୪୮ ପ୍ରକାରର ଡାଏଟିକ ଫୁଡ୍ ଏବଂ ୩୪ ପ୍ରକାରର ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ରହିଛି। ଇଥାନଲ ଅକ୍ସାଇଡ ଖାଦ୍ୟ ପଦାର୍ଥ ସଂସ୍ପର୍ଶରେ ଆସିବା ଦ୍ୱାରା ଲିମ୍ଫୋମା ଓ ଲ୍ୟୁକେମିଆ ପରି କ୍ୟାନ୍‌ସର ରୋଗ ଦେଖାଦେଇଥାଏ।

## ରୁଷିଆର ପ୍ରତିରକ୍ଷା ଉପମନ୍ତ୍ରୀ ଗିରଫ

ମସ୍କୋ, ୨୪।୪

ରୁଷିଆର ଉପ ପ୍ରତିରକ୍ଷା ମନ୍ତ୍ରୀ ତିମୁର ଇବାନୋଭଙ୍କୁ ଲାଞ୍ଚ ନେଉଥିବା ସମୟରେ ଗିରଫ କରାଯାଇଛି। ଫେଡେରାଲ ସିକ୍ୟୁରିଟି ସର୍ଭିସ(ଏଫଏସବି) ପକ୍ଷରୁ ଇବାନୋଭଙ୍କୁ ମଙ୍ଗଳବାର ଗିରଫ କରାଯାଇଥିବା ବେଳେ ତାଙ୍କୁ ବୁଧବାର ମସ୍କୋର ବେସମାନି ଜିଲା କୋର୍ଟରେ ହାଜର କରାଯାଇଥିଲା। ଆସନ୍ତା ଜୁନ ୨୩ ପର୍ଯ୍ୟନ୍ତ ଇବାନୋଭଙ୍କୁ ଜେଲରେ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ**

## ମସଲାରେ ମିଶୁଛି ...

ରହିଛି। ଯେଉଁ କମ୍ପାନୀର ମସଲା ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଘରେ ବ୍ୟବହାର ହେବା ସଙ୍ଗେସଙ୍ଗେ ରାଜ୍ୟ ବାହାରେ ହେଉଛି। ତେବେ ରାଜ୍ୟ ସରକାରଙ୍କ ସୁବିଧା ହାତେଇ ଏହି କମ୍ପାନୀ ଅନେକ ଶହ କୋଟି ଟଙ୍କାର ବ୍ୟବସାୟ କରିବା ସହ ନିଜକୁ ବହୁତ ବଡ କରିସାରିଲେଣି। ସେହି ମସଲା କମ୍ପାନୀ କିପରି ଜିନିଷ ଲୋକଙ୍କୁ ଯୋଗାଉଛି ତା'ର କୌଣସି ପରୀକ୍ଷା ନିରୀକ୍ଷା କରାଯାଉ ନ ଥିବା ଚର୍ଚ୍ଚା ହେଉଛି। ଓଡ଼ିଶାରେ ପ୍ରସ୍ତୁତ ହେଉଥିବା ମସଲାଗୁଡିକ କୌଣସି ଭାବେ ଯାଞ୍ଚର ସମ୍ମୁଖୀନ ହେଉ ନ ଥିବାରୁ ମାଲିକମାନେ ଅତ୍ୟଧିକ ଲାଭ ପାଇପାରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଏଭରେଷ୍ଟ ଏବଂ ଏମ୍‌ଡିଏଚ୍ ମଧ୍ୟ ସରକାରୀ ସାର୍ଟିଫିକେଟ ହାସଲ କରିପାରିଛନ୍ତି। ସେହିଭଳି ଓଡ଼ିଶାର ପ୍ରସ୍ତୁତକାରୀ ମସଲା କମ୍ପାନୀ ସାର୍ଟିଫିକେଟକୁ ବନ୍ଧେଇ ନିଜ ଅଫିସରେ ଟାଙ୍ଗୁଥିବେ। କିନ୍ତୁ ସେହି ପ୍ରମାଣପତ୍ରର କୌଣସି ମୂଲ୍ୟ ନାହିଁ ବୋଲି ଏବେ ବୁଝାପଡୁଛି। ଏହି କମ୍ପାନୀଗୁଡିକ ନିଜ ବ୍ୟବସାୟକୁ ବଢାଇବା ସକାଶେ ସବୁସ୍ତରର ସରକାରୀ ଅଧିକାରୀମାନଙ୍କୁ ନିଜ ପକେଟରେ ରଖିବା ସହ ରୋଷେଇ ପାଇଁ ମସଲା ନୁହେଁ ବରଂ ବିଷ ଦେଉଥିବା ସାଧାରଣ ଲୋକମାନେ କହିବା ଆରମ୍ଭ କଲେଣି।

ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ(ଏଫ୍ଏସ୍ଏସ୍ଏଆଇ)ର ଭୁବନେଶ୍ୱର ଖାଦ୍ୟ ସୁରକ୍ଷା ଇନ୍ସପେକ୍ଟର ସତ୍ୟଜିତ ପଟେଲ କହିଛନ୍ତି , କେନ୍ଦ୍ରର ନିର୍ଦ୍ଦେଶକ୍ରମେ 'ଏମ୍‌ଡିଏଚ୍' ଏବଂ 'ଏଭରେଷ୍ଟ'ର ସାମ୍ପଲ ଆସନ୍ତା ୩୧ ତାରାଖ ସୁଦ୍ଧା ଦିଲ୍ଲୀ ପଠାଯିବ। ବାକି ଯେଉଁସବୁ ରାଜ୍ୟର କମ୍ପାନୀ ରହିଛନ୍ତି ସେମାନଙ୍କ ସାମ୍ପଲ ପ୍ରାୟ ସମୟରେ ପରୀକ୍ଷା କରାଯାଇ ସେମାନଙ୍କ ଗୁଣବତ୍ତା ଦେଖାଯାଉଛି। ଏସବୁ ଲାବରେଟୋରିରେ ପରୀକ୍ଷା ହୋଇଥାଏ। ଏପର୍ଯ୍ୟନ୍ତ ଗୁଣବତ୍ତା ଖରାପ ନେଇ କୌଣସି କମ୍ପାନୀର ଜିନିଷରୁ କିଛି ଆସିନାହିଁ ବୋଲି ସେ କହିଛନ୍ତି। ତେବେ ଭାରତ ସରକାରଙ୍କ ଏଫ୍ଏସ୍ଏସ୍ଏଆଇ ପକ୍ଷରୁ ଯଦ 'ଏମ୍‌ଡିଏଚ୍' ଏବଂ 'ଏଭରେଷ୍ଟ' କମ୍ପାନୀର ସାମ୍ପଲ ପ୍ରତ୍ୟେକ ସମୟରେ ଯାଞ୍ଚ ହେଉଥିଲା ତେବେ ସିଙ୍ଗାପୁର ଏବଂ ହଂକଂ ସରକାର କାହିଁକି ଏଥିରେ ବିଷାକ୍ତଦ୍ରବ୍ୟ ଥିବା ଦର୍ଶାଇ ବ୍ୟାନ୍ କଲେ ବୋଲି ପଚାରିବାରୁ ସେ କହିଛନ୍ତି, ଏ ବିଷୟରେ ସେ କିଛି କହିପାରିବେ ନାହିଁ, ଏହା ଟେକ୍ନିକାଲ ବିଷୟ। ତେବେ ପୁରୀର ଗଜପତି ନଗରରେ ରହୁଥିବା ଗୃହିଣୀ ଅଞ୍ଜଳୀ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେମାନେ ପ୍ରତ୍ୟେକ ସମୟରେ ପିଲାମାନଙ୍କୁ ଓଡ଼ିଶାରେ ପ୍ରସ୍ତୁତ ହେଉଥିବା କିଛି କମ୍ପାନୀର ମସଲା ସକାଳ ଜଳଖିଆଠାରୁ ଆରମ୍ଭକରି ରାତିଖାଦ୍ୟ ପ୍ରସ୍ତୁତି ପର୍ଯ୍ୟନ୍ତ ସବୁଥିରେ ବ୍ୟବହାର କରୁଛୁ। ତେଣୁ କେନ୍ଦ୍ର ଏବଂ ରାଜ୍ୟ ସରକାର ଯଦି ଏହା ଉପରେ ଧ୍ୟାନ ନ ଦେଇ କୌଣସି ବ୍ୟବସାୟିକ ମନୋବୃତ୍ତି ରଖି କମ୍ପାନୀର ଗୁଣବତ୍ତା ପରୀକ୍ଷା ନ କରି ଲୋକଙ୍କ ସ୍ୱାସ୍ଥ୍ୟ କଥା ଭୁଲିଯିବେ ତେବେ ଦେଶର ଅବସ୍ଥା ଯାହା ହେବ। ଏବେ ମସଲା ବ୍ୟବହାର କରିବାକୁ ମଧ୍ୟ ଭୟ ଲାଗିଲାଣି ବୋଲି ସେ କହିଛନ୍ତି। କେନ୍ଦ୍ରାପଡ଼ାର ଜଣେ ପୂର୍ବତନ ଅଧ୍ୟାପିକା ସୁଚରିତା ମହାନ୍ତି କହିଛନ୍ତି, ଏ ସମ୍ବନ୍ଧିତ ଖବର ଆସିବା ପରଠାରୁ ବହୁତ ଭୟ ଲାଗୁଛି। କାରଣ ଏହି ମସଲା କମ୍ପାନୀଗୁଡିକ ଉପରେ ଆମେମାନେ ବହୁ ପରିମାଣରେ ନିର୍ଭରଶୀଳ ହୋଇସାରିଲୁଣି। ଯେଉଁସବୁ ନୂଆ ନୂଆ ପ୍ରକାର ରୋଗ ଲୋକମାନଙ୍କ ପାଖରେ ଦେଖାଦେଉଛି ତାହା ଏହି ମସଲା ଖାଇବା କାରଣରୁ ଯେ ନ ହେଉଛି ସେକଥା କିଏ କହିବ।

ସୂଚନାଯୋଗ୍ୟ, 'ଏମ୍‌ଡିଏଚ୍' ଓ 'ଏଭରେଷ୍ଟ' ବିରୋଧରେ ସାଙ୍ଘାତିକ ଅଭିଯୋଗ ଆସିବା ପରେ ଦେଶର ପ୍ରାୟ ପ୍ରତ୍ୟେକ ସାଧାରଣ ବ୍ୟକ୍ତିମାନଙ୍କ ପରିବାରରେ ଚିନ୍ତା ବଢ଼ିଯାଇଛି। ଏହି ଦୁଇ ଭାରତୀୟ କମ୍ପାନୀ ପ୍ରସ୍ତୁତ କରୁଥିବା ମସଲା ମିଶ୍ରଣରେ କାର୍ସିନୋଜେନିକ୍ ବିଷାକ୍ତଦ୍ରବ୍ୟ ଏଥିଲିନ ଅକ୍ସାଇଡ୍ ଥିବା ଦର୍ଶାଇ ପ୍ରଥମେ ସିଙ୍ଗାପୁର ଏହାକୁ ବ୍ୟାନ୍ କରିଥିଲା। ପରବର୍ତ୍ତୀ ସମୟରେ ହଂକଂ ସରକାର 'ଏମ୍‌ଡିଏଚ୍' ଓ 'ଏଭରେଷ୍ଟ' ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ସିଙ୍ଗାପୁର ଏବଂ ହଂକଂ ସରକାରଙ୍କ ପକ୍ଷରୁ ନମୁନା ଯାଞ୍ଚ କରିବା ପରେ ଯାଇ ଏବେ ଭାରତ ସରକାରଙ୍କ ନିଦ ଭାଙ୍ଗିଛି।

## ମେ' ୧୫ ସୁଦ୍ଧା ...

ସାର୍ଟିଫିକେଟ ପ୍ରିଣ୍ଟିଂ ପାଇଁ ବ୍ୟବସ୍ଥା ହୋଇଥିବାରୁ ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ସମ୍ପୃକ୍ତ ଫାର୍ମକୁ ଚଳିତ ସପ୍ତାହରେ ଯିବେ। ସେହି ଫାର୍ମରେ ପରୀକ୍ଷାର୍ଥୀଙ୍କ ମାର୍କଶିଟ୍, ସାର୍ଟିଫିକେଟ୍, ମାଇଗ୍ରେଶନ ଆଦି ସମସ୍ତ ସାର୍ଟିଫିକେଟ୍ ପ୍ରିଣ୍ଟିଂ କରାଯିବ। ସୁରକ୍ଷିତ ଏବଂ ଠିକ୍ କାର୍ଯ୍ୟ କରିବାକୁ ପରିଷଦ ପକ୍ଷରୁ ସମ୍ପୃକ୍ତ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ପରୀକ୍ଷା ନିୟନ୍ତ୍ରକଙ୍କ ସହ ପରିଷଦର ୨/୩ ଜଣ ବରିଷ୍ଠ ଅଧିକାରୀ ପ୍ରିଣ୍ଟିଂ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସେଠାରେ ରହିବେ। ତେବେ ମେ' ୧୦ରୁ ୧୫ ତାରିଖ ମଧ୍ୟରେ ରେଜଲ୍ଟ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଥିବା ବେଳେ ମେ' ୧୩ରେ ପ୍ରକାଶ ପାଇଁ ପ୍ରୟାସ ଚାଲିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଚଳିତବର୍ଷ ମୋଟ ୩ଲକ୍ଷ ୮୬ହଜାର ୨୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ରେଗୁଲାର ୩ଲକ୍ଷ ୬୦ହଜାର ୧୯୮ ଏବଂ ଏକ୍ସ ରେଗୁଲାର ୨୬ହଜାର ୫୨ଜଣ ଛାତ୍ରୀଛାତ୍ର ରହିଛନ୍ତି। ମୋଟ ୨୭ଲକ୍ଷ ଖାତା ମୂଲ୍ୟାୟନ ହୋଇଥିବା ବେଳେ ସେଥିରୁ ଅନ୍‌ଲାଇନ୍‌ରେ ୯ଲକ୍ଷ ଏବଂ ଅଫ୍‌ଲାଇନରେ ୧୮ଲକ୍ଷ ଖାତା ମୂଲ୍ୟାୟନ କରାଯାଇଛି।

## ପୀଡ଼ିତା, ଅଭିଯୁକ୍ତଙ୍କ ବିବାହ ପରେ ନାବାଳିକା ଯୌନ ନିର୍ଯାତନା ମାମଲା ଅବୈଧ: ହାଇକୋର୍ଟ

**୫ ପୋକ୍‌ସୋ କୋର୍ଟରେ ନାବାଳିକା ନିର୍ଯାତନା ମାମଲାର ଅନ୍ତ ଘଟାଇବାକୁ ଗୁରୁତ୍ୱପୂର୍ଣ୍ଣ ରାୟ**

କଟକ,୨୪।୪(କାର୍ତ୍ତିକ ସାହୁ)

ନାବାଳିକା ଯୌନ ନିର୍ଯାତନା ମାମଲାର ଅଭିଯୁକ୍ତ ଓ ପୀଡ଼ିତାଙ୍କ ବିବାହ ପରେ ପୋକ୍‌ସୋ କୋର୍ଟରେ ଚାଲିଥିବା ଫୌଜଦାରି ମାମଲାର ରାୟ ଉଭୟଙ୍କ ବୈବାହିକ ଜୀବନକୁ ପ୍ରଭାବିତ କରିବ। ସେମାନଙ୍କ ସୁଖର ସଂସାର ସହ ସାମାଜିକ ସମ୍ମାନକୁ ନଷ୍ଟ କରିବ। ସେମାନଙ୍କଠାରୁ ଜନ୍ମିତ ସନ୍ତାନ ମଧ୍ୟ କଷ୍ଟ ଭୋଗ କରିବେ। ଅଭିଯୁକ୍ତଙ୍କୁ ଦଣ୍ଡବିଧାନ କରିବା ପୋକ୍‌ସୋ ଆଇନ୍‌ର ଲକ୍ଷ୍ୟ ବିପକ୍ଷରେ ଯିବ ବୋଲି ରାୟ ଦେଇଛନ୍ତି ହାଇକୋର୍ଟ। ଏଭଳି କ୍ଷେତ୍ରରେ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ସହମତିରେ ମାମଲାର ଅନ୍ତ ଘଟାଇବାକୁ ହୋଇଥିବା ୫ଟି ଆବେଦନର ଏକତ୍ର ଶୁଣାଣି କରି ହାଇକୋର୍ଟ ବିଚାରପତି ଶିବଶଙ୍କର ମିଶ୍ର ପୀଡ଼ିତା ଓ ଅଭିଯୁକ୍ତଙ୍କ ବିବାହ ପରେ ଯୌନ ନିର୍ଯାତନା ମାମଲାକୁ ଅବୈଧ ବୋଲି କହିଛନ୍ତି। ଏଥିସହ ରାଜ୍ୟର ୫ ପୋକ୍‌ସୋ ଅଦାଲତରେ ବିଚାରାଧୀନ ଥିବା ଉକ୍ତ ମାମଲାଗୁଡ଼ିକର ଅନ୍ତ ଘଟାଇବାକୁ ରାୟରେ ସ୍ପଷ୍ଟ କରିଛନ୍ତି।

ତଦନୁସାରେ, ହାଇକୋର୍ଟର ସିଆର୍ଏଲ୍ଏମ୍‌ସି ନଂ. ୩୬୬୦/୨୦୨୩ (କୁଜଙ୍ଗ ଥାନା କେସ୍ ନଂ ୧୩୪/୨୦୧୯ ଅନୁଯାୟୀ ଜଗତ୍‌ସିଂହପୁର ପୋକ୍‌ସୋ କୋର୍ଟ), ସିଆର୍ଏଲ୍ଏମ୍‌ସି ନଂ. ୩୬୫୭/୨୦୨୩(କୋଡ଼ିଙ୍ଗା ଥାନା କେସ୍ ନଂ. ୧୦/୨୦୨୩ ଅନୁଯାୟୀ ନବରଙ୍ଗପୁର ପୋକ୍‌ସୋ କୋର୍ଟ), ସିଆର୍ଏଲ୍ଏମ୍‌ସି ନଂ. ୭୮/୨୦୨୪(ଚାନ୍ଦବାଲି ଥାନା କେସ୍ ନଂ. ୭୫/୨୦୧୭ ଅନୁଯାୟୀ ଭଦ୍ରକ ପୋକ୍‌ସୋ କୋର୍ଟ), ସିଆର୍ଏଲ୍ଏମ୍‌ସି ନଂ. ୩୭୮୩/୨୦୨୩(ଦଶରଥପୁର ଥାନା କେସ୍ ନଂ. ୧୧୧/୨୦୨୩ ଅନୁଯାୟୀ ଯାଜପୁର ପୋକ୍‌ସୋ କୋର୍ଟ), ସିଆର୍ଏଲ୍ଏମ୍‌ସି ନଂ. ୫୪୧୨/୨୦୨୩(କେନ୍ଦୁଝର ସଦର ଥାନା କେସ୍ ନଂ. ୧୦୭/୨୦୨୧ ଅନୁଯାୟୀ କେନ୍ଦୁଝର ପୋକ୍‌ସୋ କୋର୍ଟ)ରେ ରହିଥିବା ମାମଲାଗୁଡ଼ିକର ଅନ୍ତ ଘଟାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ମାମଲାଗୁଡ଼ିକର ପରିଚାଳନା କରୁଥିବା ଆଇନଜୀବୀମାନଙ୍କୁ ହାଇକୋର୍ଟ ପ୍ରଶଂସା ମଧ୍ୟ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୟ କୁମାର ରଗଡ଼, ପି. କେ. ମହାରାଜ ଓ ଆମିକସ୍ କ୍ୟୁରୀ ଏନ୍. ବେହୁରିଆ ମାମଲାଗୁଡ଼ିକର ପରିଚାଳନା କରୁଥିଲେ।

## ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ କର୍ମଚାରୀଙ୍କ ତଥ୍ୟ ପ୍ରଦାନ ସମୟ ସୀମା ଅଗଷ୍ଟ ୧୬କୁ ବଢ଼ିଲା

ଭୁବନେଶ୍ୱର,୨୪।୪(ଅନିଲ ଦାସ)

ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସେମାନଙ୍କ ସମ୍ପର୍କରେ ସବିଶେଷ ସଂକ୍ଷିପ୍ତ ତଥ୍ୟ (ପ୍ରୋଫାଇଲ ଡାଟା) ଏବଂ ଇ-ସର୍ଭିସ୍ ବୁକ୍ ତଥ୍ୟ ହ୍ୟୁମାନ ରିସୋର୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍(ଏଚ୍ଆର୍ଏମ୍ଏସ୍) ପୋର୍ଟାଲରେ ପ୍ରଦାନକରିବା ସମୟସୀମା ଆସନ୍ତା ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି ଯେ ଅନ୍‌ଲାଇନ ପ୍ରକ୍ରିୟାକରଣ ପାଇଁ ପେନ୍‌ସନ କାଗଜପତ୍ରର ଅଟୋ ଜେନେରେଶନ ଉଦ୍ଦେଶ୍ୟରେ ଏହି ଅପ୍‌ଡେଟ୍ କାର୍ଯ୍ୟ ଜାରିରହିଛି। ଆଗାମୀ ସାଧାରଣ ନିର୍ବାଚନ କାର୍ଯ୍ୟରେ ସରକାରୀ ଅଧିକାରୀ ଏବଂ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏଚ୍ଆର୍ଏମ୍ଏସ୍ ଆବେଦନରେ ପ୍ରୋଫାଇଲ ଏବଂ ଇ-ସର୍ଭିସ୍ ବୁକ୍ ମୋଡ୍ୟୁଲର ଏହି ଅପ୍‌ଡେଟ୍ କାର୍ଯ୍ୟ ଅଭିଯାନକୁ ଆଉ ୪ ମାସ ପାଇଁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ସଚିବ, ବିଭାଗୀୟ ମୁଖ୍ୟ ତଥା ରାଜ୍ୟର ସମସ୍ତ କମିଶନଙ୍କୁ ଅବଗତ କରାଯାଇଛି।

ପୂର୍ବରୁ ଏଥିପାଇଁ ଫେବୃୟାରୀ ୧୫ ଓ ପରବର୍ତ୍ତୀ ସମୟରେ ଏହାକୁ ଏପ୍ରିଲ ୧୫ ତାରିଖ ସୁଦ୍ଧା ଶେଷ କରିବାକୁ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅର୍ଚ୍ଚିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ହାଇଦ୍ରାବାଦ ବନାମ ବେଙ୍ଗାଲୁରୁ**
**ସ୍ଥାନ: ହାଇଦ୍ରାବାଦ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଦିଲ୍ଲୀର ସଂଘର୍ଷପୂର୍ଣ୍ଣ ବିଜୟ

**ନୂଆଦିଲ୍ଲୀ, ୨୪।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଏଠାରେ ଅନୁଷ୍ଠିତ ଏକ ରୋମାଞ୍ଚକ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୪ ରନରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ଅଧିନାୟକ ରିଷଭ ପନ୍ତ ଓ ଅକ୍ଷର ପଟେଲଙ୍କ ଦୃଢ଼ ବ୍ୟାଟିଂ ବଳରେ ଦିଲ୍ଲୀ ୨୦ ଓଭରରେ ୪ ଉଇକେଟ ହରାଇ ୨୨୪ ରନ କରିଥିଲା। ଜବାବରେ ଗୁଜରାଟ ସାଇ ସୁଦର୍ଶନ (୬୫ ରନ, ୩୯ ବଲ, ୭ ଚୌକା, ୨ ଛକା) ଓ ଡେଭିଡ ମିଲର (୫୫ ରନ, ୨୩ ବଲ, ୬ ଚୌକା, ୩ ଛକା)ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ବିଜୟର ନିକଟତର ହୋଇଥିଲେ ହେଁ ୨୦ ଓଭରରେ ୮ ଉଇକେଟ ହରାଇ ୨୨୦ରେ ସୀମିତ ରହି ଯାଇଥିଲା। ଦିଲ୍ଲୀ ପକ୍ଷରୁ ରସିଖ ସଲାମ ୩ଟି, କୁଲଦୀପ ଯାଦବ ୨ଟି ଏବଂ ଏନରିଚ୍ ନର୍ଜେ, ମୁକେଶ କୁମାର ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୯ ମ୍ୟାଚରୁ ୪ ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଗୁଜରାଟ ୯ ମ୍ୟାଚରୁ ୫ମ ପରାଜୟ ବରଣ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ଯଦିଓ ଭଲ ଆରମ୍ଭ କରିଥିଲା ତେବେ ୩୬ ରନ ମଧ୍ୟରେ ଦୁଇ ଓପନରଙ୍କ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଓପନିଂ ଯୋଡ଼ିରେ ୩୫ ରନ ସଂଗ୍ରହ ପରେ ଜ୍ୟାକ ଫ୍ରାସର-ମ୍ୟାକଗୁର୍କ୍ ୨୩ ରନକରି ସନ୍ଦିପ ୱାରିୟରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ୱାରିୟର ସେହି ଓଭରରେ ପୃଥ୍ୱୀ ଶ'(୧୧)ଙ୍କୁ ମଧ୍ୟ ପ୍ୟାଭିଲିୟନ ପଥ ଦେଖାଇଥିଲେ। ୧ ରନ ବ୍ୟବଧାନରେ ୨ଟି ଉଇକେଟର ପତନ ଘଟିଥିଲା। ମିଡିଲ ଅର୍ଡରରେ ଶାଇ ହୋପ୍ (୫) ଯଦିଓ ଫେଲ୍ ମାରିଥିଲେ ତେବେ ବ୍ୟାଟିଂ କ୍ରମରେ ଉପରେ ଆସିଥିବା ଅକ୍ଷର ପଟେଲ ଓ ରିଷଭ ପନ୍ତ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ବୃହତ୍ ସ୍କୋର ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏ ଦୁହେଁ କେବଳ ଇନିଂସ ସମ୍ଭାଳି ନ ଥିଲେ ଧୂଆଁଧାର ବ୍ୟାଟିଂ କରି ପ୍ରତିପକ୍ଷ ବୋଲରଙ୍କୁ ନିରାଶ କରିଥିଲେ। ୪ର୍ଥ ଉଇକେଟରେ ୬୮ ବଲ୍‌ରୁ ୧୧୩ ରନ ସଂଗ୍ରହ ପରେ ଅକ୍ଷର ବ୍ୟକ୍ତିଗତ ୬୬ (୪୩ ବଲ, ୫ ଚୌକା, ୪ ଛକା) ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଅଧିନାୟକ ପନ୍ତ ଗୁଜରାଟ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଥିଲେ। ସେ ମାତ୍ର ୪୩ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୮ ଛକା ସହାୟତାରେ ୮୮ ରନରେ ଅପରାଜିତ ରହିବାରୁ ଦିଲ୍ଲୀ ସ୍କୋର ୨୨୪ରେ ପହଞ୍ଚି ଯାଇଥିଲା। ତାଙ୍କୁ ଉପଯୁକ୍ତ ସହାୟତା କରି ଟ୍ରିଷ୍ଟନ ଷ୍ଟବ୍ସ ମାତ୍ର ୭ ବଲ୍‌ରୁ ୩ ଚୌକା ଓ ୨ ଛକା ସହାୟତାରେ ୨୬ ରନକରି ଅପରାଜିତ ରହିଥିଲେ। ଫଳରେ ଅସମାପ୍ତ ୬ଷ୍ଠ ଉଇକେଟରେ ଏ ଦୁହେଁ ମାତ୍ର ୧୮ ବଲ୍‌ରୁ ୬୭ ରନ ସଂଗ୍ରହ କରିଥିଲେ। ଦିଲ୍ଲୀ ଦଳ ଶେଷ ୫ ଓଭରରେ ଅର୍ଥାତ୍ ୧୬ରୁ ୨୦ ଓଭର ମଧ୍ୟରେ ଦଳ ୧ ଉଇକେଟ ହରାଇ ୯୭ ରନ ସଂଗ୍ରହ କରି ନେଇଥିଲା। ଯାହାକି ଆଇପିଏଲ୍ ଇତିହାସରେ ଦ୍ୱିତୀୟ ସର୍ବାଧିକ। ୨୦୧୬ରେ ବେଙ୍ଗାଲୁରୁଠାରେ ଗୁଜରାଟ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୧୨ ରନ ସଂଗ୍ରହ କରି ଏହି ତାଲିକାର ଶୀର୍ଷରେ ରହିଛି। ଟାଇଟନ୍ସ ବୋଲରଙ୍କ ମଧ୍ୟରେ ମୋହିତ ଶର୍ମା ୪ ଓଭରରେ ୭୩ ରନ ବ୍ୟୟ କରିଥିଲେ। ଯାହାକି ଆଇପିଏଲ୍ ଇତିହାସରେ ସର୍ବାଧିକ। ସନ୍ଦିପ ୱାରିୟର ୩ଟି ଓ ନୁର୍ ଅହମଦ ଗୋଟିଏ ଉଇକେଟ ନେଇଥିଲେ। ଗୁଜରାଟ ଅଧିନାୟକ ଶୁବମନ ଗିଲ୍ ଏଠାରେ କ୍ୟାରିୟରର ୧୦୦ତମ ଆଇପିଏଲ୍ ମ୍ୟାଚ ଖେଳିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୨୪/୪ (ରିଷଭ ପନ୍ତ-୮୮*, ଅକ୍ଷର ପଟେଲ-୬୬, ଟ୍ରିଷ୍ଟନ ଷ୍ଟବ୍ସ-୨୬*, ଜ୍ୟାକ ଫ୍ରାସର ମ୍ୟାକଗୁର୍କ୍-୨୩, ସନ୍ଦିପ ୱାରିୟର-୩/୧୫, ନୁର୍ ଅହମଦ-୧/୩୬)। ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୨୦/୮ (ସାଇ ସୁଦର୍ଶନ-୬୫, ଡେଭିଡ ମିଲର-୫୫, ଋଦ୍ଧିମାନ ଶାହା-୩୯, ରସିଖ ସଲାମ-୩/୪୪, କୁଲଦୀପ ଯାଦବ-୨/୨୯, ଏନରିଚ୍ ନର୍ଜେ-୧/୪୮, ମୁକେଶ କୁମାର-୧/୪୧, ଅକ୍ଷର ପଟେଲ-୧/୨୮)।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରିଷଭ ପନ୍ତ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୮ | ୭ | ୧ | ୧୪ | +୦.୬୯୮ |
| କୋଲକାତା ନାଇଟ ରାଇଡର୍ସ | ୭ | ୫ | ୨ | ୧୦ | +୧.୨୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୯୧୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୧୪୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୪ | ୪ | ୮ | +୦.୪୧୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୪ | ୫ | ୮ | -୦.୩୮୬ |
| ଗୁଜରାଟ ଟାଇଟନ୍ସ | ୯ | ୪ | ୫ | ୮ | -୦.୯୭୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୩ | ୫ | ୬ | -୦.୨୨୭ |
| ପଞ୍ଜାବ କିଙ୍ଗ୍ସ | ୮ | ୨ | ୬ | ୪ | -୦.୨୯୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୧ | ୭ | ୨ | -୧.୦୪୬ |


୧୦୦ତମ ଆଇପିଏଲ୍ ମ୍ୟାଚ୍ ଖେଳିଥିବା ଶୁବମନ୍ ଗିଲ୍‌ଙ୍କୁ ସମ୍ମାନିତ କରାଯାଇଛି।

# ଉସେନ ବୋଲ୍ଟ ଟି୨୦ ବିଶ୍ୱକପ୍‌ର ଆମ୍ବାସାଡର

**ଦୁବାଇ, ୨୪।୪ (ପି.ଟି.)**

ଜୁନ୍ ୧ରୁ ୨୯ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଖେଳାଯିବାକୁଥିବା ଟି୨୦ ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବୁଧବାର ସ୍ପ୍ରିଣ୍ଟ କିମ୍ବଦନ୍ତୀ ଉସେନ ବୋଲ୍ଟଙ୍କୁ ଇଭେଣ୍ଟର ଆମ୍ବାସାଡ଼ର ଭାବେ ମନୋନୀତ ହୋଇଛନ୍ତି। ଜାମାଇକାରେ ଜନ୍ମ ଗ୍ରହଣ କରିଥିବା ବୋଲ୍ଟ ବେଜିଂରେ ୨୦୦୮ରେ ଅନୁଷ୍ଠିତ ଅଲିମ୍ପିକ ଗେମ୍ସରେ ୧୦୦ମିଟର, ୨୦୦ମିଟର ଓ ୪X-୧୦୦ମିଟର ରେସ ଜିତି ଇତିହାସ ସୃଷ୍ଟି କରିଥିଲେ। ବୋଲ୍ଟଙ୍କ ନାମରେ ବର୍ତ୍ତମାନ ଯଥାକ୍ରମେ ୯.୫୮ ସେକେଣ୍ଡ, ୧୯.୧୯ ସେକେଣ୍ଡ ଓ ୩୬.୮୪ ସେକେଣ୍ଡ ଟାଇମିଂ ସହ ୧୦୦ମିଟର, ୨୦୦ମିଟର ଓ ୪X୧୦୦ମିଟରରେ ବିଶ୍ୱ ରେକର୍ଡ ରହିଛି। ନିଜ ଦେଶରେ ଆୟୋଜିତ ବିଶ୍ୱକପ୍‌ରେ ଏହି ଭୂମିକାକୁ ନେଇ ବୋଲ୍ଟ ଖୁବ୍ ଆନନ୍ଦିତ। ଜଣେ ଆମ୍ବାସାଡ଼ର ଭାବେ ଇଭେଣ୍ଟର ପ୍ରମୋଟ କ୍ଷେତ୍ରରେ ବୋଲ୍ଟ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଆସନ୍ତା ସାପ୍ତାହରେ ଆଇକନିକ ଆର୍ଟିଷ୍ଟ ସିନ୍ ପଲ୍ ଆଣ୍ଡ୍ କିଜ୍‌ଙ୍କ ସହିତ ଇଭେଣ୍ଟର ଅଫିସିଆଲ ଆନ୍ଥେମ୍‌ରୁ ଉନ୍ମୋଚନ ସମୟରେ ବୋଲ୍ଟ ଉପସ୍ଥିତ ରହିବେ। ଉସେନ ବୋଲ୍ଟଙ୍କୁ ଜଣେ ଗ୍ଲୋବାଲ ଆଇକନ ବୋଲି କହିଛନ୍ତି, ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜେଫ୍ ଆଲାରଡିସ୍। କ୍ରିକେଟ ଖେଳ ପ୍ରତି ତାଙ୍କ ଆବେଗ ରହିଛି। ଏହି ଭୂମିକା ପାଇଁ ସେ ପ୍ରକୃତ ଯୋଗ୍ୟ ବ୍ୟକ୍ତି ବୋଲି ସେ କହିଛନ୍ତି।




HAPPY BIRTHDAY



**Archita Mishra (Rini)**
(Founder) Admn
"24X7 Always Alert Social Group" & "All is Well"
ଜନ୍ମ ବାର୍ଷିକ ଅବସରରେ ଭଗବାନ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଚଲାପଥ କୁସୁମିତ ହେବା ସହିତ ଆପଣଙ୍କ ଏକମାତ୍ର ପୁତ୍ର ଶ୍ରୀ ଶିବାଶିଷ ମିଶ୍ର ଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏବଂ ଆପଣ ଓ ଆପଣଙ୍କ ପରିବାର ଦୀର୍ଘାୟୁ ହୁଅନ୍ତୁ। ଆପଣଙ୍କ ଆଶୀର୍ବାଦ ଆମ ସଂଗଠନ ସହିତ ଯୋଡ଼ିହୋଇ ରହୁ।
ଶୁଭେଚ୍ଛା ସହ: (କର୍ମଚାରୀ ବୃନ୍ଦ)
Mob. No.- 9861375760
ଧ-୧୫୧

**Classified Everyday** 0674-2580101, 2549949


REAL ESTATE

**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar NH-16** ଏବଂ **Sum-2 Hospital**ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। **6371200121.** D-75949

Homestead plot sale. Nakhara East College,30 ft. Road, Electricity, Boundary @21,00,000/-. 9938603188. D-75948

ଭୁବନେଶ୍ୱର GITA/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

ଭୁବନେଶ୍ୱର ପିତାପଲ୍ଲୀ **NH-16** କଡ଼ରେ **30' road**, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। **(Owner). 9090963952.** D-75946


Healthcare

**Relax, Refresh your Body, Mind at Saikrupa Spa with best therapies. 8984068077.** D-094

Newly opened central SPA full-body massage. Trend Therapist. 8456885600. D-75730

**AFFIDAVIT**

By virtue of an affidavit before Notary Public Dtd.23 Apr. 2024 has been changed from Mithun Ray to Swarnendu Ray, S/o Santosh Ray, At-Bideipur, Kasia Marine, Dist.- Bhadrak, Odisha for all purposes. D-157

**LOST**

I Mr. Biswachetan Mishra, aged about 40 years, S/o Late Rajanikanta Mishra, At/Plot No. 558, Rudrapur, Hansapal, P.O.- Balianta, District: Khordha. I hereby declare that after the purchase of land on dated 02.07.2018 document No. 11081807147 was registered in my name by District Sub-registrar Office, Bhubaneswar. But I was lost it on dated 03.04.2024 while my office renovation and I have not found the said document despite searching everywhere. So I file a case diary No.69 on dated 23.04.2024 at Kharvel Nagar Police Station, Bhubaneswar. If anyone found the documents please contact: 9348866065. D-158

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**✓ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ**
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ
ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୬୦୦୬

ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**✓ଇଂ ଲଲାଟେନ୍ଦୁ ପଟ୍ଟନାୟକ**
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ
ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୬୦୦୭

ଶ୍ରଦ୍ଧାଞ୍ଜଳି



**✓ ବିମ୍ବାଧର ମିଶ୍ର**
(ସଦାଶିବପୁର) ଢେଙ୍କାନାଳ
ଆବିର୍ଭାବ : 01 May 1948
ତିରୋଧାନ : 9 April 2001
ଚବିଶତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପରିବାର ଓ ବନ୍ଧୁ ବାନ୍ଧବଙ୍କ ବିନମ୍ର ପ୍ରାର୍ଥନା । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ସ୍ତ୍ରୀ-ଡ଼ଲି, ପୁଅ-ଶିବୁ, ବୁବୁ ବୋହୁ-ସୋନି, ସୋନାଲି ଝିଅ-ନିନା, ଜ୍ୱାଇଁ-ବିଦ୍ୟୁତ୍ ନାତି-ପିଟୁ, ଡୁଡୁଲ, ନାତୁଣୀ-ଗୁଗୁଲ, ନନ୍ଦୁ
ଧ-୭୫୮୦୫


# ଚାଓବା ଦେବୀ ହେବେ ଭାରତୀୟ ମହିଳା ଫୁଟ୍‌ବଲ କୋଚ୍

**ନୂଆଦିଲ୍ଲୀ, ୨୪।୪ (ପି.ଟି.)**

ପୂର୍ବତନ ଖେଳାଳି ଲଙ୍ଗାମ ଚାଓବା ଦେବୀ ଭାରତୀୟ ମହିଳା ଫୁଟବଲ ଦଳର କୋଚ୍ ହେବେ। ଆଇ.ଏମ୍. ବିଜୟନଙ୍କ ନେତୃତ୍ୱାଧୀନ ବୈଷୟିକ କମିଟି ବୁଧବାର ତାଙ୍କ ନାମ ସୁପାରିସ କରିଛି। ୫୧ ବର୍ଷୀୟ ଚାଓବା ୧୯୯୯ରେ ଫିଲିପାଇନ୍ସରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ପୂର୍ବରୁ ସେ ଭାରତୀୟ ଦଳର ସହକାରୀ କୋଚ୍ ଥିଲେ। ଏହି ମଣିପୁରୀ ଖେଳାଳି ୧୯୯୮ ବ୍ୟାଙ୍କକ୍ ଏସିଆନ ଗେମ୍ସରେ ମଧ୍ୟ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ''ଅନେକ ତର୍ଜମା ପରେ କମିଟି କୋଚ୍‌ଭାବେ ଭାରତୀୟ ସିନିୟର ମହିଳା ଜାତୀୟ ଦଳ ପାଇଁ ଲଙ୍ଗାମ ଚାଓବା ଦେବୀଙ୍କ ନାମ ସୁପାରିସ କରିଛି'' ବୋଲି ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଏକ ବିବୃତିରେ ପ୍ରକାଶ କରାଯାଇଛି। ଚାଓବା ହେଉଛନ୍ତି ଉତ୍ତର-ପୂର୍ବାଞ୍ଚଳର ଏକମାତ୍ର ମହିଳା କୋଚ୍ ଯିଏକି ଏଏଫ୍‌ସି 'ଏ' ଲାଇସେନ୍ସ ହାସଲ କରିଛନ୍ତି। ଏଆଇଏଫଏଫ୍‌ର ପରବର୍ତ୍ତୀ କାର୍ଯ୍ୟକାରିଣୀ କମିଟିରେ ଅନୁମୋଦନ ଲାଭ କଲା ପରେ ଚାଓବାଙ୍କୁ ଆନୁଷ୍ଠାନିକ ଭାବେ ନିଯୁକ୍ତି ମିଳିବ। ଏଆଇଏଫ୍‌ଏଫ୍‌ର ବୈଷୟିକ କମିଟି ବୈଠକ ଭର୍ଚୁଆଲି ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟନଙ୍କ ସମେତ ପିଙ୍କି ବୋମ୍ପାଲ ମଗର, ସବିର ଅଲୀ, ଭିକ୍ଟର ଅମଲରାଜ, ସନ୍ତୋଷ ସିଂ ଓ କ୍ଲାଇମାକ୍ସ ଲରେନ୍ସ ଯୋଗ ଦେଇଥିଲେ। ଏଆଇଏଫ୍‌ଏଫ୍‌ର ବୈଷୟିକ ନିର୍ଦ୍ଦେଶକ ସୟଦ ସବିର ପାସା ମଧ୍ୟ ଉପସ୍ଥିତ ଥିଲେ। କମିଟି ପ୍ରିୟା ପି.ଭି. ଓ ରୋନିବାଲା ଚାନୁଙ୍କ ନାମ ସହକାରୀ ଓ ଗୋଲକିପିଂ କୋଚ୍‌ଭାବେ ସୁପାରିସ କରିଛି।


ଲଙ୍ଗାମ ଚାଓବା ଦେବୀ





**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ELECTION 2024**
For POSTERS, LEAFLETS PUSHING CARDS, FLEX PRINTING, AUTO BRANDING, FLAGS, T-SHIRT, CAP, BADGE, WRIST BAND, SAREE, CHAIN, BIKE STAND, PEN, MASK, HEAD BAND, MUSIC RECORDING, SLOGANS & ALL CAMPAIGN MATERIALS AVAILABLE HERE
ALL IN ONE ROOF
SPACE SETTER PRESS SINCE 1992
For Best Price
Contact 7008993500 7008994500

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବାଟ ଖୋଜୁଛନ୍ତି ବାଣୀ

**ବା**ଣୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ହେଲେ କ'ଣ ପାଇଁ ଜାଣନ୍ତି ? ପ୍ରେମ। ଅର୍ଥାତ୍ ସେ କୁଆଡେ ଏବେ ରୋମାନ୍ସରେ ମସ୍‌ଗୁଲ। ନିକଟରେ ଜଣଙ୍କ ପ୍ରେମ ଫାଶରେ ସେ ବାନ୍ଧି ହୋଇଯାଇଛନ୍ତି ବୋଲି ଆଲୋଚନା ହେଉଛି। ଆଉ ଏକଥା ତାଙ୍କର ଟେନ୍‌ସନ ବଢ଼ାଇ ଦେଇଛି। ଏବେ ସେଥିରୁ କିପରି ମୁକୁଳିବେ ତାହାର ବାଟ ଖୋଜି ବୁଲୁଛନ୍ତି। ଏଭଳି ଆଲୋଚନା ବିଷୟରେ ଶେଷକୁ ସେ ବାଧହୋଇ ମୁହଁ ଖୋଲିଛନ୍ତି। ଏନେଇ ବାଣୀ କୁହନ୍ତି, 'ମୋତେ ନେଇ ଯେଉଁ ଆଲୋଚନା ହେଉଛି ତା' ପଛରେ କିଛି ସତ୍ୟତା ନାହିଁ। କେହି ମୋତେ ବଦ୍‌ନାମ କରିବାକୁ ଏପରି ଅପପ୍ରଚାର ଚଳାଇଛି। ଯାହାଙ୍କ ସହ ମୋ ନାମକୁ ଯୋଡ଼ାଯାଉଛି ସେ ମୋର ବନ୍ଧୁ। ଆମ ଭିତରେ ବନ୍ଧୁତା ବ୍ୟତୀତ ଆଉ କିଛି ନାହିଁ। ଏଭଳି ଫ୍ରେଣ୍ଡଶିପ୍‌କୁ କେତେକେ ଅନ୍ୟ ଅର୍ଥରେ ଦେଖୁଛନ୍ତି। ଏଭଳି ଗୁଜବରେ ଆଦୌ ବିଶ୍ୱାସ ନ କରିବାକୁ ମୁଁ ଅନୁରୋଧ କରୁଛି। ଏବେ ମୋର ପ୍ରେମ କରିବାକୁ ସମୟ ନାହିଁ। କାରଣ ବର୍ତ୍ତମାନ ମୁଁ ନିଜ ଆକ୍ଟିଂ କ୍ୟାରିୟର ଉପରେ ଫୋକସ୍ କରୁଛି।' ତେବେ ବାଣୀଙ୍କର ଏହି ପ୍ରେମ କାହାଣୀ ପଛରେ କି ସତ୍ୟତା ଅଛି ତାହା ତାଙ୍କୁ ହିଁ ଜଣା।



ବାଣୀ

# ସେହି ବାର ଘଣ୍ଟା..

**ଅ**ମୀଷା ପଟେଲଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ରାକେଶ ରୋଶନଙ୍କ 'କହୋ ନା ପ୍ୟାର ହେ'ରୁ। ଫିଲ୍ମଟି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିବା ସହ ସାଉଁଟିଥିଲା ଅନେକ ପୁରସ୍କାର। କିନ୍ତୁ ଏହାର ଶ୍ରେୟ ନେଇଥିଲେ ନବାଗତ ତଥା ରାକେଶଙ୍କ ପୁତ୍ର ହ୍ରିତିକ ରୋଶନ। ତା'ପରେ ଅନିଲ ଶର୍ମାଙ୍କ 'ଗଦ୍ଦର-ଏକ ପ୍ରେମ କଥା'ରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳିଥିଲା। ଫିଲ୍ମଟି ବକ୍ସ ଅଫିସରେ ସୁପରହିଟ୍ ହୋଇଥିଲା। କିନ୍ତୁ ଏହାର ସବୁ କ୍ରେଡିଟ ଯାଇଥିଲା ସନ୍ନି ଦେଓଲଙ୍କୁ। ତା'ପରେ ଅବଶ୍ୟ ଅମୀଷା ବେଶ୍ କେତୋଟି ଫିଲ୍ମରେ ଅଭିନୟ କରିଥିଲେ। କିନ୍ତୁ ନିଜକୁ ନାୟିକା ଦୌଡ଼ରେ ସାମିଲ କରିବାରେ ବିଫଳ ହୋଇଥିଲେ ଏହି ଅଭିନେତ୍ରୀ। ଉତ୍‌ଥାନ-ପତନକୁ ନେଇ ଗତିକରିଥିବା ତାଙ୍କର କ୍ୟାରିୟରରେ ଅନେକ କିଛି ସ୍ମରଣୀୟ ଘଟଣା ଘଟିଛି। ହେଲେ ସେହି ୧୨ ଘଣ୍ଟାକୁ ଭୁଲି ପାରୁନାହାନ୍ତି। କଥା କ'ଣ କି 'ଗଦ୍ଦର-ଏକ ପ୍ରେମ କଥା'ର ନାୟିକା ଭୂମିକାରେ ଅଭିନୟ କରିବା ପୂର୍ବରୁ ତାଙ୍କୁ ଅଡିସନ ଦେବାକୁ ପଡିଥିଲା। ଆଉ ଏହି ଅଡିସନ୍ ଲଗାତର ୧୨ ଘଣ୍ଟା ଧରି ଚାଲିଥିଲା। ପାଖାପାଖି ୫୦୦ ଜଣ ନବାଗତା ଏଥିରେ ଅଂଶଗ୍ରହଣ କରିଥିଲେ। ହେଲେ ଶେଷକୁ ବାଜି ମାରିନେଇଥିଲେ ଅମୀଷା। ତାଙ୍କ ଅଭିନୀତ ପ୍ରମୁଖ ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି-'ଆପ୍ ମୁଝେ ଅଚ୍ଛେ ଲଗନେ ଲଗେ', 'ହମରାଜ୍', 'ପରୱାନା', 'ଏଲାନ୍', 'ମଙ୍ଗଲ ପାଣ୍ଡେ : ଦ ରାଇଜିଙ୍ଗ', 'ମେରେ ଜୀବନ ସାଥୀ', 'ଭୁଲ ଭୁଲେୟାଁ', 'ରେସ୍-୨' ଏବଂ 'ଗଦ୍ଦର-୨'।



# ଖୋଜୁଥିଲେ ମୃଣାଳ

**ମୃ**ଣାଳ ଠାକୁର ଯାହା ଖୋଜୁଥିଲେ ସତେ ଯେମିତି ତାହା ତାଙ୍କୁ ମିଳିଯାଇଛି। ପୁଣି ଯେତେବେଳେ ସେ ଏହି ମନଲାଖି ଅଫରଟିର କାହାଣୀ ଶୁଣିଲେ ସେତେବେଳେ ସେ ଇମୋଶନାଲ ହୋଇପଡ଼ିଥିଲେ। ଅସଲ କଥା ହେଲା, ନିକଟରେ ସେ ଏକ ନୂଆ ପ୍ରୋଜେକ୍ଟରେ କାମ କରିବାକୁ ଯାଉଛନ୍ତି। ହେଲେ ଯେତେବେଳେ ଏ ନେଇ କଥାବାର୍ତ୍ତା ହେଲା ଏବଂ ପରବର୍ତ୍ତୀ ସମୟରେ କାହାଣୀ ବିଷୟରେ ତାଙ୍କୁ ସୂଚନା ଦିଆଗଲା, ସେତେବେଳେ ତାଙ୍କର ଖୁସି ଦେଖେ କିଏ ? ସେ କୁଆଡେ ଏଭଳି ଏକ ରୋଲ୍‌ରେ ଅଭିନୟ କରିବାକୁ ଚାହିଁ ବସିଥିଲେ। ଏଭଳି ଅଫର ବିଷୟରେ ମୃଣାଳ କହନ୍ତି, ' 'ସବୁଠାରୁ ଖାସ୍ କଥା ହେଲା ଯେ ଏହି ଅନଟାଇଟଲଡ ଫିଲ୍ମର କାହାଣୀରେ ରହସ୍ୟ, ରୋମାଞ୍ଚ ଭରି ରହିଛି। ଜଣେ କର୍ମଜୀବୀ ମହିଳାଙ୍କ ଜୀବନୀକୁ ନେଇ ଏହାକୁ ପ୍ରସ୍ତୁତ କରାଯିବ। ତେଣୁ ଏଭଳି ଏକ ଭୂମିକାରେ ଅଭିନୟ କରିବାର ମଜା ନିଶ୍ଚୟ ନିଆରା। ମୋର ଦୃଢ଼ ବିଶ୍ୱାସ ରହିଛି ଯେ, ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ।' ମୃଣାଳଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା 'ହେଲୋ ନନ୍ଦନ' ଶୀର୍ଷକ ଏକ ମରାଠୀ ଫିଲ୍ମରୁ। ଏବେ ନିର୍ମାଣାଧୀନ ହିନ୍ଦୀ ଫିଲ୍ମ 'ପୂଜା ମେରି ଜାନ୍'ରେ ସେ ନାୟିକା ଭୂମିକାରେ ଅଭିନୟ କରୁଛନ୍ତି।



ମୃଣାଳ

# ଅପେକ୍ଷା ଶୁଭ ଦିନକୁ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ନୂଆ ଓଡ଼ିଆ ସିନେମା 'ଦର୍ପଣ'ରିଲିଜ ଅପେକ୍ଷାରେ ରହିଛି। ଏହାର କାହାଣୀରେ ରହିଛି ଲଭ୍, ଇମୋଶନ, ଆକ୍ସନ ଏବଂ ସସ୍‌ପେନ୍ସ ଥ୍ରୀଲର। ଫିଲ୍ମଟିର କାହାଣୀ ରଚନା କରିଛନ୍ତି ଏହାର ପ୍ରଯୋଜକ ଦିଲ୍ଲୀପ କୁମାର ସାହୁ । ତା'ସହ ଏଥିରେ ଅଭିନୟ କରିବା ସହ ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଏହି ସିନେମାରୁ



ଭାରତ-ହିରନମୟୀ

ନାୟକ ଭାବରେ ନିଜର କ୍ୟାରିୟର ଆରମ୍ଭ କରୁଛନ୍ତି ଭାରତ ପୁଷ୍ପରାଗ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରନମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ଭିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା । ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ-କମ୍-ନାୟକ ବିରାଟ।

# ପୂଜାପାଠରୁ ଆରମ୍ଭ

**ବ**ଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ। ଇତିମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଲେଣି। ତାଙ୍କର ଏକ ଭଲ ଅଭ୍ୟାସ ଅଛି। ପ୍ରତିଦିନ ସକାଳୁ ସେ ଉଠି ନିତ୍ୟକର୍ମ ଶେଷ କରିବା ପରେ କିଛି ସମୟ ପୂଜା ପାଠ କରନ୍ତି। ଏହା ପୁଣି ତାଙ୍କର ପିଲାଟି ଦିନରୁ ଅଭ୍ୟାସ। ଶୁଟିଂ ପାଇଁ ଯିବାର ଥିଲେ ମଧ୍ୟ ଏଥିପାଇଁ ସେ ସମୟ ବାହାର କରନ୍ତି। ତାଙ୍କର ଆଉ ଏକ ବିଶ୍ୱାସ ରହିଛି। ତାଙ୍କ ଅଭିନୀତ ସିନେମାର ପ୍ରିମିୟର ଶୋ' ପୂର୍ବରୁ ସେ ନିକଟସ୍ଥ ମନ୍ଦିରକୁ ଯିବାକୁ ଭୁଲି ନ ଥାନ୍ତି। ସେଠାରେ ପୂଜାପାଠ କରିବା ପରେ ସିଧାସଳଖ ପ୍ରେକ୍ଷାଳୟରେ ପହଞ୍ଚି ଥାଆନ୍ତି। ଏ ସମ୍ପର୍କରେ ବରୁଣ କହନ୍ତି, 'ମନ୍ଦିର ଯିବା ମୋର ପିଲାଟି ଦିନରୁ ଅଭ୍ୟାସ। ଠାକୁରଙ୍କ ଆଶୀର୍ବାଦ ବିନା କିଛି ସମ୍ଭବ ନୁହେଁ।'



ବରୁଣ

## ଛୋଟ ପରଦା

# ଭାଗ୍ୟ ରେଖା

**ଜୀ** ସାର୍ଥକ ତା'ର ଅଗଣିତ ଦର୍ଶକଙ୍କୁ ଗୋଟିଏ ପରେ ଗୋଟିଏ ହୃଦୟସ୍ପର୍ଶୀ କାହାଣୀ ଉପହାର ଦେବା ଅବ୍ୟାହତ ଜାରି ରଖିଛି । ନାରୀ ଜୀବନର ଏଥିରେ କ'ଣ ସେମାନେ ସଫଳ ହେଉଛନ୍ତି ନା ଅଧିକରୁ ଅଧିକ ପ୍ରତିବନ୍ଧ ର ସାମ୍ନା କରୁଛନ୍ତି ? ଏହି ସମୟରେ, ରେଖା ଅପ୍ରତ୍ୟାଶିତ ଭାବରେ ଚଳଚ୍ଚିତ୍ର



ଧାରାବାହିକ 'ଭାଗ୍ୟ ରେଖା'ରେ ଜୟଜିତ-ସୁମନ

ପ୍ରତିଟି ମୁହୂର୍ତ୍ତରେ ଘଟୁଥିବା ଘଟଣାବଳୀ ସହିତ ବିଷୟବସ୍ତୁ ଗୁଣବତ୍ତା ଓ ଅନ୍ତର୍ଭୁକ୍ତିକୁ ଗୁରୁତ୍ୱ ଦେଇ ଓଡ଼ିଆ ଦର୍ଶକଙ୍କୁ ଭେଟି ଦେଇଚାଲିଛି ଗୋଟିଏ ପରେ ଗୋଟିଏ ନୂଆ ଧାରାବାହିକ । ସେଇ ପରିପ୍ରେକ୍ଷୀରେ ଜୀ ସାର୍ଥକ ପ୍ରସ୍ତୁତ ନୂଆ ଧାରାବାହିକ 'ଭାଗ୍ୟ ରେଖା'ର ପ୍ରସାରଣ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଏହାର ପ୍ରସାରଣ ସମୟ ରହିଛି ସୋମବାରରୁ ଶୁକ୍ରବାର ରାତି ୯.୩୦ମି.। ପରିବାର, ପ୍ରେମ ଏବଂ ପୁନର୍ମିଳନର ଏକ ହୃଦୟସ୍ପର୍ଶୀ କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଏହି ଧାରାବାହିକ। ଦୀର୍ଘ ଦିନରୁ ମାଆଙ୍କଠାରୁ ଦୂରେଇଥିବା ରେଖା ଏବଂ ଶିଖା ଦୁଇ ଭଉଣୀ ସେମାନଙ୍କର ମାଆଙ୍କ ସହ ମିଶିବାକୁ ଏକ ପ୍ରୟାସ କରୁଛନ୍ତି । ଜଗତର ସୁପରଷ୍ଟାର ଭାଗ୍ୟଙ୍କ ସହ ଦେଖା ହୁଏ ଏବଂ ସେମାନଙ୍କ ଜୀବନର ନାଟକରେ ଆଉ ଏକ ସ୍ତର ଯୋଡ଼ି ହୋଇଯାଏ । ସୁମନ ପଟ୍ଟନାୟକ (ରେଖା ଚରିତ୍ର) ଜଣେ ଆୟୁର୍ବେଦିକ ଡାକ୍ତର ଭୂମିକାରେ ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ଭାଗ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଜୟଜିତ। ଏହାର ପ୍ରଯୋଜନା କରିଛନ୍ତି ବିଜୟ ବାରିକ। ଜୀ ସାର୍ଥକର ଏହି ନୂଆ ମେଗା ଧାରାବାହିକ 'ଭାଗ୍ୟ ରେଖା' ସମସ୍ତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ ଆଶା ରଖିଛନ୍ତି ।

# ରହିଗଲା ଅବସୋସ

**ସା**ନ୍ୟା ମାଲହୋତ୍ରା ଯେତେବେଳେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଏକ ସ୍ୱପ୍ନ ଥିଲା। ଏହାପରେ ସେ ଡାକ୍ତର ହେବାକୁ ଆଶା ରଖିଥିଲେ। ହେଲେ ସବୁ ଆଶା ତ ପୂରଣ ହୁଏନା। ତାଙ୍କର ଏଭଳି ଆଶା କେବଳ ଆଶାରେ ହିଁ ରହିଯାଇଥିଲା। ଅବଶ୍ୟ ଏବେ ସେ କଥା ମନେ ପଡ଼ିଲେ ସେ ମନ ଦୁଃଖ କରନ୍ତି। ଏ ବିଷୟରେ ସାନ୍ୟା କହନ୍ତି, 'ପାଠ ପଢ଼ିବା ବେଳେ ପ୍ରାୟ ସମସ୍ତେ କିଛି ନା କିଛି ଆଶା ରଖିଥାଆନ୍ତି। ଆଉ ମୁଁ ବା ସେଥିରୁ ବାଦ୍ ପଡ଼ିଥାନ୍ତି କେମିତି ? ଆଶା ତ ଥିଲା ଡାକ୍ତର ହେବାକୁ, ହେଲେ ତାହା ପୂରଣ ହେଲା ନାହିଁ। ଶେଷକୁ ମୁଁ ଆକ୍ଟିଂକୁ କ୍ୟାରିୟର ଭାବରେ ଗ୍ରହଣ କରିନେଲି। ଅବଶ୍ୟ ସେକଥା ମନେ ପଡ଼ିଲେ ଏବେ ବି ମନ ଦୁଃଖ ହୁଏ, ହେଲେ କ'ଣ କରିବା ! ସାନ୍ୟା ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି ? ମେକ୍‌ଅପ୍ କିଟ୍। ସାନ୍ୟା ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ ଏହି କିଟ୍ ନେଇଯାଆନ୍ତି। ଆମିର ଖାନ୍‌ଙ୍କ ଅଭିନୀତ ତଥା ହିଟ୍ ଫିଲ୍ମ 'ଦଙ୍ଗଲ୍'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ସାନ୍ୟା ନନ୍-ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି।



ସାନ୍ୟା

# ଭୁବନେଶ୍ୱରରେ ଭାରତୀୟ ଦଳର ପ୍ରସ୍ତୁତି ଶିବିର

ନୂଆଦିଲ୍ଲୀ, ୨୪।୪ (ପି.ଟି.)

ଫିଫା ବିଶ୍ୱକପ୍ ୨୦୨୬ କ୍ୱାଲିଫାୟର୍ସ ଦ୍ୱିତୀୟ ରାଉଣ୍ଡ ପୂର୍ବରୁ ଭାରତୀୟ ଫୁଟବଲ ଦଳ ଭୁବନେଶ୍ୱରରେ ଅଭ୍ୟାସ କରିବ। ୪ ସପ୍ତାହ ବିଶିଷ୍ଟ ଏହି ପ୍ରସ୍ତୁତି ଶିବିର ମେ’ ୧୦ରୁ ଆରମ୍ଭ ହେବ। କ୍ୱାଲିଫାୟର୍ସ ଦ୍ୱିତୀୟ ରାଉଣ୍ଡରେ ଭାରତ ପ୍ରତିପକ୍ଷ କୁଏଟ ଓ କାତାରକୁ ଭେଟିବ।

**ଫିଫା ବିଶ୍ୱକପ୍ ୨୦୨୬ କ୍ୱାଲିଫାୟର୍ସ**


ଭାରତୀୟ ଫୁଟବଲ ଦଳ।

ଭୁବନେଶ୍ୱରରେ ପ୍ରସ୍ତୁତି ଶିବିର ପରେ ଚୂଡ଼ାନ୍ତ ଦଳ ଜୁନ୍ ୨ରେ କୋଲକାତା ଯିବ। ସେଠାରେ ସଲ୍ଟ ଲେକ୍ ଷ୍ଟାଡିୟମରେ ବ୍ଲୁ ଟାଇଗର୍ସ ଦଳ ଜୁନ୍ ୬ରେ କୁଏଟ ସହିତ ମୁକାବିଲା କରିବ ବୋଲି ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ପକ୍ଷରୁ ଟୁଇଟ ଯୋଗେ ସୂଚନା ଦିଆଯାଇଛି। ଗତ ମାସରେ ଗୁଆହାଟୀରେ ଅନୁଷ୍ଠିତ ମ୍ୟାଚରେ ଭାରତ ୧-୨ ଗୋଲରେ ଆଫଗାନିସ୍ତାନଠାରୁ ହାରିଯାଇଥିଲା। ଏହି ଧାରାରୁ ଭାରତ ମୁକୁଳିବାକୁ ଚେଷ୍ଟା କରିବ। ଭାରତ ୪ ମ୍ୟାଚରୁ ୪ ପଏଣ୍ଟ ପାଇ ନିଜ ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହିଛି। ଗୋଟିଏ ଗୋଲ ବ୍ୟବଧାନରେ ଆଫଗାନିସ୍ତାନ ତୃତୀୟରେ ସ୍ଥାନିତ ହୋଇଛି। ୬ ମ୍ୟାଚ୍ ପରେ ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ତୃତୀୟ ରାଉଣ୍ଡରେ ପ୍ରବେଶ କରିବେ। କୁଏଟକୁ ଭେଟିବା ପରେ ଭାରତୀୟ ଦଳ କାତାର ଗସ୍ତ କରିବ। ସେଠାରେ ଆୟୋଜକ କାତାର ବିପକ୍ଷରେ ଜୁନ୍ ୧୧ରେ ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଖେଳିବ।

## ଦୋହାରେ ଅସ୍ତ୍ରୋପଚାର କଲେ ଶ୍ରୀଶଙ୍କର

ନୂଆଦିଲ୍ଲୀ, ୨୪।୪ (ପି.ଟି.): ଭାରତର ଆଘାତପ୍ରାପ୍ତ ଷ୍ଟାର ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କରଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ହୋଇଛି। ଫଳରେ ସେ ଜୁଲାଇ-ଅଗଷ୍ଟରେ ହେବାକୁଥିବା ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇପାରିବେ ନାହିଁ। ଏସିଆନ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ବିଜେତା ୨୫ ବର୍ଷୀୟ ଏହି ଆଥଲେଟଙ୍କର ଦୋହାସ୍ଥିତ ଆସ୍‌ପେଟାର ହସ୍ପିଟାଲରେ ଡାକ୍ତର ବ୍ରୁନୋ ଓଲୋରିଙ୍କ ତତ୍ତ୍ୱାବଧାନରେ ତାଙ୍କର ଅସ୍ତ୍ରୋପଚାର ହୋଇଛି। ଏହାର ୧୮ ଘଣ୍ଟାପରେ ସେ ଚାଲିପାରୁଛନ୍ତି ବୋଲି ଶ୍ରୀଶଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ଲେଖିଛନ୍ତି। ଡାକ୍ତର ଓଲୋରି ହେଉଛନ୍ତି ଜଣେ ଫ୍ରେଞ୍ଚ ଅସ୍ତ୍ରଶଲ୍ୟ ଚିକିତ୍ସକ। ଚଳିତ ମାସ ପ୍ରାରମ୍ଭରେ ପାଲକାଡଠାରେ ଟ୍ରେନିଂ ବେଳେ ଶ୍ରୀଶଙ୍କର ଆଘାତପ୍ରାପ୍ତ ହୋଇଥିଲେ।

# ଜାତୀୟ ରୋଲ ବଲ୍ ପାଇଁ ଓଡ଼ିଶା ଦଳ ଘୋଷିତ


ଜାତୀୟ ରୋଲ ବଲ୍ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)

ଜାତୀୟ ରୋଲ ବଲ୍ ଚାମ୍ପିୟନଶିପ୍‌ର ୧୬ଶ ସଂସ୍କରଣ ଉତ୍ତରାଖଣ୍ଡର ଡେରାଡୁନଠାରେ ଗୁରୁବାରଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବୁଧବାର ଓଡ଼ିଶା ବାଳିକା ଓ ବାଳକ ଦଳ ଘୋଷଣା କରାଯାଇଛି। ପୋଖରୀପୁଟସ୍ଥିତ ମଧୁସୂଦନ ପାର୍କରେଥିବା ବିଡିଏ ରୋଲ ବଲ୍ ଗ୍ରାଉଣ୍ଡରେ ମନୋନୀତ ଓଡ଼ିଶା ଖେଳାଳିଙ୍କ ପାଇଁ ଏକ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ରୋଲ ବଲ୍ ସମ୍ପାଦକ ପାର୍ଥ ସାରଥି ଜେନା, ପ୍ରତିଷ୍ଠାତା ସଦସ୍ୟା ସୌଦାମିନୀ ପାତ୍ର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଓଡ଼ିଶା ବାଳିକା ଦଳ: ବଂଶିକା ଗୁରୁ (ଅଧିନାୟିକା), ଅନୁଷ୍କା ମହାପାତ୍ରୋ, ଐଶ୍ୱର୍ଯ୍ୟା ପାତ୍ର, ଅଲଇଶା ପ୍ରିୟଦର୍ଶିନୀ ନାୟକ, ଅନ୍ୱେଷା ସେନାପତି, ଭବ୍ୟ ଇଶାନା ରାଉତ (ଉପ-ଅଧିନାୟିକା), ଭୁବିଜ ପାଢ଼ୀ, କୃପାଳିନୀ ବେହେରା, ନଫିସା ନାଜ୍ (ଗୋଲକିପର), ସାନ୍‌ଭି ନାୟକ, ଶ୍ୱେତପର୍ଣ୍ଣା ପ୍ରିୟଦର୍ଶିନୀ। ଓଡ଼ିଶା ବାଳକ ଦଳ: ପ୍ରତୀକ ଅର୍ଣ୍ଣବ ଜେନା(ଅଧିନାୟକ), ଅରୁଷ ଦାସ, ଅର୍ଣ୍ଣବ ରାଉତ, ବୀରେନ ଦାସ (ଗୋଲକିପର), ଗଣେଶ୍ୱର ବେହେରା, ରୂପମ ରୁହାନ ପଟେଲ, ସାତଭିକ୍ ରାୟସାମନ୍ତ, ସ୍ଥିତପ୍ରଜ୍ଞ ଜେନା, ଶୁଭମ୍ କୁମାର ଦୋରା, ଭିଭିଆନ ଟିକ୍‌ମନି (ଉପ-ଅଧିନାୟକ)।

# ଓଡ଼ିଶାର ଆଶିଷ, ଅଜିତ ସାମିଲ


ଆଶିଷ ଶବର ଓ ଅଜିତ କୁମାର ହାଂସଦା।

**ଏସିଆ ରଗ୍‌ବୀ ପାଇଁ ଭାରତୀୟ ଦଳ ଘୋଷିତ**

ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)

ଶ୍ରୀଲଙ୍କାର କଲମ୍ବୋରେ ଏସିଆ ରଗ୍‌ବୀ ଚାମ୍ପିୟନଶିପ୍ ଚଳିତ ମାସ ୩୦ରୁ ମେ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ (ଆଇଆରଏଫ୍‌ୟୁ) ପକ୍ଷରୁ ୨୬ ଜଣିଆ ସିନିୟର ଭାରତୀୟ ଦଳ ଘୋଷଣା କରାଯାଇଛି। କିସ୍ ତଥା ଓଡ଼ିଶାର ଆଶିଷ ଶବର ଓ ଅଜିତ କୁମାର ହାଂସଦା ଏହି ଦଳରେ ସ୍ଥାନ ପାଇଛନ୍ତି। ଏସିଆ ଚାମ୍ପିୟନଶିପ୍ ପାଇଁ ଦଳ ମନୋନୟନ ଲାଗି ଆଇଆରଏଫ୍‌ୟୁ ପକ୍ଷର ଏକ ଚୟନ ଟ୍ରାଏଲ ଏବଂ କୋଚିଂ କ୍ୟାମ୍ପ ଗତ ୪ ତାରିଖରୁ କୋଲକାତାସ୍ଥିତ ସାଇ ନେତାଜୀ ସୁଭାଷ ଇଷ୍ଟର ସେଣ୍ଟରରେ ଅନୁଷ୍ଠିତ ହେଉଛି। ମନୋନୀତ ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

# ପ୍ୟାରିସ ହେବ ନୋ-ଫ୍ଲାଏ ଜୋନ୍

ପ୍ୟାରିସ, ୨୪।୪ (ଏପି)

ଜୁଲାଇ ୨୬ରେ ଅଲିମ୍ପିକ ଗେମ୍ସର ଉଦ୍‌ଘାଟନୀ ଉତ୍ସବ ଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେଦିନ ୬ଘଣ୍ଟା ପାଇଁ ପ୍ୟାରିସ ଆକାଶ ମାର୍ଗକୁ ବନ୍ଦ ରଖାଯିବ। ପ୍ୟାରିସ ଏୟାରପୋର୍ଟ ଅପରେଟର ବୁଧବାର ଏ ବିଷୟରେ ସୂଚନା ଦେଇଛନ୍ତି। ଦେଶର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ଜେରାଲ୍ଡ ଡର୍ମାନିନ କହିଛନ୍ତି ପ୍ୟାରିସ ସହରର ଆକାଶମାର୍ଗର ୧୫୦ କି.ମି. (୯୩ ମାଇଲ) ବ୍ୟାସାର୍ଦ୍ଧ ଅଞ୍ଚଳକୁ ନୋ-ଫ୍ଲାଏ ଜୋନ୍ କରାଯିବ। ଫ୍ରେଞ୍ଚ ରାଜଧାନୀ ମଧ୍ୟଭାଗ ଦେଇ ଯାଇଥିବା ସିନ୍ ନଦୀରେ ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଛି। ନଦୀର ଉଭୟ ପାର୍ଶ୍ୱରେ ୩୨୦,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଆକାଶମାର୍ଗରେ ସମ୍ଭାବ୍ୟ ବିପଦର ମୁକାବିଲା ଲାଗି ଫ୍ରେଞ୍ଚ ମିଲିଟାରୀର ଆଓ୍ୱାକ୍ସ ସ୍କ୍ୱାର୍ଡନକୁ ସଜାଗ ରଖାଯିବ। ପ୍ୟାରିସ ଅଲିମ୍ପିକ ଗେମ୍ସ ଜୁଲାଇ ୨୬ରୁ ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ।

# ନରସିଂହ ଆଥ୍‌ଲେଟ ପ୍ୟାନେଲ ଚେୟାରମ୍ୟାନ

ବାରଣାସୀ, ୨୪।୪(ପି.ଟି.)

ପୂର୍ବତନ ରାଜ୍ୟଗୋଷ୍ଠୀ କୁସ୍ତିଯୋଦ୍ଧା ନରସିଂହ ପଞ୍ଚମ ଯାଦବ ବୁଧବାର ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍ଆଇ) ଆଥଲେଟ୍ସ କମିଶନର ଚେୟାରମ୍ୟାନ ଭାବେ ନିର୍ବାଚିତ ହୋଇଛନ୍ତି। ଫଳରେ ଖେଳର ବିଶ୍ୱ ପରିଚାଳନା ପରିଷଦ ଦ୍ୱାରା ଅନିବାର୍ଯ୍ୟ ପ୍ରକ୍ରିୟା ଶେଷ ହୋଇଛି। ୭ଟି ପଦବୀ ପାଇଁ ମୋଟ ୮ଜଣ ପ୍ରାର୍ଥୀ ରହିଥିଲେ। ଭୋଟ ଗ୍ରହଣ ପରେ ନିର୍ବାଚିତ ହୋଇଥିବା ୭ ସଦସ୍ୟ ନରସିଂହଙ୍କୁ ଚେୟାରମ୍ୟାନ ଭାବେ ବାଛିଥିଲେ। ଆଥଲେଟ୍ସ କମିଶନକୁ ନିର୍ବାଚିତ ହୋଇଥିବା ଅନ୍ୟ ସଦସ୍ୟମାନେ ହେଲେ ସାହିଲ (ଦିଲ୍ଲୀ), ସ୍ମିତା ଏ. ଏସ୍(କେରଳ), ଭାରତୀୟ ଭାଘେଇ (ଉତ୍ତର ପ୍ରଦେଶ), ଖୁସ୍‌ବୁ ଏସ୍. ପାଓ୍ୱାର (ଗୁଜରାଟ), ନିକ୍କି (ହରିୟାଣା) ଓ ଶ୍ୱେତା ଦୁବେ (ବେଙ୍ଗଲ)। ସୂଚନାଯୋଗ୍ୟ, ଡବ୍ଲୁଏଫ୍ଆଇ ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର କରିବା ବେଳେ ଖେଳ ଅନ୍ତର୍ଜାତୀୟ ପରିଷଦ ୟୁନାଇଟେଡ୍ ଓ୍ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲୁଡବ୍ଲୁ) ଏକ ସର୍ତ୍ତ ରଖିଥିଲା। କୁସ୍ତିଯୋଦ୍ଧାମାନଙ୍କ ଗୁହାରି ଶୁଣିବା ଲାଗି ଏକ ଆଥ୍‌ଲେଟ୍ସ କମିଶନ ଗଠନ କରିବାକୁ ସଞ୍ଜୟ ସିଂଙ୍କ ନେତୃତ୍ୱାଧୀନ ଜାତୀୟ କମିଶନଙ୍କୁ କହିଥିଲା। ମହିଳା କୁସ୍ତି ଯୋଦ୍ଧାମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗରେ ପୂର୍ବତନ ଡବ୍ଲୁଏଫ୍ଆଇ ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କୁ ଗିରଫ ଦାବିରେ ଅଲିମ୍ପିକ ଗେମ୍ସ ପଦକ ବିଜେତା ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକ ଏବଂ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଭିନେଶ ଫୋଗଟଙ୍କ ସମେତ ଦେଶର

**ସର୍ତ୍ତ ପାଳନ କଲା ଡବ୍ଲୁଏଫ୍ଆଇ**


ନରସିଂହ ଯାଦବ

୬ଜଣ ଟପ୍ କୁସ୍ତିଯୋଦ୍ଧା ଗତବର୍ଷ ସ୍ଥାନୀୟ ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳସ୍ୱରୂପ କ୍ରୀଡ଼ା ମନ୍ତ୍ରଣାଳୟ ଡବ୍ଲୁଏଫ୍ଆଇକୁ ସସ୍‌ପେଣ୍ଡ କରିଥିଲା। ମହାସଂଘର ଦୈନନ୍ଦିନ ବ୍ୟାପାର ବୁଝାଶୁଝା କରିବା ଲାଗି ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଦ୍ୱାରା ଏକ ଆଡହକ୍ କମିଟି ଗଠନ କରାଯାଇଥିଲା। ଭାରତୀୟ ମହାସଂଘ ଠିକଣା ସମୟରେ ନିର୍ବାଚନ କରି ନ ଥିବାରୁ ୟୁଡବ୍ଲୁଡବ୍ଲୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ଅଗଷ୍ଟ ୨୩ରେ ଏହାକୁ ସସ୍‌ପେଣ୍ଡ କରିଥିଲା। କିନ୍ତୁ ଡିସେମ୍ବରରେ ନିର୍ବାଚନ ହେବା ପରେ ବ୍ରିଜ ଭୂଷଣଙ୍କ ଅନ୍ୟତମ ଘନିଷ୍ଠ ଭାବେ ପରିଚିତ ସଞ୍ଜୟ ସିଂ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଫେବୃଆରୀ ୯ରେ ୟୁଡବ୍ଲୁଡବ୍ଲୁ ବ୍ୟୁରୋ ବୈଠକ ବସିଥିଲା। ଏଥିରେ ଡବ୍ଲୁଏଫ୍ଆଇ ଉପରୁ ସର୍ତ୍ତମୂଳକ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର କରିନିଆଯାଇଥିଲା। ସର୍ତ୍ତଟି ହେଲା ୨୦୨୪ ଜୁଲାଇ ୧ସୁଦ୍ଧା ଡବ୍ଲୁଏଫ୍ଆଇକୁ ଏହାର ଆଥ୍‌ଲେଟ୍ସ କମିଶନ ଗଠନ କରିବାକୁ ହେବ। ଏହି କମିଶନରେ ଜଣେ ସକ୍ରିୟ କିମ୍ବା ୪ ବର୍ଷ ଭିତରେ ଅବସର ନେଇଥିବା ଆଥଲେଟ ସଦସ୍ୟ ହୋଇପାରିବେ। ଡବ୍ଲୁଏଫ୍ଆଇକୁ ଆହୁରି ମଧ୍ୟ ଏକ ଲିଖିତ ଗ୍ୟାରେଣ୍ଟି ଦେବାକୁ ହୋଇଥିଲା। ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିଥିବା କୁସ୍ତିଯୋଦ୍ଧାମାନଙ୍କୁ ପ୍ରତିଯୋଗିତାରେ ବିଶେଷ କରି ଅଲିମ୍ପିକ ଗେମ୍ସ ଏବଂ ଅନ୍ୟ ପ୍ରମୁଖ ଜାତୀୟ ଓ ଅନ୍ତର୍ଜାତୀୟ ଇଭେଣ୍ଟ ଅଂଶଗ୍ରହଣ କରିବା ପାଇଁ ଅନୁମତି ଦେବାକୁ ହେବ। ନରସିଂହ ହେଉଛନ୍ତି ଜଣେ ଅର୍ଜ୍ଜୁନ ପୁରସ୍କାର ବିଜେତା ଏବଂ ୨୦୧୦ ଏସିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜେତା।

# ୫୧ ବର୍ଷରେ ତେନ୍ଦୁଲକର

ମୁମ୍ବାଇ, ୨୪।୪

କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ବୁଧବାର ୫୧ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଏହି ଦିନଟିକୁ ସେ ତାଙ୍କ ଫାଉଣ୍ଡେଶନ ସହ ସମ୍ପୃକ୍ତ ମୁମ୍ବାଇର ଆର୍ଥିକ ଅନଗ୍ରସର ବାଳିକାମାନଙ୍କ ସହ ପାଳନ କରିଥିଲେ। ସେମାନଙ୍କ ସହିତ ସେ ବାର୍ତ୍ତାଳାପ କରିବା ସହ ଭାବ ବିନିମୟ କରିଥିଲେ। ସେମାନଙ୍କ ସହ ଖୁସିଗପ କରିବା ବ୍ୟତୀତ ଏକ ଫୁଟ୍‌ବଲ ମ୍ୟାଚ ମଧ୍ୟ ଖେଳିଥିଲେ। ଏହି ବାଳିକାମାନେ ତାଙ୍କୁ ପ୍ରଥମେ ଜନ୍ମଦିନ ଶୁଭେଚ୍ଛା ଜଣାଇଥିବା ସଚିନ କହିଛନ୍ତି। ସଚିନଙ୍କୁ ଅନେକେ ‘ଗଡ୍ ଅଫ୍ କ୍ରିକେଟ’ ବୋଲି କହିଥାନ୍ତି। ସେ କେବଳ ଦର୍ଶନୀୟ ବ୍ୟାଟିଂ ନୁହେଁ ତାଙ୍କ କାର୍ଯ୍ୟକଳାପରେ ଅନ୍ୟମାନଙ୍କ ହୃଦୟ ଜାଣିବାକୁ ଚେଷ୍ଟା କରିଥାନ୍ତି। ତାଙ୍କ ସହିତ ସ୍ତ୍ରୀ ଅଞ୍ଜଳୀ ତେନ୍ଦୁଲକର ଉପସ୍ଥିତ ଥିଲେ ଏବଂ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ। ମ୍ୟାଚ ବେଳେ ସେ ଅଞ୍ଜଳୀଙ୍କୁ ଟିମ୍‌ର ଅଧିନାୟିକା କରିଥିଲେ। ଏହି କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ ସଚିନ ଶେୟାର କରିଛନ୍ତି।


ମୁମ୍ବାଇର ଆର୍ଥିକ ଅନଗ୍ରସର ବାଳିକାମାନଙ୍କ ସହ ସଚିନ ତେନ୍ଦୁଲକର।




# ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ: ବିଜେଇଏମ୍ ଚାମ୍ପିୟନ

ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)



ଅତିଥିଙ୍କ ସହ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଚାମ୍ପିୟନ ବିଜେଇଏମ୍ ସ୍କୁଲ ଦଳର ଖେଳାଳିମାନେ।

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ(ବିଜେଇଏମ୍) ୭୦ ରନରେ ଭୁବନେଶ୍ୱର ମିଳିତ ସ୍କୁଲ (ୟେଲୋ)କୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବିଜେଇଏମ୍ ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୧୩୨ ରନ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ତ୍ରିପାଠୀ ସର୍ବାଧିକ ୩୧ ଓ ଆୟୁଷ ପଣ୍ଡା ୨୮ରନ କରିଥିବାବେଳେ ବିପକ୍ଷ ଦଳର ପ୍ରତ୍ୟୁଷ ସାହୁ ୩ଟି ଓ ଉତ୍ତମ ନାୟକ ୨ଟି ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର ୟେଲୋ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୫ ଓଭରରେ ୯ ଉଇକେଟ ହରାଇ ୬୨ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ପ୍ରଜ୍ୟୋତ ସାମଲ, ତନୁଷ ଦେ ଓ ଆୟୁଷ ରାଉତ ୨ଟି ଲେଖାଏ ଉଇକେଟ ନେଇଥିଲେ। ସେଣ୍ଟ ଜାଭିୟର ସ୍କୁଲର ତୀର୍ଥଙ୍କର ସାହୁ ଶ୍ରେଷ୍ଠ ବ୍ୟାଟର, ବ୍ରିଜଓ୍ୱେଲ ଗ୍ଲୋବାଲ ସ୍କୁଲର ଶେଖ ନାକିବ ସର୍ବେର ଶ୍ରେଷ୍ଠ ବୋଲର ଓ ସେଣ୍ଟ୍ରାଲ ସ୍କୁଲର ଆଦିତ୍ୟ କୁମାର ପ୍ରଧାନ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଓଡ଼ିଶାର ଖ୍ୟାତନାମା ରଣଜୀ ତାରକା ରଶ୍ମି ରଞ୍ଜନ ପରିଡ଼ା ମୁଖ୍ୟ ଅତିଥି ଓ ଟାଉନ୍ କ୍ଲବର ପୃଥ୍ୱୀକାନ୍ତ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଯୁଗ୍ମ ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ କୁମାର ପାତ୍ର, ଫୁଟ୍‌ବଲ ସମ୍ପାଦକ ଦିଲୀପ କୁମାର ଦାସ, ହକି ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଅଶୋକ କୁମାର ମହାନ୍ତି ଓ ନିହାର ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ